# ଧରିତ୍ରୀ DHARITRI

ପୃଷ୍ଠା–୧୨+୮

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 18/2025 Page 20 ₹ 7.00

୫୧ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 322 ମୂଲ୍ୟ₹୭/-






HDFC BANK FESTIVE TREATS

| | | |
|---|---|---|
| Instant Discount with HDFC Bank Credit Cards*# | ₹2,500 | ₹5,000 |
| Minimum Transaction | ₹50,000 | ₹1,00,000 |

ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର


indriya.com
ADITYA BIRLA
JEWELLERY
INDRIYA
ADITYA BIRLA | JEWELLERY
presents
alka
FESTIVE COLLECTION
ଏହି ଧନ-ତ୍ରୟୋଦଶୀରେ, ଇନ୍ଦ୍ରିୟା ଷ୍ଟୋର୍‌କୁ ଆସନ୍ତୁ ଆଉ ଆମ ନୂଆ କଲେକ୍‌ଶନ୍, ଅଳକା'ର ଦୀପ୍ତି ସହିତ ଅଗଣିତ ବରଦାନ ଘରକୁ ନେଇଯାଆନ୍ତୁ ।
ଆଙ୍କାର ପ୍ରତ୍ୟେକ କୋଣରୁ ଝରୁଥିବା ଆଲୋକର ରୂପରେ ତୁମ ଆଖିକୁ ଭରିଦିଅ ।
ଏବଂ ସୁନା, ପୋଲ୍‌କି ଓ ହୀରା'ର 20000 ରୁ ଅଧିକ ଡିଜାଇନ ମଧ୍ୟରୁ ନିଜର ସୁନ୍ଦର ଶୁଭ-ପ୍ରତୀକ ବାଛନ୍ତୁ ।
ତଥାପି ମନ କହିବ, ମନ ଏବେବି ଭରି ନାହିଁ
ଷ୍ଟୋର୍ ଏବେ ଖୋଲାଥିବା ଠିକଣା: କ୍ରିଷ୍ଟାଲ୍ କୋର୍ଟ୍‌ୟାର୍ଡ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ | Bhubaneswar, Saturday, October 18/2025 | ପୃଷ୍ଠା-୧




# ହାଇଦ୍ରାବାଦରେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା

**ହାଇଦ୍ରାବାଦ,୧୭।୧୦**

ହାଇଦ୍ରାବାଦର ପେଟ୍-ବଶିରାବାଦ ଥାନା ଅନ୍ତର୍ଗତ କୋମପାଲ୍ଲୀ ଅଞ୍ଚଳରେ ଜଣେ ଓଡ଼ିଆ ମହିଳାଙ୍କୁ ଗୁରୁବାର ରାତିରେ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ଘର ଭୁବନେଶ୍ୱରର ଭରତପୁର ଅଞ୍ଚଳରେ। ସେ ୬ ମାସ ହେଲା ତାଙ୍କ ସ୍ୱାମୀ ଓ ୪ ବର୍ଷର ପୁଅ ସହ ହାଇଦ୍ରାବାଦରେ ରହୁଥିଲେ। ପ୍ରାଥମିକ ରିପୋର୍ଟ ଅନୁଯାୟୀ ମହିଳା ଓ ତାଙ୍କ ପରିବାର କୋମପାଲ୍ଲୀର ଏକ ଘରୋଇ ନିର୍ମାଣ କମ୍ପାନୀ କ୍ୱାର୍ଟର୍ସରେ ରହୁଥିଲେ। ସେଠାରେ ତାଙ୍କ ସ୍ୱାମୀ ଇଲେକ୍ଟ୍ରୋନିକ୍ ମେଣ୍ଟେନାନ୍ସ ବିଭାଗରେ କାର୍ଯ୍ୟ କରୁଥିଲେ। ମହିଳା ଜଣକ କମ୍ପାନୀର କର୍ମଚାରୀମାନଙ୍କ ପିଲାଙ୍କୁ ପାଠ ପଢ଼ାଉଥିଲେ। ନିକଟରେ ସ୍ୱାମୀଙ୍କୁ ଦୁବାଇରେ ନିଯୁକ୍ତି ମିଳିଥିବାରୁ ନୂଆ ପୋଷ୍ଟିଂରେ ଯୋଗଦେବା ପୂର୍ବରୁ ପାସ୍‌ପୋର୍ଟରେ ଥିବା ଅସଙ୍ଗତି ସଂଶୋଧନ କରିବାକୁ ସେ ଗତ ଶନିବାର ପୁଅ ସହ ଭୁବନେଶ୍ୱର ଆସିଥିଲେ। ସ୍ତ୍ରୀ ଅସୁସ୍ଥ ହୋଇପଡ଼ିଥିବା ନେଇ ବୁଧବାର ରାତିରେ ତାଙ୍କ ସ୍ୱାମୀଙ୍କ ପାଖକୁ କମ୍ପାନୀର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଯୋଗ୍ୟଙ୍କୁ ଖୋଜାଚାଲିଛି



ରାଜସ୍ଥାନର ଜୟପୁରସ୍ଥିତ ଜବାହର କଳା କେନ୍ଦ୍ରଠାରେ 'ଲୋକ ରଙ୍ଗ-୨୦୨୫' ଗୁଜୁରାଟୀ ସିଦ୍ଧି ସମ୍ପ୍ରଦାୟ ପକ୍ଷରୁ 'ସିଦ୍ଧି ଧମାଲ' ପ୍ରଦର୍ଶନ ବେଳେ ଜଣେ କଳାକାର ଦୁଃସାହସିକ କୌଶଳ ପ୍ରଦର୍ଶନ କରୁଛନ୍ତି।

# ଡିଜିଟାଲ ଆରେଷ୍ଟ: କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଦେଶର ବିଭିନ୍ନ ଭାଗରେ ଡିଜିଟାଲ ଆରେଷ୍ଟ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତ୍ୟହ କେଉଁଠି ନା କେଉଁଠି ଲୋକେ ସାଇବର ଅପରାଧୀଙ୍କ ଜାଲରେ ଫସି ବିପୁଳ ଅର୍ଥ ହରାଉଛନ୍ତି। ଏପରି କି ସାଇବର ଅପରାଧୀମାନେ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନକଲି ଅର୍ଡର ବାହାରକରି ଲୋକଙ୍କୁ ଲୁଟୁଥିବା ଦୃଷ୍ଟାନ୍ତ ସାମ୍ନାକୁ ଆସୁଛି, ଯାହାକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏହା ମାମୁଲି ଅପରାଧ ନୁହେଁ; ବରଂ ଏପରି ଏକ ପ୍ରସଙ୍ଗ, ଯେଉଁଠି ସଙ୍ଗଠିତ ଆପରାଧିକ ନେଟ୍‌ୱର୍କର ମୂଳକୁ ଖୋଜି ବାହାର କରିବାକୁ ପଡ଼ିବ। ଏଥିସକାଶେ ଉଭୟ କେନ୍ଦ୍ର ଓ ରାଜ୍ୟ ପୋଲିସକୁ ସମନ୍ୱିତ ଉଦ୍ୟମ ଚଳାଇବାକୁ ପଡ଼ିବ କହି ସର୍ବୋଚ୍ଚ ଅଦାଲତ ଏହା ଉପରେ କେନ୍ଦ୍ରକୁ ଜବାବ ମାଗିଛନ୍ତି।**



**ନୂଆଦିଲ୍ଲୀ, ୧୭।୧୦ (ପି.ଟି./ଏଜେନ୍ସି)**

ଦେଶରେ ବଢ଼ି ଚାଲିଥିବା ଡିଜିଟାଲ ଆରେଷ୍ଟ ମାମଲାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ଚିନ୍ତା ବ୍ୟକ୍ତ କରିବା ସହ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଏହା ଉପରେ ଜବାବ ମାଗିଛନ୍ତି। ଅନ୍‌ଲାଇନ୍ ଠକେଇ ବିଶେଷକରି ଡିଜିଟାଲ ଆରେଷ୍ଟ ଜରିଆରେ ନାଗରିକଙ୍କୁ ଲୁଟିବା ପାଇଁ କୋର୍ଟଙ୍କ ଜାଲ୍ ଅର୍ଡର ପ୍ରସ୍ତୁତ କରାଯାଉଛି, ଯାହାକି ସୁପ୍ରିମକୋର୍ଟଙ୍କ ସ୍ୱାନରକୁ ଆସିଛି। ଏପରି ଅପରାଧ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥାର ମୂଳଦୁଆକୁ ଦୋହଲାଇ ଦେଉଛି ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ସେପ୍ଟେମ୍ବର ୩ରୁ ୧୬ ତାରିଖ ମଧ୍ୟରେ ହରିୟାଣାର ଅମ୍ବାଲାରେ ସାଇବର ଅପରାଧୀମାନେ ନିଜକୁ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀ ପରିଚୟ ଦେଇ ଏକ ବରିଷ୍ଠ ନାଗରିକ ଦମ୍ପତିଙ୍କୁ ଅଡିଓ ଏବଂ ଭିଡିଓ କଲ୍ କରିଥିଲେ। ଏପରି କି ସେମାନେ ଅଦାଲତ ଓ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଜାଲ୍ ଅର୍ଡର ବାହାର କରି ଉଭୟଙ୍କୁ ଡିଜିଟାଲ ଆରେଷ୍ଟ କରିବା ସହ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଜରିଆରେ ୧.୦୫ କୋଟି ଟଙ୍କା ଠକିନେଇଥିଲେ। ସେପ୍ଟେମ୍ବର ୨୨ରେ ୭୩ ବର୍ଷୀୟା ମହିଳା ଜଣକ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇଙ୍କୁ ପତ୍ର ଲେଖି ଏହି ବିଷୟରେ ଅବଗତ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରୀୟ ଚଷା ପାଇକ ମହାସଂଘ ପକ୍ଷରୁ 'ଜାତିଭିତ୍ତିକ ଜନଗଣନାର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧ ମନ୍ଦିର ନୂଆ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଏମ୍‌ବିବିଏସ୍ ଆବ୍ରୋଡ୍ ପ୍ରି-ଡିପାଚର୍ ସେରିମନି, ସ୍ଥାନ: ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଓଡ଼ିଶା ରାଜ୍ୟ ପରିଷଦର ବୈଠକ, ସ୍ଥାନ: ସିପିଆଇ ରାଜ୍ୟ ଦପ୍ତର, ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାଧାକୃଷ୍ଣ ମନ୍ଦିର, ୟୁନିଟ୍-୯, ସମୟ: ମଧ୍ୟାହ୍ନ୧୨ଟା।
- ଗାଁ ଦିବସ ଅଭିଯାନ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ନିୟୋଗୀ ବୁକ୍ସ ପକ୍ଷରୁ ପୁସ୍ତକ ଚର୍ଚ୍ଚାରେ ଶୁଭା ଶର୍ମାଙ୍କ ଲିଖିତ ପୁସ୍ତକ 'Mrs Happily Single' ଉପରେ ଆଲୋଚନା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ନାଟକ ମଣ୍ଡୁକ ଉପାଖ୍ୟାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ପାଦଚିହ୍ନ ପକ୍ଷରୁ ଏକକ ନାଟକ 'ଅପରାହ୍ନର ଆକାଶ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ଓଡ଼ିଶା ଜୁଡିସିଆଲ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ନ୍ୟାୟ ମିଶନ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଜୁଡିସିଆଲ ଏକାଡେମୀ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- କଟକ ଜିଲାସ୍ତରୀୟ କଳା ଉତ୍ସବ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଖାନନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ଜିଲା ଚେସ୍ ସଂଘ ପକ୍ଷରୁ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ବାରବାଟୀ ଷ୍ଟାଡିୟମ ହର୍ଷ ଗେଟ ପରିସର, ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ତୃତୀୟ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୫ଟା ୩୦।

## ପୁରୀ
- ଏକାଡେମୀ ଅଫ୍ ଇଣ୍ଟେଗ୍ରାଲ୍ ଏଜୁକେଶନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଅରବିନ୍ଦ ଧାମ, ସ୍ୱର୍ଗଦ୍ୱାର ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ସାପ୍ତାହିକ ଭାଗବତ ପାରାୟଣର ଉଦଯାପନୀ ଉତ୍ସବ, ସ୍ଥାନ: ସୁନ୍ଦରଦାସ ମଠ, ମରିଚିକୋଟ ଛକ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ମହକ', ସ୍ଥାନ: ସ୍ପୋର୍ଟସ୍ ହଷ୍ଟେଲ କ୍ୟାମ୍ପସ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବରିଷ୍ଠ ନାଗରିକ କାର୍ଯ୍ୟାଳୟ, ବଡ଼ସିମୁଳିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର, ନୂଆଗାଁ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ରାହ୍ମଣଗାଁ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୮ଟା।

## କେନ୍ଦୁଝର
- ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର,ସ୍ଥାନ: ପୌର ପାଳିକା କାର୍ଯ୍ୟାଳୟ ପରିସର,ସମୟ: ସକାଳ ୮ଟା।

## ମୟୂରଭଞ୍ଜ
- ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ ଅଭୟାରଣ୍ୟ,ସ୍ଥାନ: ପିଠାବଟା ଗେଟ୍, ଶାମାଖୁଣ୍ଟା ବ୍ଲକ,ସମୟ: ସକାଳ ୬ଟା।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ବ୍ରହ୍ମପୁର
- ଓଡ଼ିଶା ଲୋକକଳା ସମାରୋହ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ
- ମା'ଶ୍ୟାମା କାଳୀ ପୂଜା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବାସୁଦେବପୁର ଗୋବରା, ବେଲଗୁଣ୍ଠା, ସମୟ: ସକାଳ ୭ ଟା।
- ଏନ୍‌ଡିଆର୍‌ଏଫ ପକ୍ଷରୁ ମକ୍‌ଡ୍ରିଲ୍, ସ୍ଥାନ: ଆସିକା ବ୍ଲକ କର୍ପୁର ନୂଆଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ରାଜନୀତି ବିଜ୍ଞାନ ସେମିନାର, ସ୍ଥାନ: ପିପୁଲ୍ସ କଲେଜ ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସଦଭାବନା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପ୍ରାଣୀଧନ ବିଭାଗ ପକ୍ଷରୁ ବୁଲା ଷଣ୍ଢଙ୍କ ପାଇଁ ଭ୍ରାମ୍ୟମାଣ ଚିକିତ୍ସା ଶିବିର, ସ୍ଥାନ: ପାରାଦୀପଗଡ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ଜିଲା ଆସୋସିଏଶନ ପକ୍ଷରୁ ଚେସ ଚାମ୍ପିୟନସିପ, ସ୍ଥାନ: ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆୟତପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଯାଜପୁର କାଳୀପୂଜା ପାଇଁ ଜିଲାପାଳ ଓ ଏସପିଙ୍କ ସମୀକ୍ଷା, ସ୍ଥାନ: ଯାଜପୁର ସହରର ଗାନ୍ଧି ଛକ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସତ୍ୟ ସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଶୁକଳଗାଡିଆ, ଗୋବିନ୍ଦପୁର, ଗଦାଧରପ୍ରସାଦ, ହରିପୁର, ଡିହଗାଁ, ବାରବାଟି ଓ ବାଲିକୁଦିଆ, ସମୟ: ସକାଳ ୮ଟା ରୁ ରାତି ୯ଟା୩୦।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ନବମ ଦିବସରେ ଲଙ୍କାକାଣ୍ଡ, ରାବଣ ବଦ୍ଧ, ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ, ସ୍ଥାନ: ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଆଶାକର୍ମୀଙ୍କ ପଦଯାତ୍ରା, ବିକ୍ଷୋଭ ଓ ଜିଲାପାଳଙ୍କୁ ଦାବିପତ୍ର, ସ୍ଥାନ: ରାୟଗଡ଼ା ଗାନ୍ଧୀ ପାର୍କରୁ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନ୍ ଶକ୍ତି ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି
- ଦୀପାବଳୀ ଉପଲକ୍ଷେ ରୋଟାରି କ୍ଲବ ପକ୍ଷରୁ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ: ମାଲକାନଗିରି ଜିଲା କାରାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ ପରିସର, ସମୟ: ସକାଳ ୬ଟା।
- ଘୁମୁସୁରା ରାସଯାତ୍ରା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀସ୍ଥିତ ଶ୍ରୀଶ୍ରୀ ଜ୍ଞାନକ୍ଷେତ୍ର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ଅସିଚାଳନା ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଟିପିଡବ୍ଲୁଓଡିଏଲ ପକ୍ଷରୁ ୟୁଏଲ୍ଏ ମଡେଲ ସୋଲାର ରୁଫ୍‌ଟପ୍ ଇଷ୍ଟାଲେଶନ୍‌ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ମହୀମୁଣ୍ଡା, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ରାଉରକେଲା
- କାଳୀପୂଜା ବୈଠକ, ସ୍ଥାନ: ସେକ୍ଟର-୨ ଦ୍ୱିତାଲା ମାର୍କେଟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଶୀଳାବତୀ ସରକାରୀ ମହିଳା କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ଗୃହସ୍ଥୀ ପକ୍ଷରୁ ଧନତେରସ୍ କାର୍ଯ୍ୟକ୍ରମ, ସ୍ଥାନ: ଗୃହସ୍ଥୀ ଉଦ୍ୟୋଗ, ଛେଣ୍ଡ କଲୋନି, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା ଶ୍ରମିକ ସଂଘ ଓ ଜିଏମ୍‌ଏମ୍ ପକ୍ଷରୁ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୫ ଟାଉନ ଇଞ୍ଜିନିୟରିଂ ଅଫିସ, ସମୟ: ଅପରାହ୍ନ ୫ଟା।
- ଚନ୍ଦ୍ରଶେଖର ରଥଙ୍କ ୯୭ତମ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପ୍ରଗତି ଉତ୍କଳ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- କୋଏଲ କ୍ଲବ ପକ୍ଷରୁ ନାଟକ ପରିବେଷଣ, ସ୍ଥାନ: ଡି ବ୍ଲକ ଦୁର୍ଗାପୁଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- କୋଏଲ କ୍ଲବ ପୂଜା ମଣ୍ଡପର ନବୀକରଣ ଉତ୍ସବ, ସ୍ଥାନ: କୋଏଲ କ୍ଲବ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବ୍ଲକସ୍ତରୀୟ ସୁରଭି ମହୋତ୍ସବ, ସ୍ଥାନ: ରାଣାପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ସାଇବର ସୁରକ୍ଷା ସଚେତନତା ଅଭିଯାନ, ସ୍ଥାନ: ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ କାର୍ଯ୍ୟକ୍ରମ ଆଲୋଚନା, ସ୍ଥାନ: ସଂସ୍କୃତି ଭବନ ବାପୁଜୀ ନଗର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।
- ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସାନ: ଜିଲା ପୋଲିସ କାର୍ଯ୍ୟାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଶହୀଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସ,ସ୍ଥାନ: ପଣ୍ଡିଆପାଲି, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ମାସ ବ୍ୟାପୀ ଅଖଣ୍ଡ ନାମଯଜ୍ଞର ଏକାଦଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପର ପଞ୍ଚମ ପ୍ରସ୍ତୁତି ବୈଠକ, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୪ ଟା।
- ତରଭା ଶନି ମନ୍ଦିରଠାରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରର କିଛି ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି ଅବଶ୍ୟ ବନ୍ଧୁ ସାହାଯ୍ୟ କରିବେ ଓ କାମ ଅଟକିବ ନାହିଁ। କୃତ୍ତିକା ନକ୍ଷତ୍ରର ଆକସ୍ମିକ ଭ୍ରମଣ ଯୋଗ ଜୁଟିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବ୍ୟବସାୟ,ନିର୍ମାଣ,ଆନୁଷ୍ଠାନିକ କାମ,ବିବାଦୀୟ ଘଟଣା ଓ ସଭାସମିତି, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** – ଆଜିର କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ପରିବାରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ରୋହିଣୀ ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ଆଜି କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ। ପୁରୁଣା ରୋଗର ପୀଡ଼ା ମନକୁ ବିଷାଦିତ କରିଦେଇପାରେ।

**ମିଥୁନ** – ଯେଉଁ କାମରେ ହାତଦେଲେ ମଧ ସବୁ କିଛି ସାମାନ୍ୟ ବିଳମ୍ବରେ ଠିକ୍ ହୋଇଯିବ। କେତେକ କ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଶତ୍ରୁମାନେ ଚେଷ୍ଟା କରି ମଧ କିଛି କ୍ଷତି କରିପାରିବେ ନାହିଁ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରୁ କୌଣସି ଖବର ପାଇ ଖୁସି ହେବେ।

**କର୍କଟ** – ପୁଷ୍ୟା ନକ୍ଷତ୍ରର ମାନସିକ ଦୁର୍ବଳତାରୁ କଥା ପ୍ରଭାବଶାଳୀ ହୋଇ ନ ପାରେ। ବିବାହ ସମସ୍ୟା, ଆଲୋଚନା କିମ୍ବା ପରାମର୍ଶ, ସବୁ ଦିଗରୁ ଧୋକା ଖାଇବାକୁ ପଡ଼ିବ। ଆବଶ୍ୟକତା ଅନୁଭବ କରି ମନୋରଞ୍ଜନ ଜିନିଷ କ୍ରୟ କରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଅନ୍ୟ ଆଗରେ ପ୍ରକାଶ କରି ଓଲଟା ଫଳ ପାଇବେ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ଉତ୍ତରାଫାଲଗୁନୀ ନକ୍ଷତ୍ର ଜୀବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ସଫଳତା ହାସଲ କରିବେ। ପର ସକାଶେ କୈଫିୟତ୍ ଦେବାକୁ ପଡ଼ିପାରେ। ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ।

**କନ୍ୟା** – ଉତ୍ତରାଫାଲଗୁନୀ ନକ୍ଷତ୍ର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବ୍ୟବସାୟ କ୍ଷେତ୍ରରେ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ତୁଳା** – ବିଶାଖା ନକ୍ଷତ୍ରର ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟ ମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇ ପାରନ୍ତି। କର୍ମକ୍ଷେତ୍ରରେ ମଉଳି ଯାଉଥିବା ଆଶା ପୁଣି କଅଁଳି ଉଠିବ।

**ବିଛା** – ଜ୍ୟେଷ୍ଠା ନକ୍ଷତ୍ର ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହେବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିହିଁ ଶେଷ କରିବାକୁ ଚାହୁଁଥିଲେ ମଧ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** – ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ଉତରାଷାଢ଼ା ନକ୍ଷତ୍ରର ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ। ବ୍ୟବସାୟ ଭଲ ଚାଲିବା ଯୋଗୁ ଆପଣଙ୍କୁ କେତେକାଂଶରେ ଆତ୍ମ ସନ୍ତୋଷ ମିଳିପାରେ।

**ମକର** – ଯେତେ ପ୍ରକାରର କାମ କଲେ ମଧ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବନ୍ଧୁଙ୍କ ସହିତ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** – ପାରିବାରିକ ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ, ତଥାପି ସମସ୍ୟା ଅତି ସହଜରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ହେବ। ପୂର୍ବଭାଦ୍ର ନକ୍ଷତ୍ର ସକାଶେ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଧାର କରଜ, ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରନ୍ତି।

**ମୀନ** – ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ। ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତି ଓ ଆନୁଷ୍ଠାନିକ କାମରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ରେବତୀ ନକ୍ଷତ୍ର କୌଶଳରେ ନିଜର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ।

ଆଜି ଅକ୍ଟୋବର ୧୮ ତାରିଖ, କାର୍ତ୍ତିକ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶନିବାର, ଧନତେରସ୍, ଲକ୍ଷ୍ମୀପୂଜା, ଯମଦୀପଦାନ, ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୧୮ ଗତେ ଘ.୦୮।୩୮ ମଧ୍ୟେ, ଘ.୧୧।୫୪ ଗତେ ଘ.୧୨।୫୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୩୮ ଗତେ ଘ.୧୦।୦୫ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପର ବରଡ଼ା ହସୁଛି**
**ତଳ ବରଡ଼ା ଖସୁଛି**
**ମଝି ବରଡ଼ା ଥାଇ କହୁଛି**
**ମୋ' ଦିନକାଳ ଆସୁଛି।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ। ଏହାହିଁ ଦୁନିଆର ରୀତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଉଆଁସୀ କନ୍ୟାକୁ ଅନ୍ୱେଇସିଆ ବର**
**ଆଶଙ୍କାରେ ବର ମା' ର ମନ ଥରହରା**

ସାଧାରଣତଃ ଉଆଁସ ତିଥିରେ ଜନ୍ମଲାଭ କରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜି ହୋଇନଥାନ୍ତି। କାରଣ ଅମାବାସ୍ୟା ଦିନ ଜାତ ହୋଇଥିବା କନ୍ୟା ଅକାଳରେ ବିଧବା ହୁଏ ବୋଲି ରହିଥିବା ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ




ନିର୍ବାଚନ ଉପରେ ସମୀକ୍ଷା କରୁଛନ୍ତି ଅଧିକାରୀମାନେ।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନୂଆପଡ଼ା ଗସ୍ତ

ନୂଆପଡ଼ା,୧୭।୧୦ (ମକାରୁ ବେମାଲ)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍. ଗୋପାଳନ ଶୁକ୍ରବାର ନୂଆପଡ଼ା ଗସ୍ତ କରି ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି, ଆଇନଶୃଙ୍ଖଳା ପରିସ୍ଥିତି ଆଦିର ସମୀକ୍ଷା କରିଛନ୍ତି। ତାଙ୍କ ସହ ଅତିରିକ୍ତ ଡିଜିପି ତଥା ରାଜ୍ୟ ପୋଲିସ ନୋଡାଲ ଅଫିସର ସଞ୍ଜୟ କୁମାର ଓ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସିଇଓ ଗୋପାଳନଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧିକାରୀମାନେ ଅବାଧ, ନିରପେକ୍ଷ ଓ ଦେୟମୁକ୍ତ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଉପନିର୍ବାଚନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ଆରକ୍ଷୀ ବାହିନୀ ସମ୍ପୂର୍ଣ୍ଣ ନିରପେକ୍ଷ ଭାବରେ ପ୍ରଦତ୍ତ ଦାୟିତ୍ୱ ନିର୍ବାହ କରି ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ନିର୍ବାଚନ ଆୟୋଗଙ୍କ ସୁନାମକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସମୟରେ ମତଦାତାଙ୍କୁ ଅର୍ଥ, ନିଶାଦ୍ରବ୍ୟ, ଶାଢି ଓ ଅନ୍ୟାନ୍ୟ ଲୋଭନୀୟ ସାମଗ୍ରୀ ବଣ୍ଟନ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ମଧୁସୂଦନ ଦାଶ ପ୍ରଶାସନିକ ପ୍ରସ୍ତୁତି ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମୃତପାଲ ସିଂ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଆଯାଇଥିବା ସମସ୍ତ ପଦକ୍ଷେପ ସମ୍ବନ୍ଧୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ (ଭାରତର ନିର୍ବାଚନ ଆୟୋଗ) ଏସ୍.ବି. ଜୋଷୀ, ଶାସନ ସଚିବ (ଭାରତର ନିର୍ବାଚନ ଆୟୋଗ) ସୁଜିତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁଙ୍କ ସମେତ ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନ ଉପନିର୍ବାଚନ ପରିଚାଳନା ସହିତ ସଂଯୁକ୍ତ ବିଭିନ୍ନ କମିଟିର ମୁଖ୍ୟମାନଙ୍କ ବୈଠକ କରିଥିଲେ। ଏଥିରେ ସେ କମିଟି ସଦସ୍ୟଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ଠିକ୍ ଢଙ୍ଗରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ବୁଥ୍‌ରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ, ଶୌଚାଳୟ, ପାନୀୟ ଜଳ ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଡିଜିଟାଲ ଆରେଷ୍ଟ...

କରାଇଥିଲେ। ସୁପ୍ରିମକୋର୍ଟ ଏହାକୁ ସଂଜ୍ଞାନକୁ ନେଇ ନିଜ ଆଡୁ ଶୁଣାଣି ଆରମ୍ଭ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ଦେଶରେ ଡିଜିଟାଲ ଆରେଷ୍ଟ ମାମଲା ସଂଖ୍ୟା ବଢ଼ିଚାଲିଛି। ଏହା ଏକ ମାମୁଲି ଅପରାଧ ନୁହେଁ, ଯେଉଁଠି ପୋଲିସକୁ ତଦନ୍ତ ତ୍ୱରାନ୍ୱିତ କରି ମାମଲାର ନିଷ୍କର୍ଷ ଯାଏ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯିବ; ବରଂ ଏପରି ଏକ ପ୍ରସଙ୍ଗ ଯହିଁରେ ସଙ୍ଗଠିତ ଅପରାଧର ମୂଳକୁ ଖୋଜିବାହାର କରିବା ଲାଗି କେନ୍ଦ୍ର ଓ ରାଜ୍ୟ ପୋଲିସକୁ ସମନ୍ୱିତ ଉଦ୍ୟମ ଚଳାଇବାକୁ ପଡ଼ିବ।

ଖଣ୍ଡପୀଠ ଆହୁରି କହିଛନ୍ତି, ବରିଷ୍ଠ ନାଗରିକଙ୍କ ସମେତ ନିରୀହ ଲୋକଙ୍କୁ ଡିଜିଟାଲି ଆରେଷ୍ଟ କରିବା ପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟ ରାୟ, ବିଚାରପତିମାନଙ୍କ ଦସ୍ତଖତ ଜାଲିଆତି କରାଯିବା ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୋହଲାଇଦେଉଛି। ଏପରି କାର୍ଯ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ମର୍ଯ୍ୟାଦା ଉପରେ ପ୍ରତ୍ୟକ୍ଷ ଆକ୍ରମଣ। ଦସ୍ତାବିଜ ଜାଲିଆତି କରି ନାମ, ସିଲ୍ ଓ ଅଦାଲତୀ ରାୟର ଆପରାଧିକ ବ୍ୟବହାର ଏକ ଗମ୍ଭୀର ପ୍ରସଙ୍ଗ। ଏପରି ଆପରାଧିକ କାର୍ଯ୍ୟକୁ ଏକ ସାଧାରଣ ମାମଲା ରୂପେ ବିଚାର କରାଯାଇପାରିବ ନାହିଁ। ଏହା କେବଳ ଗୋଟିଏ ମାମଲା ନୁହେଁ, ଦେଶର ବିଭିନ୍ନ ଭାଗରେ ଏଭଳି ଘଟଣା ଘଟିଚାଲିଛି। ଗଣମାଧ୍ୟମରେ ଏପରି ସାଇବର ଅପରାଧକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଉଛି। ତେଣୁ ସମନ୍ୱିତ ଓ ସାମୂହିକ ଉଦ୍ୟମ ବଳରେ କେନ୍ଦ୍ର ଓ ରାଜ୍ୟ ପୋଲିସ ଆପରାଧିକ ନେଟୱର୍କର ମୂଳକୁ ଯାଇ ଖୋଳତାଡ଼ କରିବା ଜରୁରୀ ହୋଇପଡ଼ିଛି ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଆର୍ଟର୍ନି ଜେନେରାଲଙ୍କ ସହଯୋଗ ଲୋଡ଼ିବା ସହିତ ଆଲୋଚ୍ୟ ମାମଲାରେ ହରିୟାଣା ସରକାର ଏବଂ ଅମ୍ବାଲା ସାଇବର ଅପରାଧ ବିଭାଗକୁ ଅଦ୍ୟାବଧି କରାଯାଇଥିବା ତଦନ୍ତର ଷ୍ଟାଟସ୍‌ରିପୋର୍ଟ ମାଗିଛନ୍ତି।

## ହାଇଦ୍ରାବାଦରେ ଓଡ଼ିଆ ...

ଜଣେ କର୍ମଚାରୀ ଫୋନ୍ କରିଥିଲେ। ଗୁରୁବାର ସକାଳେ ସେ ବିମାନ ଯୋଗେ ହାଇଦ୍ରାବାଦ ଯାଇ ସନ୍ଦେହଜନକ ଅବସ୍ଥାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ପେଟ୍-ବଶିରାବାଦ ଥାନାରେ ଅଭିଯୋଗ ହୋଇଛି। ଏଥିସହିତ ସେମାନେ ନିରପେକ୍ଷ ତଦନ୍ତ ଓ ତ୍ୱରିତ୍ ନ୍ୟାୟ ପାଇଁ ଖୋର୍ଦ୍ଧା ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ଶଙ୍କରଙ୍କ ନିର୍ଦ୍ଦେଶରେ ଶ୍ରୀକାନ୍ତ, ମୁନା ରଚିଥିଲେ ପୂରା ଯୋଜନା

## ବହୁଚର୍ଚ୍ଚିତ ଏସ୍ଆଇ ପରୀକ୍ଷା ଜାଲିଆତି

- ମୁନାଙ୍କ ସମେତ ୪ଜଣ ଜେଲ ଗଲେ
- ଦଶପଲ୍ଲା ଫାର୍ମ ହାଉସ୍‌ରେ ଲୁଚିଥିଲେ


ମୁନା ମହାନ୍ତି


ଟି.ଅଭିମନ୍ୟୁ ଦୋରା


ସୁକାନ୍ତ ମହାରଣା

କଟକ,୧୭।୧୦(କାର୍ତ୍ତିକ ସାହୁ) ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାରେ କ୍ରାଇମବ୍ରାଞ୍ଚ ବହୁ ରହସ୍ୟ ଉନ୍ମୋଚନ କରିଛି। ଅଭିଯୁକ୍ତ ମୁନା ମହାନ୍ତି(୩୨)ଙ୍କ ସମେତ ମୋଟ ୪ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଅନ୍ୟ ୩ ଅଭିଯୁକ୍ତ ହେଲେ କଟକ ଜିଲା ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ଶ୍ରୀକାନ୍ତ ମହାରଣା (୩୪) ଓରଫ ରିଙ୍କୁ, ଦଶପଲ୍ଲାର ଟି. ଅଭିମନ୍ୟୁ ଦୋରା (୪୯) ଓ ଢେଙ୍କାନାଳ ଜିଲା ମକୁନ୍ଦପୁରର ପ୍ରିୟଦର୍ଶିନୀ ସାମଲ (୨୫)। ଅଭିଯୁକ୍ତ ମୁନା ଓ ଶ୍ରୀକାନ୍ତ ସେମାନଙ୍କ ସହଯୋଗୀ ଅଭିଯୁକ୍ତ ଟି. ଅଭିମନ୍ୟୁଙ୍କ ଦଶପଲ୍ଲାସ୍ଥିତ ଫାର୍ମ ହାଉସ୍‌ରେ ଲୁଚିଥିବା ବେଳେ କ୍ରାଇମବ୍ରାଞ୍ଚ ବାନ୍ଧିଥିଲା। ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ନିର୍ଦ୍ଦେଶରେ ମୁନା ଓ ଶ୍ରୀକାନ୍ତ ପୁରା ଯୋଜନା ରଚିଥିଲେ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ପ୍ରାର୍ଥୀ ତାଲିକା, ଟ୍ରାଭେଲ ଏଜେନ୍ସି ବୁକିଂ ଦେୟ ରସିଦ, ଆପରାଧିକ କାର୍ଯ୍ୟରେ ନିୟୋଜିତ ୨ଟି ଟିପର, ଗୋଟିଏ ସ୍କର୍ପିଓ, ଗୋଟିଏ ମହିନ୍ଦ୍ରା ଥାର୍, ୧.୨୦ ଲକ୍ଷ ଟଙ୍କା ଓ ୧୫୦ରୁ ଅଧିକ ଡିଜିଟାଲ ଡିଭାଇସ୍ ଜବତ କରିଛି। ଅଦ୍ୟାବଧି ମୋଟ ଗିରଫଦାରି ସଂଖ୍ୟା ୧୨୩ରେ ପହଞ୍ଚିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ଡିଜି ମିଶ୍ରଙ୍କ ସୂଚନାନୁସାରେ, ପଟିଆସ୍ଥିତ ପଞ୍ଚସଫ୍ଟ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ନିର୍ଦ୍ଦେଶକ ଶଙ୍କର ପୃଷ୍ଟିଙ୍କ ମାଧ୍ୟମରେ ଅଭିଯୁକ୍ତମାନେ ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତିର ଅପରାଧ ସାମ୍ରାଜ୍ୟ ଚଳାଇଥିଲେ। ସରକାରୀ ବ୍ୟବସ୍ଥାକୁ ଭାଙ୍ଗିବାର ଉଦ୍ୟମ କରି ୨୦ରୁ ୨୫ ଲକ୍ଷ ଭଳି ମୋଟା ଅଙ୍କର ଅର୍ଥ ବଦଳରେ ପୋଲିସ ଏସ୍ଆଇ ଚାକିରି ଦେବାର ପ୍ରତିଶ୍ରୁତି ଆଶାୟୀମାନଙ୍କୁ ଦେଇଥିଲେ। ମୁନା ଓ ଶ୍ରୀକାନ୍ତ ପୂରା ଯୋଜନାକୁ ରଚିଥିଲେ। ଶ୍ରୀକାନ୍ତ ଆଶାୟୀ ପ୍ରାର୍ଥୀମାନଙ୍କୁ ଯୋଗାଡ଼ କରି ସେମାନଙ୍କୁ ବସ୍ ଯୋଗେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ନେବାର ବନ୍ଦୋବସ୍ତ କରିଥିଲେ। ଭୁବନେଶ୍ୱରରୁ ବସ୍ ଛାଡ଼ିବା ପୂର୍ବରୁ ସେମାନଙ୍କଠାରୁ ଯାତାୟାତ, ରହିବା ବାବଦ ଅର୍ଥ ଓ ଚାକିରି ନିମନ୍ତେ ସାର୍ଟିଫିକେଟ ଆଦି ଆଦାୟ କରିଥିଲେ। ଶ୍ରୀକାନ୍ତ ହିଁ ଟି. ଅଭିମନ୍ୟୁଙ୍କ ଦଶପଲ୍ଲା ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିବାର ଯୋଜନା କରିଥିଲେ। ଅପରପକ୍ଷରେ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ୨.୩୦ ଲକ୍ଷ ଟଙ୍କା ମଧ୍ୟ ନିଜ ତଥା ତାଙ୍କ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପୈଠ କରିଥିଲେ। ଏଥିସହ ମୁନା ନିଜେ ଆଶାୟୀଙ୍କ ବସ୍‌ରେ ଯିବାକୁ ବୁଝୁଥିଲେ। ସେ ମଧ୍ୟ ତିନିଟି ବସ୍‌ରେ ଆଶାୟୀ ପ୍ରାର୍ଥୀମାନଙ୍କ ଗତିବିଧି ନଜର ରଖିବା ପାଇଁ ୩ଜଣ ଏଜେଣ୍ଟ ନିଯୁକ୍ତ କରିଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀଙ୍କ ପରିଚିତ ପ୍ରିୟଦର୍ଶିନୀ ସାମଲଙ୍କୁ ସାମିଲ କରିଥିଲେ। ହେଲେ ଏ ରାକେଟ ଧରାପଡ଼ିବା ପରେ ପ୍ରିୟଦର୍ଶିନୀଙ୍କ ମାଧ୍ୟମରେ ପ୍ରାର୍ଥୀମାନଙ୍କ ମାତାପିତାଙ୍କୁ ସାର୍ଟିଫିକେଟ ଫେରାଇ ପ୍ରମାଣ ନଷ୍ଟ କରିବାର ପ୍ରୟାସ କରିଥିଲେ। ପ୍ରିୟଦର୍ଶିନୀ ମଧ୍ୟ ପ୍ରାର୍ଥୀମାନଙ୍କଠାରୁ ଅର୍ଥ ଆଦାୟ କରିବାରେ ସକ୍ରିୟ ଭୂମିକା ନେଇଥିଲେ। ଏଥିସହ ସେ ମଧ୍ୟ ମୁନା ଓ ଶ୍ରୀକାନ୍ତଙ୍କୁ ଆଇନ ପଞ୍ଝାରୁ ଗିରଫଦାରିଙ୍କୁ ଖସିଯିବା ପାଇଁ ସହଯୋଗ କରିଥିଲେ। କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଯିବା ପରେ ଏ ସଂକ୍ରାନ୍ତରେ ଶ୍ରୀକାନ୍ତ, ମୁନା ସମସ୍ତ ଘଟଣା ଟି. ଅଭିମନ୍ୟୁଙ୍କ ଆଗରେ ପ୍ରକାଶ କରିଥିଲେ। ଟି. ଅଭିମନ୍ୟୁ ସବୁ ଜାଣିବା ପରେ ବି ସେମାନଙ୍କୁ ଫାର୍ମ ହାଉସ୍‌ରେ ଆଶ୍ରୟ ଦେଇଥିଲେ। ପୁଣି ପୋଲିସର ଗତିବିଧି ସଂକ୍ରାନ୍ତରେ ପ୍ରିୟଦର୍ଶିନୀଙ୍କଠାରୁ ଖବର ପାଇ ଟି. ଅଭିମନ୍ୟୁ ମୁନା ଓ ଶ୍ରୀକାନ୍ତଙ୍କୁ ଦେଉଥିଲେ। ମୁଖ୍ୟ ଅଭିଯୁକ୍ତ ଶଙ୍କର ଏବେ ବି ଫେରାର ଅଛନ୍ତି। ତଦନ୍ତ ଚାଲିଛି, ଆଗକୁ ଗିରଫଦାରି ସଂଖ୍ୟା ଆହୁରି ବଢ଼ିପାରେ ବୋଲି କ୍ରାଇମବ୍ରାଞ୍ଚ ଡିଜି ସୂଚନା ଦେଇଛନ୍ତି।

## ୨୦ରେ ହୋଇପାରେ ଦୀପାବଳି ଛୁଟି

ଭୁବନେଶ୍ୱର,୧୭।୧୦(ରବିନାରାୟଣ ଜେନା) ଚଳିତବର୍ଷ ଦୀପାବଳି ପାଇଁ ସରକାରୀ ଛୁଟିର ତାରିଖ ପରିବର୍ତ୍ତନ ହୋଇପାରେ। ଏସଂକ୍ରାନ୍ତରେ ଏକ ଫାଇଲ ରାଜସ୍ୱ ବିଭାଗ ପକ୍ଷରୁ ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ସରକାରଙ୍କ ଅନୁମୋଦନ ପରେ ଦୀପାବଳି ଛୁଟି ସେପ୍ଟେମ୍ବର ୨୧(ମଙ୍ଗଳବାର) ପରିବର୍ତ୍ତେ ୨୦ ତାରିଖ(ସୋମବାର)କୁ ଘୋଷଣା ହେବ ବୋଲି ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।




## ଦୁର୍ଘଟଣାରେ ଓଡ଼ିଶାର ୩ ବୈଷ୍ଣୋଦେବୀ ତୀର୍ଥଯାତ୍ରୀଙ୍କ ମୃତ୍ୟୁ

### ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଜମ୍ମୁ/ଭୁବନେଶ୍ୱର, ୧୭।୧୦ (ସୁନିତ୍ ମିଶ୍ର)
ମାତା ବୈଷ୍ଣୋଦେବୀ ଦର୍ଶନରେ ଯାଇଥିବା ୩ ଓଡ଼ିଆ ତୀର୍ଥଯାତ୍ରୀଙ୍କ ସମେତ ୪ ଜଣଙ୍କର ଜମ୍ମୁ-କଶ୍ମୀରର ରାଇସି ଜିଲା ଅନ୍ତର୍ଗତ କଟ୍ରା ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଓଡ଼ିଆ ତୀର୍ଥଯାତ୍ରୀମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭାର ଯୋଗେନ୍ଦ୍ର ମଟାରୀ, ବିଚିତ୍ର ସାହୁ ଏବଂ କବିତା ସାହୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ Xରେ ପୋଷ୍ଟ କରି ମୃତକଙ୍କ ପରିବାର ବର୍ଗଙ୍କ ପାଇଁ ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଗତ ମଙ୍ଗଳବାର କଟ୍ରାର ସେର୍ଲି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ତୀର୍ଥଯାତ୍ରୀମାନଙ୍କୁ ନେଇ ଅଟୋରିକ୍ସାଟି ସେର୍ଲି ହେଲିପ୍ୟାଡ୍‌ରୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ବସ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୨ ତୀର୍ଥଯାତ୍ରୀ ଓ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଥିବା ଜଣେ ମହିଳା ତୀର୍ଥଯାତ୍ରୀ ଜମ୍ମୁ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଆଖି ବୁଜିଛନ୍ତି।




## ଅର୍ଥ ବିଭାଗର 'ନୋ ଗିଫ୍ଟ' ନୀତି

ଭୁବନେଶ୍ୱର,୧୭।୧୦ (ରବିନାରାୟଣ ଜେନା)
ଦୀପାବଳି ଅବସରରେ ଯେପରି କୌଣସି ସରକାରୀ ଅନୁଷ୍ଠାନ କିମ୍ବା ବ୍ୟକ୍ତିବିଶେଷ ସରକାରୀ ଅଧିକାରୀଙ୍କୁ 'ଗିଫ୍ଟ' ଆଦାନ ପ୍ରଦାନ ନ କରନ୍ତି ସେନେଇ ଅର୍ଥବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି। ଶୁକ୍ରବାର ଅର୍ଥବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ର ସବୁ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଦୀପାବଳିରେ ଉପହାର ବାରଣ ରହିବ। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କୌଣସି ସରକାରୀ କାର୍ଯ୍ୟାଳୟ ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଉପହାର ଆଦାନପ୍ରଦାନ ବା ଏହାସହ ଜଡ଼ିତ ଖର୍ଚ୍ଚ କରାଯିବ ନାହିଁ। ରାଜ୍ୟ ସରକାର ମଧ୍ୟ 'ନୋ ଗିଫ୍ଟ' ନୀତି ଆପଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ସରକାରୀ ଉଦ୍ୟୋଗଗୁଡ଼ିକରେ ମଧ୍ୟ ଉପହାର ପାଇଁ କୌଣସି ଖର୍ଚ୍ଚ ହେବନାହିଁ। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ପ୍ରମୁଖ ସଚିବ ଦର୍ଶାଇଛନ୍ତି।

## ଏସ୍ଆଇ କେଲେଙ୍କାରୀରେ ବଡ଼ମୁଣ୍ଡଙ୍କୁ ଖସାଇଦେବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ କରୁଛି: ବିଜେଡି

ଭୁବନେଶ୍ୱର, ୧୭।୧୦ (ସୁନିତ୍ ମିଶ୍ର)
ପୋଲିସ ଏସ୍ଆଇ ନିଯୁକ୍ତି କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ କେବଳ ବଡ଼ମୁଣ୍ଡମାନଙ୍କୁ ଖସାଇଦେବାକୁ ଉଦ୍ୟମ କରୁଛି। ପ୍ରାୟ ୨୫୦ କୋଟି ଟଙ୍କାର ଏହି ନିଯୁକ୍ତି ସ୍କାମ୍‌ରେ ସରକାରୀ ଦଳର ଓ ପୋଲିସ ବିଭାଗର ଅନେକ ବଡ଼ମୁଣ୍ଡ ସାମିଲ ଥିବାବେଳେ କ୍ରାଇମବ୍ରାଞ୍ଚ ତଳତଳିଆଙ୍କୁ ଧରିବାକୁ ଚେଷ୍ଟା କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖଭବନଠାରେ ଶୁକ୍ରବାର ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏହି ନିଯୁକ୍ତି କେଲେଙ୍କାରୀର ଜଣେ ଅଭିଯୁକ୍ତ ଶଙ୍କର ପୃଷ୍ଟିଙ୍କ ୨ ସହଯୋଗୀ ଯଥା ମୁନା ମହାନ୍ତି ଓ ରିଙ୍କୁ ମହାରଣାଙ୍କୁ ଘଟଣାର ୩ ସପ୍ତାହ ପରେ କ୍ରାଇମବ୍ରାଞ୍ଚ ଗିରଫ କରିବା ପରେ ଉଲ୍ଲସିତ। କ୍ରାଇମବ୍ରାଞ୍ଚର ଅନୁସନ୍ଧାନ କେବଳ ତଳତଳିଆଙ୍କୁ ଧରି ଘଟଣାକୁ ଚପାଇଦେବା ପାଇଁ ଉଦ୍ଦିଷ୍ଟ ବୋଲି ଲେନିନ୍ କହିଛନ୍ତି।









ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ– ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ – ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। –ଶ୍ରୀଅରବିନ୍ଦ



# ଯୋଗ୍ୟଙ୍କୁ ଖୋଜାଚାଲିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏବେ କ୍ଷମତା ପରିସରରେ ପୁନର୍ବାର ଯେଉଁ ଗୁଞ୍ଜରଣ ଉଠିଛି ତାହା ଟିକସ ଓ ବଜେଟକୁ ନେଇ ନୁହେଁ। କିଏ ବୃହତ୍ ନିୟାମକ ସେବିକୁ ନିୟନ୍ତ୍ରଣ କରିବେ ତା'ଉପରେ ଏବେ ସମସ୍ତଙ୍କ ନଜର । ସରକାର ବର୍ତ୍ତମାନ ପୁଞ୍ଜିବଜାରର ସଂସ୍ଥା ସେବି ପାଇଁ ଜଣେ ପୂର୍ଣ୍ଣକାଳୀନ ସଦସ୍ୟ ଖୋଜୁଛନ୍ତି। ଦୁଇଜଣଙ୍କ ନାମ ସାମ୍ନାକୁ ଆସୁଥିବା ସୂତ୍ରରୁ ଜଣାପଡ଼ିଛି। ଜଣେ ହେଉଛନ୍ତି ସେବିରେ କାର୍ଯ୍ୟରତ ଭି.ଏସ୍. ସୁନ୍ଦରେସାନ ଏବଂ ଅନ୍ୟ ଜଣେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ପ୍ରଧାନ। କୌତୂହଳର ବିଷୟ ହେଉଛି, ଅଧିକ ସଂଖ୍ୟକ ଆଇଆର୍‌ଏସ୍ ଅଧିକାରୀ ମଧ୍ୟ ଏହି ଦୌଡ଼ରେ ସାମିଲ ରହିଛନ୍ତି। ସୁନ୍ଦରେସାନ ଜଣେ ଅଭିଜ୍ଞ ବ୍ୟକ୍ତି ଏବଂ ସେ ସେବିର ସ୍ଥିରତା ତଥା ପୂର୍ବାନୁମାନ ଭଳି ପାରମ୍ପରିକ ନୀତି ସମ୍ପର୍କରେ ଭଲ ଭାବେ ଅବଗତ। ସେ ନିୟମପୁସ୍ତିକା ଏବଂ ସେବିକୁ ନିୟନ୍ତ୍ରଣ କରିବାର କୌଶଳ ଭଲ ଭାବେ ଜାଣନ୍ତି। ଅନ୍ୟପକ୍ଷରେ ପ୍ରଧାନ ଟ୍ୟାକ୍ସ ସର୍ଭିସ୍‌ରେ ପ୍ରବର୍ତ୍ତନ ସକ୍ରିୟତା ଆଣିପାରିଛନ୍ତି। ବହୁ ସମୟରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ସହ କଠୋର ବି ହୋଇଛନ୍ତି। ପ୍ରଶ୍ନ ହେଉଛି ସେବି କ'ଣ ଅନ୍ୟ ଜଣେ ବାବୁଙ୍କ କ୍ଷେତ୍ର ହେବାକୁ ଯାଉଛି କି। ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମାର୍କେଟ ଓ ଶିକ୍ଷା କ୍ଷେତ୍ରରୁ ବୃତ୍ତିଧାରୀଙ୍କୁ ସେବିକୁ ଅଣାଯାଉଥିଲା । ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଥିବା ବାବୁମାନେ ନିଯୁକ୍ତ ହେଉଥିବା ଦେଖାଯାଉଛି। ଫଳରେ ସୂକ୍ଷ୍ମ ଭାବେ ନିୟାମକର ସ୍ୱଭାବ ଉଦ୍ୟୋଗିତାରୁ ପ୍ରଶାସନିକ ଆଡ଼କୁ ପରିବର୍ତ୍ତନ ହୋଇଛି। ଏଆଇ ଚାଳିତ ବାଣିଜ୍ୟ, ଜଟିଳ ବିତ୍ତୀୟ ଚୁକ୍ତି ଏବଂ ବୈଶ୍ୱିକ ପୁଞ୍ଜିପ୍ରବାହ ସହ ସେବି ତାଳଦେଇ ଚାଲିବାକୁ ଯଦି ସରକାର ଚାହୁଁଛନ୍ତି, ତେବେ ବ୍ୟବସ୍ଥାରେ ପଦାନୁକ୍ରମରେ ରହିଆସିଥିବା ଶକ୍ତିଶାଳୀ ଅଧିକାରୀଙ୍କଠାରୁ ଅଧିକ ଦକ୍ଷ ବା ଯୋଗ୍ୟ ବ୍ୟକ୍ତି ଆବଶ୍ୟକ। ବରିଷ୍ଠତା କିମ୍ବା ସେବା ପୃଷ୍ଠଭୂମିକୁ ଦେଖି ନିଯୁକ୍ତ କରାଯିବା ଉଚିତ ନୁହେଁ, ବରଂ ଦକ୍ଷତା, ଏ କ୍ଷେତ୍ରରେ ବିଶେଷ ଜ୍ଞାନ ଥିବା ତଥା ଦଲାଲମାନଙ୍କ ପଞ୍ଝାରୁ ସ୍ୱାଧୀନ ରହିବାର ସାହସ ଥିବା ବ୍ୟକ୍ତିଙ୍କୁ ବଛାଯିବା ଦରକାର।

### ନ୍ୟାୟିକ ରିଲେ ରେସ୍

ଭାରତୀୟ ବନସେବା( ଆଇଏଫ୍‌ଏସ୍) ଅଧିକାରୀ ସଞ୍ଜୀବ ଚତୁର୍ବେଦୀଙ୍କ ମାମଲାର ବିଚାରକରିବା ପାଇଁ ୧୬ ଜଣ ବିଚାରପତି ମନା କରିଦେଇଛନ୍ତି। ମାମଲାଟି ଏବେ ଏକ ପ୍ରକାର ଲମ୍ବା ନ୍ୟାୟିକ ରେସ୍ ହୋଇଯାଇଛି। ବିଚାରର ଦାୟିତ୍ୱକୁ କେହି ଜଣେ ମଧ୍ୟଗ୍ରହଣ କରୁନାହାନ୍ତି କି ରିଲେ ରେସ୍ ଶେଷ ହେଉନାହିଁ। ଏବେ ନିକଟରେ ବିଚାର ପ୍ରକ୍ରିୟାରୁ ଉତ୍ତରାଖଣ୍ଡ ହାଇକୋର୍ଟର ବିଚାରପତି ଆଲୋକ ବର୍ମା ଚତୁର୍ବେଦୀଙ୍କ ବିବାଦୀୟ ପିଟିଶନର ଶୁଣାଣି କରିବାକୁ ମନା କରିଦେଇଥିଲେ ଏବଂ ଏହାର କୌଣସି କାରଣ ଦର୍ଶାଇନାହାନ୍ତି । ତେବେ ଚତୁର୍ବେଦୀ କେବଳ ବାବୁ ନୁହନ୍ତି, ସେ ଭାରତର ଜଣେ ଜଣାଶୁଣା ହ୍ୱିସିଲବ୍ଲୋୟର। ସେ ହରିୟାଣାର ବନ ବିଭାଗର ଯୋଜନାଗୁଡ଼ିକ ଠାରୁ ଆରମ୍ଭକରି ଏଆଇଆଇଏମ୍‌ଏସ୍‌ରେ ହୋଇଥିବା ଅନିୟମିତତାକୁ ସାମ୍ନାକୁ ଆଣିଛନ୍ତି। ଏଥିପାଇଁ ତାଙ୍କୁ ବାରମ୍ବାର ବଦଳି କରାଯାଇଛି। ସେ ମଧ୍ୟ ତଦନ୍ତର ସମ୍ମୁଖୀନ ହୋଇଛନ୍ତି ଏବଂ ଏବେ ସ୍ପଷ୍ଟ ଭାବେ ନ୍ୟାୟିକ ଅନିଶ୍ଚିତତାକୁ ସାମ୍ନା କରୁଛନ୍ତି। ଏହା ସ୍ପଷ୍ଟ ଯେ, ବିଚାରପତିମାନେ ଯଦି କୌଣସି ବିବାଦ କିମ୍ବା ପକ୍ଷପାତର ଆଶଙ୍କା ଦେଖନ୍ତି, ତେବେ ସେମାନେ ଶୁଣାଣି କରିବାକୁ ମନା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। କିନ୍ତୁ ଏ କ୍ଷେତ୍ରରେ ଯଦି ସଂକ୍ଷେପରେ କାରଣ ଦର୍ଶାଯାଇଥାଆନ୍ତା, ତେବେ ଲୋକଙ୍କ ବିଶ୍ୱାସ ବଢ଼ିଥାଆନ୍ତା। ଆମେ ସମସ୍ତେ କଥାରେ ହ୍ୱିସିଲବ୍ଲୋୟରଙ୍କ କାର୍ଯ୍ୟ ବା ପଦକ୍ଷେପକୁ ପ୍ରଶଂସା କରୁଛୁ , କିନ୍ତୁ ଯେତେବେଳେ ସମସ୍ୟାରେ ପଡ଼ୁଛନ୍ତି ସେମାନଙ୍କୁ ସମର୍ଥନ କରୁନାହୁଁ। ଚତୁର୍ବେଦୀଙ୍କ ଲମ୍ବା ଲଢ଼େଇ ତାଙ୍କ ବ୍ୟକ୍ତିଗତ ସଂଗ୍ରାମଠାରୁ ଅଧିକ କିଛି ସୂଚିତ କରେ। ତେବେ ବ୍ୟବସ୍ଥାରେ ସଚ୍ଚୋଟତା ପାଇଁ ଜାଗା ରହିଛି କି ନାହିଁ ତାହା ପାଇଁ ଏହା ଏକ ପରୀକ୍ଷା।

### ଇସ୍ତଫାର ପ୍ରଶ୍ନ ନାହିଁ

ଅନ୍ୟ ଦେଶଗୁଡ଼ିକରେ ରହିଥିବା କୌଣସି ରାଷ୍ଟ୍ରର ବ୍ୟକ୍ତିଙ୍କ ଜୀବନକୁ ଗୁରୁତ୍ୱ ଦିଆଯାଇଥାଏ, ଯାହା ଦେଖିବାକୁ ମିଳିଛି ପର୍ତ୍ତୁଗାଲରେ। ଜଣେ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ପର୍ତ୍ତୁଗାଲର ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହା କେବଳ ଏକ ରାଜନୈତିକ ସଙ୍କେତ ନୁହେଁ, ବରଂ ଏହା ଉତ୍ତରଦାୟିତ୍ୱକୁ ପ୍ରତୀତ କରେ। ଏହା ଆମ ଦେଶରେ ଏଠାରେ ଘଟିବା କଷ୍ଟକର। ଭାରତରେ, ନିକଟରେ ସରକାରୀ ଯାଞ୍ଚ ବ୍ୟବସ୍ଥା ଦେଇ ବଜାରରେ ବିକ୍ରି ହେଉଥିବା ବିଷାକ୍ତ କଫ୍ ସିରପ ସେବନକରି ପାଖାପାଖି ୨ ଡଜନ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କୌଣସି ଜଣେ ବାବୁ କିମ୍ବା ମନ୍ତ୍ରୀଙ୍କ ଗାଦି ଯିବା ଦେଖାଯାଇନାହିଁ। ଯେତେବେଳେ ସବୁ ଠିକ୍‌ଠାକ୍ ଚାଲିଥାଏ ସେତେବେଳେ ବାବୁମାନେ ଢେର ପ୍ରଶଂସିତ ହେଉଛନ୍ତି । ଯେତେବେଳେ କିଛି ବିଭ୍ରାଟ ଘଟେ ସେତେବେଳେ ସେମାନେ ତଦନ୍ତ ଜାରି ରଖନ୍ତି। କଫ୍ ସିରପ କେବଳ ପିଲାଙ୍କୁ ମାରିନାହିଁ, ବରଂ ତାହା କାଗଜପତ୍ରରେ ଚାଲିଥିବା ତଥା ଉତ୍ତରଦାୟିତ୍ୱ ନ ଥିବା ଏକ ନିୟାମକ ବ୍ୟବସ୍ଥାର ଛବିକୁ ସାମ୍ନାକୁ ଆଣିଛି। ଏଯାବତ କେହି ଇସ୍ତଫା ଦେଇନାହାନ୍ତି, କେହି ଜଣେ ବି ଉତ୍ତରଦାୟିତ୍ୱକୁ ସ୍ୱୀକାର କରିନାହାନ୍ତି। ଏଠାରେ ମନ୍ତ୍ରୀ ତାଙ୍କ ସ୍ଥାନରେ ରହନ୍ତି, ନିୟାମକ ବି ତା' ସ୍ଥାନରେ ରହେ ଏବଂ ଫାଇଲଗୁଡ଼ିକ ଯେଉଁଠି ପୂର୍ବରୁ ଥିଲା ସେଇଠ ପଡ଼ିରହେ। ସମ୍ଭବତଃ କିଛି ସାମ୍ପଲ ଔଷଧ ଉପରେ ଧୂଳି ଜମି ଯାଏ। ପର୍ତ୍ତୁଗାଲରେ ଜଣଙ୍କ ମୃତ୍ୟୁକୁ ନେଇ ମନ୍ତ୍ରୀ ଇସ୍ତଫା ଦେଇଦେଲେ । ହେଲେ ଏଠାରେ ଏଯାବତ ଆମେ କେବଳ ମୃତଦେହ ଗଣୁଛେ, କେହି ବି ଜଣେ ପ୍ରତିରୋଧ କରୁନାହାନ୍ତି।

Email: dilipcherian@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | 8 | | | 1 | | | 2 |
| | 1 | | | | | 3 | | |
| | 3 | 5 | 4 | | | | | |
| 7 | | | | | | | 5 | |
| 8 | | | | 2 | 3 | 1 | 7 | |
| 2 | | | 5 | | | | | |
| 1 | 9 | 4 | | 5 | | | | |
| | | | | | | | 9 | |
| | | | 8 | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 4 | 3 | 1 | 8 | 6 | 7 | 5 |
| 8 | 5 | 6 | 7 | 9 | 4 | 3 | 2 | 1 |
| 3 | 7 | 1 | 5 | 2 | 6 | 8 | 4 | 9 |
| 4 | 8 | 7 | 6 | 5 | 3 | 1 | 9 | 2 |
| 5 | 3 | 2 | 1 | 4 | 9 | 7 | 6 | 8 |
| 6 | 1 | 9 | 8 | 7 | 2 | 5 | 3 | 4 |
| 1 | 4 | 5 | 9 | 3 | 7 | 2 | 8 | 6 |
| 7 | 2 | 8 | 4 | 6 | 5 | 9 | 1 | 3 |
| 9 | 6 | 3 | 2 | 8 | 1 | 4 | 5 | 7 |

ଗତକାଲିର ଉତ୍ତର

# ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥା



ହୃଷୀକେଶ ପ୍ରଧାନ

ପିଲାମାନେ ବିଭିନ୍ନ ମାଧ୍ୟମରେ ଶିଖନ୍ତି ଓ ବୁଝନ୍ତି। ଗାର୍ଡନରଙ୍କ ବହୁବିଧ ବୁଦ୍ଧିମତ୍ତା ତତ୍ତ୍ୱ ଅନୁଯାୟୀ, ସେମାନଙ୍କର ଦକ୍ଷତା ମଧ୍ୟ ପରସ୍ପରଠାରୁ ଭିନ୍ନ ହୋଇଥାଏ। କିଛି ବିଦ୍ୟାର୍ଥୀ ଚାକ୍ଷୁଷ ଶିକ୍ଷାକୁ ପସନ୍ଦ କରନ୍ତି, ଯେଉଁମାନେ ଜଣଙ୍କୁ ଦେଖି ବା ଅନୁକରଣ କରି ଶିଖନ୍ତି; ଅନ୍ୟ କେତେକ ଲିଖିତ ଲିପିକୁ ପଢ଼ି ଶିକ୍ଷାଲାଭ କରନ୍ତି; ପୁଣି କେତେକ ବ୍ୟବହାରିକ ଜୀବନରେ ହେଉଥିବା ପ୍ରୟୋଗରୁ ଶିକ୍ଷାର ଉପାଦାନ ପାଇଯାଆନ୍ତି। ଏଭଳି ସ୍ଥଳେ ଅନୁଭୂତିଭିତ୍ତିକ ଶିକ୍ଷା ଜାଣିବା ଓ ବୁଝିବାର ଏକ ମହତ୍ତ୍ୱପୂର୍ଣ୍ଣ ମାର୍ଗ। ଏହା ଶିକ୍ଷାଲାଭ ପାଇଁ ଏକ ସୁସ୍ଥ ବାତାବରଣ ପ୍ରଦାନ କରେ। କହିବା ବାହୁଲ୍ୟ, ଏ ପ୍ରକାର ଶିକ୍ଷାର ଚାବିକାଠି ହେଉଛି ଅନୁଭୂତି। ବୁଝାଇ କହିଲେ, ଏହା ହେଉଛି 'କରି ଶିଖିବା'। ଏଥିରେ ଶିକ୍ଷାର ଫଳାଫଳ ଅପେକ୍ଷା ଶିକ୍ଷାର ପ୍ରକ୍ରିୟା ଉପରେ ଅଧିକ ଧ୍ୟାନ ଦିଆଯାଏ। ଅନୁଭୂତିଭିତ୍ତିକ ଶିକ୍ଷଣ ହେଉଛି ଜ୍ଞାନ ସଂଗଠନ, ବିଘ୍ନନ ଓ ପୁନର୍ଗଠନର ଏକ ନିରନ୍ତର, ଜୀବନବ୍ୟାପୀ ପ୍ରକ୍ରିୟା।

ଶୈକ୍ଷିକ ତତ୍ତ୍ୱବିତ୍ ଡେଭିଡ କୋଲବ ପ୍ରଥମେ ଅନୁଭୂତିଭିତ୍ତିକ ଶିକ୍ଷଣ ତତ୍ତ୍ୱ ବିକଶିତ କରିଥିଲେ, ଏହାର ମୂଳଦୁଆ ପକାଇଥିଲେ କର୍ଟ ଲେୱିନ, ଜିନ ପିଆଜେ ଓ ଜନ ଡେୱିଙ୍କ ଭଳି ମନସ୍ତତ୍ତ୍ୱବିତ୍‌ଗଣ। ବର୍ତ୍ତମାନର ପରୀକ୍ଷା କୈନ୍ଦ୍ରିକ ଶିକ୍ଷା ବ୍ୟବସ୍ଥାରେ କେବଳ ମୁଖସ୍ଥ କରାଯାଇଥିବା ପାଠ(ସୂଚନା ବା ତଥ୍ୟ) ଗୁରୁତ୍ୱ ପାଉଛି। ଏହା ଫଳରେ ଛାତ୍ରୀଛାତ୍ରଙ୍କଠାରେ ଚିନ୍ତନ କରିବାର ଦକ୍ଷତା ଦୁର୍ବଳ ହୋଇଯାଉଛି। କେବଳ ମୌଳିକସ୍ତରୀୟ ଚିନ୍ତନର ସାମର୍ଥ୍ୟ ରହୁଛି, ଉଚ୍ଚସ୍ତରୀୟ ଚିନ୍ତନ ଓ ବିଚାର ଦୃଷ୍ଟିଗୋଚର ହେଉନାହିଁ। ସତ କହିଲେ, ପିଲାମାନଙ୍କ ଭିତରେ ଚିନ୍ତନ କରିବାର ଦକ୍ଷତା ବିକଶିତ ହେବା ଆବଶ୍ୟକ, ଯାହା ବିଭିନ୍ନ ଜଟିଳ ସମସ୍ୟାର ସମାଧାନଠାରୁ ନେଇ ଆବିଷ୍କାର ଓ ଉଦ୍ଭାବନ ପାଇଁ ବାଟ ଫିଟାଇବ। ସେମାନେ ପ୍ରାପ୍ତ ସୂଚନା ବିଷୟରେ ପ୍ରଶ୍ନ କରି ସେଗୁଡ଼ିକର ପାରସ୍ପରିକ ସମ୍ପର୍କକୁ ଦେଖି ସହଜରେ ଶିଖିପାରିବେ। ଏହି ଦକ୍ଷତା ବ୍ଲୁମଙ୍କ ବର୍ଗୀକରଣ ଅନୁଯାୟୀ, ବିଶ୍ଳେଷଣ, ମୂଲ୍ୟାୟନ ଓ ସୃଷ୍ଟି ଭଳି ଉଚ୍ଚସ୍ତରୀୟ ଚିନ୍ତନ କୌଶଳକୁ ସମାନ୍ତରାଳ ଭାବେ ଗ୍ରହଣ କରେ। ଏହି ସ୍ତରଗୁଡ଼ିକ ବିଦ୍ୟାର୍ଥୀମାନଙ୍କର ତୁଳନା, ପ୍ରଭେଦ ନିର୍ଣ୍ଣୟ ଓ ଉଦ୍ଭାବନ କରିବାର ଦକ୍ଷତାକୁ ବଢ଼ାଏ।

ଅନୁଭୂତିଭିତ୍ତିକ ଶିକ୍ଷଣରେ ଛାତ୍ରୀଛାତ୍ରମାନେ ସୂଚନାର ନିଷ୍କ୍ରିୟ ଗ୍ରହୀତା ପରିବର୍ତ୍ତେ ସକ୍ରିୟ ଓ ଲିପ୍ତ ଶିକ୍ଷାର୍ଥୀ ସାଜିଥା'ନ୍ତି। ଗୁଣାତ୍ମକ ଓ ବ୍ୟବହାରିକ ପରୀକ୍ଷଣ ସେମାନଙ୍କ ଇନ୍ଦ୍ରିୟଗୁଡ଼ିକୁ ନିୟୋଜିତ କରେ। ଫଳରେ ସେମାନେ ବୈଶ୍ୱିକ ଧାରଣା ସମ୍ପର୍କରେ ଚିନ୍ତନ କରି ପ୍ରୟୋଗ କରିବାକୁ ଉତ୍ସାହିତ ହୋଇଥାନ୍ତି। ଏହି ମାଧ୍ୟମରେ ଶିଖି, ପିଲାମାନେ



ବିଭିନ୍ନ ପ୍ରସଙ୍ଗରେ ପ୍ରୟୋଗ କରିବାର ଦକ୍ଷତା ହାସଲ କରନ୍ତି । ନୂଆ ଶିକ୍ଷାଗ୍ରହଣ ପ୍ରଣାଳୀ ସମ୍ପର୍କରେ ଅବଗତ ହୁଅନ୍ତି। ବ୍ୟକ୍ତି ଓ ପରିବେଶ ମଧ୍ୟରେ ପାରସ୍ପରିକ କ୍ରିୟା-ପ୍ରତିକ୍ରିୟା ହେଉଛି ଅନୁଭୂତିଭିତ୍ତିକ ଶିକ୍ଷାର ମୂଳଦୁଆ। ପରିବେଶ ସହ ପାରସ୍ପରିକ କ୍ରିୟାନ୍ୱୟନ କରି ଛାତ୍ରୀଛାତ୍ରମାନେ ନୂତନ ତତ୍ତ୍ୱର ସୃଷ୍ଟି କରନ୍ତି। ଶିକ୍ଷଣ ଓ ପୁନଃ ଶିକ୍ଷଣ ସହ ଏହି ପର୍ଯ୍ୟାୟଗୁଡ଼ିକ ଚକ୍ରାକାର ଭାବେ ଅଗ୍ରଗତି କରେ।

କୋଲବଙ୍କ ଅନୁଭୂତିଭିତ୍ତିକ ଶିକ୍ଷାଚକ୍ରର ପର୍ଯ୍ୟାୟଗୁଡ଼ିକ ହେଉଛି ବାସ୍ତବ ଅନୁଭୂତି, ପ୍ରତିଫଳିତ ପର୍ଯ୍ୟବେକ୍ଷଣ, ଧାରଣାର ସାରାଂଶ ଓ ସକ୍ରିୟ ପରୀକ୍ଷଣ। ଏହି ପର୍ଯ୍ୟାୟଗୁଡ଼ିକ ପରସ୍ପର ସହ ସଂଯୁକ୍ତ। ଏହା ଏକ ପୁନଃ ସଂଗଠିତ ପ୍ରକ୍ରିୟା, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନକାଳ ମଧ୍ୟରେ ଘଟିଥାଏ। ଶିକ୍ଷାର ପ୍ରତ୍ୟେକ ଚକ୍ର ଛାତ୍ରୀଛାତ୍ରଙ୍କ ବୋଧଗମ୍ୟତାକୁ ଆହୁରି ସୁଦୃଢ଼ କରିଥାଏ । ଏକ ନିର୍ଦ୍ଦିଷ୍ଟ ଅନୁଭୂତି/ଘଟଣା ମାଧ୍ୟମରେ, ଛାତ୍ରୀଛାତ୍ରମାନେ ନିଜ ଇନ୍ଦ୍ରିୟକୁ ନିୟୋଜିତ କରିଥାନ୍ତି। ଫଳରେ ସେମାନଙ୍କ ମାଂସପେଶୀୟ ଦକ୍ଷତାରେ ବୃଦ୍ଧି ହେବା ସହ ପରିବେଶର ବିଭିନ୍ନ ତଥ୍ୟକୁ ଆତ୍ମସାତ କରନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ପ୍ରତିଫଳିତ ପର୍ଯ୍ୟବେକ୍ଷଣରେ, ଶିକ୍ଷାର୍ଥୀମାନେ ଅନୁଭୂତି ମାଧ୍ୟମରେ ପ୍ରାପ୍ତ ସୂଚନାକୁ ବୁଝି ନିଜେ ବ୍ୟାଖ୍ୟା କରିବାକୁ ଚେଷ୍ଟା କରନ୍ତି। ନୂଆ ତଥ୍ୟ ସେମାନଙ୍କ ବିଦ୍ୟମାନ ମାନସିକ ଢାଞ୍ଚାରେ ଉପଯୁକ୍ତ ସ୍ଥାନ ନ ପାଇବା ଦ୍ୱାରା ସେମାନଙ୍କ ଆଶା ଓ ଅନୁଭୂତି ମଧ୍ୟରେ ଜ୍ଞାନାତ୍ମକ ବିଭେଦ ସୃଷ୍ଟି ହୋଇଥାଏ। ଅର୍ଥାତ୍, ଏହି ପ୍ରକ୍ରିୟାରେ ଘଟୁଥିବା ଘଟଣାବଳୀ ଆଶା କରାଯାଇଥିବା ଆଚରଣ ସହ ମେଳ ଖାଏ ନାହିଁ। ଧାରଣାର ସାରାଂଶ ଦିଗରେ ଅଗ୍ରସର ହୋଇ, ଛାତ୍ରୀଛାତ୍ରମାନେ ନୂତନ ତଥ୍ୟକୁ ଯୁକ୍ତିଯୁକ୍ତ ମନେକରନ୍ତି, ଏହାକୁ ସେମାନଙ୍କର ପୂର୍ବ ବିଦ୍ୟମାନ ମାନସିକ ଢାଞ୍ଚାସହ ଯୋଡ଼ିଥା'ନ୍ତି। ଏହିପରି ଭାବେ ନୂତନ ତଥା ଦ୍ୱନ୍ଦ୍ୱପୂର୍ଣ୍ଣ ତଥ୍ୟ ସହ ଧାରଣାଗୁଡ଼ିକର ପରିବର୍ତ୍ତନ ଅଥବା ନୂଆ ତତ୍ତ୍ୱର ସୃଷ୍ଟି କରାଯାଏ। ସକ୍ରିୟ ପରୀକ୍ଷଣର ଶେଷ ପର୍ଯ୍ୟାୟରେ, ଶିକ୍ଷାର୍ଥୀମାନେ ପ୍ରାପ୍ତ ଜ୍ଞାନକୁ ବ୍ୟବହାର କରି ଅନୁଶୀଳନ କରନ୍ତି ଓ ବିଭିନ୍ନ ସମସ୍ୟାର ସମାଧାନ କରନ୍ତି। ଏକ ନୂତନ ଅନୁଭୂତି ହାସଲ କରି ସେମାନେ ପୂର୍ବ ବିଦ୍ୟମାନ ଜ୍ଞାନକୁ ନୂଆ ଆକୃତି ଦେଇଥା'ନ୍ତି।

ଅନୁଭୂତିଭିତ୍ତିକ ଶିକ୍ଷା ହେଉଛି ଏକ ଶିକ୍ଷା-ଶିକ୍ଷଣ ଦର୍ଶନ, ଯାହା ଅନେକ ଶୈକ୍ଷିକ ପଦ୍ଧତିକୁ ନେଇ ଗଠିତ। ଏହାକୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ କାର୍ଯ୍ୟକାରୀ କରାଯାଇପାରିବ। ଏକ ନିର୍ଦ୍ଦିଷ୍ଟ ବିଷୟ ସହ ଜଡ଼ିତ ପରୀକ୍ଷଣ ଓ ଛାତ୍ରୀଛାତ୍ରଙ୍କ ପ୍ରଶ୍ନକୁ ସହଜସାଧ କରିବା ହେଉଛି ଅନୁଭୂତିଭିତ୍ତିକ ଶିକ୍ଷାର ଏକ ସ୍ୱରୂପ। ପ୍ରକଳ୍ପ ଓ ସମସ୍ୟାର ସମାଧାନ ପାଇଁ ଦଳୀୟ କାର୍ଯ୍ୟ ଯଥା ସହଯୋଗୀ ଶିକ୍ଷା ବିଭିନ୍ନ ଦୃଷ୍ଟିକୋଣକୁ ସୁଦୃଢ଼ କରିବାରେ ସହାୟକ ହୁଏ। ପାରସ୍ପରିକ ଖେଳ, ସମୂହ ଆଲୋଚନା, ଦାୟିତ୍ୱ ନିର୍ବାହ, କଳା ଓ ହସ୍ତଶିଳ୍ପ ପ୍ରଭୃତି ଏହାର ଅଂଶବିଶେଷ। ବାହ୍ୟ ଶିକ୍ଷା ଓ ବିଭିନ୍ନ ସ୍ଥାନ ଭ୍ରମଣ ଦ୍ୱାରା ବାସ୍ତବ ଦୁନିଆରେ ନିମଜ୍ଜନ ବିଦ୍ୟାର୍ଥୀମାନଙ୍କ ପାଇଁ ମଧ୍ୟ ସମ ଆକର୍ଷଣୀୟ।

'ଫ୍ଲିପ୍ଡ କ୍ଲାସରୁମ' ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଅଂଶବିଶେଷ। ଏହା ଶିକ୍ଷାର୍ଥୀକେନ୍ଦ୍ରିକ ଶିକ୍ଷା ପଦ୍ଧତିର ଉଦାହରଣ। ଶିକ୍ଷାର୍ଥୀମାନେ ପାଠ୍ୟ ସାମଗ୍ରୀ ଓ ସଞ୍ଚାର ସାଧନ ମାଧ୍ୟମରେ ଘରେ ବସି ପ୍ରଥମେ ଏକ ବିଷୟ ଅନୁସନ୍ଧାନ କରନ୍ତି। ପରେ ସେମାନେ ଧାରଣାଗୁଡ଼ିକୁ ଶିକ୍ଷୟିତ୍ରୀଶିକ୍ଷକ ଓ ସମଗ୍ର ଶ୍ରେଣୀ ସହ ଏକାଠି ଆଲୋଚନା କରନ୍ତି। ଏହି ପ୍ରକାରର ଶିକ୍ଷାଦାନ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ଶୈକ୍ଷିକ ଦାୟିତ୍ୱ ନେବାର ସୁଯୋଗ ଦିଏ ଓ ଅର୍ଥପୂର୍ଣ୍ଣ ପାରସ୍ପରିକ କ୍ରିୟା ମାଧ୍ୟମରେ ଉନ୍ନତ ଶିକ୍ଷାର ପ୍ରସାର ଦିଗରେ ଅଗ୍ରସର କରାଏ।

ଅନୁଭୂତିଭିତ୍ତିକ ଶିକ୍ଷା ବ୍ୟବସ୍ଥାରେ ଶ୍ରେଣୀଗୃହ ପ୍ରସଙ୍ଗ ଭିନ୍ନ ଛାତ୍ରୀଛାତ୍ରଙ୍କ କାର୍ଯ୍ୟଧାରା ମଧ୍ୟ ବଳବତ୍ତର ରହିଥାଏ। ସହପାଠୀ, ପରିବାର ଓ ସାଂସ୍କୃତିକ ପୃଷ୍ଠଭୂମି ଭଳି କାରକଗୁଡ଼ିକ ମଧ୍ୟ ଶିକ୍ଷାକୁ ପ୍ରଭାବିତ କରେ, ଯାହା ବିଚାରକୁ ନିଆଯାଏ ନାହିଁ। ଅନୁଭୂତିଭିତ୍ତିକ ଶିକ୍ଷାର କାର୍ଯ୍ୟାନ୍ୱୟନ ଏକ ତାତ୍ତ୍ୱିକ ଦୁଃସ୍ୱପ୍ନ ମଧ୍ୟ ହୋଇପାରେ। ଏଥିପାଇଁ କର୍ମଚାରୀବର୍ଗ, ଶୈକ୍ଷିକ ଉପକରଣ, ସ୍ୱତନ୍ତ୍ର ପ୍ରଶିକ୍ଷଣ ତଥା ଉନ୍ନତ ସମ୍ବଳର ଆବଶ୍ୟକତା ଅଛି। ଭାରତରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ବିବିଧତାକୁ ଦୃଷ୍ଟିରେ ରଖି ଏହା ହିଁ ସତ୍ୟ। ଅନୁଭୂତି ଭିତ୍ତିରେ ଶିଖିବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତିକୁ ମଧ୍ୟ ଆକଳନ କରାଯାଇପାରେ। ଉଦାହରଣ ସ୍ୱରୂପ, ଦ୍ୱିତୀୟ ଶ୍ରେଣୀ ଇଂଲିଶ ପାଠ ସହିତ ସଂଘର୍ଷ କରୁଥିବା ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ସମାଲୋଚନାମୂଳକ ଚିନ୍ତନ ନିମନ୍ତେ କେତେଦୂର ପ୍ରସ୍ତୁତ, ତାହା ବିଚାର୍ଯ୍ୟ।

ଅନୁଭୂତିଭିତ୍ତିକ ଶିକ୍ଷା ପାଇଁ ବ୍ୟବସ୍ଥାରେ ମୋଟାମୋଟି ପରିବର୍ତ୍ତନ ଆବଶ୍ୟକ; ଯାହା ସାମଗ୍ରିକ ବିକାଶ ପାଇଁ ସମୟୋପଯୋଗୀ ହୋଇପାରିବ। ସୁତରାଂ ଅନୁଭୂତିଭିତ୍ତିକ ଶିକ୍ଷଣ ଶୈଳୀରେ ଛାତ୍ରୀଛାତ୍ରମାନଙ୍କୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ଅଛି।

**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ**
**(ଏନ.ସି.ଇ.ଆର୍.ଟି), ଭୁବନେଶ୍ୱର**
ମୋ: ୮୦୧୮୧୭୨୩୦୧

# ଗଣଯୋଗାଯୋଗ ଗବେଷଣା



ଡ. ସନ୍ତୋଷ କୁମାର ବିଶ୍ୱାଳ

ଭାରତର ସୁପ୍ରିମକୋର୍ଟ ସାମାଜିକ ଗଣମାଧ୍ୟମ ଇନ୍‌ଫ୍ଲୁଏନସର ସମୟ ରୈନା ଓ ରଣବୀର ଆଲ୍ଲାବାଦିଆଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଭିନ୍ନକ୍ଷମଙ୍କ ବିଷୟରେ ଅପମାନଜନକ ମନ୍ତବ୍ୟ ଦେବା ପାଇଁ ସାଧାରଣରେ କ୍ଷମାପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟାଳୟ ଜୋରଦେଇ କହିଥିଲେ ଯେ ସ୍ୱାଧୀନତା ଅଭିବ୍ୟକ୍ତିର ଅର୍ଥ ନୁହେଁ ଅବହେଳିତ ସମ୍ପ୍ରଦାୟଗୁଡ଼ିକୁ ଅପମାନିତ କରିବା । ଏହା ବ୍ୟତୀତ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ଏସ୍‌ଇବିଆଇ) ଅନ୍‌ଲାଇନରେ ଆର୍ଥିକ ଇନ୍‌ଫ୍ଲୁଏନସର ବା ପ୍ରଭାବଶାଳୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଭ୍ରମ ବିଷୟରେ ଏକ ଚେତାବନୀ ଜାରି କରିଛି। ଏହା ସହ ଭାରତୀୟ ପୁଞ୍ଜିବଜାର ବୋର୍ଡ ମଧ୍ୟ ଅନ୍‌ଲାଇନ ଅର୍ଥନୈତିକ ପ୍ରଭାବକାରୀଙ୍କ ଦ୍ୱାରା କରାଯାଇଥିବା ଭ୍ରାନ୍ତିଜନକ ଦାବି ଉପରେ ଚେତାବନୀ ଜାରି କରିଛି। ଏମାନେ ସାଧାରଣ ନିବେଶକଙ୍କୁ ଭ୍ରମିତ କରିଛନ୍ତି। ଏହି ସମସ୍ତ ଘଟଣାର ସ୍ପଷ୍ଟତା ପାଇଁ ଗଣମାଧ୍ୟମ ଏବଂ ଯୋଗାଯୋଗର ଗବେଷଣା ଅତ୍ୟାବଶ୍ୟକ।

ଏହା ଏକ ଯୁଗ ଯେଉଁଠାରେ ଏକ ଟ୍ୱିଟ୍ ବ୍ୟକ୍ତିଗତ ପ୍ରତିଷ୍ଠାକୁ ନଷ୍ଟ କରିପାରେ, ଏକ ରିଲ୍ ଲକ୍ଷ ଲକ୍ଷ ଲୋକଙ୍କୁ ଏକତ୍ରିତ କରିପାରେ ଏବଂ ନକଲି ଖବର ହିଂସାକୁ ଜନ୍ମ ଦେଇପାରେ। ଏ କ୍ଷେତ୍ରରେ ଗଣମାଧ୍ୟମ ଓ ଯୋଗାଯୋଗକୁ ବୁଝିବା ଆବଶ୍ୟକ। ଦ୍ୱିତୀୟ ବୃହତ୍ତମ ଇଣ୍ଟରନେଟ୍ ଉପଭୋକ୍ତା ପୃଷ୍ଠଭୂମି ସହିତ ଭାରତ ଏକ ଯୋଗାଯୋଗ ବିପ୍ଳବର ସନ୍ଧିରେ ଠିଆ ହୋଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ସୂଚନା ଉତ୍ପାଦନ, ପ୍ରସାରଣ ଏବଂ ବ୍ୟବହାର କରିବାର ଉପାୟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଛି। ଭାରତୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗଣମାଧ୍ୟମ ଯୋଗାଯୋଗରେ ଗବେଷଣାର ଆବଶ୍ୟକତା ପୂର୍ବରୁ ଏତେ ଜରୁରୀ ହୋଇ ନ ଥିଲା। ଏହା କେବଳ ଖବରକାଗଜ, ଟେଲିଭିଜନ କିମ୍ବା ଡିଜିଟାଲ ପ୍ଲାଟଫର୍ମ ଅଧ୍ୟୟନ କରିବା ବିଷୟରେ ନୁହେଁ, ଏହା ସମାଜ, ଗଣତନ୍ତ୍ର, ସଂସ୍କୃତି ଏବଂ ଅର୍ଥନୀତିକୁ ଗଣମାଧ୍ୟମ କିପରି ଆକାର ଦିଏ ତାହା ବିଷୟରେ ବିକ୍ଷେପଣ କରିବା ।

ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଗଣମାଧ୍ୟମ ସହିତ ଗଭୀର ଭାବରେ ଜଡ଼ିତ। ୧୯୭୦ର ଜରୁରିକାଳୀନ ପରିସ୍ଥିତିଠାରୁ ଡିଜିଟାଲ ସେନ୍‌ସରଶିପ୍ ସମ୍ପର୍କିତ ବର୍ତ୍ତମାନର ବିତର୍କ ପର୍ଯ୍ୟନ୍ତ ଗଣମାଧ୍ୟମ ସର୍ବଦା ଜନମତ ଗଠନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଗଣମାଧ୍ୟମ ଯୋଗାଯୋଗ ଗବେଷଣା ଆମକୁ ବୁଝିବାରେ ସାହାଯ୍ୟ କରିପାରିବ ଯେ କିପରି କାହାଣୀ ତିଆରି ହୁଏ, ଭୁଲ ସୂଚନା କିପରି ବ୍ୟାପିଥାଏ ଏବଂ ରାଜନୈତିକ ଆଲୋଚନା କିପରି ଆଲଗୋରିଦମ ଦ୍ୱାରା ପ୍ରଭାବିତ ହୁଏ। ଯେଉଁ ଦେଶରେ ସାମାଜିକ ଗଣମାଧ୍ୟମ ନିର୍ବାଚନ ପାଇଁ ଯୁଦ୍ଧଭୂମି ପାଲଟିଛି, ସେଠାରେ ଡିଜିଟାଲ




ଅଭିଯାନର ପ୍ରଭାବକୁ ଟ୍ରାକ୍ କରିବା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ବିପଦ ଚିହ୍ନଟ କରିବା ପାଇଁ ପ୍ରତ୍ୟକ୍ଷ ଶୈକ୍ଷିକ ଗବେଷଣା ହେବା ଗୁରୁତ୍ୱପୂର୍ଣ୍ଣ।

ଭାରତ ଭୁଲ ସୂଚନାର ଭୟଙ୍କର ପରିଣାମ ଦେଖିଛି - ହ୍ୱାଟ୍ସଆପ୍ ଫରୱାର୍ଡ ଦ୍ୱାରା ସୃଷ୍ଟି ହୋଇଥିବା ହିଂସାଠାରୁ ଆରମ୍ଭ କରି କୋଭିଡ୍-୧୯ ମହାମାରୀ ସମୟରେ ଭୁଲ ଔଷଧ ବ୍ୟବହାର ଦ୍ୱାରା ଜନସ୍ୱାସ୍ଥ୍ୟ ସଙ୍କଟ ଆହୁରି ଖରାପ ହୋଇଯାଇଥିଲା। ସଞ୍ଚାର ଗବେଷଣା ଭୁଲ ସୂଚନା ଚିହ୍ନଟ, ଯାଞ୍ଚ ଏବଂ ମୁକାବିଲା ପାଇଁ ନୀତି ବିକଶିତ କରିପାରିବ। ବିଶ୍ୱବିଦ୍ୟାଳୟଗୁଡ଼ିକ ଟେକ୍ କମ୍ପାନୀ, ସାମାଜିକ ସଂସ୍ଥା ଏବଂ ନୀତି ନିର୍ଦ୍ଧାରକଙ୍କ ସହିତ ସହଯୋଗ କରି ଗବେଷଣା ଉପରେ ଆଧାରିତ ରଣନୀତି ପ୍ରସ୍ତୁତ କରିପାରିବେ।

ଭାରତର ଜନସଂଖ୍ୟାର ୬୫% ଲୋକ ୩୫ ବର୍ଷରୁ କମ୍ ଏବଂ ସେମାନଙ୍କର ସାମାଜିକୀକରଣ, ପରିଚୟ ଗଠନ ତଥା ରାଜନୈତିକ ସଚେତନତାର ଅଧିକାଂଶ ବିଷୟ ବର୍ତ୍ତମାନ ଅନ୍‌ଲାଇନରେ ଘଟେ। ଇନ୍‌ଷ୍ଟାଗ୍ରାମ୍ ଟ୍ରେଣ୍ଡ, ୟୁଟ୍ୟୁବ ପ୍ରଭାବଶାଳୀ, ଗେମିଂ ସଂସ୍କୃତି ଏବଂ ପ୍ରବାହ ପ୍ଲାଟଫର୍ମ କେବଳ ମନୋରଞ୍ଜନର ରୂପ ନୁହେଁ, ଏଗୁଡ଼ିକ ମୂଲ୍ୟବୋଧ, ଆକାଂକ୍ଷା ଏବଂ ଭୋଟ ଦେବାର ଢାଞ୍ଚାକୁ ଗଢ଼ୁଛନ୍ତି। ସଞ୍ଚାର ଗବେଷଣା, ଯୁବ ଭାରତୀୟମାନେ କିପରି ଗଣମାଧ୍ୟମ ବ୍ୟବହାର କରନ୍ତି ଏବଂ ଉତ୍ପାଦନ କରନ୍ତି, ଡିଜିଟାଲ ପ୍ଲାଟଫର୍ମ କିପରି ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଛି ଏବଂ ବିଶ୍ୱ ସାଂସ୍କୃତିକ ପ୍ରବାହ କିପରି ସ୍ଥାନୀୟ ପରମ୍ପରା ସହିତ ମିଶେ ସେ ବିଷୟରେ ତଥ୍ୟ ଦେଇପାରିବ।

ଗଣମାଧ୍ୟମ ବିକାଶର ଏକ ମାଧ୍ୟମ। ଯୋଗାଯୋଗ ଗବେଷଣା ସ୍ୱାସ୍ଥ୍ୟ, ପରିମଳ କିମ୍ବା ଶିକ୍ଷା ଉପରେ ସରକାରୀ ଅଭିଯାନଗୁଡ଼ିକୁ କିପରି ଗ୍ରହଣ କରାଯାଏ ଏବଂ ସେଗୁଡ଼ିକ ଆଚରଣ ପରିବର୍ତ୍ତନ ସୃଷ୍ଟି କରେ କି ନାହିଁ ତାହା ମୂଲ୍ୟାଙ୍କନ କରିପାରିବ। ଭାରତରେ ଅଧିକାଂଶ ଗଣମାଧ୍ୟମ ଶିକ୍ଷାଦକ୍ଷତା କେନ୍ଦ୍ରିକ ରହିଛି - କିପରି ସୁଟିଂ କରିବେ, ସମ୍ପାଦନା କରିବେ, ଲେଖିବେ କିମ୍ବା ଉପସ୍ଥାପନା କରିବେ। ଏହି ଦକ୍ଷତାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ଗବେଷଣା ବିନା ଗଣମାଧ୍ୟମ ଶିକ୍ଷା ଅଗଭୀର ହୋଇଯାଏ। ଦୃଢ଼ ଯୋଗାଯୋଗ ଗବେଷଣା ଶ୍ରେଣୀଗୃହଗୁଡ଼ିକୁ ସମାଲୋଚନାତ୍ମକ ଦୃଷ୍ଟିକୋଣ, ବିଶ୍ୱ ତୁଳନା ଏବଂ ପ୍ରାୟୋଗିକ ସାକ୍ଷ୍ୟ ସହିତ ସମୃଦ୍ଧ କରିଥାଏ। ଗଣମାଧ୍ୟମ ଗବେଷଣା ଶିକ୍ଷାଦାନ ଏବଂ ବୃତ୍ତିଗତ ଅଭ୍ୟାସ ଉଭୟକୁ ସୁଦୃଢ଼ କରିଥାଏ।

ବିଶ୍ୱବିଦ୍ୟାଳୟଗୁଡ଼ିକୁ ସାମ୍ବାଦିକ କିମ୍ବା ସାମାଜିକ ସମ୍ପର୍କ ବିଶେଷଜ୍ଞ ଉତ୍ପାଦନ କରିବା ବ୍ୟତୀତ ଅନ୍ୟ କୌଣସି ଅନୁସନ୍ଧାନକୁ ପ୍ରୋତ୍ସାହିତ କରିବା ଉଚିତ। ସେମାନଙ୍କୁ ଏପରି ଜ୍ଞାନ ସୃଷ୍ଟି କରିବାକୁ ପଡ଼ିବ ଯାହା ବ୍ୟାଖ୍ୟା କରେ, ସମାଲୋଚନା କରେ ଏବଂ ସଂଯୋଗ ପରିବେଶକୁ ଆକାର ଦିଏ। ଯଦି ଭାରତ ତା'ର ଗଣତନ୍ତ୍ରକୁ ସୁରକ୍ଷା ଦେବାକୁ ତା'ର ଯୁବପିଢ଼ିକୁ ସଶକ୍ତ କରିବ ଏବଂ ବିଶ୍ୱ ଜ୍ଞାନ ଅର୍ଥନୀତିରେ ନିଜକୁ ପ୍ରତିପାଦିତ କରିବାକୁ ଚାହେଁ ତେବେ ଗଣମାଧ୍ୟମ ଯୋଗାଯୋଗ ଗବେଷଣାକୁ ଏକ ଜାତୀୟ ପ୍ରାଥମିକତା ଭାବରେ ସ୍ୱୀକୃତି ଦିଆଯିବା ଉଚିତ।

**ସହଯୋଗୀ ପ୍ରାଧ୍ୟାପକ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**
ମୋ: ୮୩୩୧୮୧୪୫୮୨

## ଏଇ ଭାରତରେ

କର୍ଣ୍ଣାଟକର ଆଙ୍କେ ଗୌଡ଼ା ତାଙ୍କ ଗାଁ ହରଲାହାଲ୍ଲିରେ ଏକ ଲାଇବ୍ରେରି କରିଛନ୍ତି, ଯେଉଁଥିରେ ୨୦ ଲକ୍ଷ ବହି ରହିଛି। ଏହି ଲାଇବ୍ରେରି ପାଇଁ ତାଙ୍କୁ ୫ ଦଶନ୍ଧି ଲାଗିଯାଇଛି। ଏହାର ନାଁ ରହିଛି 'ପୁସ୍ତକ ମାନେ' ଅର୍ଥାତ୍ ବୁକ୍ ହାଉସ। ଆଙ୍କେଙ୍କ ବୟସ ୭୫। ସେ ଅର୍ଥାଭାବରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିଲେ। ପରେ ବସ୍ କଣ୍ଡକ୍ଟର କାମ କରି ସେହି ରୋଜଗାରରେ କନ୍ନଡ ସାହିତ୍ୟରେ ସ୍ନାତକୋତ୍ତର ହାସଲ କରିଥିଲେ। ଏହି ସମୟରେ ଜଣେ ପ୍ରାଧ୍ୟାପକ ତାଙ୍କୁ ଲାଇବ୍ରେରିର ଆବଶ୍ୟକତା ସମ୍ପର୍କରେ କହିଥିଲେ। ପରେ ଆଙ୍କେ ଲାଇବ୍ରେରି କରିବାର ନିଷ୍ପତ୍ତି ନେଇଥିଲେ ଏବଂ ବହି ସଂଗ୍ରହ କିମ୍ବା କିଣିବା ଆରମ୍ଭ କରିଦେଇଥିଲେ। ଏବେ ଲାଇବ୍ରେରିରେ ୨୦ରୁ ଅଧିକ ଭାରତୀୟ ଭାଷା ଓ ବିଦେଶୀ ଭାଷାର ସାହିତ୍ୟ, ପ୍ରାଚୀନ ଦର୍ଶନ, ଟେକ୍‌ନୋଲୋଜି ସମ୍ପର୍କିତ ବହି ସହିତ ବିଭିନ୍ନ କାବ୍ୟ, ପାଣ୍ଡୁଲିପି ଏବଂ ବିଭିନ୍ନ ଭାଷାର ୫,୦୦୦ରୁ ଅଧିକ ଡିକ୍ସିନାରି ରହିଛି। ସେ ବ୍ୟକ୍ତିଗତ ଭାବେ ଏହାକୁ ପରିଚାଳନା କରୁଛନ୍ତି। ଏଥିପାଇଁ ସେ ମହୀଶୂରରେ ଥିବା ତାଙ୍କର ଏକ ଘରକୁ ବିକ୍ରି କରିଦେଇଛନ୍ତି। ଏହି ଲାଇବ୍ରେରିର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ।

## ୫୦ ବର୍ଷ ତଳର ଧରିତ୍ରୀ

### ୧୮ ଅକ୍ଟୋବର ୧୯୭୬

- ଗହମଜାତ ଦ୍ରବ୍ୟ ଯଥା ମଇଦା, ସୁଜି ଓ ଅଟା ପ୍ରଭୃତିର କାରବାର ଓ ବ୍ୟବସାୟ ସୁବିଧା ପାଇଁ ସରକାର ସମଗ୍ର ଦେଶକୁ ୪ଟି ଜୋନ୍‌ରେ ବିଭକ୍ତ କରିଛନ୍ତି।
- ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କ ବିରୁଦ୍ଧରେ ଲାଞ୍ଚ ଗ୍ରହଣ ଓ କ୍ଷମତା ଅପବ୍ୟବହାର ଅଭିଯୋଗରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କୋର୍ଟରେ ଏକ ମକଦ୍ଦମା ଦାଏର କରିଛନ୍ତି।

## ଚିରନ୍ତନୀ

କାଟିଦେବି ବେଳ ଦୂରୁ ଚାହିଁ ରହି
ସେ ରୂପ ସୁଷମା ମୁଁ ଚିର ବିରହୀ
ଜୀବନ-ମରୁରେ ମରଣ ବିରହ
ଶତ ଶୋକ ପରିହରି
ଚମ୍ପକ-ହାସ ହସିଯାଅ ତୁମେ
ଆଗୋ ଗୋରଚନା-ଗୋରି !
-(ରୂପର ସ୍ତବ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭଦ୍ରକ କାଳୀପୂଜା ଅବଧି କମୁଛି

ମହାଶୟ,

ଭଦ୍ରକ ଅଞ୍ଚଳର ଜଣେ ବ୍ୟକ୍ତି ଭଦ୍ରକ କାଳୀପୂଜାକୁ ୧୧ ଦିନ କରିବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି 'ଧରିତ୍ରୀ'ରେ ଏକ ପତ୍ର ପ୍ରକାଶ କରିଥିଲେ। ତାଙ୍କର ଯୁକ୍ତି ଗୁଡ଼ିକ ଅକାଟ୍ୟ ଥିଲା । ଆମେ ମାନେ ଭାବି ଥିଲୁ ଯେ, ଚଳିତ ବର୍ଷ ଜିଲା ପ୍ରଶାସନ ମେଳାକୁ ୧୧ ଦିନ ପାଇଁ ଅନୁମତି ପ୍ରଦାନ କରି ସେହି ଅନୁଯାୟୀ ସମସ୍ତ ବ୍ୟବସ୍ଥା କରିବେ । ତେବେ ଗତ ୯ ଅକ୍ଟୋବର ୨୦୨୫ରେ କାଳିପୂଜା ସମ୍ପର୍କରେ ଜିଲା ପ୍ରଶାସନର ବୈଠକରେ ଏହି ମେଳା ୨୦.୧୦.୨୦୨୫ରୁ ( ଯଦିଓ କାଳୀପୂଜା ୨୧.୧୦,୨୦୨୫ରୁ ଆରମ୍ଭ) ହୋଇ ୨୮ ତାରିଖରେ ଭସାଣୀ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ମୋଟାମୋଟି ମେଳା ୯ ଦିନ । ସୂଚନା ଥାଉକି ୨୦୧୯ ମସିହାଠାରୁ ଏହା ୧୧ ଦିନକୁ ବର୍ଦ୍ଧିତ କରାଯାଇଥିଲା ଏବଂ ୨୦୨୦-୨୦୨୧ ଦୁଇବର୍ଷ କରୋନା ପାଇଁ ପୂଜା ସଂପୂର୍ଣ୍ଣ ବନ୍ଦ ଥିଲା। ଆଗାମୀ ଦିନରେ ପୂଜାକୁ ପୁନର୍ବାର ୧୧ ଦିନ କରାଯାଉ।

**-କୀର୍ତ୍ତନ ବିହାରୀ ଦାସ, ଅପର୍ତ୍ତିବିନ୍ଧା ଛକ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖେଳ ଶିକ୍ଷକଙ୍କୁ ଦୁର୍ବୃତ୍ତଙ୍କ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

ନିମାପଡ଼ା,୧୭।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ବନ୍ତୁଗ୍ରାମ ନୋଡାଲ୍ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଖେଳ ଶିକ୍ଷକଙ୍କୁ ଶୁକ୍ରବାର ଅପରାହ୍ନରେ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିସହ ଶିକ୍ଷକଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଛନ୍ତି। ଖେଳ ଶିକ୍ଷକ ରୋଶନ କୁମାର ସାହୁ ବିଦ୍ୟାଳୟରେ ତାଙ୍କ କାର୍ଯ୍ୟ ସାରି ନିମାପଡ଼ା ବିଇଓ ଅଫିସ୍‌କୁ ଆସିବାବେଳେ ବିଷ୍ଣୁପୁର କରଞ୍ଜିସାହି ଗ୍ରାମ ସିଦ୍ଧେଶ୍ୱର ମନ୍ଦିର ନିକଟରେ କେତେଜଣ ଅସାମାଜିକ ବ୍ୟକ୍ତି ଶିକ୍ଷକଙ୍କ ଗାଡ଼ିକୁ ଅଟକାଇ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିଲେ। ପରେ ତାଙ୍କୁ ପିଛା କରି ଗୋଲେଇ ଛକ ନିକଟରେ ନିସ୍ତୁକ ମାଡ଼ମାରି ଆକ୍ରମଣ କରିଥିଲେ। ଶିକ୍ଷକ ଜଣକ ଆହତ ହୋଇ ନିମାପଡ଼ା ମେଡିକାଲ୍‌ରେ ଚିକିତ୍ସିତ ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରୋଶନ ଦାବି କରିଛନ୍ତି।

# ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ଆର୍‌ସି ରଦ୍ଦ ହେବ

## ଏସ୍‌ଟିଏର କଠୋର ଆଭିମୁଖ୍ୟ

- ଗାଡ଼ି ମାଲିକଙ୍କୁ ପଠାଯିବ ନୋଟିସ
- ଓଟିଏସ୍ ଯୋଜନା ପାଇଁ ସ୍ୱତନ୍ତ୍ର ହେଲ୍ପଡେସ୍କ

କଟକ,୧୭।୧୦(କାର୍ତ୍ତିକ ସାହୁ)

ଅଭ୍ୟାସଗତ ଭାବେ ମୋଟରଯାନ ଆଇନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ। ରାଜ୍ୟବ୍ୟାପୀ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଏ ନେଇ ପ୍ରସ୍ତୁତ କରିବେ ତାଲିକା। ସଡ଼କରେ ଅନ୍ୟ ବ୍ୟବହାରକାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡ଼ିଗୁଡ଼ିକର ପଞ୍ଜୀକରଣ ସାର୍ଟିଫିକେଟ (ଆର୍‌ସି) ରଦ୍ଦ ପାଇଁ ପଦକ୍ଷେପ ନେବାକୁ ପରିବହନ ଆୟୁକ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁସାରେ, ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହୋଇଛି। ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଉପ ପରିବହନ ଆୟୁକ୍ତ, ଆର୍‌ଟିଓ, ଅତିରିକ୍ତ ଆର୍‌ଟିଓ ଭର୍ଚୁଆଲରେ ଯୋଗଦେଇଥିଲେ। ମୁଖ୍ୟତଃ, ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀ ତଥା ବେପରୁଆ ଚାଳକଙ୍କ ଉପରେ ନିୟନ୍ତ୍ରଣ ଓ ସରକାରଙ୍କ ଦ୍ୱାରା ଘୋଷିତ ବକେୟା ଇ-ଚାଲାଣର ଏକାକାଳୀନ ପୈଠ ରିହାତି ଯୋଜନାର ଲାଭ ଜନସାଧାରଣ ପାଇବା ଉପରେ ଆଲୋଚନା ହୋଇଥିଲା।

ନିଷ୍ପତ୍ତି ଅନୁଯାୟୀ, ଅଧିକ ସଂଖ୍ୟାରେ ଚାଲାଣ ବକେୟା ଥିବା ଗାଡ଼ିର ତାଲିକା ପ୍ରସ୍ତୁତ କରାଯିବ। ସେମାନଙ୍କୁ ଚାଲାଣ ପୈଠ କରିବାକୁ ପଞ୍ଜୀକୃତ ନମ୍ବରରେ ସୂଚନା ପ୍ରଦାନ କରାଯିବ। ତଥାପି ଯଦି ନିୟମ ଉଲ୍ଲଂଘନକାରୀ ବକେୟା ଚାଲାଣ ପୈଠ ନ କରନ୍ତି, ମୋଟର ଯାନ ଆଇନ ଅନୁଯାୟୀ ଆର୍‌ଟିଓମାନେ ନୋଟିସ ପଠାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏପରିକି ସେହି ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ ପାଇଁ ମଧ୍ୟ ପଦକ୍ଷେପ ନେବେ। ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟମାନଙ୍କ ପାଇଁ ବିପଦ ସାଜୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖାଯିବ। ସେଭଳି ଗାଡ଼ିଗୁଡ଼ିକର ମଧ୍ୟ ଆର୍‌ସି ନିଲମ୍ବନ ଓ ରଦ୍ଦ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, ଏବେ ଚାଲିଥିବା ବକେୟା ଇ-ଚାଲାଣ ପୈଠରେ ରିହାତି ଯୋଜନା (ଓଟିଏସ)ର ମଧ୍ୟ ବ୍ୟାପକ ପ୍ରଚାର ପ୍ରସାର କରାଯିବ। ପ୍ରତି ଆରଟିଓରେ ସ୍ୱତନ୍ତ୍ର କାଉଣ୍ଟର ରହିବ। ଅନଲାଇନରେ ଇ-ଚାଲାଣ ପୈଠ ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରାଯିବ। ଅନଲାଇନରେ ଚାଲାଣ ପୈଠ ବେଳେ ସର୍ବଦା କେବଳ ପରିବହନ ବିଭାଗ ଦ୍ୱାରା ଜାରି ୱେବସାଇଟ-https://echallan.parivahan.gov.in/ରେ କ୍ଲିକ କରିବାକୁ କୁହାଯାଇଛି। ସାଇବର ଠକାମି ପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଚେତନତା କାର୍ଯ୍ୟକ୍ରମ ସହ ନିୟମ ମାନୁ ନ ଥିବା ଗାଡ଼ି ବ୍ୟବହାରକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ଷ ବର୍ଷ ଧରି ଇ-ଚାଲାଣ ବକେୟା ଥିଲେ ମଧ୍ୟ ତାହା ପୈଠ କରୁ ନ ଥିବା ଗାଡ଼ି ମାଲିକଙ୍କୁ ଚିହ୍ନଟ କରି ମୋଟର ଯାନ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଏଥିରୁ ବର୍ତ୍ତିବାକୁ ଇ-ଚାଲାଣ ପୈଠ କରିବା ନିମନ୍ତେ ଏସଟିଏ ପକ୍ଷରୁ ପରାମର୍ଶ ଦିଆଯାଇଛି। ଓଟିଏସ ଯୋଜନାରେ ଉଭୟ ପରିବହନ ଓ ପୋଲିସ ଦ୍ୱାରା ଜାରି ଇ-ଚାଲାଣରେ ମିଳିପାରିବ। ବିଜ୍ଞପ୍ତିରେ ଥିବା ନିର୍ଦ୍ଦିଷ୍ଟ ୨୪ଟି ଧାରାରେ ୨୦୨୫ ଜୁଲାଇ ୩୧ ପର୍ଯ୍ୟନ୍ତ ଜାରି ଇ-ଚାଲାଣରେ ଲାଭ ମିଳିବ।

# ‘ମାନସିକ ଶାନ୍ତି ଦେଉଛି ଭଜନ କୀର୍ତ୍ତନ’



ଶିବିରରେ ହବିଷିଆଳିମାନେ ପାଲା ଗୀତ ଶୁଣୁଛନ୍ତି।

## ହବିଷିଆଳି କେନ୍ଦ୍ରରେ ବ୍ରତଧାରୀଙ୍କୁ ମିଳୁଛି ଅନେକ ସେବା, ସୁବିଧା

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ହବିଷିଆଳି କେନ୍ଦ୍ରଗୁଡ଼ିକରେ ପ୍ରତ୍ୟେକ ସନ୍ଧ୍ୟାରେ ପାଲା, ଦାସକାଠିଆ, ସଂକୀର୍ତ୍ତନ, ଭଜନ ଓ ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି। ଏହି ଆଧ୍ୟାତ୍ମିକ ଭାବଧାରାର ସାଂସ୍କୃତିକ କାର୍ଯ୍ୟକ୍ରମ ସେମାନଙ୍କୁ କେବଳ ମନୋରଞ୍ଜନ ଦେଉନାହିଁ, ବରଂ ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେଉଛି ବୋଲି ହବିଷିଆଳି ମା’ମାନେ କହିଛନ୍ତି। ବଲାଙ୍ଗୀରର ବୀଣାପାଣି ମିଶ୍ର, ଖୋର୍ଦ୍ଧାର ରଶ୍ମିପ୍ରିୟା ବାଈ, ଲକ୍ଷ୍ମୀ ଦେଈ, ସୁଷମା ସ୍ୱାଇଁ, ଗଞ୍ଜାମର ସୁଜ୍ଞାନୀ ସାହୁ, କଟକର ମମତାପ୍ରଭା ରାଉତ, ବୌଦ୍ଧର ପୂର୍ଣ୍ଣବାସୀ ସାହୁ ପ୍ରମୁଖଙ୍କ ମତରେ ଏହା ଏକ ନିଆରା ଅନୁଭବ। ଆମେ ଘରଦ୍ୱାର ଛାଡ଼ି ଆସିଲାବେଳେ ଆଶଙ୍କା ଥିଲା ଯେ, ସେଠାରେ ଅଜଣା ଅଶୁଣା ଲୋକ, ତାଙ୍କ ସହ କେମିତି ମିଶିବୁ, କେମିତି ଚଳିବୁ। ପିଲାଙ୍କ କଥା ମନେପଡ଼ିବ। ହେଲେ ଏଠାରେ କଳାଠାକୁରଙ୍କୁ ଥରେ ଦେଖି ଆଖିରୁ ଦିଟୋପା ଲୁହ ଗଡ଼ିଗଲା ପରେ ସବୁ ମା’ ନିଜର ବୋଲି ଲାଗିଲେ। ବୋଧହୁଏ ସେହି ଦୁଇଟୋପା ଲୁହ ପରିବାର ପ୍ରତି ଥିବା ମୋହ, ଆକର୍ଷଣକୁ ଧୋଇଦେଲା। ହୃଦୟରେ ପିଲା, ପରିବାର ସ୍ଥାନରେ ମହାପ୍ରଭୁ ସ୍ଥାନିତ ହେଲେ। ଦିନ ରାତି ଏଠି କେବଳ ତାଙ୍କରି ଚିନ୍ତା।

ଆମେ ଆମ ପାରିବାରିକ ଜଞ୍ଜାଳ ମଧ୍ୟରୁ କେବେହେଲେ ଏତେଦିନ ପାଇଁ ବାହାରି ମହାପ୍ରଭୁଙ୍କ ଦର୍ଶନ ଲାଗି ଆସିପାରି ନ ଥାନ୍ତୁ। ତାଙ୍କରି ଡାକରାରେ ଆସିଛୁ। ଅତି ସୁନ୍ଦର ଭାବେ ଦର୍ଶନ କରୁଛୁ। ହୁଏତ ପରିବାର ସହ ବା ଏକୁଟିଆ ଆସୁଥିଲେ ବି ଏମିତି ଦର୍ଶନ ସମ୍ଭବ ହେଉ ନ ଥାନ୍ତା। ଆମକୁ ସ୍ୱତନ୍ତ୍ର ଭାବେ ସ୍ୱେଚ୍ଛାସେବୀମାନେ ବା ସରକାରୀ କର୍ମଚାରୀ ନେବା ଆଣିବା କରିବା ଆମ ପାଇଁ ସ୍ୱପ୍ନ ଓ ଗୌରବ ଲାଗୁଛି ବୋଲି ହବିଷିଆଳି ମା’ମାନେ ଭାବବିହ୍ୱଳ କଣ୍ଠରେ କହିଛନ୍ତି। ଦିନସାରା ହବିଷିଆଳି ବ୍ରତର ପୁରାଣ ପଢ଼ିବା, ଶୁଣିବା ପ୍ରତି ଯେଉଁ ନିଷ୍ଠା ଓ ସମର୍ପଣ ତାହା ଆଦୌ ଘରେ ସମ୍ଭବ ନୁହେଁ। ଆମକୁ ଏହି ହବିଷିଆଳି କେନ୍ଦ୍ରରେ ଯେଉଁ ସୁବିଧା ମିଳୁଛି, ତାହା ଅନନ୍ୟ ଓ ଖୁବ୍ ଭଲ। ଆମେ ନାଚୁଛୁ, ଗାଉଛୁ, ସାଙ୍ଗସାଥୀ ବନାଉଛୁ। ଏହିସବୁ ପ୍ରତିଭା ଆମ ଭିତରେ ଲୁଚିରହିଥିଲା ବୋଲି ଆମେ ବି ଭାବିପାରୁନୁ। ଆମେ ଛୋଟପିଲାଙ୍କ ପରି ନିର୍ଭୟରେ ଏସବୁ କରିପାରୁଛୁ। କାରଣ ଆମେ ଅନୁଭବ କରୁଛୁ ଆମ ଚାରିପାଖରେ ସୁରକ୍ଷାର ବଳୟ ଅଛି। ଆମ ନିଜ ଠାରୁ ଆହୁରି ନିଜର ଦାୟିତ୍ୱ ନେଉଥିବା ଏହି ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀମାନେ ରହୁଛନ୍ତି। ଆମେ ଯେଉଁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖୁଛୁ, ତାହା ଆମକୁ ଆନନ୍ଦ ସହ ଅନେକ ଶିକ୍ଷା ଦେଉଛି। ବଞ୍ଚିଥିବା ଯାଏ, ହାତଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ଚେଷ୍ଟା କରିବୁ ଆସି ହବିଷିଆଳି ବ୍ରତରେ ସାମିଲ ହେବାକୁ, ଆନନ୍ଦ ଓ ଖୁସି ହେବାକୁ ବୋଲି କୋହଭରା କଣ୍ଠରେ ହବିଷିଆଳି ମା’ମାନେ ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି ନୀତି

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଶୁକ୍ରବାର ଗର୍ଭଣା ସଂକ୍ରାନ୍ତି ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଗୋପାଳବଲ୍ଲଭ, ସକାଳ ଧୂପ, ବାଲଭୋଗ, ପ୍ରଥମ ଭୋଗମଣ୍ଡପ ସରିବା ପରେ ତିନିବାଡ଼ରେ ମଇଲମ ହୋଇ ଯାତ୍ରାଙ୍ଗୀ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଘଟୁଆରୀ ଘରୁ ରୁପାପିଙ୍ଗଣରେ ଚନ୍ଦନ ରଖାଯାଇ ପାଟବସ୍ତ୍ର ଆବୃତ୍ତ ପୂର୍ବକ ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତଙ୍କ ଦ୍ୱାରା ପଟୁଆରରେ ରତ୍ନସିଂହାସନକୁ ଚନ୍ଦନ ବିଜେ ହୋଇଥିଲା। ପରେ ତିନିବାଡ଼ରେ ସର୍ବାଙ୍ଗ ନୀତି ହୋଇଥିଲା। ଶ୍ରୀବିଗ୍ରହମାନେ ୬ ମୂର୍ତ୍ତି ଅଳଙ୍କାର ଓ ନୂଆଲୁଗା ଲାଗି ବେଶ ହୋଇଥିଲେ। ମଧ୍ୟାହ୍ନ ଧୂପ ଉଠିବା ପରେ ମହାପ୍ରଭୁଙ୍କ ବାଡ଼ରେ ମୁଦିରସ୍ତଙ୍କ ଦ୍ୱାରା ପ୍ରସାଦ ଲାଗି ବଢ଼ିଥିଲା ଏବଂ ତିନିଜଣ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ ପୂଜା ବସିଥିଲା। ଟେରା ପଡ଼ିବା ପରେ ମହାପ୍ରଭୁଙ୍କ ବାଡ଼ର ପୂଜାପଣ୍ଡା ବାହାରକୁ ଆସିବା ସହିତ ରୋଷ ପାଇକ ରୋଷ ଘର ଭିତରେ ଅଲଗା ଭାବେ ରଖିଥିବା

## ବିଭିନ୍ନ ସାହିରେ ପୂଜା ପାଇଲେ ନାଗଦେବତା

ଏକ ଓଳି ଓଡ଼ିଆ ଅନ୍ନ (ଶଙ୍ଖୁଡ଼ି) ନେଇ ଶ୍ରୀମନ୍ଦିରରେ ୮ଟି ସ୍ଥାନରେ ବାଢ଼ିଥିଲେ। ଏହାକୁ ‘ବଳି’ କୁହାଯାଏ। ପରେ ଭିତରକୁ ପୂଜାପଣ୍ଡା ଯାଇ ମଧ୍ୟାହ୍ନ ଧୂପ ପୂଜା ଶେଷ କରିଥିଲେ। ପ୍ରସାଦ ବାହାରିଲା ପରେ ପାଣି ପଡ଼ିଥିଲା। ଏହି ଅବସରରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ବନ୍ଦାପନା ନୀତି ସମାପନ ହୋଇଥିଲା। ଗର୍ଭଣା ସଂକ୍ରାନ୍ତିରେ ପୁରୀରେ ଏକ ପରମ୍ପରା ଦେଖିବାକୁ ମିଳିଥିଲା। ଗୋଟିଏ ହାଣ୍ଡିରେ ଏକ ନାଗସାପକୁ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସେହି ନାଗସାପକୁ ନଗର ପରିକ୍ରମା କରାଯିବା ସହ ମାନସିକଧାରୀଙ୍କ ଦୁଆର ସମ୍ମୁଖରେ ପୂଜା କରାଯାଇଥିଲା। ଏହି ଅବସରରେ ଲୋକଙ୍କୁ ଗଦ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଉକ୍ତ ସାପକୁ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ଏହି ଦିନ ଉକ୍ତ ଗଦକୁ ସେବନ କଲେ ସର୍ପଦଂଶନର ଭୟ ନ ଥାଏ ବୋଲି ବିଶ୍ୱାସ ରହିଛି।

# ୨୨ରୁ ୨୬ ଯାଏ ଅଗ୍ନିପଥ ନିଯୁକ୍ତି ରାଲି

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସମେତ କେନ୍ଦ୍ରାଞ୍ଚଳ ରାଜସ୍ୱ ଅନ୍ତର୍ଗତ ଜିଲାଗୁଡ଼ିକ ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ନିଯୁକ୍ତି ରାଲି ଭୁବନେଶ୍ୱର ସୈନିକ ସ୍କୁଲରେ ଅକ୍ଟୋବର ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରିକ୍ରୁଟ୍‌ମେଣ୍ଟ ଡାଇରେକ୍ଟର କଲୋନେଲ ପି.ଏସ୍. ପ୍ରସନ୍ନ କହିଛନ୍ତି, ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। www.joinindianarmy.nic.inରେ ପ୍ରୋଫାଇଲରେ ଲଗ୍ ଇନ୍ କରି ସେମାନେ ନିଯୁକ୍ତି ରାଲି ପାଇଁ ପ୍ରବେଶପତ୍ର ଡାଉନ୍‌ଲୋଡ୍ କରିପାରିବେ। ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କ ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ଓ କାହାଦ୍ୱାରା ପ୍ରଭାବିତ ନ ହେବାକୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସୂଚନା ପାଇଁ ପ୍ରାର୍ଥୀମାନେ କଟକ ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଫୋନ୍(୦୬୭୧୨୩୦୪୨୮୦, ୯୪୩୭୧୬୨୨୮୦)ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ସେ ଜଣାଇଛନ୍ତି।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କାର୍ତ୍ତିକ



@ ତାହିର ମହମ୍ମଦ



@ ବୁବୁ



@ ଅତୁଲ୍ୟ



@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ରାଉନସୁଗାର କାରବାର କରି ସୁନାରେ ନିବେଶ

## ୬୦ ଲକ୍ଷର ବ୍ରାଉନସୁଗାର ଜବତ, ଲେଡି ଡିଲର ସମେତ ୩ ଗିରଫ

- ଦାମୀ ଗାଡ଼ିରେ ହେଉଥିଲା ଡିଲ୍, ୨ ଗାଡ଼ି ଜବତ
- ହରିରାଜପୁର ଛକରୁ ଧରିଲା ସ୍ପେଶାଲ କ୍ରାଇମ ୟୁନିଟ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ ରାଉତ)







ଗିରଫ ଲେଡି ଡିଲର ଲୀନାଙ୍କ ସହ ୩ ଅଭିଯୁକ୍ତ, ଜବତ ବ୍ରାଉନସୁଗାର, ସୁନା ଓ ରୁପା ଅଲଙ୍କାର, ଟଙ୍କା ଓ ୨ ଦାମୀ ଗାଡ଼ି।

ବ୍ରାଉନସୁଗାର କାରବାରରୁ ମିଳୁଥିବା ଟଙ୍କାକୁ ସୁନାରେ ନିବେଶ କରୁଥିଲେ। ଛୋଟ ବଡ଼ ଡ୍ରଗ୍ସ ଡିଲରଙ୍କ ସହ ଯୋଗାଯୋଗରେ ରହି ସାମ୍ରାଜ୍ୟ ବିସ୍ତାର କରି ଚାଲିଥିଲେ। ଏକ ଦଶନ୍ଧି ଧରି ଭୁବନେଶ୍ୱର ସମେତ ରାଜ୍ୟରେ ବଡ଼ ବ୍ରାଉନସୁଗାର ର୍‍ୟାକେଟ ଚଳାଉଥିବା ଜଣେ ମହିଳା ଡିଲର ଶେଷରେ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ (ଏସ୍‌ସିୟୁ) ପଞ୍ଝାରେ ଧରାପଡିଛନ୍ତି। ତାଙ୍କ ସହ ବ୍ରାଉନ୍‌ସୁଗାର ନେଟ୍‌ୱର୍କରେ ସାମିଲ ଥିବା ୨ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କଠାରୁ ୬୦ ଲକ୍ଷ ଟଙ୍କାର ମୋଟ୍ ୫୫୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଲେଡି ବ୍ରାଉନସୁଗାର ଡିଲର ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିର ଅନିତା ପରମଗୁରୁ ଓରଫ ଲୀନା (୪୧), ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁରର ରାଜା ଓରଫ ରାଜେନ୍ଦ୍ର କୁମାର ସାହୁ (୩୨) ଏବଂ ଗୋପୀନାଥପାଟଣା ଗ୍ରାମର ସାନୁ ଓରଫ ଶିବ ପ୍ରସାଦ ଦାଶ (୨୮)। ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ଗୁରୁବାର ମଧ୍ୟାହ୍ନରେ ଖୋର୍ଦ୍ଧା ଜଟଣୀ ଥାନା ଅନ୍ତର୍ଗତ ହରିପୁର ଛକ ଭାରତ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରି ଏମାନଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ଲୀନାଙ୍କଠାରୁ ୨୬୦ ଗ୍ରାମ, ରାଜାଙ୍କଠାରୁ ୨୫୫ ଗ୍ରାମ ଓ ସାନୁଙ୍କଠାରୁ ୩୫ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଏନେଇ ଏକ ମାମଲା (ନଂ.୮/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ପୋଲିସ ଲୀନାଙ୍କ ମହିନ୍ଦ୍ରା ସ୍କର୍ପିଓ (ଓଡି୦୨ଡିଏଚ୍୨୮୮୯) ଓ ରାଜାଙ୍କ ଏମ୍‌ଜି ହେକ୍ଟର (ଓଡି୦୨ସିୱାଇ୩୨୪୧) ଗାଡ଼ି ଜବତ କରିଛି। ସେହିଭଳି ଲୀନାଙ୍କଠାରୁ ସୁନା ଓ ରୁପା ଅଲଙ୍କାର ଏବଂ ୫.୧୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି।

ହରିରାଜପୁର ଛକରେ ଦୁଇ ଦାମୀ ଗାଡିରେ ବ୍ରାଉନସୁଗାର ଡିଲ୍ ହେବା ନେଇ ଏସ୍‌ସିୟୁ ଟିମ୍ ସୂଚନା ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ତେବେ ଅନ୍ୟ ଅଭିଯୁକ୍ତଦ୍ୱୟ ଲୀନାଙ୍କଠାରୁ ବ୍ରାଉନସୁଗର କିଣି ଆଣୁଥିଲେ ବୋଲି ପ୍ରାଥମିକ ତଦନ୍ତରେ ପୋଲିସ ଜାଣିବାକୁ ପାଇଛି। ଲୀନା ୧୦ବର୍ଷ ହେବ ଏହି କାରବାର କରୁଥିଲେ। ତାଙ୍କ ନେଟ୍‌ୱର୍କରେ ବହୁ ଛୋଟବଡ଼ ଡିଲର ରହିଥିବା ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଉଛି, ଲୀନା ବ୍ରାଉନସୁଗାର କାରବାର ଟଙ୍କାରେ ସୁନା କିଣି ରଖୁଥିଲେ। ଏପରିକି ସେ ନିକଟରେ ୫ ଲକ୍ଷ ଟଙ୍କାର ସୁନା କିଣିଥିବା ବେଳେ ତାଙ୍କଠାରୁ ରସିଦ୍ ମିଳିଛି। ୧୫ଦିନ ମଧ୍ୟରେ ଅଧା କେଜି ସୁନା କିଣିଥିବା ପୋଲିସ ଜାଣିବାକୁ ପାଇଛି। ଲୀନା ପୂର୍ବରୁ ଖୋର୍ଦ୍ଧା ଟାଉନ ଓ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପକ୍ଷରୁ ଗିରଫ ହୋଇ ଜେଲ ଯାଇଥିବା ବେଳେ ତାଙ୍କର ଅନ୍ୟ ଆପରାଧିକ ରେକର୍ଡ ବିଷୟରେ ଜାଣିବାକୁ ପୋଲିସ ଅଧିକ ଛାନ୍‌ଭିଲ୍ ଚଳାଇଛି। ତେବେ ଲୀନାଙ୍କ ପରିବାର ସଦସ୍ୟ ଏଥିରେ ସାମିଲ ଥିବା ପୋଲିସ ସନ୍ଦେହ କରୁଛି। ତାଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଗିରଫ ପାଇଁ ପୋଲିସ ଅଧିକ ଖୋଳତାଡ଼ ଚଳାଇଥିବା ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

# ବ୍ୟାରେଜ୍‌ରେ କାର୍, ଯୁବକର ପତ୍ତା ମିଳୁନି

## ମହାନଦୀକୁ ଡେଇଁ ପଡିଥିବା ସନ୍ଦେହ

ତ୍ରିଶୁଳିଆ,୧୮।୧୦
(ତୁଷାର କାନ୍ତ ବେହେରା)





ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ମୁଣ୍ଡୁଳି ବ୍ୟାରେଜ୍‌ରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକ କାର୍ ରଖି କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ତେବେ ସେ ମହାନଦୀକୁ ଡେଇଁ ପଡିଥିବା ସନ୍ଦେହ କରି ଖୋଜାଖୋଜି ଚାଲିଥିବଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳୁନି। ନିଖୋଜ ଯୁବକ ଜଣକ ହେଲେ କେନ୍ଦୁଝରର ଶଶିକାନ୍ତ ସାହୁ(୩୭)। ସେ ଭୁବନେଶ୍ୱର ନୟାପଲ୍ଲୀରେ ରହୁଥିଲେ। ବ୍ୟାରେଜ ଛକରେ ଏକ କଳା ରଙ୍ଗର କାର୍ (ଓଡି-୩୩-ଏକେ-୦୫୦୦) ବହୁସମୟ ଧରି ଥୁଆହୋଇ ରହିଥିଲା। ସେହି ସମୟରେ ଗୋଡ଼ିସାହି ଫାଣ୍ଡି ପୋଲିସ ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା ବେଳେ କାର୍‌ଟିକୁ ସନ୍ଦେହଜନକ ଅବସ୍ଥାରେ ଦେଖି ଯାଞ୍ଚ କରିଥିଲେ। ତେବେ କାର୍‌ର ଡୋର୍ ଲକ୍ ହୋଇ ନ ଥିଲା। ପୋଲିସ କାର୍‌ଟିକୁ ଯାଞ୍ଚ କରିବା ବେଳେ ସେଥିରୁ ଗୋଟିଏ ମୋବାଇଲ୍ ଓ ଏକ ସୁଇସାଇଡ୍ ନୋଟ ଦେଖିବାକୁ ପାଇଥିଲା। ସୁଇସାଇଡ୍ ନୋଟ୍‌ରୁ ଯୁବକଙ୍କ ସମ୍ପର୍କରେ ପୋଲିସ ଜାଣିବା ପରେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଖବର ଦେଇଥିଲା। ଏହାସହ ପୋଲିସ ରାତିରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲା। କିନ୍ତୁ ଯୁବକଙ୍କର କିଛି ପତ୍ତା ପାଇ ନ ଥିଲା।

ଶୁକ୍ରବାର ସକାଳୁ ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ତେବେ ଯୁବକ ଜଣକ କାର୍ ରଖି ମହାନଦୀକୁ ଡେଇଁ ପଡ଼ିଥିବା ସନ୍ଦେହ କରି ଖୋଜାଖୋଜି ଜାରି ରଖିଛି ଅଗ୍ନିଶମ ବାହିନୀ। ଖବରଲେଖା ହେବା ପର୍ଯ୍ୟନ୍ତ ଯୁବକଙ୍କର କୌଣସି ପତ୍ତା ମିଳି ନ ଥିଲା। ତେବେ କାହିଁକି ଯୁବକ ଜଣକ ଏଭଳି ନୋଟ୍ ଲେଖିଛନ୍ତି ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ସେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା ଅନ୍ୟ କେଉଁଆଡ଼େ ପଳାଇ ଯାଇଛନ୍ତି ସେ ନେଇ ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ସିପିଆଇଏମ୍‌ର ପ୍ରତିଷ୍ଠା ଦିବସ



**ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ କମିଟି ପକ୍ଷରୁ ସିପିଆଇଏମ୍‌ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ଶାଖାରେ ସଦସ୍ୟମାନେ ଲାଲ ପତାକା ଉତ୍ତୋଳନ କରି ପ୍ରତିଷ୍ଠା ଦିବସ ପାଳନ କରିଥିଲେ। ଟାଙ୍ଗୀ କାର୍ଯ୍ୟାଳୟରେ ସମ୍ପାଦକ ବିଧୁଭୂଷଣ ମହାରଣା, ବଡ଼ପାରୀରେ ହୃଷୀକେଶ ପଲାଇ, ବିଚ୍ଛେଦ ଜୟ ସିଂ, ଅଶୋକ ମାନ୍ଧାତା, ବିଭୂତି ଭୂଷଣ ରାଉତରାୟ, ବିପ୍ଳବ ସୁନ୍ଦରାୟ, କୁହୁଡ଼ିରେ ଲକ୍ଷ୍ମଣ ବେହେରା, କାଶିପୁରରେ ବାସୁଦେବ ଦଳାଇ, ରଞ୍ଜନ ରାଉତରାୟ, ଲକ୍ଷ୍ମଣ ପରିଡ଼ା, ହରିପୁରରେ ପ୍ରଫୁଲ୍ଲ ବାରିକଙ୍କ ଉପସ୍ଥିତିରେ ଲାଲ ପତାକା ଉତ୍ତୋଳନ କରାଯିବା ସହ ପ୍ରତିଷ୍ଠାତାଙ୍କ ଆଦର୍ଶ ଓ ଗଠନର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ୭ ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

**ବାଲୁଗାଁ,୧୭।୧୦(ସଂଗ୍ରାମ ପାଇକରାୟ):** ଏକ ମାରପିଟ୍ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ୬ମହିଳାଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ବାଲୁଗାଁ ଥାନା ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର କୁମାରୀ ଜାଲି, ସୁଜ୍ଞାନୀ ଜାଲି, ଜାନକୀ ଜାଲି, ସୁନ୍ଦରୀ ଦାସ, ଝାନ୍‌ସୀ ଦାସ, ଯମୁନା ଦାସ ଏବଂ ମିଟୁ ଜାଲି। ୨୦୨୨ ମସିହାରେ ଏକ ମାରପିଟ୍ ଘଟଣାରେ ଅଭିଯୁକ୍ତ ଥାଇ ଫେରାର ଥିବା ବେଳେ କୋର୍ଟ ପକ୍ଷରୁ ଏମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଥିଲା ।

### ଜଳିଗଲା ବାସଗୃହ

**ବେଗୁନିଆ,୧୭।୧୦(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ତହସିଲ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଗୋପବନ୍ଧୁ ରଣସିଂହଙ୍କ ଗୋଟିଏ ବଖରା ବାସଗୃହ ଜଳିଯାଇଛି। ଏଥିସହ ଘରେ ଥିବା ବହୁ ଆସବାବପତ୍ର ପୋଡ଼ିଯାଇଛି। ଖବରପାଇ ବେଗୁନିଆ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

### କ୍ଷୀର ସାଗର ରୁଦ୍ରାଭିଷେକ ଉତ୍ସବ

**ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ):** ଟାଙ୍ଗୀ ସ୍ଥିତ ପଶ୍ଚିମାଭିମୁଖୀଶମ୍ଭୁ ଲୋକନାଥ ଦେବଙ୍କ ପୀଠରେ ଶୁକ୍ରବାର ଗର୍ଭଣା ସଂକ୍ରାନ୍ତି ଅବସରରେ କ୍ଷୀର ସାଗର ରୁଦ୍ରାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନେ ପୂଜାର୍ଚ୍ଚନା କରିବା ସହ ମନ୍ତ୍ରଉଚ୍ଚାରଣ କରିଗାଇ କ୍ଷୀର, ଶୁଦ୍ଧ ଘିଅ ଢାଳି ରୁଦ୍ରାଭିଷେକ କରିଥିଲେ। ଟାଙ୍ଗୀ ଓ ଏହାର ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଠାକୁରଙ୍କ କୃପାଭିକ୍ଷା କରିଥିଲେ। ଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ସଭାପତି ରାମଚନ୍ଦ୍ର ମହାପାତ୍ର, ସମ୍ପାଦକ ମହେଶ୍ୱର ସେନାପତିଙ୍କ ସମେତ ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ନିରାକାରପୁର,୧୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ):** ଡିଆ ପଞ୍ଚାୟତ ଭୋଇସାହି ଗ୍ରାମର ଧର୍ମପରାୟଣା ମହିଳା ଉଷାରାଣୀ ମହାନ୍ତିଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ପ୍ରହ୍ଲାଦ ମୁଖାଗ୍ନି ଦେଇଥିଲେ। ଉଷାରାଣୀ ଜଣେ ପରୋପକାରୀ, ମେଳାପୀ, ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବିଦ୍ୟାର୍ଥୀଙ୍କ ଦକ୍ଷତା ପ୍ରତିପାଦନର ପ୍ରକୃଷ୍ଟ ମାଧ୍ୟମ ସୁରଭି

**ବୋଲଗଡ଼,୧୭।୧୦(ଦେବବ୍ରତ ହୋତା)**



ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ କଳାଙ୍ଗସ୍ଥିତ କାହ୍ନୁ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଆର୍ଥିକ ସହାୟତାରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟ ବକ୍ତା ପୂର୍ବତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଚରଣ ବେହେରା ଏବଂ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷକ ଜ୍ୟୋତିନ୍ଦ୍ର ନାଥ ଦାସ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର, ସ୍କୁଲ ପରିଚାଳନା କମିଟି ସଭାପତି ନରେନ୍ଦ୍ର ସ୍ୱାଇଁ, ମୋ ସ୍କୁଲ କମିଟି ସଭାପତି କୃଷ୍ଣମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସନ୍ତୋଷ ସାମଲ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ମନମୋହନ କହଳସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ମହୋତ୍ସବରେ ୧୪ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ୫୩୨ଜଣ ପ୍ରତିଯୋଗୀ ୩୧ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩୧ଜଣ କୃତୀ ପ୍ରତିଯୋଗୀ ଖୋର୍ଦ୍ଧା ଜିଲାସ୍ତରକୁ ଉନ୍ନୀତ ହୋଇଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ବିଦ୍ୟାର୍ଥୀଙ୍କ ଦକ୍ଷତା ପ୍ରତିପାଦନର ପ୍ରକୃଷ୍ଟ ମାଧ୍ୟମ ସାଜିଛି ସୁରଭି ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବୋଲଗଡ଼ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଅତିଥିଭାବେ ତହସିଲଦାର ବିଜୟ କୁମାର ସେଠୀ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସନାଥ ସ୍ୱାଇଁ, ଅମିତା ମିଶ୍ର, ପ୍ରଧାନଶିକ୍ଷକ ଜ୍ୟୋତିନ୍ଦ୍ର ଦାସ, ଏବିଡିଓ ଡ.ରତିକାନ୍ତ ମିଶ୍ର, ଜିଲାପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଗ୍ରାମ୍ୟ କମିଟି ସଭାପତି ପ୍ରଶାନ୍ତ ହୋତା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରତାପ ରାଉତରା ଧନ୍ୟବାଦ ଅର୍ପଣ କରିଥିଲେ।



ଖୋର୍ଦ୍ଧା ହାବେଳି ପଡ଼ିଆଠାରେ ଦୀପାବଳି ଷ୍ଟଲ୍‌କୁ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ଉଦ୍‌ଘାଟନ କରୁଛନ୍ତି।

## ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ

**ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)**

ଆଲୋକର ପର୍ବ ଦୀପାବଳି ପାଳନ ଉପଲକ୍ଷେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଜିଲା ପ୍ରଶାସନ, ଓରମାସ ଖୋର୍ଦ୍ଧା ମିଳିତ ଆନୁକୂଲ୍ୟରେ ଖୋର୍ଦ୍ଧା ହାବେଳି ପଡ଼ିଆଠାରେ ଦୀପାବଳି ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଷ୍ଟଲ୍ ଉଦ୍‌ଘାଟନ କରିଥିଲେ। ଏହି ଦୀପାବଳି ଷ୍ଟଲ୍‌ରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ମାଟି ନିର୍ମିତ ଦୀପ, ଲଣ୍ଠନ, ଝାଡୁ, ତେଲ, ମହମବତି ଆଦି ବିକ୍ରି କରାଯାଉଛି। ସାଇବାବା ଉତ୍ପାଦକ ଗୋଷ୍ଠୀ, ଗୋଡ଼ିପଡ଼ା ଖୋର୍ଦ୍ଧାକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି ଷ୍ଟଲ୍‌ଟି ଦୀପାବଳି ପର୍ଯ୍ୟନ୍ତ ଚାଲୁ ରହିବ। ଓରମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ନୀଳକଣ୍ଠ ରଥ ଏବଂ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ।

## ସାମାଜିକକର୍ମୀ ଶଶିଭୂଷଣଙ୍କ ପରଲୋକ

**ବେଗୁନିଆ,୧୭।୧୦(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ଶଶି ଭୂଷଣ ପାଣିଗ୍ରାହୀ(୪୪)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ ସାମାଜିକ କର୍ମୀ ଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର, ରାଜେନ୍ଦ୍ର କୁମାର ସାହୁ, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ରଞ୍ଜିତା ମହାଭୋଇ,ସମାଜସେବୀ ମଧୁସୂଦନ ସୁବୁଦ୍ଧି, ଦିଲୀପ କୁମାର ମହାଭୋଇ, ଶିଶିର କୁମାର ଆଚାର୍ଯ୍ୟ, ହରେକୃଷ୍ଣ ପଣ୍ଡା, ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ, ପୂର୍ବତନ ସରପଞ୍ଚ ନବ କିଶୋର ସ୍ୱାଇଁ, ସୁଦର୍ଶନ ମାଣିକ, ସୁଦର୍ଶନ ବେହେରା, ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି, ଅଜୟ କୁମାର ମହାପାତ୍ର, ବଂଶୀଧର ସାହୁ, ଆଇନଜୀବୀ ଗୌରୀ ଦେବୀ, ଭଗବାନ ପଣ୍ଡା, ଗଣେଶ୍ୱର ମହାପାତ୍ର, ଯୋଗେଶ୍ୱର ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଅଟଳ ବିହାରୀଙ୍କ ଭଳି ନେତା ଭାରତୀୟ ରାଜନୀତିରେ ବିରଳ

**ଭୁବନେଶ୍ୱର,୧୭।୧୦(ସୌମ୍ୟରଞ୍ଜନ ରାଉତ)**

**୪ଜଣଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର'**

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବେ। ବାଜପେୟୀଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୃତ୍ୟଧାମ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଶୁକ୍ରାବର ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏହି ମହାନ୍ ନେତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ସେବାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

# ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳୁ

**ଭୁବନେଶ୍ୱର,୧୭।୧୦(ସୁଚିସ୍ମିତା ସାହୁ)**

୨୦୦୮ରୁ ୨୦୨୫ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବି କରିଛି। ସଂଘର ସମ୍ପାଦକ ନରେନ୍ଦ୍ର କୁମାର ମହାଳିକଙ୍କ ସଭାପତିତ୍ୱରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ସବିତା ବାରିକ, ସହ ସମ୍ପାଦିକା ମଧୁସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶୃତିରଞ୍ଜନ ପ୍ରଧାନ, ଅନ୍ୟତମ ଉପସଭାପତି ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦାବି ସମ୍ପର୍କରେ କହିଥିଲେ। ସାରା ଓଡ଼ିଶାରେ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ କମ୍ପୋଜିଟ ମହାବିଦ୍ୟାଳୟରେ ୨୦୦୮ରୁ ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ। ଏହି ସମ୍ପର୍କରେ ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯିବା ସହ ଅଭିଯୋଗ ଶୁଣାଣିରେ ସଚିବଙ୍କ ଦୃଷ୍ଟିକୁ ଆଣିଥିଲେ। ସ୍ୱଳ୍ପ ବେତନରେ ୧ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯଦି ରାଜ୍ୟ ସରକାର ଆମ ଦାବିକୁ କ୍ରମାଗତ ଅଣଦେଖା କରନ୍ତି, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବାକୁ ବାଧ୍ୟହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ଉଚ୍ଛେଦ ଆରମ୍ଭ



**ଭୁବନେଶ୍ୱର,୧୭।୧୦(ବନ୍ଦନା ସେଠୀ)**

ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସାଲିଆସାହିରେ ପୁଣି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ବିଡିଏ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମିଳିତ ସହଯୋଗରେ ସାଲିଆସାହି ଆଦିବାସୀ ଗାଁରୁ ଉଚ୍ଛେଦ କରାଯାଇଛି। ଏଠାରେ ଜବରଦଖଲକରି ରହୁଥିବା ଲୋକଙ୍କ ଘର ଭଙ୍ଗାଯିବା ସହ ସେମାନଙ୍କୁ ବୁଦ୍ଧବିହାରସ୍ଥିତ ଆଫୋର୍ଡେବୁଲ ହାଉସିଂ ସ୍କିମ୍‌ରେ ଘର ଦିଆଯାଇଛି। ଉତ୍ତର ଜୋନ୍‌ର ଡେପୁଟି କମିଶନର ମନମୋହନ ନାୟକଙ୍କ ତତ୍ତ୍ୱାବଧାନରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ଉଚ୍ଛେଦ ଜାରି ରହିଥିଲା। ଏଠାରେ ମୋଟ ୫୩ଟି ଘର ଭଙ୍ଗା ହେବାକୁଥିବାବେଳେ ପ୍ରଥମ ଦିନରେ ୨୯ଟି ଘର ଭଙ୍ଗାଯାଇଥିଲା। ବାକିଥିବା ଘରଗୁଡ଼ିକ ଶନିବାର ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ୧ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଏମ୍‌ସିର ୩ଜଣ ସହକାରୀ କମିଶନର, ବିଡିଏ ଜେଇ ସିଦ୍ଧାର୍ଥ ବେହେରା, ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ହରିହର ରାଉତ, ରଘୁନାଥ ବିଶ୍ୱାଳ, ରମେଶ ଚନ୍ଦ୍ର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ

**ଭୁବନେଶ୍ୱର,୧୭।୧୦(ସୌମ୍ୟରଞ୍ଜନ ରାଉତ)**

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ଏ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଯାଇଛନ୍ତି। ଓଡ଼ିଆ ଜନମାନସରେ ସେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନସ୍ଥିତ ଏକାଡେମୀ ପରିସରରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଡ. ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସନାତନ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୀବନାଦର୍ଶ ଓ କୃତି ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ସାରଙ୍ଗଧରଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ କହିଲେ, ସାରଙ୍ଗଧର ଛାତ୍ର ଜୀବନରୁ ସଂଗ୍ରାମୀ ଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଏବଂ ସାରଙ୍ଗଧରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏକାଡେମୀର ସହସଚିବ ସଞ୍ଜୟ ଛୁଆଲସିଂହ ଧନ୍ୟବାଦ ଦେଇଥିଲେ।

# ଓଡ଼ିଆ ଖାଦ୍ୟ ସହ ପରିଚିତ ହେବେ ନୂତନ ପିଢ଼ି

**ଭୁବନେଶ୍ୱର,୧୭।୧୦(ସୁଚିସ୍ମିତା ସାହୁ)**

## ଡିସେମ୍ବର ୨୦ରୁ ଓଡ଼ିଶା ଖାଦ୍ୟ ମହୋତ୍ସବ

ଓଡ଼ିଆ ଖାଦ୍ୟ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ଓଡ଼ିଆ ଖାଦ୍ୟ ବହୁ ପୌଷ୍ଟିକ ଓ ସ୍ୱାଦଯୁକ୍ତ ହୋଇଥାଏ। ହେଲେ ବର୍ତ୍ତମାନର ନୂତନ ପିଢ଼ିମାନେ ଓଡ଼ିଆ ଖାଦ୍ୟ ପରିବର୍ତ୍ତେ ବିଦେଶୀ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ନୂତନ ଯୁବପିଢ଼ିଙ୍କୁ ଓଡ଼ିଆ ଖାଦ୍ୟ ସହ ପରିଚିତ କରିବା ପାଇଁ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟ ମହୋତ୍ସବର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଏହି ମହୋତ୍ସବ ଆୟୋଜନ ହେବ ବୋଲି ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା ଏନେଇ ସୂଚନା ଦେଇଛନ୍ତି। ନୟାପଲ୍ଲୀସ୍ଥିତ ବିଶ୍ୱ ଓଡ଼ିଆ ପରିବାର କାର୍ଯ୍ୟାଳୟଠାରେ ଗୁରୁବାର ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା। ପରିବାର ଅଧ୍ୟକ୍ଷ ଶର୍ମାଙ୍କ ସହ ଅନୁଷ୍ଠାନର ସଦସ୍ୟ ଓ ଖାଦ୍ୟ ଗବେଷକମାନେ ଉପସ୍ଥିତ ରହି ଓଡ଼ିଶାର ପାରମ୍ପରିକ ଓ ପ୍ରସିଦ୍ଧ ଖାଦ୍ୟ ଉପରେ ଆଲୋଚନା କରିବା ସହ ଏହାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଆ ଖାଦ୍ୟ ମହୋତ୍ସବର ଆୟୋଜନ ନେଇ ନିଷ୍ପତ୍ତି ନିଆଯିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଖାଦ୍ୟ ସଂସ୍କୃତି ଗବେଷକ ଭକ୍ତ ତ୍ରିପାଠୀ କହିଛନ୍ତି, ଓଡ଼ିଆ ଖାଦ୍ୟ ମହୋତ୍ସବରେ ପ୍ରତି ଜିଲାର ପୃଥକ୍ ଖାଦ୍ୟ ପ୍ରକୋଷ୍ଠ କରାଯାଇ ସେଥିରେ ସମ୍ପୃକ୍ତ ଜିଲାର ପ୍ରସିଦ୍ଧ ଖାଦ୍ୟକୁ ପରିବେଷଣ କରାଯିବ। ଏଥିସହ ଖାଦ୍ୟର ପ୍ରସ୍ତୁତି, ବିଭିନ୍ନ ଉପାଦାନ ଓ ରନ୍ଧନ ଶୈଳୀକୁ ମଧ୍ୟ ପ୍ରଦର୍ଶନ କରାଯିବ। ପ୍ରତିଦିନ ଓଡ଼ିଆ ଖାଦ୍ୟ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହିତ ଖାଦ୍ୟ ଗବେଷକ ଓ ଖାଦ୍ୟ ସଂସ୍କୃତି ପୁସ୍ତକ ଲେଖକମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟ ଓ କଲୋନି ବାସିନ୍ଦା, ହୋଟେଲ ମ୍ୟାନେଜମେଣ୍ଟ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲଗୁଡ଼ିକ ମଧ୍ୟରେ ରୋଷେଇ ପ୍ରତିଯୋଗିତା ଓ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ତଥା ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ବାହାରେ ପ୍ରଚାର ପାଇଁ ଗୌରବ ଆଣିଦେଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ କାଳନ୍ଦି ସାମଲ, କୁଳମଣି ରାଉତ, ପରିବେଶବିତ୍ ଡ. ହାଡିବନ୍ଧୁ ପାଣିଗ୍ରାହୀ, ଡ. ପ୍ରତାପ ପାଣି, ଭବାନୀ ପ୍ରସାଦ ମିଶ୍ର, ସୁବ୍ରତ କିଶୋର ନାୟକ, ଅକ୍ଷୟ କୁମାର ବଳିଆରସିଂ, ତ୍ରିଗୁଣ ଦାସମହାପାତ୍ର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ସହ ଅନ୍ୟମାନେ।

## 'ପ୍ରୋଜେକ୍ଟ ପୋଷଣ'ରେ ମହିଳାଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ

**ଭୁବନେଶ୍ୱର, ୧୭।୧୦(ବନ୍ଦନା ସେଠୀ):** ପରିଚୟ ଫାଉଣ୍ଡେଶନ ଏବଂ ନାଲ୍‌କୋ ପକ୍ଷରୁ ୬ମାସିକ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) ପ୍ରକଳ୍ପ 'ପ୍ରୋଜେକ୍ଟ ପୋଷଣ'ର ଶୁଭାରମ୍ଭ ହୋଇଛି। ଗୁରୁବାର ସାଲିଆସାହି ଅଞ୍ଚଳର ୧୫୦ଜଣ ଅନୁସୂଚିତ ଜାତିର ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ନାଲ୍‌କୋର ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶକ ଆଶୁତୋଷ ରଥ, ସାଧାରଣ ପରିଚାଳକ ଚିତ୍ତରଞ୍ଜନ ସାମଲ, ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ଡା. ରୋଜାଲିନ ପାଢଶାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। 'ପ୍ରୋଜେକ୍ଟ ପୋଷଣ' ମାଧ୍ୟମରେ ଅବହେଳିତ ମହିଳାଙ୍କ ଜୀବନମାନ ବୃଦ୍ଧି, ସ୍ୱାସ୍ଥ୍ୟ ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ବ୍ୟବସ୍ଥାକୁ ଅଧିକାରୀମାନେ ପ୍ରଶଂସା କରିଥିଲେ।

## କେରଳରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣା: ୪ ଓଡ଼ିଆଙ୍କ ମୃତ୍ୟୁ

ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)

କେରଳ କୁର୍ନୁଲ ଜିଲାରେ ଗତ ୧୦ ତାରିଖରେ ଘଟିଥିବା ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣାରେ ୪ ଓଡିଆଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବାଲିପାଟପୁର ଗ୍ରାମର ସୁବାସ ବେହେରା, ନିଗମ ବେହେରା, ଶିବ ବେହେରା ଏବଂ ହାଟବରଡି ଗ୍ରାମର ଜିତେନ୍ଦ୍ର ବେହେରା। ପ୍ରକାଶ ଯେ, ମତ୍ସ୍ୟଜୀବୀ ସମ୍ପ୍ରଦାୟର ଏହି ୪ଜଣ କେରଳ କୁର୍ନୁଲ ଜିଲାକୁ ଯାଇ ସେଠାରେ ଥିବା ସମୁଦ୍ରରେ ମାଛଧରି ଜୀବିକା ନିର୍ବାହ କରୁଥିଲେ। ସମସ୍ତେ ଗୋଟିଏ ଘରେ ରହୁଥିଲେ। ଘରେ ଥିବା ଗ୍ୟାସ୍ ସିଲିଣ୍ଡର ହଠାତ୍ ଫାଟିଯିବା ଫଳରେ ୪ଜଣ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ପରେ ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।

# ସଂଗ୍ରାମୀ ସାରଙ୍ଗଧର ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୭।୧୦(ସୌମ୍ୟରଞ୍ଜନ ରାଉତ)

ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ଏ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେଇଯାଇଛନ୍ତି। ଓଡ଼ିଆ ଜନମାନସରେ ସେ ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ଥିଲେ ବୋଲି ତାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନସ୍ଥିତ ଏକାଡେମୀ ପରିସରରେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପଦ୍ମଶ୍ରୀ ଡ. ଅଦ୍ୱୈତ ଚରଣ ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ମାଟିର ମହାନ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନ ଓ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ସନାତନ ମଲ୍ଲିକ ଯୋଗଦେଇ ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ଜୀବନାଦର୍ଶ ଓ କୃତି ଉପରେ କହିଥିଲେ। ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଡ. ଉଦ୍ଧବ ଚରଣ ନାୟକ ଗଡ଼ଜାତ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ସାରଙ୍ଗଧରଙ୍କ ଅବଦାନ ସମ୍ପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ କହିଲେ, ସାରଙ୍ଗଧର ଛାତ୍ର ଜୀବନରୁ ସଂଗ୍ରାମୀ ଥିଲେ। ବିଦେଶୀ ସରକାରଙ୍କ ପାଖରେ ଚାକିରି ନ କରି ଦେଶର ଶିଳ୍ପ ବିକାଶ ଲାଗି ଅଣ୍ଟା ଭିଡିଥିଲେ। ଏଥିପାଇଁ ସେ ଚିନି, କାଗଜ ଓ ସିମେଣ୍ଟ ଶିଳ୍ପ ସମ୍ପର୍କରେ ଜ୍ଞାନ ଆହରଣ ଲାଗି ରସାୟନଶାସ୍ତ୍ର ପଢ଼ିବାକୁ ଜାପାନ ଓ ଆମେରିକା ଯାତ୍ରା କରିବା ସହ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ଶିକ୍ଷାଲାଭ କରିଥିଲେ। ଫେରିବା ପରେ ଗଡ଼ଜାତ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ସେ କହିଥିଲେ। ସ୍ତମ୍ଭକାର ତଥା ଫାୟାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ସାରଙ୍ଗଧରଙ୍କ ସଂଗ୍ରାମୀ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଜୟନ୍ତୀ ଉତ୍ସବର ଆଭିମୁଖ୍ୟ ଏବଂ ସାରଙ୍ଗଧରଙ୍କ କୃତି ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ. ସଂଗ୍ରାମ ଜେନାଙ୍କ ଲିଖିତ 'ସଂଗ୍ରାମୀ ସାରଙ୍ଗଧର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ବେସରକାରୀ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ମିଳୁ




ଖବରଦାତା ସମ୍ମିଳନୀରେ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କର୍ମକର୍ତ୍ତା।

ଭୁବନେଶ୍ୱର,୧୭।୧୦(ସୁଚିସ୍ମିତା ସାହୁ)

୨୦୦୮ରୁ ୨୦୨୫ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ କରିବାକୁ ଓଡ଼ିଶା ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଦାବି କରିଛି। ସଂଘର ସମ୍ପାଦକ ନରେନ୍ଦ୍ର କୁମାର ମହାଳିକଙ୍କ ସଭାପତିତ୍ୱରେ ଶୁକ୍ରବାର ଉତ୍କଳ ସାମ୍ବାଦିକ ସଂଘଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର ଉପସଭାପତି ସବିତା ବାରିକ, ସହ ସମ୍ପାଦିକା ମଧୁସ୍ମିତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ଶୃତିରଞ୍ଜନ ପ୍ରଧାନ, ଅନ୍ୟତମ ଉପସଭାପତି ସରୋଜ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଦାବି ସମ୍ପର୍କରେ କହିଥିଲେ। ସାରା ଓଡ଼ିଶାରେ ଅଣ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ ଏବଂ କମ୍ପୋଜିଟ ମହାବିଦ୍ୟାଳୟରେ ୨୦୦୮ରୁ ନିଯୁକ୍ତି ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମାନ କାମକୁ ସମାନ ଦରମା ଆଧାରରେ ସରକାର ଏକ ନୂତନ ପଲିସି ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନଭୁକ୍ତ କରନ୍ତୁ। ଏହି ସମ୍ପର୍କରେ ସଂଘ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ମାଧ୍ୟମରେ ଅବଗତ କରାଯିବା ସହ ଅଭିଯୋଗ ଶୁଣାଣିରେ ସଚିବଙ୍କ ଦୃଷ୍ଟିକୁ ଆଣିଥିଲେ। ସ୍ୱଳ୍ପ ବେତନରେ ୧ ଦଶନ୍ଧିଠାରୁ ଅଧିକ ସମୟ ସରକାରଙ୍କ ପ୍ରତ୍ୟେକ ନ୍ୟସ୍ତ କାର୍ଯ୍ୟ କରି ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ଯଦି ରାଜ୍ୟ ସରକାର ଆମ ଦାବିକୁ କ୍ରମାଗତ ଅଣଦେଖା କରନ୍ତି, ତେବେ ସଂଘ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବାକୁ ବାଧ୍ୟହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ମୋନା ପକ୍ଷରୁ ନିଶାମୁକ୍ତ ଅଭିଯାନ

ତ୍ରିଶୁଳିଆ,୧୭।୧୦(ତୁଷାରକାନ୍ତ ବେହେରା)

ନିଶାମୁକ୍ତ ପଞ୍ଚାୟତ ଗଠନ ଦିଗରେ ମୋନା ମହିଳା ଶାଖା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ରାମଦାସପୁର ପଞ୍ଚାୟତ ଗୋଡ଼ିସାହିସ୍ଥିତ ରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ଗୋଡ଼ିସାହି ବଜାର, ଗ୍ରାମ, ରତାଗଡ଼ ଓ ଭାଲୁଙ୍କା ଆଖପାଖ ପରିକ୍ରମା କରିଥିଲେ। ଶେଷରେ ଭାଲୁଙ୍କା ଶବର ସହିର ମହିଳାମାନଙ୍କ ଅନୁରୋଧକ୍ରମେ ଭାଲୁଙ୍କାର ଚୋରା ମଦ ବ୍ୟବସାୟୀ ମଙ୍ଗଳ ସିଂ ଘରକୁ ଯାଇଥିଲେ। ତା'ଠାରୁ ମଦପିଇ ପଦ୍ମନାଭ ନାଗର, ରତାଗଡ଼ ଓ ଗୁଆକୋଳିମୁଣ୍ଡିଆର ଗ୍ରାମବାସୀ ପ୍ରଭାବିତ ଅଛନ୍ତି। ମହିଳାଙ୍କ ଆସିବା ଜାଣିପାରି ମଙ୍ଗଳ ସିଂ ଘରୁ ଫେରାର୍ ହୋଇଯାଇଥିବାରୁ ମହିଳାମାନେ ତା' ପରିବାରକୁ ମଦ ବ୍ୟବସାୟରୁ ନିବୃତ୍ତ ରହିବାକୁ ତାଗିଦା କରିବା ସହ ମଙ୍ଗଳକୁ ଫୋନ୍ କରି ଅବଗତ କରାଇଥିଲେ। ନଚେତ ଆଗାମୀ ଦିନରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ବାଧ ହେବେ ବୋଲି କହିବା ସହ ତା' ଘରେ ରଖିଥିବା ଏକ ମଦ ଭର୍ତ୍ତି ଜାଲିକୁ ଜବତ କରି ବାରଙ୍ଗ ଥାନା ପୋଲିସ ଜିମା ଦେଇଛନ୍ତି। ମଦ ବ୍ୟବସାୟୀ ମଙ୍ଗଳକୁ ତାଗିଦା କରି ବ୍ୟବସାୟରୁ ନିବୃତ୍ତ କରିବା ଲାଗି ପୋଲିସକୁ ନିବେଦନ କରିଛନ୍ତି। ମୋନା ମହିଳା ଶାଖାର ଆବାହିକା ଅପନ୍ନା ନାୟକଙ୍କ ତତ୍ତ୍ୱାବଧାନରେ ବାସନ୍ତୀ ଆଚାର୍ଯ୍ୟ ଓ କନକଲତା ଭଞ୍ଜ ଶତାଧିକ ମହିଳା ସାମିଲ ଥିଲେ।



ପରିଚୟ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ଆଦିବାସୀ ମେଳାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ବାଦ୍ୟ ପରିବେଷଣ କରାଯାଉଛି। (ଫଟୋ: ବିକାଶ ନାୟକ)

# ପୂର୍ଣ୍ଣ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ପିଲାଙ୍କୁ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ ଦିଆଯାଉ

ଭୁବନେଶ୍ୱର,୧୭।୧୦(ସୁଚିସ୍ମିତା ସାହୁ)

ସରକାରୀ ବିଦ୍ୟାଳୟରେ ପାଠପଢୁଥିବା ପିଲାଙ୍କୁ ପ୍ରି-ମାଟ୍ରିକ ସ୍କଲାରଶିପ୍ ପ୍ରଦାନ କରାଯାଉଛି। ହେଲେ ପୂର୍ଣ୍ଣ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ଏହି ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ତୁରନ୍ତ ପ୍ରି ମାଟ୍ରିକ ସ୍କଲାରଶିପ୍ ପ୍ରଦାନ କରନ୍ତୁ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦାବି କରିଛନ୍ତି। ଓଡ଼ିଶାର ଶିକ୍ଷା ବିକାଶ ଉପରେ ଗୁରୁତ୍ୱ ଦେଉଥିବା ରାଜ୍ୟ ସରକାର ସବୁପିଲାଙ୍କୁ ସମାନ ସୁବିଧା ଦିଆଯାଉଥିବା କହିଛନ୍ତି। ହେଲେ ପ୍ରି-ମାଟ୍ରିକ ସ୍କଲାରଶିପ୍ ପ୍ରଦାନରେ ପିଲାଙ୍କ ମଧ୍ୟରେ ତାରତମ୍ୟ ରହିବା ଉଚିତ ନୁହେଁ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମାନସିକତାରେ ପ୍ରଭାବ ପଡ଼ିବ। ରାଜ୍ୟର ସମସ୍ତ ଶିକ୍ଷାର୍ଥୀ ଓ ଶିକ୍ଷାୟତନର ବିକାଶର ଆବଶ୍ୟକତା ରହିଛି। କେବଳ ଶିକ୍ଷାୟତନର ବିକାଶ ନୁହେଁ, ବରଂ ଶିକ୍ଷାର୍ଥୀଙ୍କର ମଧ୍ୟ ବିକାଶ ହେବା ଉଚିତ। ନିକଟସ୍ଥ ସରକାରୀ ବିଦ୍ୟାଳୟରେ ପଢୁଥିବା ଏହି ବର୍ଗର ଛାତ୍ରୀଛାତ୍ର ଉକ୍ତ ବୃତ୍ତିରାଶି ପାଉଥିଲା ବେଳେ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ରହିବା ଅତ୍ୟନ୍ତ ଦୁଃଖର ବିଷୟ। ରାଜ୍ୟ ସରକାର ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ତୁରନ୍ତ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ ପ୍ରଦାନ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ସୃଷ୍ଟି ହେବ ବୋଲ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଏବଂ ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଚେତାବନୀ ଦେଇଛନ୍ତି।

# 'ପ୍ରୋଜେକ୍ଟ ପୋଷଣ'ରେ ମହିଳାଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ




କାର୍ଯ୍ୟକ୍ରମରେ ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଉଛି।

ଭୁବନେଶ୍ୱର, ୧୭।୧୦(ବନ୍ଦନା ସେଠୀ)

ବିଶ୍ୱ ଖାଦ୍ୟ ଦିବସ ଅବସରରେ ପରିଚୟ ଫାଉଣ୍ଡେଶନ ଓ ନାଲ୍କୋ ପକ୍ଷରୁ ୬ମାସିକ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ପ୍ରକଳ୍ପ 'ପ୍ରୋଜେକ୍ଟ ପୋଷଣ'ର ଶୁଭାରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗୁରୁବାର ସାଲିଆସାହି ଅଞ୍ଚଳର ୧୫୦ଜଣ ଅନୁସୂଚିତ ଜାତିର ମହିଳାଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଲ୍କୋର ଏକ୍ଜିକ୍ୟୁଟିଭ୍ ନିର୍ଦ୍ଦେଶକ ଆଶୁତୋଷ ରଥ, ସାଧାରଣ ପରିଚାଳକ ଚିତ୍ତରଞ୍ଜନ ସାମଲ, ପୂର୍ବତନ ବିଧାୟକ ତଥା ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ଡା. ରୋଜାଲିନ ପାଇଶାଣୀ ମିଶ୍ର ଏବଂ ନାଲ୍କୋର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। 'ପ୍ରୋଜେକ୍ଟ ପୋଷଣ' ମାଧ୍ୟମରେ ସମାଜର ଅବହେଳିତ ମହିଳାଙ୍କ ଜୀବନମାନ ବୃଦ୍ଧି, ସ୍ୱାସ୍ଥ୍ୟ ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ପରିଚୟ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ବ୍ୟବସ୍ଥାକୁ ଅଧିକାରୀମାନେ ପ୍ରଶଂସା କରିଥିଲେ।

# ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ସାଲିଆସାହିରେ ଉଚ୍ଛେଦ ଆରମ୍ଭ

## ଦିନକରେ ସ୍ଥାନାନ୍ତର ହେଲେ ୨୯ ପରିବାର

ଭୁବନେଶ୍ୱର,୧୭।୧୦(ବନ୍ଦନା ସେଠୀ)



ସାଲିଆସାହି ଆଦିବାସୀ ଗାଁରେ ଉଚ୍ଛେଦ କରାଯାଉଛି।

ବାମପାର୍ଶ୍ୱ ସମାନ୍ତରାଳ ରାସ୍ତା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସାଲିଆସାହିରେ ପୁଣି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଶୁକ୍ରବାର ବିଡିଏ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ମିଳିତ ସହଯୋଗରେ ସାଲିଆସାହି ଆଦିବାସୀ ଗାଁରୁ ଉଚ୍ଛେଦ କରାଯାଇଛି। ଏଠାରେ ଜବରଦଖଲକରି ରହୁଥିବା ଲୋକଙ୍କ ଘର ଭଙ୍ଗାଯିବା ସହ ସେମାନଙ୍କୁ ବୁଦ୍ଧବିହାରସ୍ଥିତ ଆଫୋର୍ଡେବୁଲ ହାଉସିଂ ସ୍କିମ୍‌ରେ ଘର ଦିଆଯାଇଛି। ଉତ୍ତର ଜୋନ୍‌ର ଡେପୁଟି କମିଶନର ମନମୋହନ ନାୟକଙ୍କ ତତ୍ତ୍ୱାବଧାନରେ ସକାଳ ୮ଟାରୁ ଅପରାହ୍ନ ୫ଟା ଯାଏ ଉଚ୍ଛେଦ ଜାରି ରହିଥିଲା। ଏଠାରେ ମୋଟ ୫୩ଟି ଘର ଭଙ୍ଗା ହେବାକୁଥିବାବେଳେ ପ୍ରଥମ ଦିନରେ ୨୯ଟି ଘର ଭଙ୍ଗାଯାଇଥିଲା। ବାକିଥିବା ଘରଗୁଡିକ ଶନିବାର ଉଚ୍ଛେଦ କରାଯିବ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଆଇନଶୃଙ୍ଖଳା ରକ୍ଷା ପାଇଁ ୧ପ୍ଲାଟୁନ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ସମୟରେ ବିଏମ୍ସିର ୩ଜଣ ସହକାରୀ କମିଶନର, ବିଡିଏ ଜେଇ ସିଦ୍ଧାର୍ଥ ବେହେରା, ଏନ୍‌ଫୋର୍ସମେଣ୍ଟ ଇନ୍ସପେକ୍ଟର ହରିହର ରାଉତ, ରଘୁନାଥ ବିଶ୍ୱାଳ, ରମେଶ ଚନ୍ଦ୍ର ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସବୁଜ ବାଣ ବିକ୍ରିକୁ ଅନୁମତି

ଅସ୍ତରଙ୍ଗ/କାକଟପୁର ,୧୭।୧୦
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ୨ ଦିନ ପୂର୍ବରୁ ଅର୍ଥାତ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି ହେବ। ଏଥିପାଇଁ ବାଣ ବ୍ୟବସାୟୀମାନେ ଲାଇସେନ୍ସ ଲାଗି ଆବେଦନ ପ୍ରକ୍ରିୟା ଜାରି ରଖିଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ କଲେଜ ଛକ ରାସ୍ତାରେ ଅସ୍ତରଙ୍ଗ ବାଣ ଦୋକାନ ପାଇଁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ଅସ୍ତରଙ୍ଗରେ ୪ଟି ଓ କାକଟପୁରରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତହସିଲଦାରଙ୍କଠାରୁ ଅସ୍ଥାୟୀ ଦୋକାନ ଖୋଲିବାକୁ ଅନୁମତି ମିଳିନାହିଁ ବୋଲି ସୂଚନା ମିଳିଛି। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହ ପୋଲିସ ଯାଞ୍ଚ ଆରମ୍ଭ କରିବା ସହ ବ୍ୟବସାୟୀଙ୍କୁ ସଚେତନ କରୁଛନ୍ତି। ବାଣ ବିକ୍ରି ବେଳେ କିମ୍ବା ବାଣ ପାଇଁ ଯେପରି ଆଲୋକପର୍ବରେ କୌଣସି ଅପ୍ରୀତିକର ସ୍ଥିତି ନ ଉପୁଜିବ, ତାହାକୁ ଦୃଷ୍ଟିରେ ରଖି କେବଳ ସବୁଜ ବାଣ ବିକ୍ରିପାଇଁ ଅନୁମତି ଦିଆଯାଇଛି।

# ମନ୍ତ୍ରମୁଗ୍ଧ କଲା ହିନ୍ଦୁସ୍ତାନୀ ସଙ୍ଗୀତ

## ହିନ୍ଦୁସ୍ତାନୀ ସଙ୍ଗୀତ ସଭାର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୧୭।୧୦ (ସୌମ୍ୟରଞ୍ଜନ ରାଉତ)

ହିନ୍ଦୁସ୍ତାନୀ ସଙ୍ଗୀତ ସଭାର ୧୩ତମ ବାର୍ଷିକ ଉତ୍ସବ ସୂଚନା ଭବନଠାରେ ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଆଇସିସି ଓଡ଼ିଶା ଚେୟାରମ୍ୟାନ୍ ରାଜୀବ ଶେଖର ସାହୁ ଓ ସଙ୍ଗୀତଜ୍ଞ ପଣ୍ଡିତ ରାମାରାଓ ପାତ୍ର ଯୋଗଦେଇଥିଲେ। ପ୍ରଥମ ପରିବେଷଣରେ ସଙ୍ଗୀତ ସଭାର ଗୁରୁ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧମାର ଗାୟନ, ଯାହାକି ରାଗ ବିହାଗରେ ନିବଦ୍ଧ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୁତି ରଥଙ୍କ ଦ୍ୱାରା କଥକ ନୃତ୍ୟ ପରିବେଷଣ, ତନୁଶ୍ରୀ ଜେନା ରାଗ କେଦାର, ଗୁରୁ ପଣ୍ଡିତ କରୁଣାକର ନାୟକ ରାଗ ଦୁର୍ଗା, ଗାନ୍ଧାରୀ ସାହୁ ରାଗ ଯୋଗକୌଶ, ଗୁରୁ ଡ. ରଘୁନାଥ ସାହୁ ରାଗ ଚନ୍ଦ୍ରକୌଶରେ ଖୟାଲ ଗାୟନ କରିଥିଲେ। କୋଲ୍‌କାତାର କଣ୍ଠଶିଳ୍ପୀ ବିଦୁଷୀ ପିୟାଲୀ ଚକ୍ରବର୍ତ୍ତୀ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିବାବେଳେ ତବଲାରେ କୋଲକାତାର ତବଲା ବାଦକ ପଣ୍ଡିତ ଅଶୋକ କୁମାର ଚକ୍ରବର୍ତ୍ତୀ ରହିଥିଲେ। ଶେଷ ପର୍ଯ୍ୟାୟରେ ଗୁରୁ ଡ଼. ପ୍ରଶାନ୍ତ କୁମାର ପାଢ଼ୀ, ଗୁରୁ ଜୀବନ ପ୍ରକାଶ ଦାସ ଏବଂ ଗୁରୁ ଡ. ବିଶ୍ୱ ମୋହନ ମିଶ୍ର ବେହେଲା, ସିତାର ଓ ଗିଟାର ଯୁଗଳବନ୍ଦୀରେ ରାଗ ଯୋଗ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ତବଲାରେ ସହଯୋଗ କରିଥିଲେ ଗୁରୁ ଚିତ୍ତରଞ୍ଜନ ମହାପାତ୍ର ଓ ଗୁରୁ ସୁଶାନ୍ତ କୁମାର ଜେନା, ହାରମୋନିୟମରେ ସହଯୋଗ କରିଥିଲେ ଗୁରୁ କୁଞ୍ଜବିହାରୀ ନାୟକ ଓ ଗୁରୁ ଶଶିକାନ୍ତ ସାହୁ। ଅନୁଷ୍ଠାନର ଉପସଭାପତି ଡ. ସର୍ବେଶ୍ୱର ଶତପଥୀ ପୌରୋହିତ୍ୟ କରିଥିଲେ। ସମ୍ପାଦକ ଡ. ରଘୁନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ହିନ୍ଦୁସ୍ତାନୀ ସଙ୍ଗୀତ ସଭାର ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ହିନ୍ଦୁସ୍ତାନୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଅଟଳ ବିହାରୀଙ୍କ ଭଳି ନେତା ଭାରତୀୟ ରାଜନୀତିରେ ବିରଳ

## ୪ଜଣଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର'

ଭୁବନେଶ୍ୱର,୧୭।୧୦(ସୌମ୍ୟରଞ୍ଜନ ରାଉତ)




ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିତ୍ୱମାନେ।

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଭଳି ରାଜନେତା ଭାରତୀୟ ରାଜନୀତିରେ ବିରଳ। ତାଙ୍କ ଭଳି ଜଣେ ରାଷ୍ଟ୍ରନାୟକ ଦେଶବାସୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିବେ। ବାଜପେୟୀଙ୍କ ତ୍ୟାଗ, ନିଷ୍ଠା ଓ ଦେଶଭକ୍ତି ତଥା ରାଷ୍ଟ୍ର ନିର୍ମାଣରେ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୃତ୍ୟଧାମ ପକ୍ଷରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହଯୋଗରେ ରବୀନ୍ଦ୍ର ମଣ୍ଡପରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା। ଶୁକ୍ରବାର ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପାତ୍ର ଯୋଗଦେଇ ଦେଶ ପ୍ରତି ବାଜପେୟୀଙ୍କ ଅବଦାନ ସମ୍ପର୍କରେ କହିଥିଲେ। ଏହି ଅବସରରେ ଭାଜପା ନେତା ତଥା ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ସ୍ନେହପ୍ରଭା ସାମନ୍ତରାୟ, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର ଏବଂ ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ 'ଶ୍ରୀ ଅଟଳ ବିହାରୀ ବାଜପେୟୀ ଜୀ ପୁରସ୍କାର' ପ୍ରଦାନ କରାଯାଇଥିଲା। ଅତିଥିମାନେ ଭାରତରତ୍ନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏହି ମହାନ୍ ନେତାଙ୍କ ଜୀବନୀ, ଆଦର୍ଶ ଓ ଦେଶ ପାଇଁ ସେବାକୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା। ଧୀର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଶତାବ୍ଦୀର କଳାକାରମାନେ ଅତି ନିଖୁଣ ଭାବେ ନାଟକ ପରିବେଷଣ କରିଥିଲେ, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା।

# ରାଜ୍ୟରେ ପ୍ରତିଷ୍ଠା ହେବ ୧୩୯ ନୂତନ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ: ରାଜସ୍ୱ ମନ୍ତ୍ରୀ

ନିଶ୍ଚିନ୍ତକୋଇଲି, ୧୭।୧୦
(ଅଶୋକ କୁମାର ମହାପାତ୍ର)



ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ହିତାଧିକାରୀଙ୍କୁ ନୂତନ ଜମିପଟ୍ଟା ବଣ୍ଟନ କରୁଛନ୍ତି।

ଡବଲ୍ ଇଞ୍ଜିନ ସରକାର ଆସିବା ପରେ ରାଜସ୍ୱ ବିଭାଗରେ ବହୁ ସଂସ୍କାର ଆସିଛି। ସାଧାରଣ ଲୋକେ କିପରି ଘରେ ରହି ରେକର୍ଡ ସଂଶୋଧନଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ର ପାଇପାରିବେ ସେନେଇ ପଦକ୍ଷେପ ନିଆଯାଇଛି। ବିଭାଗକୁ ଦୁର୍ନୀତିମୁକ୍ତ କରାଇ ରାଜସ୍ୱ ସେବାକୁ କ୍ରିୟାଶୀଳ ଓ ଗତିଶୀଳ କରାଯାଇଛି। ଖୁବ୍‌ଶୀଘ୍ର ଓଡିଶାରେ ୧୩୯ଟି ନୂତନ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପ୍ରତିଷ୍ଠା ହେବ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇ କହିଛନ୍ତି। ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପୂଜାରୀ ଯୋଗଦେଇ ବିଗତ ସରକାର ଓ ବର୍ତ୍ତମାନର ସରକାର ଉପରେ ଟିପ୍ପଣୀ ରଖିଥିଲେ। ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ କାମଚଳା ସବ୍‌ରେଜିଷ୍ଟ୍ରାର କ୍ଷମତା ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଆଗାମୀ ଦିନରେ ହଜାରେଟି ନୂତନ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଯୋଜନା କରିଛନ୍ତି। ଏଥିସହ ରାଜସ୍ୱ ବିଭାଗ ତରଫରୁ ଜମିପଟ୍ଟା ସଂଶୋଧନ ସ୍ୱରୂପ କଲମ-୨ର ତୁରନ୍ତ ସଂଶୋଧନ କରିବା ପାଇଁ ମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ନୂତନ ଭାବେ ସୃଷ୍ଟି ହୋଇଥିବା ପାଟସୁରା, ବ୍ରଜରାଜପାଟଣା ଓ ଉର୍ଜଙ୍ଗ ରାଜସ୍ୱ ଗ୍ରାମର ଲୋକମାନଙ୍କୁ ମନ୍ତ୍ରୀ ପୂଜାରୀ ନୂତନ ଜମିପଟ୍ଟା ବାଣ୍ଟିବା ସହ ଆଭାସି ମାଧ୍ୟମରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ତହସିଲର ୪ଟି ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ, କଟକ ସଦର ଭାଜପା ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲାପାଳ ଦତ୍ତାତ୍ରୟ ଭାଓସାହେବ ସିନ୍ଦେ, ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଯୋଗଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ତହସିଲ ଛକ ନିକଟରେ ଥିବା ଭାଜପା କାର୍ଯ୍ୟାଳୟରେ ମନ୍ତ୍ରୀ ପହଞ୍ଚି କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ମାହାଙ୍ଗା ଭାଜପା ନେତା ସୁମନ୍ତ ଘଡେଇ, କଟକ ଜିଲା ସଂଯୋଜକ ମୀନକେତନ ଦାସଙ୍କ ସମେତ ବହୁ ଯୁବ ଛାତ୍ର ଓ ଭାଜପା କର୍ମକର୍ତ୍ତା ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ନିଶାମୁକ୍ତ ସଚେତନତା ଶୋଭାଯାତ୍ରା

ତ୍ରିଶୂଳିଆ,୧୭।୧୦(ତୁଷାରକାନ୍ତ ବେହେରା)

ନିଶାମୁକ୍ତ ପଞ୍ଚାୟତ ଗଠନ ଦିଗରେ ମୋନା ମହିଳା ଶାଖା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ରାମଦାସପୁର ପଞ୍ଚାୟତ ଗୋଡ଼ିସାହିସ୍ଥିତ ରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ଗୋଡ଼ିସାହି ବଜାର, ଗ୍ରାମ, ରତାଗଡ଼ ଓ ଭାଲୁଙ୍କା ଆଖପାଖ ପରିକ୍ରମା କରିଥିଲେ। ଶେଷରେ ଭାଲୁଙ୍କା ଶବର ସହିର ମହିଳାମାନଙ୍କ ଅନୁରୋଧକ୍ରମେ ଭାଲୁଙ୍କାର ଚୋରା ମଦ ବ୍ୟବସାୟୀ ମଙ୍ଗଳ ସିଂ ଘରକୁ ଯାଇଥିଲେ। ତା'ଠାରୁ ମଦପିଇ ପଦ୍ମନାଭ ନାଗର, ରତାଗଡ଼ ଓ ଗୁଆକୋଳିମୁଣ୍ଡିଆର ଗ୍ରାମବାସୀ ପ୍ରଭାବିତ ଅଛନ୍ତି। ମହିଳାଙ୍କ ଆସିବା ଜାଣିପାରି ମଙ୍ଗଳ ସିଂ ଘରୁ ଫେରାର୍ ହୋଇଯାଇଥିବାରୁ ମହିଳାମାନେ ତା' ପରିବାରକୁ ମଦ ବ୍ୟବସାୟରୁ ନିବୃତ୍ତ ରହିବାକୁ ତାଗିଦା କରିବା ସହ ମଙ୍ଗଳକୁ ଫୋନ୍ କରି ଅବଗତ କରାଇଥିଲେ। ନଚେତ ଆଗାମୀ ଦିନରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବାକୁ ବାଧ୍ୟ ହେବେ ବୋଲି କହିବା ସହ ତା' ଘରେ ରଖିଥିବା ଏକ ମଦ ଭର୍ତ୍ତି ଜାଲିକୁ ଜବତ କରି ବାରଙ୍ଗ ଥାନା ପୋଲିସ ଜିମା ଦେଇଛନ୍ତି। ମଦ ବ୍ୟବସାୟୀ ମଙ୍ଗଳକୁ ତାଗିଦା କରି ବ୍ୟବସାୟରୁ ନିବୃତ୍ତ କରିବା ଲାଗି ପୋଲିସକୁ ନିବେଦନ କରିଛନ୍ତି। ମୋନା ମହିଳା ଶାଖାର ଆବାହିକା ଅପନ୍ନା ନାୟକଙ୍କ ତତ୍ତ୍ୱାବଧାନରେ ବାସନ୍ତୀ ଆଚାର୍ଯ୍ୟ ଓ କନକଲତା ଭଞ୍ଜ ଶତାଧିକ ମହିଳା ସାମିଲ ଥିଲେ।

# ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତୋତ୍ସବ

ବାରଙ୍ଗ,୧୭।୧୦ (ଲିଙ୍ଗରାଜ ରାଉତ)

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ୨ଦିନ ଧରି ଅନୁଷ୍ଠିତ ନୂତନ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ବା ଇଣ୍ଡକସନ ସଭା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କଳାବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କର ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ ଅମ୍ବି କୁମାର ନାୟକ ଯୋଗଦେଇ ପ୍ରେରଣାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। କଳା ବିଭାଗର ନଅଜଣ ବିଭାଗୀୟ ମୁଖ୍ୟମାନେ ସେମାନଙ୍କର ନୂତନ ବିଦ୍ୟାର୍ଥୀ ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କେପ ଜେମିନି ଆଇଟି କମ୍ପାନୀର ଅଧିକାରୀ ଇଂ ପ୍ରତାୟ ପ୍ରିୟାଙ୍କର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଶୈକ୍ଷିକ ପରାମର୍ଶଦାତା ଡଃ. ଗିରିଶ ପ୍ରସାଦ ସୱାଇଁ ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶକ କରିଥିଲେ। ବିଜ୍ଞାନ ସ୍ରୋତର ଛଅଟି ସ୍ନାତକ ବିଭାଗ ଓ ପ୍ରାଣୀବିଜ୍ଞାନ ବିଭାଗର ସ୍ନାତକୋତ୍ତର ବିଭାଗର ନୂତନ ଛାତ୍ରଛାତ୍ରୀମାନଙ୍କୁ ବିଭାଗୀୟ ମୁଖ୍ୟମାନେ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ରାଉତ ମହାବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା,କୃତି ଓ ପ୍ରଗତୀକୁ ବିଶ୍ଳେଷଣାତ୍ମକ ଭାବେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରବୀଣ କୁମାର ସାହୁ, ଅଧ୍ୟାପିକା ଗୀତାଞ୍ଜଳି ବେହେରା, ଅଧ୍ୟାପିକା ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ଡଃ. ସାତୀ ପଟ୍ଟନାୟକ, ଅଭିପ୍ସା ପଣ୍ଡା, ସୁନୀଲ କୁମାର ସେଠୀ ପରିଚାଳନା କରିଥିଲେ।

# ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧନା




ସାଲେପୁର,୧୭।୧୦(ଅରବିନ୍ଦ ଭୂୟାଁ)

ରାଜ୍ୟ ଭାଜପା ପାର୍ଟିରେ ନୂତନ ଭାବେ ମନୋନୀତ ହୋଇଥିବା ଉପସଭାପତି ବିଷ୍ଣୁ ଦାସଙ୍କୁ ସାଲେପୁରଠାରେ ଶୁକ୍ରବାର ସମ୍ବର୍ଦ୍ଧନା ଦିଆଯାଇଛି। ବିଷ୍ଣୁ କେନ୍ଦ୍ରାପଡା ଯାଉଥିବା ସମୟରେ ସାଲେପୁରରେ କିଛି ସମୟ ପାଇଁ ରହିଥିଲେ। ଏହି ଅବସରରେ ସେ ପ୍ରଥମେ ସାଲେପୁର ବଜାର କୁଆଁପାଳ ରୋଡ୍ ଛକ ନିକଟରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସାଲେପୁର ମଣ୍ଡଳ ସଭାପତି ଅସିତ୍ କୁମାର ମହାନ୍ତିଙ୍କ ନେତୃତ୍ୱରେ ସାଲେପୁର ତରଫରୁ ରାଜ୍ୟ ଭାଜପା ଉପସଭାପତି ବିଷ୍ଣୁ ଦାସଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ତ୍ରିଲୋଚନ ପାତ୍ର, କିଶୋର ଚନ୍ଦ୍ର ମହାନ୍ତି, ତାପସ ଜେନା, ଅମିତା ସାହାଣୀ, ସ୍ନେହଲତା ପାଣିଗ୍ରାହୀ, ସଙ୍ଗୀତା ଜେନା, ହେମନ୍ତ ସ୍ୱାଇଁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ମନ୍ଦିର ପରିସର କୂଅରୁ ଯୁବକଙ୍କ ମୃତଦେହ ଠାବ: ହତ୍ୟା ସନ୍ଦେହ

ସାଲେପୁର,୧୭।୧୦(ଅରବିନ୍ଦ ଭୂୟାଁ)



ମନ୍ଦିର ପରିସରରେ ଥିବା କୂଅ ଭିତରୁ ମୃତଦେହ କଢ଼ାଯାଉଛି।

ସାଲେପୁର ଥାନା ଅନ୍ତର୍ଗତ ମା'ସାହେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସର କୂଅରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ଏଥିଯୋଗୁ ସଂକ୍ରାନ୍ତିରେ ମନ୍ଦିର ବନ୍ଦ ରହିବାରୁ ଠାକୁରଙ୍କୁ ଉପବାସ ରହିବାକୁ ପଡ଼ିଛି। ସନ୍ଧ୍ୟାରେ ମନ୍ଦିର ପରିସର ଧୁଆହେବା ସହ ଠାକୁରଙ୍କ ମହାସ୍ନାନ ପରେ ହୋମ କରାଯାଇ ନୀତିକାନ୍ତି କରାଯାଇଛି। ଅପରପକ୍ଷେ ଯୁବକଙ୍କୁ ହତ୍ୟା କରି କୂଅରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି।

ସାଲେପୁର ସାହେଶ୍ୱରୀ ମନ୍ଦିର ପରିସର ଶୁକ୍ରବାର ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ମନ୍ଦିର ପୂଜକ ଏବଂ କମିଟି କର୍ମକର୍ତ୍ତା ସବୁଆଡେ ଖୋଜାଖୋଜି କରିବା ପରେ ମନ୍ଦିର ପରିସରରେ ଢାଙ୍କୁଣୀ ଥିବା କୂଅରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସ୍ଥାନୀୟ ଲୋକେ ସାଲେପୁର ପୋଲିସ ଏବଂ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଦମକଳ କର୍ମଚାରୀ ପହଞ୍ଚି କୂଅ ଭିତରୁ ଯୁବକଙ୍କ ମୃତଦେହକୁ ବାହାର କରିଛନ୍ତି। ମୃତକଙ୍କ ପକେଟରୁ ଏକ ପାନ୍ କାର୍ଡ, ଏଟିଏମ୍ କାର୍ଡ ଏବଂ ଏକ ମୋବାଇଲ ମିଳିଛି। କୂଅରେ ଢାଙ୍କୁଣୀ ପକାଯାଇଥିବାବେଳେ ସେଥିରୁ ମୃତଦେହ କିପରି ମିଳିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବରପାଇ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୧/୨୦୨୫) ରୁଜ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଯୁବକଙ୍କ ଡାହାଣ ହାତରେ ରମେଶ ଲେଖା ହୋଇଥିବା ଜଣାପଡିଛି। ପାନ୍ କାର୍ଡରୁ ତାଙ୍କ ନାମ ରମେଶ ମାଝି ଓ ଠିକଣା ପଶ୍ଚିମବଙ୍ଗ ପୁରୁଲିଆ ଜିଲା ଅନ୍ତର୍ଗତ ମନ ବଜାରସ୍ଥିତ ପ୍ରତାପପୁର ଅଞ୍ଚଳର ବୋଲି ଜଣାପଡ଼ିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ସାଲେପୁର ଥାନା ଆଇଆଇସି ଅନିତା ସାହୁ ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଗର୍ଭଣା ସଂକ୍ରାନ୍ତିରେ ଉପବାସ ରହିଲେ ମହାପ୍ରଭୁ

# ବାର୍‌ହା ଉପଦ୍ରବରେ ଫସଲ ନଷ୍ଟ

ବାଙ୍କୀ,୧୭।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)



ବାର୍‌ହା ନଷ୍ଟ କରିଥିବା ଧାନ ଫସଲ।

ବାଙ୍କୀ ଉପଖଣ୍ଡ ବାଆଁରା, ଭଗିପୁର, ହରିରାଜପୁର, ଭେଡା ରାମଚନ୍ଦ୍ରପୁର, ବିଲିପଡା, ସାହାଡା ପଦା, ଡଁସର, ଚକାପଦା, ଗୋପାଳପୁର ପ୍ରଭୃତି ଗ୍ରାମର ଧାନ ଚାଷ ଜମିରେ ବାର୍‌ହା ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏଥିପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଏହାର ସମାଧାନ ପାଇଁ ଓ କିପରି ବାର୍‌ହା ଆକ୍ରମଣରୁ ରକ୍ଷା ମିଳିବ ସେଥିପାଇଁ ଜନସାଧାରଣ ଦାବି କରିଛନ୍ତି। ଏଥିସହ ଚାଷୀମାନଙ୍କୁ ସେମାନଙ୍କ ଫସଲ ନଷ୍ଟର କ୍ଷୟକ୍ଷତି ଦେବା ପାଇ ଦାବି କରିଛନ୍ତି। ଏ ସମ୍ପର୍କରେ ଡମପଡା ବନଖଣ୍ଡ ରେଞ୍ଜ ଅଫିସରଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ତ୍ରିଶୂଳିଆ,୧୭।୧୦(ତୁଷାରକାନ୍ତ ବେହେରା)

ପଦାସାହି ସରକାରୀ ବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦାଢାପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ ମରିଚିଆରେ ଅନୁଷ୍ଠିତ ଉକ୍ତ ମହୋତ୍ସବରେ କ୍ଲଷ୍ଟର ଅଧୀନ ପଦାସାହି, କେନ୍ଦୁପାଟଣା, ଦାଢା, ନନ୍ଦନକାନନ, ରଘୁନାଥପୁର, ଦଧିବାମନ, ଝିଙ୍କରଡିହି, ମରିଚିଆ ସମେତ କେନ୍ଦୁପାଟଣା ଉତ୍କଳମଣି ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୧୨୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ୱାର୍ଡସଭ୍ୟ ଦିଲୀପ ରାଉତ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କିଶୋର ରାଉତ, ସିଆର୍‌ସିସି ନିରଞ୍ଜନ ଦାସ, ବରିଷ୍ଠ ଶିକ୍ଷକ ସଂଗ୍ରାମ କେଶରୀ ପଟ୍ଟନାୟକ, ଧୀରେନ କୁମାର ସାହୁ, ସଦାଶିବ ବରାଳ, ଦୁଃଶାସନ ସାହୁ ପ୍ରମୁଖ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିଥିଲେ। ମହୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏଥିସହ କୃତିତ୍ୱ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆଗାମୀ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସିଆର୍‌ସିସି ନିରଞ୍ଜନ ଦାସ ଘୋଷଣା କରିଛନ୍ତି। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବେହେରା, ଟିନୁ ପଟ୍ଟନାୟକ, ଜ୍ୟୋତ୍ସ୍ନାରାଣୀ ଦାଶ, ମୌସୁମୀ ରାୟ, ସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରେ ସୁରଭି




ଆଠଗଡ଼ରେ ଅନୁଷ୍ଠିତ ଶିଶୁ ସୁରଭି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଆଠଗଡ/ ବଡ଼ମ୍ବା,୧୭।୧୦
(ସତ୍ୟ ପ୍ରସାଦ ରଥ/ ମାୟାଧର ମଲ୍ଲିକ)

ଆଠଗଡ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନନ୍ତ ଦଳାଇ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ କୁଲାଇଲୋଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ନିହରିକା ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଆର୍‌ସିସି ରଞ୍ଜିତ ମହାନ୍ତି, ସମିତି ସଭ୍ୟା ଅନୁସୟା ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର, ଭାରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ ଯୋଗଦେଇଥିଲେ। ଏହ ଅବସରରେ ମୁଖ୍ୟଅତିଥି ଜେନା କହିଥିଲେ ଯେ, ସୁରଭି ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ହୋଇପାରିବ। କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବକ୍ତୃତା, ସୃଜନଶୀଳ ଲିଖନ, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି ଶ୍ରୀକାନ୍ତ ନାୟକଙ୍କ ସହିତ ସମସ୍ତ ସିଆର୍‌ସିସି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସିଆର୍‌ସିସି ଶଶଧର ମହାରଣା ସଂଯୋଜନା କରିଥିବା ବେଳେ ସୁଧୀର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବଡ଼ମ୍ବା ବ୍ଲକ ଗୋପପୁର ପଞ୍ଚାୟତ ଅନ୍ତର୍ଗତ ସରକାରୀ ମଧ୍ୟ ଇଂଲିଶ୍ ବିଦ୍ୟାଳୟ ଗୋପପୁରଠାରେ ସାଧନକେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ବସନ୍ତ କୁମାର ପାଣିଙ୍କ ସଭାପତିତ୍ୱ ଓ ସାଧନ କେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ମୁଖ୍ୟବକ୍ତାଭାବେ ବଡମ୍ବା ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନା, ବିଶିଷ୍ଟ ଅତିଥିଭାବେ ୩୦ ନଂ.ଜୋନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ଓଷ୍ଟା ସଂଘ ସଭାପତି କଳିଙ୍ଗ କେଶରୀ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ବଳରାମ ସାମନ୍ତରାୟ ମମଞ୍ଚ ପରିଚାଳନା କରିଥିଲେ। ନାରାୟଣ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ଚୌଧୁରୀ,କଦମପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଜେନା,ବାସୁଦେବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର,ପଦ୍ମନାଭପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଥ, ପଙ୍କାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତିକୃଷ୍ଣ ପ୍ରଧାନ, ଗୋପପୁର ବାଳିକା ଉଚ୍ଚ ବିଦ୍ୟାଳୟର ମମତା ମଞ୍ଜରୀ ତ୍ରିପାଠୀ ପ୍ରଭୃତି ସହଯୋଗ କରିଥିଲେ। ଗୋପପୁର କେନ୍ଦ୍ରପ୍ରାଥମିକବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶାସନର ହସ୍ତକ୍ଷେପ ପରେ ଅଣଶିକ୍ଷକ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ

ଟିଗିରିଆ,୧ ୭।୧୦ (ଜାଫର ଖାଁ)

## ପ୍ରସନ୍ନମଣି ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟ

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନମଣୀ ଶାରୀରିକ ଶିକ୍ଷା ଓ ଯୋଗ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଣଶିକ୍ଷକ କର୍ମଚାରୀଙ୍କ ଦ୍ୱାରା ୭ ଦଫା ଦାବି ନେଇ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ହେବାକୁ ଥିବା ତାଲା ବନ୍ଦ ଆନ୍ଦୋଳନ ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ଫଳରେ ସ୍ଥଗିତ ରଖାଯାଇଛି।

୧୯୮୧-୮୨ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ଏବେ ୨ ବର୍ଷିଆ ସିପିଇଡି ,ବିପିଇଡି,୩ ବର୍ଷିଆ ବିପିଇଏସ୍ ଓ ୨ ବର୍ଷିଆ ଏମ୍‌ପିଇଏସ୍ ପାଠ୍ୟକ୍ରମ ଚାଲୁରହିଛି। ସିପିଇଡି ପାଠ୍ୟକ୍ରମରେ ୮୦, ବିପିଇଡିରେ ୧୦୦, ବିପିଇଏସ୍‌ରେ ୬୪ ଓ ଏମପିଇଏସ୍‌ରେ ୫୦ ଜଣ ଛାତ୍ରୀଛାତ୍ର ରାଜ୍ୟ ତଥା ରାଜ୍ୟ ବାହାରୁ ପାଠ ପଢୁଛନ୍ତି।ଏହି ପାଠ୍ୟକ୍ରମ ପାଇଁ ଅନୁଷ୍ଠାନରେ ୧୦ ଅଧ୍ୟାପକ,୫ ଜଣ ଟ୍ରେନରଙ୍କ ସହ ୩୪ ଜଣ ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। କାର୍ଯ୍ୟରତ ଅଧିକାଂଶ ଅଣଶିକ୍ଷକ କର୍ମଚାରୀ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ ସମ୍ପାଦନ କରୁଛନ୍ତି। କିନ୍ତୁ ଏତେ ବର୍ଷ ଚାକିରି କରିବା ଭିତରେ ସେମାନଙ୍କୁ ଅତି ସ୍ୱଳ୍ପ ଦରମା ପ୍ରଦାନ କରାଯାଉଛି। ଏଥିସହ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯିବାକୁ ଥିବା କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠିକୁ ଟଙ୍କା ମଧ୍ୟ ଦିଆଯାଉ ନାହିଁ। ଏନେଇ ଅନୁଷ୍ଠାନର କେତେଜଣ ଅଣଶିକ୍ଷକ କର୍ମଚାରୀ ଅଗଷ୍ଟ ୨୬ରେ ଜିଲାପାଳଙ୍କୁ ଭେଟି ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଜିଲାପାଳ ସମସ୍ତ ବିଷୟ ଶୁଣିବା ପରେ ଶ୍ରମିକ ଆଇନ ଅନୁଯାୟୀ, କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉକ୍ତ କର୍ମଚାରୀଙ୍କୁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସର୍ବନିମ୍ନ ପାରିଶ୍ରମିକ ପ୍ରଦାନ ସହ ଅନ୍ୟାନ୍ୟ ଅଭିଯୋଗର ସମାଧାନ ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାଶ୍ରମ ଅଧିକାରୀ ଅତିରିକ୍ତ ଜିଲା ଶ୍ରମ ଅଧିକାରୀଙ୍କୁ ଅନୁଷ୍ଠାନକୁ ପଠାଇଥିଲେ। ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଶ୍ରମ ଆଇନ ଅନୁଯାୟୀ ଜଣେ ଶ୍ରମିକ ମାସକ ମଧ୍ୟରେ ଯେତିକି ଦିନ କାମ କରିବେ ସେହି ଅନୁଯାୟୀ ତାର ପାରିଶ୍ରମିକ ମାସିକ ୪ ଦିନ ରବିବାର ଛୁଟି କାଟି ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଶ୍ରମ କାର୍ଯ୍ୟାଳୟକୁ ଚିଠି କରିବା ସହିତ ଉକ୍ତ କର୍ମଚାରୀଙ୍କୁ ଏକ ମାସର ପ୍ରାପ୍ୟ ଦେବାକୁ ଜଣାଇଥିଲେ। ମାତ୍ର ସେପ୍ଟେମ୍ବର ୨୯ରେ ଦଶହରା ଛୁଟି ଚାଲିଥିବା ବେଳେ ୧୧ ଜଣ କର୍ମଚାରୀଙ୍କ ଘରକୁ ସ୍ପିଡ୍ ପୋଷ୍ଟ ଜରିଆରେ ବିନା କୌଣସି ପୂର୍ବ ସୂଚନା ଦେଇ ବହିଷ୍କାର ନୋଟିସ ପଠାଇଥିଲେ।ଉକ୍ତ ନୋଟିସରେ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ଖରାପ ସହ ଆବଶ୍ୟକତା ଠାରୁ ଅଧିକ କର୍ମଚାରୀ ଥିବାରୁ ଇଣ୍ଡଷ୍ଟ୍ରିଆଲ ଡିସ୍‌ପୁଟ ଆକ୍ଟ ୧୯୪୭ କ୍ଲଜ (ସି) ଧାରା ୨୫ଏଫ୍ ଆଧାରରେ ବହିଷ୍କାର କରାଯାଇଥିବା କାରଣ ଦର୍ଶାଇଥିଲେ। ଉକ୍ତ ନୋଟିସ ପାଇବା ପରେ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

ସମ୍ପୃକ୍ତ କର୍ମଚାରୀମାନେ ପୁନର୍ବାର ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ସଙ୍ଗେସଙ୍ଗେ ଉପଜିଲାପାଳଙ୍କ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉପ ଜିଲାପାଳ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ କେତେଜଣ ଅଣ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କର୍ମଚାରୀଙ୍କ ବହିଷ୍କାର ଆଦେଶ ତୁରନ୍ତ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶକୁ ବେଖାତିର କରିବା ସହ ଉକ୍ତ କର୍ମଚାରୀମାନେ ଆଗକୁ ଅନୁଷ୍ଠାନ ବିରୋଧରେ ନ ଯିବା ପାଇଁ ଏକ ଅଣ୍ଡର ଟେକିଂ ଲେଖିବା ଜିଦ୍‌ରେ ଅଟଳ ରହିଥିଲେ। ଏହାକୁ ଉପ ଜିଲାପାଳ ଆଗ୍ରାହ୍ୟ କରିବା ସହ ତୁରନ୍ତ ଘଟଣାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏତେସବୁ ଆଲୋଚନା ପରେ ମଧ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଜିଦ୍‌ରେ ଅଟଳ ରହିବାରୁ ଅଣ ଶିକ୍ଷକ କର୍ମଚାରୀ ଶୁକ୍ରବାରଠାରୁ ଅନୁଷ୍ଠାନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିଲେ। ଗୁରୁବାର ସନ୍ଧ୍ୟାରେ ଆଠଗଡ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ଡାକି ଆଲୋଚନା କରିବା ସହ ଘଟଣାର ସମାଧାନ ପାଇଁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ସମୟ ନେଇଥିବାରୁ ଉକ୍ତ ସମୟ ପର୍ଯ୍ୟନ୍ତ କର୍ମଚାରୀମାନେ ଆନ୍ଦୋଳନ ସ୍ଥଗିତ ରଖିବାକୁ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ରମେଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଉକ୍ତ ଅଭିଯୋଗକାରୀ କର୍ମଚାରୀମାନେ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲାପାଳ,କଟକ ଶ୍ରମ ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଶ୍ରମ ଆଇନ ଅନୁଯାୟୀ ଶ୍ରମିକ ହିସାବରେ ମାସକୁ ୪/୫ ରବିବାର ଛୁଟି ହିସାବରେ କୁଶଳୀ, ଅଣକୁଶଳୀ ଶ୍ରମିକ ଭାବେ ପ୍ରାପ୍ୟ ପାଇବେ। ଶ୍ରମ ଆଇନ ଅନୁଯାୟୀ ଯଦି କୌଣସି ସଂସ୍ଥାରେ ଶ୍ରମିକର ଆବଶ୍ୟକତା ନାହିଁ ତେବେ ସେମାନଙ୍କୁ ୧ ମାସର ପ୍ରାପ୍ୟ ସହ ବାହାର କରିବାର ନିୟମ ରହିଛି ବୋଲି କହିଛନ୍ତି। ଏ ନେଇ ସେମାନେ ଚାହିଁଲେ ଆଇନର ଆଶ୍ରୟ ନେଇପାରିବେ ବୋଲି ଅଧ୍ୟକ୍ଷ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୦।୨୦୨୫

| | |
|---|---|
| ୪,୮୪,୮୧୪ ଟଙ୍କା | |
| ସୁନା | ୪.୨୦୦ ଗ୍ରାମ୍ |
| ରୁପା | ୧ ଗ୍ରାମ୍ |

# କଲ୍ୟାଣ ମଣ୍ଡପ ନିର୍ମାଣ ନାଁରେ ହରିଲୁଟ୍

■ ବିନା ଅନୁମତିରେ ୩୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ କାଟି ନେଲେ

■ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ଦାୟୀ କଲେ ଏନ୍ଏସି ଅଧ୍ୟକ୍ଷ

ପିପିଲି,୧୭।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲିର ପୁରାତନ ପଞ୍ଚାୟତ ଇଣ୍ଡଷ୍ଟ୍ରି ଜମିରେ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ପୁଣି ବିବାଦ ଉଠିଛି। ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ ନମ୍ବର ୱାର୍ଡର ଉକ୍ତ ଜମିରେ ନିର୍ମାଣ ହେବାକୁ ଥିବା ବହୁମୁଖୀ ପ୍ରଶସ୍ତ ଗୃହ ୫୦୦ କ୍ଷମତା ବିଶିଷ୍ଟ କଲ୍ୟାଣମଣ୍ଡପ ଫଳକ ଭଙ୍ଗା ଘଟଣା ପୂର୍ବରୁ ବିବାଦରେ ଥିବାବେଳେ ଏବେ ଏଠାରେ ନିର୍ମାଣ କାର୍ଯ୍ୟକୁ ନେଇ ପୁଣି ବିବାଦ ଦେଖାଦେଇଛି। ପ୍ରାୟ ୩କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କଲ୍ୟାଣମଣ୍ଡପର ମାଲିକାନା ଜିଲା ପ୍ରଶାସନ ପିପିଲି ଏନ୍ଏସିକୁ ହସ୍ତାନ୍ତର କରି ନ ଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କାର୍ଯ୍ୟ କରିବାକୁ ଯାଇ ସେଠାରେ ଥିବା ୩୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ ବିକ୍ରି କରିଛନ୍ତି ବୋଲି ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ ଅଭିଯୋଗ କରିଛନ୍ତି। ଏହାସହ ଉକ୍ତ ପଞ୍ଚାୟତ ଇଣ୍ଡଷ୍ଟ୍ରିରେ ରହିଥିବା ୩/୪ଟି ବଡ଼ ଲୁହା ମେଶିନ ମଧ୍ୟ ବିକ୍ରି ହୋଇଥିବା ନେଇ ସେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ପରେ ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣକୁ ନେଇ ପୁଣିଥରେ ବିବାଦ ସାମ୍ନାକୁ ଆସିଛି। ସେହିପରି ସମାନ ଅଭିଯୋଗ ପିପିଲି ଏନ୍ଏସି ଉପାଧ୍ୟକ୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ବିରୋଧରେ ଆଣିଥିବା ବେଳେ ଏଜେନ୍ସି ମନଇଚ୍ଛା କାମ କରିଛି ବୋଲି ସେ ଅଭିଯୋଗ କରିଛନ୍ତି।

ଏନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ପଚାରିବାରେ ସେ ଉକ୍ତ କାର୍ଯ୍ୟ ଓ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବିକ୍ରି ନେଇ କୌଣସି ଠିକ୍ ଉତ୍ତର ଦେଇ ନ ଥିଲେ। ଉକ୍ତ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ କରୁଛି ବୋଲି କହି ସେ ସେଠାରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବିକ୍ରି ନେଇ ଉତ୍ତରଦାୟୀ ନୁହେଁ ବୋଲି କହିଛନ୍ତି। ରାଜ୍ୟ ସରକାର 'ଏକ୍ ପେଡ ମା' କେ ନାମ୍'ରେ ବୃକ୍ଷ ରୋପଣ କରୁଥିବା ବେଳେ ଏଠାରେ ୩୦ରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଗଛ ବେଆଇନ ଭାବେ କାଟି ଦେଇ ବିକ୍ରି ହୋଇଛି। ଏନେଇ ବନ ବିଭାଗ ମଧ୍ୟ ଜାଣି ନ ଥିବା ବନ ବିଭାଗ ଅଧିକାରୀ ରେଶ୍ମା ପରିଡ଼ା କହିଛନ୍ତି। ଏପରିକି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୫।୦୯।୨୫ରେ ପିପିଲି ଏନ୍ଏସିକୁ ଚିଠି ନଂ. ୭୯୩୨ରେ ଡିମୋଲିସନ ଲେଟର ଆସିଥିବା ବେଳେ ସେଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ହରିଲୁଟ୍ର ଉତ୍ତରଦାୟୀ ବୋଲି ସେ କହିଥିଲେ।



କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଗଛ କଟାଯାଇଛି ।

## ଚନ୍ଦ୍ରଭାଗା ବେଳାଭୂମି ସୌନ୍ଦର୍ଯ୍ୟକରଣ ପାଇଁ ଅନୁଧ୍ୟାନ କଲେ ପର୍ଯ୍ୟଟନ ନିର୍ଦ୍ଦେଶକ



ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

କୋଣାର୍କ,୧୭।୧୦(ଜ୍ୟୋତିରାଜ ମହାନ୍ତି)

ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଶୁକ୍ରବାର ପୂର୍ବାହ୍ନରେ ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ, କୋଣାର୍କ ଯାତ୍ରୀନିବାସ ମରାମତି କାର୍ଯ୍ୟ ବୁଲି ଅନୁଧ୍ୟାନ କରିଥିଲେ। ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସମୟସୀମା ମଧ୍ୟରେ ଶେଷ ହେବା ନେଇ ନିର୍ଦ୍ଦେଶକ ମହାପାତ୍ର ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚନ୍ଦ୍ରଭାଗା ସମୁଦ୍ରକୂଳରେ ଥିବା ପ୍ରାୟ ୫୬ ଗୋଟି ଅସ୍ଥାୟୀ ଦୋକାନ ଉଚ୍ଛେଦ କରାଯାଇ ମେଳାପଡ଼ିଆରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଛି। ଚନ୍ଦ୍ରଭାଗା ବେଳାଭୂମି ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୪୬କୋଟି ବ୍ୟୟ ଅଟକଳ ରହିଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମି ସୌନ୍ଦର୍ଯ୍ୟକରଣ କରାଯିବ। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ସିଟିଙ୍ଗ ବେଞ୍ଚ, ପାଦଚଲା ରାସ୍ତା, ଖେଳକୁଦ, ଲନ, ଛତା, ମୋଡୁଲାର ଶୌଚାଳୟ, ଲାଇଫ ଗାର୍ଡ, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ। ସନ୍ଧ୍ୟା ସମୟରେ ବେଳାଭୂମିରେ ପର୍ଯ୍ୟଟକମାନେ ଅଧିକ ସମୟ ବିତାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ରାଜକିଶୋର ଜେନା, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ପର୍ଯ୍ୟଟନ ନିଗମର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବିକ୍ଷୋଭ

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ଅଲ୍ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଚାଷଜମିରେ କାରଖାନା ପ୍ରତିଷ୍ଠା ବନ୍ଦ, ରବିଋତୁ ପାଇଁ ଜଳସେଚନ ବ୍ୟବସ୍ଥା, ୬୦ବର୍ଷ କୃଷକ ଓ କ୍ଷେତ ମୂଲିଆଙ୍କୁ ୫୦୦୦ ଟଙ୍କା ଭତ୍ତା, କୃଷି ଋଣ ଛାଡ଼, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ ଶୁଳ୍କ ଛାଡ଼ ଦାବି ନେଇ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଟାଉନ୍ ହଲ୍ଠାରୁ ଶତାଧିକ ଚାଷୀ ମୂଲିଆ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ଜିଲା କମିଟି ସଭାପତି ଦୀନବନ୍ଧୁ ପରିଡ଼ାଙ୍କ ପରିଚାଳନାରେ ପ୍ରତିବାଦ ସଭା ହୋଇଥିଲା। ଏଥିରେ ରାଜ୍ୟ କମିଟି ସଭ୍ୟ ତଥା ପୁରୀ ଜିଲା କମିଟି ସମ୍ପାଦକ ସୁବାସ ବରାଳ ଉଦ୍ବୋଧନ ଦେଇଥିଲେ। ଜମି, ଜଳ, ଜଙ୍ଗଲକୁ କର୍ପୋରେଟ୍ ସଂସ୍ଥା ହାତକୁ ଟେକି ଦେବାକୁ ସେ ଦୃଢ଼ ବିରୋଧ କରିଥିଲେ। ଚାଷୀ ନେତା ବଟକୃଷ୍ଣ ସ୍ୱାଇଁ, ଶ୍ୟାମସୁନ୍ଦର ମହାପାତ୍ର, ହାଡ଼ିବନ୍ଧୁ ବେହେରା, ସୁବାସ ବେହେରା ବକ୍ତବ୍ୟ ରଖିଥିଲେ। ବରାଳଙ୍କ ନେତୃତ୍ୱରେ ନିରଞ୍ଜନ ସାମନ୍ତରାୟ, ଶତ୍ରୁଘ୍ନ ସାହୁ ଏବଂ ପ୍ରଫୁଲ୍ଲ କୁମାର ସାହୁ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

### ମକର ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ ୧୭।୧୦(ଅଜିତ୍ କୁମାର ମହାନ୍ତି)

ଚକ୍ରତୀର୍ଥ ନିକଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଶତାଧିକ ଲୋକଙ୍କୁ ନେଇ ଶୁକ୍ରବାର ଶ୍ରୀକ୍ଷେତ୍ର ମକର ମହୋତ୍ସବ କମିଟି ଗଠିତ ହୋଇଛି। ମକର ପର୍ବକୁ ପ୍ରତିଟି ଓଡ଼ିଆଙ୍କ ପାଖରେ ପହଞ୍ଚାଇବା ଓ ମହାପ୍ରଭୁଙ୍କ ଶ୍ୱଶୁର ଘରଠାରୁ ଏହା ଆରମ୍ଭ କରି କିପରି ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ଏହି କମିଟିର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ୭ଟି କମିଟି ଗଠନ ସହ କାର୍ଯ୍ୟକ୍ରମର ରୋଡ୍ମ୍ୟାପ ପ୍ରସ୍ତୁତ କରାଯାଇଛି। ଅତିଥିଭାବେ ମଧୁସୂଦନ ସିଂହାରୀ, ଦିଗଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ, ସଞ୍ଜୀବ କୁମାର ମୁଖାର୍ଜୀ, ଅନିରୁଦ୍ଧ ରାଉତ, କୃଷ୍ଣଚନ୍ଦ୍ର ଦାଶ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଜାନୁଆରୀ ୧୬ରୁ ଆରମ୍ଭ ହୋଇ ୫ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର ହୋଇଛି। ତାଳବଣିଆ ଉନ୍ନୟନ ପରିଷଦର କର୍ମକର୍ତ୍ତା ସିଉ ଜମାଟ ରାଓ, ରାଜେଶ କୁମାର ନନ୍ଦ, ସୁଜିତ ପଟ୍ଟନାୟକ, ବିସ୍ମୟ ମିଶ୍ର, ଶିବ ପ୍ରସାଦ ମହାନ୍ତି, ବିଶୁଦ୍ଧାନନ୍ଦ ଜେନା ଓ ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।



ଜିଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ମହିଳା କମିଶନ୍ ସଭ୍ୟା ଡ. ଅର୍ଚ୍ଚନା ମଜୁମ୍ଦାରଙ୍କ ସହ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ।

## ମହିଳାଙ୍କ ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ସମ୍ପର୍କରେ ସଚେତନତା

### ପୁରୀରେ ଜାତୀୟ ମହିଳା କମିଶନ ସଭ୍ୟା

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ଜାତୀୟ ମହିଳା କମିଶନ୍ ସଭ୍ୟା ଡ. ଅର୍ଚ୍ଚନା ମଜୁମ୍ଦାର ଶୁକ୍ରବାର ପୁରୀ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡ. ମଜୁମ୍ଦାର ପ୍ରଥମେ ପ୍ରତ୍ୟୁଷରୁ ବୃନ୍ଦାବତୀ ଯାତ୍ରୀନିବାସକୁ ଯାଇ ହବିଷିଆଳିମାନଙ୍କୁ ଭେଟିଥିଲେ। ପରେ ଜିଲା ସଂସ୍କୃତି ଭବନରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସଖୀ କେନ୍ଦ୍ରର କର୍ମଚାରୀଙ୍କୁ ମହିଳାଙ୍କ ଅଧିକାର, କର୍ତ୍ତବ୍ୟ, ଦାୟିତ୍ୱ ଓ ସେମାନଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ଆଇନସେବା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର, ଜିଲା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ପୁରୀ ସଦର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ପୌରାଞ୍ଚଳ ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଜିଲା ସଂଯୋଜିକା, ପୋଷଣ ଜିଲା ପରିଦର୍ଶିକା ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସମସ୍ୟା ସତ୍ତ୍ୱେ କୌଳିକ ବୃତ୍ତି ଆଦରିଛନ୍ତି କୁମ୍ଭକାର

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ଦୀପାବଳି ପାଇଁ ଦୀପ ପ୍ରସ୍ତୁତିରେ କୁମ୍ଭକାରମାନେ ଲାଗିପଡ଼ିଛନ୍ତି। ତେବେ ଆଗଭଳି ମାଟି ଦୀପର ଚାହିଦା ନ ଥିବାରୁ ଅନେକ କୁମ୍ଭକାର କୌଳିକ ବୃତ୍ତିରୁ ମୁହଁ ଫେରାଇ ନେଉଛନ୍ତି। ଅନ୍ୟପଟେ ବିଭିନ୍ନ ସମସ୍ୟା ଭିତରେ ମଧ୍ୟ ଅନେକ କୁମ୍ଭକାର କୌଳିକ ବୃତ୍ତିକୁ ଧରିରଖିଛନ୍ତି। ବର୍ତ୍ତମାନ ଦୀପାବଳିରେ ଚାଇନା ଲାଇଟ୍, ଚାଇନା ଦୀପ ଓ ମହମବତି ଆଦିର ବହୁଳ ବ୍ୟବହାର ଦେଖିବାକୁ ମିଳୁଛି। ତେବେ ପରମ୍ପରା ଅନୁଯାୟୀ ଦୀପାବଳିରେ ମାଟି ଦୀପ ମଧ୍ୟ ବ୍ୟବହାର କରାଯାଉଛି। ପୁରୀର କୁମ୍ଭାରପଡ଼ା, ବାଡ଼ାସାହି ଜେନାପୁର, ଟିକରପଡ଼ା ଓ ନୂଆସାହିର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର ଦୀପ ଗଢୁଛନ୍ତି। ଅମାବାସ୍ୟା ଦୀପ, ଗୁଳିଦୀପ, ନଖଦୀପ, ପାନପତ୍ର ଦୀପ ଆଦି ତିଆରି କରାଯାଉଛି। ଅମାବାସ୍ୟା ଦୀପର ନିର୍ମାଣ ଶୈଳୀ ସ୍ୱତନ୍ତ୍ର। ଏହାର ଦାମ୍ ୧ ଟଙ୍କାରୁ ୫ ଟଙ୍କା ପର୍ଯ୍ୟନ୍ତ ରହେ। ସେହିପରି ବଡ଼ଦୀପର ଦାମ୍ ୧୦୦ରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଥାଏ। କେତେଜଣ କୁମ୍ଭକାର ବରାଦ ମୁତାବକ ବଡ଼ ଦୀପ ପ୍ରସ୍ତୁତ କରୁଛନ୍ତି। ଜଣେ କୁମ୍ଭକାର କହିଛନ୍ତି, ବର୍ତ୍ତମାନ ମାଟି ବାହାରୁ କିଣିବାକୁ ପଡୁଛି। ଗୋଟିଏ ଟ୍ରିପ୍ ମାଟିକୁ ୨ ହଜାର ଟଙ୍କା ପଡୁଛି। ଦୀପାବଳିରେ ଦୀପ ପ୍ରସ୍ତୁତି ପାଇଁ ଦୁଇ ଟ୍ରିପ୍ ମାଟି ଆବଶ୍ୟକ। ତେବେ କିଛିବର୍ଷ ହେବ ମାଟି ସେତେ ଭଲ ଆସୁନି। ପୂର୍ବଭଳି ଦୀପର ଚାହିଦା ଆଉ ସେତେ ନାହିଁ, କାରଣ ବଜାରରେ ଚାଇନା ଦୀପ, ପ୍ଲାଷ୍ଟିକ୍ ଦୀପ ଆଦି ବିକ୍ରି ହେଉଛି। କେବଳ ବୃତ୍ତିକୁ ବଞ୍ଚେଇ ରଖିବା ପାଇଁ ମାଟିଦୀପ ଗଢୁଛୁ। ସେହିପରି ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଦୀପ ପ୍ରସ୍ତୁତ କରୁଛନ୍ତି। ଏନେଇ କୁମ୍ଭକାର ନିଯୋଗ ଉପଦେଷ୍ଟା ତଥା ପୂର୍ବତନ ସମ୍ପାଦକ ମହେନ୍ଦ୍ର କୁମାର ବିଶୋଇ କହିଛନ୍ତି, ମାଟିରେ ବିଭିନ୍ନ ସାମଗ୍ରୀ ନିର୍ମାଣ କରିବା କୁମ୍ଭକାରଙ୍କ କୌଳିକ ବୃତ୍ତି। ଦୀପାବଳିକୁ ଦୃଷ୍ଟିରେ ରଖି କୁମ୍ଭକାର ଘରର ସଦସ୍ୟମାନେ ଦୀପ ନିର୍ମାଣ କରିଥାନ୍ତି। ପ୍ରାୟ ୧୦ହଜାର ଦୀପ ନିର୍ମାଣ କରାଯାଇଥାଏ। ତେବେ ମାଟିଦୀପର ଚାହିଦା କ୍ରମଶଃ କମିବାରେ ଲାଗିଛି। ନିର୍ମାଣ ପାଇଁ ଯେତିକି ଖର୍ଚ୍ଚ ହେଉଛି, ସେତିକି ମୂଲ୍ୟ ମିଳୁନାହିଁ। ମାତ୍ର କୌଳିକ ବୃତ୍ତିକୁ ବଞ୍ଚାଇବାକୁ ପଡ଼ିବ। ତେବେ ବୃତ୍ତି ବଞ୍ଚାଇ ରଖିବା ପାଇଁ ସରକାରଙ୍କ ପକ୍ଷରୁ କୁମ୍ଭକାରମାନଙ୍କୁ ସହାୟତା ଯୋଗାଇଦେବାର ଆବଶ୍ୟକତା ରହିଛି।



ଜଣେ ମହିଳା କୁମ୍ଭକାର ମାଟି ନିର୍ମିତ ସାମଗ୍ରୀ ଗଢ଼ି ସଜେଇ ରଖିଛନ୍ତି ।

## ବରିଷ୍ଠ ନାଗରିକଙ୍କୁ କାର୍ଡ ବଣ୍ଟନ

ଯୋଗେଶ୍ୱରପୁର,୧୭।୧୦(ରଶ୍ମିରଞ୍ଜନ ସାହୁ)

ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ପରିସରରେ ଶୁକ୍ରବାର ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ବରିଷ୍ଠ ନାଗରିକ ମର ୨୫ ଜଣ ସଭ୍ୟଙ୍କୁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଆମ ପୋଲିସ କାର୍ଡ ବଣ୍ଟନ କରିଛନ୍ତି। ଏଥିରେ ମଧୁସୂଦନ ରାୟ, ଶେଖ ଜବାର୍ ଖାଁ, ପ୍ରକାଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ମୋହନ ବିଟି, କୃଷ୍ଣ ଚନ୍ଦ୍ର ବାରିକ, ଅନନ୍ତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ନୂତନ ସଭ୍ୟ ରବି ମିଶ୍ର, ବିଜୟ ବେହେରା, ପବନ ପାତ୍ର, ନିମାଇ ଚରଣ ତ୍ରିପାଠୀ, କେଦାର ସାହୁ ପ୍ରମୁଖଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

## ରାସ୍ତା ଅବରୋଧ କରୁଥିବା ବେଆଇନ ନିର୍ମାଣ ଉଚ୍ଛେଦ

ସାକ୍ଷୀଗୋପାଳ,୧୭।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ସାକ୍ଷୀଗୋପାଳଙ୍କ ପବିତ୍ର ଅଁଳା ନବମୀ ଓ ବଡ଼ ଏକାଦଶୀ ପର୍ବ ନିମନ୍ତେ ଜିଲା ତଥା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଲକ୍ଷାଧିକ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେଉଁଠି ବିପଦସଙ୍କୁଳ କୋଠା ଭଙ୍ଗାଯାଉଛି ତ କେଉଁଠି ଜବରଦଖଲ ଉଚ୍ଛେଦ କରାଯାଉଛି। ସାକ୍ଷୀଗୋପାଳ ବସ୍ ଷ୍ଟପ୍ ଠାରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଉଠାଦୋକାନ ସହ ବ୍ୟବସାୟ ପ୍ରତିଷ୍ଠାନର ରାସ୍ତା ଅବରୋଧ କରୁଥିବା ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ଥାନାଧିକାରୀ ବିଜୟକେତନ ବେହେରା, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ଜେନାଙ୍କ ସମେତ ଅମିନ ଓ ପୋଲିସ ଫୋର୍ସ ମୁତୟନ ଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

କାକଟପୁର/ଅସ୍ତରଙ୍ଗ,୧୭।୧୦ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ନିର୍ବାଚନମଣ୍ଡଳୀର ମା' ମଙ୍ଗଳା ମନ୍ଦିର ନିକଟରୁ ଶୁକ୍ରବାର ବିଜେଡି ପକ୍ଷରୁ ପଦଯାତ୍ରା, ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଦଳକୁ ମଜଭୁତ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କାକଟପୁର ସରପଞ୍ଚ ଅଭୟ କୁମାର ପ୍ରମୁଖ ଯୋଗଦେଇ ଦଳର ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ଏହାସହ ଅନ୍ୟ ନେତୃତ୍ୱମାନେ ଯୋଗଦେଇ ନବୀନ ସରକାର ସମୟରେ ହୋଇଥିବା ବିକାଶର କଥାକୁ କହିବା ସହ ଜନସମ୍ପର୍କ ପଦଯାତ୍ରା ଓଡ଼ିଶାର ସ୍ୱାର୍ଥ, ସ୍ୱାଭିମାନ ଓ ପ୍ରଗତିର ଯାତ୍ରା ବୋଲି କହିଥିଲେ। ପଦଯାତ୍ରାରେ ଶତାଧିକ ବିଜୁ ଜନତା ଦଳର କର୍ମୀ ସାମିଲ ହୋଇଥିଲେ।

## ଗାଡ଼ି ଚୋରି ଅଭିଯୋଗରେ ୨ ଗିରଫ

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ସ୍କୁଟି, ବାଇକ୍ ଚୋରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଗୋଟିଏ ସ୍କୁଟି ଓ ୩ଟି ବାଇକ୍ ଜବତ କରିଛି। ଏଥିସହ ଗୋଟିଏ ବାଇକ୍ର ଇଞ୍ଜିନ ଓ ପାର୍ଟ୍ସ ମଧ୍ୟ ଜବତ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ବଘାର ଅଜୟ ଭୋଇ(୨୫) ଓ ରାମଚଣ୍ଡୀ ଥାନା ଅଞ୍ଚଳର ପ୍ରକାଶ କୁମାର ବାରିକ(୨୬)। ଏନେଇ ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅତିରିକ୍ତ ଏସ୍ପି ସୁଶୀଲ କୁମାର ମିଶ୍ର ଓ ଥାନା ଆଇଆଇସି ମାନସ ରଞ୍ଜନ ଚକ୍ର ସୂଚନା ଦେଇ କହିଛନ୍ତି, ପେଣ୍ଠକଟା ବିଜୁ ନଗରର ରାମଚନ୍ଦ୍ର ଓଝା ଗତ ୫ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅ ପେଣ୍ଠକଟା ପେଟ୍ରୋଲପମ୍ପ ଛକ ନିକଟରେ ଏକ ସ୍କୁଟି(ନଂ.ଓଡି ୧୩ ଡବ୍ଲ୍ୟୁ ୮୯୬୧) ପାର୍କ କରି ରଖିଥିଲେ। ତେବେ ସେଠାରୁ ସ୍କୁଟି ଚୋରି ହୋଇଯାଇଥିଲା। ଉକ୍ତ ଅଭିଯୋଗକ୍ରମେ ଥାନାରେ ଏକ କେସ୍(ନଂ.୨୯୦/୨୦୨୫) ରୁଜୁ ହୋଇ ତଦନ୍ତ କରାଯାଇଥିଲା। ତଦନ୍ତ ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କ ନିକଟରୁ ଆଉ ୩ଟି ଚୋରି ବାଇକ୍ ଓ ଅନ୍ୟ ଏକ ବାଇକ୍ର ଇଞ୍ଜିନ ସହ କିଛି ଯନ୍ତ୍ରାଂଶ ଜବତ କରାଯାଇଥିଲା।

# କଉଡ଼ିଖଣି-ସାହସପୁର ସଡ଼କ କାମ ଅଧାପନ୍ତରିଆ

କଣାସ,୧୭।୧୦(ବିଭୂତି ଭୂଷଣ ତ୍ରିପାଠୀ)

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ମୁଖ୍ୟତଃ ରାସ୍ତା ନିର୍ମାଣ ଦିଗରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ରାସ୍ତା ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି କରି ରାସ୍ତା ନିର୍ମାଣ କରୁଥିବାବେଳେ ରାସ୍ତା ଅଧପନ୍ତରିଆ କରି ଠିକାଦାର ୨ ବର୍ଷ ହେଲା ନିରବ ରହିଥିବା ଦେଖିବାକୁ ମିଳିଛି। କାଦୁଆ ପଞ୍ଚାୟତର କଉଡ଼ିଖଣି ସାହସପୁର ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ନୂଆ ଜଗନ୍ନାଥ ସଡ଼କର ଚୁପୁରିଙ୍ଗି ଠାରୁ ସୁନାଖେଳା, କଉଡ଼ିଖଣି, ସାହସପୁର ଦେଇ ଗୋପୀନାଥପୁର ପର୍ଯ୍ୟନ୍ତ। ଏହି ରାସ୍ତାଦେଇ ଦୈନନ୍ଦିନ ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ସାହାସପୁର, କଉଡ଼ିଖଣି, ସୁନାଖେଳା ଗ୍ରାମର ଲୋକମାନେ ଦୈନନ୍ଦିନ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ, ସବରେଜିଷ୍ଟ୍ରି କାର୍ଯ୍ୟାଳୟ, କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟାତ କରିଥାନ୍ତି। ସେହି ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ୍ ଦିନକୁ ୪ ଥର ଯାତାୟାତ କରିଥାଏ ଏବଂ ପୁରୀକୁ ମଧ୍ୟ ୨ଟି ବସ୍ ଯାତାୟାତ କରୁଛି। ଉକ୍ତ ରାସ୍ତାରେ ଫେବର୍ ବ୍ଲକ ରାସ୍ତାରେ ପଡ଼ିଥିବାବେଳେ କେତେକ ସ୍ଥାନ ଖାଲି ଥିବାରୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାସ୍ତା ମରାମତି କରିବା ପାଇଁ ଗ୍ରାମବାସୀ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିକଟରେ ଦାବି କରିବା ସହିତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗର ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ନିକଟରେ ରାସ୍ତା କାମ କରିବା ପାଇଁ ଦାବି କରିଆସୁଛନ୍ତି । ଅଧିକାରୀମାନେ ଏଥି ପ୍ରତି ଦୃଷ୍ଟି ଦେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।



ଅଧାପନ୍ତରିଆ ରହିଥିବା ରାସ୍ତା ।

# ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା ନାହିଁ: ଅଞ୍ଚଳବାସୀ ହଇରାଣ

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୨୦ ବର୍ଷ ଧରି ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପୁରୀ ସଦର ବ୍ଲକ ବାଲିଗୁଆଳି ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମ ଟକିଜ୍ ଲେନ୍ ପଛପାର୍ଶ୍ୱ ବାସିନ୍ଦା। ସେମାନଙ୍କ ସମସ୍ୟା ଦୂର ହୋଇପାରୁନାହିଁ। ବିଶେଷ କରି ବର୍ଷାଦିନ ଆସିଲେ ଅଞ୍ଚଳବାସୀଙ୍କ ସମସ୍ୟା ଦ୍ୱିଗୁଣ ହେଉଛି। ରାସ୍ତା ନ ଥିବାରୁ ସାହିବାସିନ୍ଦା ଯାତାୟାତ ଲାଗି ହଇରାଣ ହେଉଛନ୍ତି। ପିଲାମାନେ ବିଦ୍ୟାଳୟକୁ ଯିବା ଆସିବାରେ ସମସ୍ୟା ଭୋଗୁଛନ୍ତି। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାତାୟାତ କରିପାରୁନାହିଁ। ସେହିପରି ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଦୀର୍ଘ ସମୟ ଧରି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହୁଛି। ଦିନବେଳା ଘରେ ସାପ, ବେଙ୍ଗ ପଶୁଛନ୍ତି। ପିଲାମାନେ ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି। ପାଣି ଜମିରହିବା ଯୋଗୁ ସାହିବାସିନ୍ଦା ଅନେକ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ ଜଣାଇଲେ ମଧ୍ୟ ନିରାଶ ହେବାକୁ ପଡୁଛି ବୋଲି ସାହିବାସିନ୍ଦା କ୍ଷୋଭର ସହ କହିଛନ୍ତି। ପୁରୀ ସହରକୁ ଲାଗିରହିଥିବା ଉକ୍ତ ସାହିରେ ରାସ୍ତା ନିର୍ମାଣ ସହ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଚିନ୍ତାମଣି ତ୍ରିପାଠୀ କୁହନ୍ତି, ଶ୍ରୀରାମ ଟକିଜ୍ ଲେନ୍ ଅଞ୍ଚଳରେ ରାସ୍ତା ଓ ଡ୍ରେନେଜ୍ ସୁବିଧା ନ ଥିବାରୁ ଅନେକ ହଇରାଣ ହେବାକୁ ପଡୁଛି। ବର୍ଷାଦିନେ ଉକ୍ତ ରାସ୍ତାରେ ଏକ ଫୁଟରୁ ଅଧିକ ଉଚ୍ଚର ପାଣି ଲହଡ଼ି ମାରିଥାଏ। ସେହି ପାଣିରେ ଯିବାଆସିବା କରିବା କଷ୍ଟସାଧ୍ୟ ହୋଇପଡ଼େ। ପାଣିରେ ସାପ ଭୟ ରହିଥାଏ। ଏଭଳି ସ୍ଥିତିରେ ଲେନ୍ ବାସିନ୍ଦା ଦୀର୍ଘବର୍ଷ ଧରି ବ୍ଲକ୍, ପୌରପାଳିକା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲୁଣି। ହେଲେ କେହି ଆମ ସମସ୍ୟାର ସମାଧାନ କରୁନାହାନ୍ତି। ପରସ୍ପର ଉପରେ ଦୋଷ ଲଦି ନିଜ ମୁଣ୍ଡରୁ ଦୋଷ ଓହ୍ଲାଇ ଦେଉଛନ୍ତି। ରାସ୍ତା କିଏ ନିର୍ମାଣ କରିବ ତାହା ଆଜିପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ। ଆମେ କେବଳ ହନ୍ତସନ୍ତ ହେଉଛୁ ବୋଲି ସେ କ୍ଷୋଭର ସହ ବ୍ୟକ୍ତ କରିଛନ୍ତି।



ଶ୍ରୀରାମ ଟକିଜ୍ ଲେନ୍ ପଛପାର୍ଶ୍ୱ ଅଞ୍ଚଳରେ ଜମି ରହିଥିବା ପାଣି ।

## ସଂକ୍ଷେପରେ

# ମା’ ଡମଡମଣୀ ପୀଠର ବିକାଶ ପାଇଁ ଖର୍ଚ୍ଚ ହେବ ୧୦ କୋଟି

**ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟିଲେ ଭାଜପା ପ୍ରତିନିଧି ମଣ୍ଡଳୀ**

ମଙ୍ଗୁଳି-ଜଗତପୁର,୧୭।୧୦(ମାନସ ସାମଲ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ମା’ ଡମଡମଣୀ ପୀଠ ନବୀକରଣ ପାଇଁ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମା’ ଡମଡମଣୀ ପୀଠର ନବୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡାଙ୍କ ଅନୁମୋଦନ ମିଳିଛି। ନବୀକରଣ ଯୋଜନା ପାଇଁ ୧୦ କୋଟିର ମଞ୍ଜୁରି ମିଳିଛି ବୋଲି ଅଭୟ ସୂଚନା ଦେଇଛନ୍ତି। ଯୋଜନା ଅନୁଯାୟୀ, ମା’ ଡମଡମଣି ଓ ବନଦୁର୍ଗା ପୀଠର ବିକାଶ ନିମନ୍ତେ ଯଥା ରାସ୍ତା, ଲାଇଟ, ପିକନିକ ପାଇଁ ପିଣ୍ଡି, ପାଣିର ସୁବିଧା, ରାତିରେ ରହିବା ପାଇଁ ଘର, ମା’ଙ୍କ ସୁରକ୍ଷା ପୀଠ ଚାରିପାଖ ପଥର ପାଚେରି ନିର୍ମାଣ ହେବ। ସେହିପରି ଆଠଗଡ଼ସ୍ଥିତ ଉତ୍ତରାଚଣ୍ଡୀ ମନ୍ଦିର ବିକାଶ ପାଇଁ ୫ କୋଟିର ବ୍ୟୟବରାଦ କରାଯିବ ଓ ବାଳମୁକୁନ୍ଦ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମା’ ଡମଡମଣୀ କମିଟି ଚେୟାରମ୍ୟାନ ରବୀନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲିକ, ଯୁବ ସଙ୍ଗଠକ ପ୍ରଶାନ୍ତ ବେହେରା, ବିନୋଦ ରାଉତ, ରଞ୍ଜନ ବସ୍ତିଆ, ଉତନ ପରିଡା, ଧୁଶାସନ ପାଣ୍ଡବ, ଚଗଲା ଦେହୁରୀ, ସୁକାନ୍ତ ସ୍ୱାଇଁ, ମଙ୍ଗଲ ଶିଙ୍କୁ, ଟିଙ୍କିନା ମୁଣ୍ଡା, ଧୀରେନ୍ଦ୍ର ବେହେରା, ସନ୍ତୋଷ ବେଉରା, ଯଶୋବନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶିପଦାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ମାନ୍ୟତା

ଫୁଲନଖରା,୧୭।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ କୋରକରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଶିପଦା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୋରକରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମ୍ୟ କମିଟି ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ହରପ୍ରିୟା ସାମଲ ଯୋଗଦେଇ ଏହି ଯୋଜନାର ମୂଳଲକ୍ଷ୍ୟ ବିଷୟରେ ବୁଝାଇଥିଲେ। ଆଦର୍ଶ ଗ୍ରାମ୍ୟରେ ପରିଣତ କରିବାକୁ ହେଲେ ପ୍ରଥମତଃ ରାସ୍ତା, ପାନୀୟ ଜଳ, ଆଲୋକୀକରଣ, ବିଦ୍ୟାଳୟ ଆଦି ଅନେକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏବାବଦରେ ବାର୍ଷିକ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁଦାନ ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ସୂଚନା ଦେଇଥିଲେ। କୋରକରା ପଞ୍ଚାୟତ ନାଏବ ସରପଞ୍ଚ ନିରୁପମା ନାୟକ, ପଞ୍ଚାୟତ ପିଇଓ ପ୍ରିୟମ୍ବଦା ବେହେରା, ୩୩ ନଂ. ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ଖାଦ୍ୟ ସହ ପରିଚିତ ହେବେ ନୂତନ ପିଢ଼ି

## ଡିସେମ୍ବର ୨୦ରୁ ଓଡ଼ିଶା ଖାଦ୍ୟ ମହୋତ୍ସବ

ଭୁବନେଶ୍ୱର,୧୭।୧୦(ସୁଚିସ୍ମିତା ସାହୁ)

ଓଡ଼ିଆ ଖାଦ୍ୟ, ସଂସ୍କୃତି ଓ ପରମ୍ପରା ଅନନ୍ୟ। ଓଡ଼ିଆ ଖାଦ୍ୟ ବହୁ ପୌଷ୍ଟିକ ଓ ସ୍ୱାଦଯୁକ୍ତ ହୋଇଥାଏ। ହେଲେ ବର୍ତ୍ତମାନର ନୂତନ ପିଢ଼ିମାନେ ଓଡ଼ିଆ ଖାଦ୍ୟ ପରିବର୍ତ୍ତେ ବିଦେଶୀ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ନୂତନ ଯୁବପିଢ଼ିଙ୍କୁ ଓଡ଼ିଆ ଖାଦ୍ୟ ସହ ପରିଚିତ କରିବା ପାଇଁ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡ଼ିଆ ଖାଦ୍ୟ ମହୋତ୍ସବର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଏହି ମହୋତ୍ସବ ଆୟୋଜନ ହେବ ବୋଲି ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା ଏନେଇ ସୂଚନା ଦେଇଛନ୍ତି।



ବିଶ୍ୱ ଖାଦ୍ୟ ଦିବସ ପାଳନ ଅବସରରେ ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ସହ ଅନ୍ୟମାନେ।

ନୟାପଲ୍ଲୀସ୍ଥିତ ବିଶ୍ୱ ଓଡ଼ିଆ ପରିବାର କାର୍ଯ୍ୟାଳୟଠାରେ ଗୁରୁବାର ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଥିଲା। ପରିବାର ଅଧ୍ୟକ୍ଷ ଶର୍ମାଙ୍କ ସହ ଅନୁଷ୍ଠାନର ସଦସ୍ୟ ଓ ଖାଦ୍ୟ ଗବେଷକମାନେ ଉପସ୍ଥିତ ରହି ଓଡ଼ିଶାର ପାରମ୍ପରିକ ଓ ପ୍ରସିଦ୍ଧ ଖାଦ୍ୟ ଉପରେ ଆଲୋଚନା କରିବା ସହ ଏହାର ପ୍ରଚାରପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଓଡ଼ିଆ ଖାଦ୍ୟ ମହୋତ୍ସବର ଆୟୋଜନ ନେଇ ନିଷ୍ପତ୍ତି ନିଆଯିବା ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଖାଦ୍ୟ ସଂସ୍କୃତି ଗବେଷକ ଭକ୍ତ ତ୍ରିପାଠୀ କହିଛନ୍ତି, ଓଡ଼ିଆ ଖାଦ୍ୟ ମହୋତ୍ସବରେ ପ୍ରତି ଜିଲାର ପୃଥକ୍ ଖାଦ୍ୟ ପ୍ରକୋଷ୍ଠ କରାଯାଇ ସେଥିରେ ସମ୍ପୃକ୍ତ ଜିଲାର ପ୍ରସିଦ୍ଧ ଖାଦ୍ୟକୁ ପରିବେଷଣ କରାଯିବ। ଏଥିସହ ଖାଦ୍ୟର ପ୍ରସ୍ତୁତି, ବିଭିନ୍ନ ଉପାଦାନ ଓ ରନ୍ଧନ ଶୈଳୀକୁ ମଧ୍ୟ ପ୍ରଦର୍ଶନ କରାଯିବ। ପ୍ରତିଦିନ ଓଡ଼ିଆ ଖାଦ୍ୟ ସଂସ୍କୃତି ସମ୍ବନ୍ଧରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହିତ ଖାଦ୍ୟ ଗବେଷକ ଓ ଖାଦ୍ୟ ସଂସ୍କୃତି ପୁସ୍ତକ ଲେଖକମାନେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବରେ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟ ଓ କଲୋନି ବାସିନ୍ଦା, ହୋଟେଲ ମ୍ୟାନେଜମେଣ୍ଟ କଲେଜ ଓ ସ୍କୁଲ ପିଲା ଏବଂ ପ୍ରସିଦ୍ଧ ହୋଟେଲଗୁଡିକ ମଧ୍ୟରେ ରୋଷେଇ ପ୍ରତିଯୋଗିତା ଓ ଓଡ଼ିଆ ଖାଦ୍ୟକୁ ନେଇ କୁଇଜ ତଥା ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ଓଡ଼ିଆ ଖାଦ୍ୟ ଓ ସଂସ୍କୃତିର ବାହାରେ ପ୍ରଚାର ପାଇଁ ଗୌରବ ଆଣିଦେଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ କାଳନ୍ଦି ସାମଲ, କୁଳମଣି ରାଉତ, ପରିବେଶବିତ୍ ଡ. ହାଡିବନ୍ଧୁ ପାଣିଗ୍ରାହୀ, ଡ. ପ୍ରତାପ ପାଣି, ଭବାନୀ ପ୍ରସାଦ ମିଶ୍ର, ସୁବ୍ରତ କିଶୋର ନାୟକ, ଅକ୍ଷୟ କୁମାର ବଳିଆରସିଂ, ତ୍ରିଗୁଣ ଦାସମହାପାତ୍ର, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତୋତ୍ସବ

ବାରଙ୍ଗ,୧୭।୧୦(ଲିଙ୍ଗରାଜ ରାଉତ)

ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ୨ଦିନ ଧରି ଅନୁଷ୍ଠିତ ନୂତନ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ବା ଇଣ୍ଡକସନ ସଭା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କଳାବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କର ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଓ ଯୁବସେବା ବିଭାଗର ଉପସଚିବ ଅମ୍ବି କୁମାର ନାୟକ ଯୋଗଦେଇ ପ୍ରେରଣାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। କଳା ବିଭାଗର ନଅଜଣ ବିଭାଗୀୟ ମୁଖ୍ୟମାନେ ସେମାନଙ୍କର ନୂତନ ବିଦ୍ୟାର୍ଥୀ ପରିଚୟ ପ୍ରଦାନ କରିଥିଲେ। ଦିତୀୟ ଦିନ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କେପ ଜେମିନି ଆଇଟି କମ୍ପାନୀର ଅଧିକାରୀ ଇଂ ପ୍ରତାୟ ପ୍ରିୟାଙ୍କର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଶୈକ୍ଷିକ ପରାମର୍ଶଦାତା ଡଃ. ଗିରିଶ ପ୍ରସାଦ ସୱାଇଁ ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶକ କରିଥିଲେ। ବିଜ୍ଞାନ ସ୍ରୋତର ଛଅଟି ସ୍ନାତକ ବିଭାଗ ଓ ପ୍ରାଣୀବିଜ୍ଞାନ ବିଭାଗର ସ୍ନାତକତ୍ତୋର ବିଭାଗର ନୂତନ ଛାତ୍ରଛାତ୍ରୀମାନଙ୍କୁ ବିଭାଗୀୟ ମୁଖ୍ୟମାନେ ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ରାଉତ ମହାବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା, କୃତି ଓ ପ୍ରଗତୀକୁ ବିଶ୍ଳେଷଣାତ୍ମକ ଭାବେ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରବୀଣ କୁମାର ସାହୁ, ଅଧ୍ୟାପିକା ଗୀତାଞ୍ଜଳି ବେହେରା, ଅଧ୍ୟାପିକା ମାଳବିକା ବ୍ରହ୍ମା, ଗାର୍ଗୀ ବାନାର୍ଜୀ, ଡଃ. ସାତୀ ପଟ୍ଟନାୟକ, ଅଭିପ୍ସା ପଣ୍ଡା, ସୁନୀଲ କୁମାର ସେଠୀ ପରିଚାଳନା କରିଥିଲେ।



୧୬ ନମ୍ବର ଜାତୀୟ ରାଜପଥର ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଦୁର୍ଘଟଣା ପରେ ଓଲଟିପଡିଥିବା କାର୍। ଏଥିରେ ବସିଥିବା ଜଣେ ମହିଳାଙ୍କ ସମେତ ୨ଜଣ ଆହତ ହୋଇଛନ୍ତି।

# ଏମ୍ସ ଭୁବନେଶ୍ୱର ଭିଆରଡିଏଲ୍‌କୁ ରୌପ୍ୟ ପୁରସ୍କାର



ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କଠାରୁ ଏମ୍ସର ଡା. ବୈଜୟନ୍ତିମାଳା ମିଶ୍ର ଓ ଡା. ଭାଗୀରଥି ଦ୍ୱିବେଦୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭାଇରାଲ ଡାଇଗ୍ନୋଷ୍ଟିକ୍ସ ଗବେଷଣା ଓ ଗୁଣବତ୍ତାରେ ଉଲ୍ଲେଖନୀୟ ଅବଦାନ**

ଭୁବନେଶ୍ୱର, ୧୭।୧୦ (ବନ୍ଦନା ସେଠୀ)

ଏମ୍ସ ଭୁବନେଶ୍ୱରର ଭାଇରାଲ ରିସର୍ଚ୍ଚ ଆଣ୍ଡ୍ ଡାଇଗ୍ନୋଷ୍ଟିକ ଲାବରେଟୋରୀ (ଭିଆର୍‌ଡିଏଲ୍)କୁ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ରୌପ୍ୟ ପୁରସ୍କାର ମିଳିଛି। ଭାଇରାଲ ଡାଇଗ୍ନୋଷ୍ଟିକ୍ସରେ ଉଚ୍ଚମାନର ନିର୍ଣ୍ଣୟ ସେବା, ଗବେଷଣା ଏବଂ ଗୁଣବତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏହି ପୁରସ୍କାର ଦିଆଯାଇଛି। ସ୍ୱାସ୍ଥ୍ୟ ଗବେଷଣା ବିଭାଗ (ଡିଏଚ୍‌ଆର୍) ଦ୍ୱାରା ନୂଆଦିଲ୍ଲୀର ମାନେକ୍‌ଶା କେନ୍ଦ୍ରରେ ଆୟୋଜିତ ଭିଆର୍‌ଡିଏଲ ସମ୍ମିଳନୀରେ କେନ୍ଦ୍ର ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲଙ୍କଠାରୁ ଏମ୍ସ ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡା. ବୈଜୟନ୍ତିମାଳା ମିଶ୍ର ଏବଂ ଗବେଷଣା ବିଭାଗର ଆସୋସିଏଟ୍ ଡିନ୍ ଡା. ଭାଗୀରଥି ଦ୍ୱିବେଦୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଭିଆର୍‌ଡିଏଲ୍ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହିତ ଏହି ସଫଳତା ପାଇଁ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏମ୍ସ ଭୁବନେଶ୍ୱରର ଭିଆରଡିଏଲ୍ ୨୦ହଜାରରୁ ଅଧିକ ରୋଗୀଙ୍କୁ ୫୦ରୁ ଅଧିକ ଭାଇରାଲ ସଂକ୍ରମଣ ନିମନ୍ତେ ନିଃଶୁଳ୍କ ସେବା ପ୍ରଦାନ କରିଛି। ମହାମାରୀ ଓ ଜନସ୍ୱାସ୍ଥ୍ୟ ପରିଚାଳନାରେ ତତ୍କାଳ ରୋଗ ନିର୍ଣ୍ଣୟ ସହାୟତା ପ୍ରଦାନ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। କୋଭିଡ୍-୧୯ ସମେତ ହାଣ୍ଡ-ଫୁଟ୍-ମାଉଥ୍ ଡିଜିଜ୍, ମିଳିମିଳା, ହର୍ପସ ସିମ୍ପେକ୍ସ ଭାଇରସ, ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଓ ଅନ୍ୟାନ୍ୟ ଜଟିଳ ଶ୍ୱାସକ୍ରିୟା ଭାଇରସ ଭଳି ସଂକ୍ରମଣ ଏହି ଲାବରେଟୋରୀ ଦ୍ୱାରା ସଫଳତାର ସହିତ ପରିଚାଳିତ କରାଯାଇଛି। ଡିଏଚ୍‌ଆର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଭିଆର୍‌ଡିଏଲ ନେଟ୍‌ୱର୍କରେ ଦେଶରେ ୧୬୫ଟି ପରୀକ୍ଷାଗାର ଅନ୍ତର୍ଭୁକ୍ତ। ଏହା ଆଞ୍ଚଳିକ, ରାଜ୍ୟ ଓ ମେଡିକାଲ କଲେଜସ୍ତରରେ କାର୍ଯ୍ୟ କରୁଛି ବୋଲି ଡା. ବିଶ୍ୱାସ କହିଛନ୍ତି।

# ମନ୍ଦିର କୂଅରେ ଯୁବକଙ୍କ ମୃତଦେହ, ହତ୍ୟା ସନ୍ଦେହ

**ଗର୍ଭଣା ସଂକ୍ରାନ୍ତିରେ ଉପବାସ ରହିଲେ ମହାପ୍ରଭୁ**

ସାଲେପୁର,୧୭।୧୦(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଅନ୍ତର୍ଗତ ମା’ସାହେଶ୍ୱରୀ ଓ ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସର କୂଅରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ଏଥିଯୋଗୁ ସଂକ୍ରାନ୍ତିରେ ମନ୍ଦିର ବନ୍ଦ ରହିବାରୁ ଠାକୁରଙ୍କୁ ଉପବାସ ରହିବାକୁ ପଡ଼ିଛି। ସନ୍ଧ୍ୟାରେ ମନ୍ଦିର ପରିସର ଧୁଆହେବା ସହ ଠାକୁରଙ୍କ ମହାସ୍ନାନ ପରେ ହୋମ କରାଯାଇ ନୀତିକାନ୍ତି କରାଯାଇଛି। ଅପରପକ୍ଷେ ଯୁବକଙ୍କୁ ହତ୍ୟା କରି କୂଅରେ ପକାଇ ଦିଆଯାଇଥିବା ସନ୍ଦେହ କରାଯାଉଛି।

ସାଲେପୁର ସାହେଶ୍ୱରୀ ମନ୍ଦିର ପରିସର ଶୁକ୍ରବାର ପ୍ରବଳ ଦୁର୍ଗନ୍ଧ ହୋଇଥିଲା। ମନ୍ଦିର ପୂଜକ ଏବଂ କମିଟି କର୍ମକର୍ତ୍ତା ସବୁଆଡେ ଖୋଜାଖୋଜି କରିବା ପରେ ମନ୍ଦିର ପରିସରରେ ଡାଙ୍କୁଣୀ ଥିବା କୂଅରେ ଏକ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସ୍ଥାନୀୟ ଲୋକେ ସାଲେପୁର ପୋଲିସ ଏବଂ ଦମକଳ ବାହିନୀକୁ ଖବର ଦେଇଥିଲେ। ଏହାପରେ ଦମକଳ କର୍ମଚାରୀ ପହଞ୍ଚି କୂଅ ଭିତରୁ ଯୁବକଙ୍କ ମୃତଦେହକୁ ବାହାର କରିଛନ୍ତି। ମୃତକଙ୍କ ପକେଟରୁ ଏକ ପାନ୍ କାର୍ଡ, ଏଟିଏମ୍ କାର୍ଡ ଏବଂ ଏକ ମୋବାଇଲ ମିଳିଛି। କୂଅରେ ଡାଙ୍କୁଣୀ ପକାଯାଇଥିବାବେଳେ ସେଥିରୁ ମୃତଦେହ କିପରି ମିଳିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବରପାଇ ସାଲେପୁର ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୨୧/୨୦୨୫) ରୁଜୁ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଯୁବକଙ୍କ ଡାହାଣ ହାତରେ ରମେଶ ଲେଖା ହୋଇଥିବା ଜଣାପଡିଛି। ପାନ୍ କାର୍ଡରୁ ତାଙ୍କ ନାମ ରମେଶ ମାଝି ଓ ଠିକଣା ପଶ୍ଚିମବଙ୍ଗ ପୁରୁଲିଆ ଜିଲା ଅନ୍ତର୍ଗତ ମନ ବଜାରସ୍ଥିତ ପ୍ରତାପପୁର ଅଞ୍ଚଳର ବୋଲି ଜଣାପଡ଼ିବା ପରେ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ସାଲେପୁର ଥାନା ଆଇଆଇସି ଅନିତା ସାହୁ ସୂଚନା ଦେଇଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଭୁବନେଶ୍ୱର,୧୭।୧୦(ବନ୍ଦନା ସେଠୀ)



ଭୁବନେଶ୍ୱର ସୁନ୍ଦରପଦା ଠାରେ ହାଇଟେକ୍ ପ୍ଲାଜା ଆନେକ୍ସ ଆପାର୍ଟମେଣ୍ଟରେ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଏଲ୍ ଏନ୍ ପାଢ଼ୀ ପରିଚାଳନା କରିଥିବା ବେଳେ ଏ କେ ରଥଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ଏଥିସହ ଯେଉଁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ସେମାନଙ୍କୁ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା।

# କୁଆଖାଇ ନଦୀକୁ ଡେଇଁଲେ ଯୁବତୀ

**ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି**



ଭୁବନେଶ୍ୱର,୧୭।୧୦ (ସତ୍ୟଜିତ ରାଉତ)

ଜଣେ ଯୁବତୀ ଶୁକ୍ରବାର କୁଆଖାଇ ବ୍ରିଜ ଉପରୁ ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଅପରାହ୍ନରେ ଏହି ଘଟଣା ଘଟିଛି। ସ୍ଥାନୀୟ ଲୋକମାନେ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ପରିଚୟ ଜଣାପଡିନାହିଁ। ସେ କାହିଁକି ଓ କେଉଁଭଳି ପରିସ୍ଥିତିରେ ଏଭଳି ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ ତାହା ଜଣାପଡି ନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଯୁବତୀ ଜଣକ ସ୍କୁଟିରେ ଆସି ଗାଡିକୁ ଥୋଇ ବ୍ରିଜ ଉପରୁ ଡେଇଁ ପଡ଼ିଥିଲେ। ସେହି ସମୟରେ ନଦୀରେ ଗାଧୋଉଥିବା ଲୋକେ ଏହା ଦେଖି ଯୁବତୀଜଣଙ୍କୁ ଉଦ୍ଧାର କରିଥିଲେ।

## ଫଟୋରେ ଖବର



ବକେୟା ଦରମା ଦାବିରେ ଆୱାରଲ୍ୟାଣ୍ଡ ଏଜେନ୍ସି ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ବିଏମ୍‌ସି ସଫେଇ ମଜଦୁର ସଂଘ ସହଯୋଗରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଉଦ୍ଧବ ନାଟ ମଣ୍ଡଳୀ ସୁନାବେଡ଼ା ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ପରିବେଷିତ ନାଟକ ‘ମଣ୍ଡୁକ ଉପାଖ୍ୟାନ’ର ଏକ ଦୃଶ୍ୟ।

# ‘ଶିକ୍ଷା ସହ କଳା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ’

**ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)**


 କ୍ଷେତ୍ରସ୍ତରୀୟ କଳା ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**କ୍ଷେତ୍ରସ୍ତରୀୟ କଳା ଉତ୍ସବ**
■ ୫ ଜିଲାର ୧୨୬ ଛାତ୍ରୀଛାତ୍ର ଦେଖାଇଲେ ପ୍ରତିଭା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ କନ୍ଧମାଳ ଜିଲାକୁ ନେଇ କ୍ଷେତ୍ରସ୍ତରୀୟ କଳା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଜେବି ହାଇସ୍କୁଲଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫ଟି ଜିଲାର ମୋଟ୍ ୧୨୬ଜଣ ଛାତ୍ରୀଛାତ୍ର ଯୋଗଦେଇ ୧୨ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଉତ୍ସବ ଉଦ୍‌ଘାଟନ କରି କହିଥିଲେ ଯେ, ଶିକ୍ଷା ସହିତ କଳା ଓ ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶିକ୍ଷାର ଚାପଗ୍ରସ୍ତ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ମନରେ ଆନନ୍ଦ ଭରିଦେଇଥାଏ। ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା କହିଥିଲେ, କଳା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରେ। ତେଣୁ କଳାର ଆବଶ୍ୟକତା ଜୀବନର ଅପରିହାର୍ଯ୍ୟ। ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଂଯୋଜିକା ସୁନୀତା ପଟ୍ଟନାୟକ ଏହି ଉତ୍ସବର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଉପସ୍ଥିତ ଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବେଉରା କହିଥିଲେ ଯେ, ପିଲାମାନଙ୍କ ମଧ୍ୟରେ ପ୍ରତିଭା ରହିଛି। ସେମାନଙ୍କ ସୃଜନଶୀଳତା ବିକାଶ ଦିଗରେ କଳା ଉତ୍ସବ ଏକ ବଳିଷ୍ଠ ମାଧ୍ୟମ। ପ୍ରତ୍ୟେକ ସ୍ତରରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାକୁ ପଡେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ହେଲେ ଧୀରସ୍ଥିର, ଶାନ୍ତଚିତ୍ତ ଭାବେ ଅଧ୍ୟୟନ ଜରୁରୀ। ପ୍ରତ୍ୟେକ ବିଫଳତା ପଛରେ ଏକ ସଫଳତା ରହିଛି। କୌଣସି କାର୍ଯ୍ୟରେ ଅକୃତକାର୍ଯ୍ୟ ହେଲେ ଭାଙ୍ଗି ନ ପଡି ପୁନଃ ଉଠିବାକୁ ଚେଷ୍ଟା କର। ସଫଳତାର ଶୀର୍ଷରେ ପହଞ୍ଚି ପାରିବ। ଶୃଙ୍ଖଳା ସଫଳତାର ମାର୍ଗ ପ୍ରଶସ୍ତ କରେ। ସମ୍ମାନିତ ଅତିଥି ରଶ୍ମିବାଳା ପରିଡା ଓ ପ୍ରଜ୍ଞା ପାରମିତା ଜେନା ବିଦ୍ୟାଧ୍ୟୟନ ସହ କଳାରେ ମଧ୍ୟ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରତିଯୋଗିତାରେ ଏକକ ସଙ୍ଗୀତରେ ପ୍ରଥମ ଆହନ ସ୍ୱାଇଁ, ଦଳଗତ ସଙ୍ଗୀତରେ ପ୍ରଥମ ଆଦର୍ଶ ବିଦ୍ୟାଳୟ ଫତେଗଡ଼, ବାଦ୍ୟଯନ୍ତ୍ର ସଙ୍ଗୀତରେ ପ୍ରଥମ ଜୟ ଅଗ୍ରୱାଲ, ମୃଦଙ୍ଗରେ ପ୍ରଥମ ପ୍ରଜ୍ୱଳ ସୂତାର, ଶାସ୍ତ୍ରୀୟ ସଙ୍ଗୀତରେ ପ୍ରଥମ ବିକାଶ ଆବାସିକ ବିଦ୍ୟାଳୟ, ଦଳଗତ ନୃତ୍ୟରେ ପ୍ରଥମ ନୂଆଗାଁ କନ୍ଧମାଳ, ଏକକ ନୃତ୍ୟରେ ପ୍ରଥମ କ୍ଷୀରାବ୍ଧି ତନୟା ରାଉତ, ନାଟକରେ ପ୍ରଥମ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା, ଦୃଶ୍ୟକଳା ଟୁ ଡିରେ ଆଶୁତୋଷ ସ୍ୱାଇଁ, ଥ୍ରୀ ଡି ନିରଞ୍ଜନ ବାରିକ, ଦଳଗତ ଥ୍ରୀ ଡିରେ ସ୍ନେହାଶିଷ ସାହୁ ଏବଂ ଓମ୍ ଶୁଭମ ନାୟକ, ଗଳ୍ପ କଥନରେ ବିଜେବି ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧା ପ୍ରମୁଖ ୧ମ ସ୍ଥାନରେ ରହିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ଛାତ୍ରୀଛାତ୍ର ଆସନ୍ତା ୨୨, ୨୩ ଓ ୨୪ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ, ସନ୍ଧ୍ୟାବତୀ ଲେଙ୍କା, ବିଜେବି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ, ସମଗ୍ର ଶିକ୍ଷାର ସମସ୍ତ ବିଭାଗୀୟ ମୁଖ୍ୟ, ଖୋର୍ଦ୍ଧା ବ୍ଲକର ସମସ୍ତ ସିଆର୍‌ସିସି, ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ, ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ମହାପାତ୍ର, ରବିନାରାୟଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସୁନୀତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ମଙ୍ଗଳାଯୋଡ଼ିରେ ବିଦେଶୀ ପକ୍ଷୀ



**ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)**

ଚଳିତବର୍ଷ ଶୀତ ପୂର୍ବରୁ ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ବିଭିନ୍ନ ପ୍ରଜାତିର ପକ୍ଷୀ ଚିଲିକା ଆକାଶରେ ଉଡ଼ି ବୁଲୁଥିବା ଦେଖିବାକୁ ମିଳିଛି। ଚିଲିକା ଏବଂ ନଳବଣ ଅଞ୍ଚଳରେ ବର୍ତ୍ତମାନ ଜଳସ୍ତର ଅଧିକ ଥିବାରୁ ପକ୍ଷୀସମୂହ ନିରାପଦ ବାସସ୍ଥାନ ଏବଂ ଉପଯୁକ୍ତ ଖାଦ୍ୟ ଅନ୍ୱେଷଣରେ ମଙ୍ଗଳାଯୋଡ଼ି ପ୍ରକୃତି ବିହାର ଅଞ୍ଚଳରେ ଘୂରିବୁଲୁଥିବା ଦେଖିବାକୁ ମିଳିଛି। ଦୁଇ ସପ୍ତାହ ପୂର୍ବରୁ ପକ୍ଷୀଙ୍କ ଆଗମନ ହୋଇଥିବାରୁ ସେମାନଙ୍କ ସଂଖ୍ୟା ଆଶାତୀତ ବୃଦ୍ଧି ପାଇବ ବୋଲି ବିଭାଗୀୟ ଅଧିକାରୀମାନେ ଆଶାପ୍ରକଟ କରିଛନ୍ତି। ତେବେ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶିକାର ରୋକିବାକୁ ଅସ୍ଥାୟୀ କ୍ୟାମ୍ପ କରାଯିବା ସହ ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ।

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ୱାଚ୍ ଟାୱାର, ବିଟ୍ ହାଉସ୍

**ନିରାକାରପୁର,୧୭।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ବନଖଣ୍ଡ ଅନ୍ତର୍ଗତ ଟାଙ୍ଗୀ ବନାଞ୍ଚଳରେ ହାତୀ ଏବଂ ବାରହାଙ୍କ ଉପଦ୍ରବ ବଢ଼ିଚାଲିଛି। ଫଳରେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଅନ୍ୟପଟେ ଏହି ବନାଞ୍ଚଳରେ ଥିବା ୱାଚ୍ ଟାୱାର ଏବଂ ବିଟ୍ ହାଉସ୍‌ରେ କର୍ମଚାରୀ ରହୁ ନ ଥିବାରୁ ଏହା ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ପ୍ରକାଶ ଯେ, ଉକ୍ତ ବନାଞ୍ଚଳ ଅଧୀନରେ ଦୁଇଟି ୱାଚ୍ ଟାୱାର ରମେଶ୍ୱର ଏବଂ ଗୟାବନ୍ଧରେ ରହିଛି। ସେହିଭଳି ୩ଟି ବିଟ୍ ହାଉସ୍ ଭୂଷଣ୍ଡପୁର, ନାଳସିଂହ ଏବଂ ସିକୋରେ ରହିଛି। ବନ୍ୟପ୍ରାଣୀ, ଶିକାରୀ ଓ କାଠ ମାଫିଆଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜଙ୍ଗଲ ମଧ୍ୟରେ ଏହି ୱାଚ୍ ଟାୱାର ନିର୍ମାଣ କରାଯାଇଛି। ବନ୍ୟପ୍ରାଣୀଙ୍କ ଉପରେ ନଜର ରଖିବା ପରେ ଫରେଷ୍ଟ ଗାର୍ଡ ଏବଂ ୱାଚ୍‌ମ୍ୟାନମାନେ ବିଶ୍ରାମ ନେବା ପାଇଁ ବିଟ୍ ହାଉସ୍ ନିର୍ମାଣ କରାଯାଇଛି। ତେବେ ଉକ୍ତ ୱାଚ୍ ଟାୱାର ଏବଂ ବିଟ୍ ହାଉସ୍‌ରେ କର୍ମଚାରୀ ରହୁ ନ ଥିବାରୁ ସନ୍ଧ୍ୟା ହେଲେ ଏ ଅସାମାଜିକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି ଯେ, ରାମେଶ୍ୱର ୱାଚ୍ ଟାୱାର ବନ୍ଦ ରହିଥିବା ବେଳେ ଅନ୍ୟ ୱାଚ୍ ଟାୱାର ଏବଂ ବିଟ୍ ହାଉସ୍ ଠିକ୍‌ଭାବେ ଚାଲିଛି।

# ବେଆଇନ ବାଣ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାଣପୁର,୧୭।୧୦(ଦିଲୀପ କୁମାର ସ୍ୱାଇଁ)**

ଆଉ ଦିନ କେଇଟା ପରେ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଛି ଗାଁଠୁ ସହର। ଅନ୍ୟପକ୍ଷରେ ସକ୍ରିୟ ହୋଇଉଠିଛନ୍ତି ବେଆଇନ ବାଣ ବ୍ୟବସାୟୀ। ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ବେଆଇନ ଭାବେ ବାଣ ପ୍ରସ୍ତୁତ କରାଯାଇ କାରବାର ଚାଲିଛି। କେତେକ ଗ୍ରାମରେ ବିନା ଲାଇସେନ୍ସରେ ଚାଲୁଥିବା ଦୋକାନୀଙ୍କୁ ବାଣ ଯୋଗାଉଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ନାରୁଣୀ ଥାନା ଅଞ୍ଚଳର ଗମ୍ଭାରୀମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ପଦ୍ମପୁର, ଆୟଉପୁର ପଞ୍ଚାୟତ ଅନ୍ତର୍ଗତ ବେଲଡ଼ିହ ଏବଂ ବାଣପୁର ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଆଙ୍କୁଲାପଦର ଅଞ୍ଚଳରେ ବେଆଇନଭାବେ ପ୍ରସ୍ତୁତ ବାଣ ବିକ୍ରି ଚାଲିଛି। ଅସାଧୁ ବ୍ୟବସାୟୀମାନେ ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖି ବିଭିନ୍ନ ଗ୍ରାମରେ ସମ୍ପର୍କୀୟଙ୍କ ଘରକୁ ଭଡାକୁ ନେଇ ବେପାର କରୁଛନ୍ତି। ଅସାଧୁ ବ୍ୟବସାୟୀଙ୍କୁ ଭୟ କରି ପଡ଼ୋଶୀମାନେ କେହି ମୁହଁ ଖୋଲୁନାହାନ୍ତି। ତୁରନ୍ତ ସ୍ଥାନୀୟ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଉକ୍ତ ଅଞ୍ଚଳରେ ଚଢ଼ାଉ କରିବାକୁ ଦାବି ହେଉଛି।

# ଜିଲାସ୍ତରୀୟ ପେନ୍‌ସନ ଅଦାଲତ


ଜିଲାସ୍ତରୀୟ ପେନ୍‌ସନ ଅଦାଲତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଏବଂ ଅଧିକାରୀମାନେ।

**ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାସ୍ତରୀୟ ପେନ୍‌ସନ ଅଦାଲତ ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରିଥିଲେ। ପେନ୍‌ସନ ଅଦାଲତରେ ବିଭିନ୍ନ ବିଭାଗର ୧୯୩ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ ଅଭିଯୋଗ ବିଚାର କରି ବିଭାଗୀୟ ଅଧିକାରୀଙ୍କୁ ବିହୀତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକରେ ଅବସର ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସ୍ଥଗିତ ଥିବା ସାମୟିକ ଓ ପରିବାର ପେନସନ କେସ ଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅତିରିକ୍ତ ଜିଲାପାଳ ବେଉରା ସମୀକ୍ଷା କରିଛନ୍ତି। ପେନ୍‌ସନ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ, ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯେଉଁ କର୍ମଚାରୀଙ୍କ ଉଚ୍ଚ ନ୍ୟାୟାଳୟରେ କେସ୍ ଅଛି ସେଗୁଡିକୁ ବାଦ୍ ଦେଇ ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସାମୟିକ ପେନ୍‌ସନ ତୁରନ୍ତ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଯେଉଁ କର୍ମଚାରୀଙ୍କ ଭିଜିଲାନ୍ସ କେସ୍ ଅଛି ସେ ଦିଗରେ ଭିଜିଲାନ୍ସ ବିଭାଗ ସମ୍ମତି ପ୍ରଦାନ କଲେ ଓ ସରକାରୀ ମୁଖ୍ୟାଳୟ ଅନୁମତି ଦେଲେ ସାମୟିକ ପେନ୍‌ସନ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଥିଲେ କେବଳ ସାମୟିକ ପେନ୍‌ସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୌଣସି କର୍ମଚାରୀଙ୍କ କିଛି ଅର୍ଥ ସରକାରଙ୍କୁ ପୈଠ କରିବାକୁ ଅଛି, ତାହା ଉକ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟିରୁ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ବେଉରା ଆହୁରି କହିଥିଲେ ଯେ, ସରକାରୀ କର୍ମଚାରୀ ଯେଉଁଦିନ ଚାକିରିରୁ ଅବସର ଗ୍ରହଣ କରିବେ ସେହିଦିନ ସାମୟିକ ପେନ୍‌ସନ ନିର୍ଦ୍ଦେଶପତ୍ର ଦେବାର ପ୍ରାବଧାନତା ରହିଛି। ଏଣୁ ଏ ଦିଗରେ ଦାୟିତ୍ୱରେ ଥିବା ପେନ୍‌ସନ ବିତରଣ ଅଧିକାରୀ ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକ ରହିଛି। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀ ସମ୍ପଦ ବିଭାଗ, ଜିଲା ମଙ୍ଗଳ ବିଭାଗ, ବନଖଣ୍ଡ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଜଳସମ୍ପଦ ପ୍ରାଚୀ ଖଣ୍ଡ, ଖୋର୍ଦ୍ଧା ଖଣ୍ଡ, ଜଳ ନିଷ୍କାସନ ଖଣ୍ଡ, ଜିଲା ଶ୍ରମ ବିଭାଗ, ଜିଲା ସମବାୟ ସମିତି, ମତ୍ସ୍ୟ ବିଭାଗ, ସମସ୍ତ ବ୍ଲକ ଓ ତହସିଲ କାର୍ଯ୍ୟାଳୟର ପେନ୍‌ସନ କେସ୍‌ର ଅଗ୍ରଗତି ସମୀକ୍ଷା କରାଯାଇଛି। ଏହି ପେନ୍‌ସନ ଅଦାଲତରେ ଯୋଗଦେଇ ନ ଥିବା ବିଭାଗୀୟ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ। ସେହିପରି ଯେଉଁମାନେ ଅବସର ଗ୍ରହଣର ତିନି ମାସ ପରେ ସରକାରୀ ବାସଭବନ ଛାଡୁ ନାହାନ୍ତି ସେମାନଙ୍କ ବିରୋଧରେ ଜିଲାପାଳଙ୍କୁ ଚିଠି ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଦ୍ୟାଳୟ ମୁଖ୍ୟ ଫାଟକ ବିପଦସଙ୍କୁଳ



**ବାଣପୁର,୧୭।୧୦(ଦିଲୀପ କୁମାର ସ୍ୱାଇଁ)**

ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଫାଟକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫାଟକଟି କ୍ଷତିଗ୍ରସ୍ତ ହେବାର ଏକ ମାସ ବିତିଯାଇଥିଲେ ମଧ୍ୟ ମରାମତି ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଥାଉ କି, ଏହି ବିଦ୍ୟାଳୟ ପରିସରରେ ଏକ ଶୌଚାଳୟ କାମ କଣ୍ଟ୍ରାକ୍ଟରଙ୍କ ଦ୍ୱାରା କରାଯାଉଥିଲା। ଉକ୍ତ କାମ ପାଇଁ ସାମଗ୍ରୀ ଆଣୁଥିବା ଏକ ଗାଡ଼ି ବିଦ୍ୟାଳୟର ମୁଖ୍ୟ ଫାଟକକୁ ଧକ୍କା ଦେଇଥିଲା। ଫଳରେ ଫାଟକଟି କ୍ଷତିଗ୍ରସ୍ତ ହେବା ସହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତ୍ରୀଛାତ୍ରମାନେ ଉକ୍ତ ଫାଟକ ଦେଇ ଯାତାୟାତ କରୁଥିବା ବେଳେ କେତେବେଳେ ଅଘଟଣ ଘଟିବ କହିହେବ ନାହିଁ। ଅନ୍ୟପଟେ ବିଦ୍ୟାଳୟ କର୍ତ୍ତୃପକ୍ଷ ବିପଦସଙ୍କୁଳ ଫାଟକ ଲେଖି କର୍ତ୍ତବ୍ୟ ସାରିଦେଇଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ କହିଛନ୍ତି ଯେ, ଗାଡ଼ି ଧକ୍କାରେ ବିଦ୍ୟାଳୟ ଫାଟକ କ୍ଷତିଗ୍ରସ୍ତ ହୋଇଥିବାରୁ ସମ୍ପୃକ୍ତ କଣ୍ଟ୍ରାକ୍ଟର ମରାମତି କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ଏହି ଫାଟକ ମରାମତି କରିବାକୁ ଅଭିଭାବକଙ୍କ ପକ୍ଷରୁ ଦାବି ହେଉଛି।

# କେରଳରେ ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣା: ମୃତ୍ୟୁ ସଂଖ୍ୟା ୪ ଛୁଇଁଲା

**ଟାଙ୍ଗୀ,୧୭।୧୦(ରଘୁନାଥ ସାହୁ)**

କେରଳ କୁର୍ନୁଲ ଜିଲାରେ ଗତ ୧୦ ତାରିଖରେ ଘଟିଥିବା ଗ୍ୟାସ୍ ସିଲିଣ୍ଡର ଫାଟିବା ଘଟଣାରେ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ମୃତକମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ବାଲିପାଟପୁର ଗ୍ରାମର ସୁବାସ ବେହେରା, ନିଗମ ବେହେରା, ଶିବ ବେହେରା ଏବଂ ହାଟବରଡି ଗ୍ରାମର ଜିତେନ୍ଦ୍ର ବେହେରା। ପ୍ରକାଶ ଯେ, ମତ୍ସ୍ୟଜୀବୀ ସମ୍ପ୍ରଦାୟର ଏହି ୪ଜଣ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ କେରଳ କୁର୍ନୁଲ ଜିଲାକୁ ଯାଇ ସେଠାରେ ଥିବା ସମୁଦ୍ରରେ ମାଛଧରି ଜୀବିକା ନିର୍ବାହ କରୁଥିଲେ। ସେଠାରେ ଏମାନେ ସମସ୍ତେ ଗୋଟିଏ ଘରେ ରହୁଥିଲେ। ଘରେ ଥିବା ଗ୍ୟାସ୍ ସିଲିଣ୍ଡର ହଠାତ୍ ଫାଟିଯିବା ଫଳରେ ୪ଜଣ ପୋଡ଼ି ହୋଇ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ନିକଟ ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କ ପରେ ଜଣଙ୍କ ମୃତ୍ୟୁ ଘଟିଛି। ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ପରିବାରକୁ ସରକାରୀ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି। ନିକଟରେ ସ୍ଥାନୀୟ ଜନପ୍ରତିନିଧି ଟାଙ୍ଗୀ ତହସିଲଦାରଙ୍କୁ ଭେଟି ସରକାରୀ ସହାୟତା ଯୋଗାଇଦେବାକୁ ନିବେଦନ କରିଥିଲେ।

# ପୋଷଣ ସଚେତନତା କାର୍ଯ୍ୟକ୍ରମ



ପୋଷଣ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ବାଲୁଗାଁ,୧୭।୧୦(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟରେ ପୋଷଣ ସଚେତନତା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ କୈଳାସ ଚନ୍ଦ୍ର ମହାରଣା ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ପୋଷଣ ମାସର ଉଦ୍ଦେଶ୍ୟ, ଗୁରୁତ୍ୱ ଓ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ପୋଷଣ କାର୍ଯ୍ୟକ୍ରମର ଉପାଦେୟତା ସହିତ କିଶୋରୀମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୁଜାତା ପ୍ରଧାନ, ବରିଷ୍ଠ ଅଧ୍ୟାପିକା ମୋନାଲିସା ମାନସିଂହ, ଅଧ୍ୟାପିକା ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ପୋଷଣ ମାସ ଜନସାଧାରଣଙ୍କ ଉପରେ ପକାଇଥିବା ଗୁଣାତ୍ମକ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।

# ଭଲିବଲ ଟୁର୍ନାମେଣ୍ଟ: ବାଲୁଗାଁ କଲେଜ ଚାମ୍ପିୟନ




**ବାଲୁଗାଁ,୧୭।୧୦(ସଂଗ୍ରାମ ପାଇକରାୟ)**

ବେଗୁନିଆ କଲେଜଠାରେ ଅନୁଷ୍ଠିତ ମହାବିଦ୍ୟାଳୟ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ବାଲୁଗାଁ କଲେଜ ଭଲିବଲ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଅଧ୍ୟାପକ ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଯାଇଥିବା ଏହି ଦଳ ଆଗାମୀ ଦିନରେ ରାଜ୍ୟସ୍ତରୀୟ ଫାଇନାଲ ଖେଳରେ ପ୍ରତଦ୍ୱନ୍ଦିତା କରିବେ। ଏହି ବିଜୟୀ ଭଲିବଲ ଟିମ୍‌କୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

# ଗ୍ରୀନ୍ କ୍ରାକରକୁ ନେଇ ଦ୍ୱନ୍ଦ୍ୱ, ଅସନ୍ତୋଷ

**ଖୋର୍ଦ୍ଧା,୧୭।୧୦(ପ୍ରଭାତ ପାଣିଗ୍ରାହୀ)**

ଆଲୋକର ପର୍ବ ଦୀପାବଳିରେ ଶବ୍ଦଯୁକ୍ତ ବାଣ ଫୁଟାଇବା ଉପରେ କଟକଣା ରହିଥିବା ବେଳେ ପରିବେଶ ଅନୁକୂଳ ସବୁଜ ବାଣ(ଗ୍ରୀନ୍ କ୍ରାକର) ଫୁଟାଇବାକୁ ଉଚ୍ଚ ନ୍ୟାୟାଳୟ ଅନୁମତି ପ୍ରଦାନ କରିଛନ୍ତି। ପେଟ୍ରୋଲିୟମ ଓ ବିସ୍ଫୋରକ ନିରାପତ୍ତା ସଙ୍ଗଠନ(ପୋସା) ପକ୍ଷରୁ ଅନୁମତିପ୍ରାପ୍ତ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ରାତି ୭ଟାରୁ ୯ଟା ପର୍ଯ୍ୟନ୍ତ ଏହି ବାଣ ଫୁଟାଇବାକୁ ନିର୍ଦ୍ଦେଶ ରହିଛି। ଚଳିତ ବର୍ଷ ବାଣ ଦୋକାନ ଖୋଲିବାକୁ ବିଳମ୍ବରେ ଅନୁମତି ଦିଆଯାଇଛି। ଫଳରେ ଅଧିକାଂଶ ବାଣ ଦୋକାନ ଖୋଲିପାରିନାହିଁ। ପୁଣି ବେଆଇନ ବାଣ ଦୋକାନରେ ପୋଲିସର ଚଢ଼ାଉ ଯୋଗୁ ସହରରେ ଫୁଟପାଥ୍ ବାଣ ଦୋକାନ ଖୋଲିନାହିଁ। ସେହିପରି ପ୍ରଶାସନ ପକ୍ଷରୁ ବାଣ ଦୋକାନରେ ଚଢ଼ାଉ ସହ ଶବ୍ଦଯୁକ୍ତ ବାଣ ଯାଞ୍ଚ ଚାଲିଛି। ଅନ୍ୟପଟେ ଗ୍ରୀନ୍ କ୍ରାକରକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ରହିଛି। ଏହି ବାଣ କ'ଣ, ତାହାକୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବଜାରରେ ବାଣ ନ ଥିବାରୁ ବହୁ ଗ୍ରାହକ ନିରାଶ ମଧ୍ୟ ହୋଇଛନ୍ତି।

ଶରଧାପୁର ଅଞ୍ଚଳର ଜିତେନ୍ଦ୍ର ବେହେରା କୁହନ୍ତି, ସାଧାରଣତଃ ଦୀପାବଳିରେ ବାଣ ଫୁଟାଯାଇଥାଏ। ଘର ସାଜସଜ୍ଜା ପରେ ବାରଣ୍ଡାରେ ବସି ପରିବାର ସହ ବାଣ ଫୁଟାଇବା ନିଆରା। ପିଲାବେଳୁ ଚଉଁରାମୂଳେ ଦୀପ ଲଗାଇବା ପରେ ବାଣ ଫୁଟାଇ ଆସୁଛୁ। ଗ୍ରୀନ୍ କ୍ରାକର ଫୁଟାଇବାକୁ ଅନୁମତି ରହିଥିବା ବେଳେ ଏହା ବଜାରରେ ମିଳୁନାହିଁ। ସାମାଜିକ କର୍ମୀ ସୁଶାନ୍ତ ମୋହନ ପଟ୍ଟନାୟକ କୁହନ୍ତି, ପରିବେଶ ଅନୁକୂଳ ଗ୍ରୀନ୍ କ୍ରାକର ଅନ୍ୟ ବାଣ ତୁଳନାରେ କମ୍ ପ୍ରଦୂଷଣ କରିଥାଏ। ଶବ୍ଦଯୁକ୍ତ ବାଣ ଯୋଗୁ ପଶୁପକ୍ଷୀ ଭୟଭୀତ ହୋଇଥାନ୍ତି। ତେଣୁ ପରିବେଶ ଅନୁକୂଳ ବାଣ ଫୁଟାଇବା ଉଚିତ। ଗୁରୁଜଙ୍ଗ ଅଞ୍ଚଳର ରାକେଶ ସାହୁ କୁହନ୍ତି, ସବୁଜ ବାଣ ଫୁଟାଇବା ପାଇଁ ନିର୍ଦ୍ଦେଶ ରହିଛି। ସାଧାରଣତଃ ଦୀପାବଳି ଆସିଲେ,ବାଣ ଫୁଟାଇବାର ମଜା ଥାଏ। ପୋଲିସ ଚଢ଼ାଉ ଯୋଗୁ ବଜାରରେ କୌଣସି ବାଣ ନାହିଁ। ଚଳିତ ବର୍ଷ ବାଣ ଫୁଟାଇବାରୁ ବଞ୍ଚିତ ହେବୁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି ଯେ, ପରିବେଶ ଅନୁକୂଳ ସବୁଜ ବାଣ କମ୍ ପ୍ରଦୂଷଣ କରିଥାଏ। ଶବ୍ଦଯୁକ୍ତ ବାଣ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହ ପ୍ରାଣିଜଗତ ଏବଂ ଗୁରୁତର ରୋଗୀଙ୍କ ଉପରେ ପ୍ରଭାବ ପଡିଥାଏ। ତେଣୁ ପରିବେଶ ଅନୁକୂଳ ସବୁଜ ବାଣ ଫୁଟାନ୍ତୁ। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା କହିଛନ୍ତି, ସବୁଜ ବାଣ ଫୁଟାଇବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବିନା ଅନୁମତିରେ ବାଣ ବିକ୍ରି କରାଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ଥାନା ଅଞ୍ଚଳରେ ନିୟମ କଡ଼ାକଡି କରାଯାଇଛି। ବାଘମାରୀ ଥାନା ଲେଖନପୁର ଅଞ୍ଚଳରୁ ବିପୁଳ ପରିମାଣ ବାଣ ଜବତ କରାଯାଇଛି।

## ସଂକ୍ଷେପରେ

### ମଙ୍ଗଳା ନଦୀର ପୁନରୁଦ୍ଧାର ନେଇ ଆଲୋଚନା

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ପୁରୀର ମଙ୍ଗଳା ନଦୀ ପୁନରୁଦ୍ଧାର ପାଇଁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ଶୁକ୍ରବାର ମଙ୍ଗଳା ନଦୀ ପୁନରୁଦ୍ଧାର କମିଟି ପକ୍ଷରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ପରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। କମିଟି ଅଧ୍ୟକ୍ଷ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ନୀଳାଦ୍ରି ଭକ୍ତ ନିବାସରେ ମୁଖ୍ୟ ପ୍ରଶାସକଙ୍କୁ ଭେଟିଥିଲେ। ତୃତୀୟ ବୈଷୟିକ କମିଟିର ପ୍ରସ୍ତାବକୁ ତ୍ୱରିତ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଅନୁରୋଧ କରିଥିଲେ। ମୁଖ୍ୟ ପ୍ରଶାସକ ପାଢ଼ୀ ଏହାକୁ ଗୁରୁତ୍ୱର ସହିତ ଗ୍ରହଣ କରି ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗଜପତି ମହାରାଜାଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର ଗଜପତିଙ୍କୁ ଶ୍ରୀମନ୍ଦିର ନୀତିକାନ୍ତି ସହିତ ମଙ୍ଗଳା ନଦୀ (ଯମୁନା ନଦୀ)ର କର୍ମାଙ୍ଗୀ ମାଦଳା ପାଞ୍ଜିରେ କ'ଣ ସମ୍ପର୍କ ରହିଛି ସେ ସମ୍ପର୍କରେ ଜଣାଇଥିଲେ।

### ପୁରୀ ଜିଲା ମିଳିତ ମାଧ୍ୟମିକ ଶିକ୍ଷକ ସଂଘ ଗଠିତ

ପୁରୀ,୧୭।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ମାଧ୍ୟମିକ ଶିକ୍ଷକମାନଙ୍କୁ ନେଇ 'ମିଳିତ ମାଧ୍ୟମିକ ଶିକ୍ଷକ ସଂଘ ଗଠିତ ହୋଇଛି। ଏହି ଅବସରରେ ଜିଲା ଶିକ୍ଷାଧିକାରୀଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା କରାଯାଇଛି। ଜିଲାର ୨୦୦୪ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ମାଧ୍ୟମିକ ଶିକ୍ଷକମାନଙ୍କୁ ନେଇ ଶୁକ୍ରବାର କୁଳମଣି ଭବନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା। ତାପସ ପ୍ରିୟଦର୍ଶନ,ସୁରେନ୍ଦ୍ର ତରାଇ, ପ୍ରଦୀପ୍ତ ବେହେରା, ଚନ୍ଦ୍ରକାନ୍ତ ପଣ୍ଡା ଓ ସୁବାସ ଚନ୍ଦ୍ର ଜେନାଙ୍କୁ ଆବାହକ ଭାବେ ନିର୍ବାଚିତ କରାଯାଇଛି। ସେହିପରି ଶିବପ୍ରସାଦ ମିଶ୍ର, ପ୍ରକାଶ ଚନ୍ଦ୍ର ମହାନ୍ତି, ଶଙ୍କର ସୁବୁଦ୍ଧି, ସୁବାସ ଚନ୍ଦ୍ର ପ୍ରଧାନ, ପ୍ରବୀର ଜେନା ଓ ସୁଶାନ୍ତ ପରିଡ଼ା ଆଦିଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ୨୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ମିଳିତ ମାଧ୍ୟମିକ ଶିକ୍ଷକ ସଂଘର ନବନିର୍ବାଚିତ ପ୍ରତିନିଧି ମଣ୍ଡଳୀ ଜିଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ସବୁଜ ବାଣ ବିକ୍ରିକୁ ଅନୁମତି

ଅସ୍ତରଙ୍ଗ/କାକଟପୁର,୧୭।୧୦
(ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଦୀପାବଳି ପାଇଁ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ବାଣ ବିକ୍ରି ହେବ। କେବଳ ସବୁଜ ବାଣ ବିକ୍ରି ଅନୁମତି ଦିଆଯାଇଛି। ଏଥିପାଇଁ ବାଣ ବ୍ୟବସାୟୀମାନେ ଲାଇସେନ୍ସ ଲାଗି ଆବେଦନ ପ୍ରକ୍ରିୟା ଜାରି ରଖିଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ କଲେଜ ଛକ ରାସ୍ତାରେ ବାଣ ଦୋକାନ ପାଇଁ ଗାଇଡ୍ ଲାଇନ୍ ଜାରି କରାଯାଇଛି। ଅସ୍ତରଙ୍ଗରେ ୪ଟି ବାଣ ଦୋକାନ ଖୋଲିଥିବା ବେଳେ କାକଟପୁରରେ ଦୋକାନ ଖୋଲିବାକୁ ତହସିଲଦାରଙ୍କଠାରୁ ଅନୁମତି ମିଳିନାହିଁ। ବିଭାଗୀୟ ଅଧିକାରୀ ଓ ପୋଲିସ ଯାଞ୍ଚ ଆରମ୍ଭ କରିବା ସହ ବ୍ୟବସାୟୀଙ୍କୁ ସଚେତନ କରୁଛନ୍ତି।

# ରୋଗ ପୋକରେ ଶତାଧିକ ହେକ୍ଟର ଜମିର ଫସଲ ନଷ୍ଟ

■ ଚାଷୀ ମୁଣ୍ଡରେ ଚଡ଼କ
■ ଗର୍ଭଣା ସଂକ୍ରାନ୍ତି ପରେ ବି ବାହାରିପାରିଲାନି ଧାନ ଥୋଡ଼

ଗୋପ,୧୭।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଚାଷୀ ଏବେ ବିଲ ମୁଣ୍ଡରେ କାନ୍ଦୁଛି। ଶହଶହ ହେକ୍ଟର ଚାଷଜମିରେ ମହିଁସିଆ ରୋଗପୋକ ଲାଗିବା ଫଳରେ ଧାନଥୋଡ଼ ବାହାରି ପାରୁନାହିଁ। ଗର୍ଭଣା ସଂକ୍ରାନ୍ତି ପରେ ଧାନ ଥୋଡ଼ ବାହାରିବାର ଥିବାବେଳେ ଏବେ ଧାନଗଛ ପତ୍ର ହଳଦିଆ ପଡ଼ିବା ସହ ମୂଳ ସଢ଼ି ଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ କୃଷି ବିଭାଗ ଅଧୀନସ୍ଥ କୋରୁଆଳ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ଏବେ ଏହି ରୋଗପୋକ ଲାଗୁଥିବା ଅଭିଯୋଗ ଆସିଛି। ଗୋପ ବ୍ଲକ ଅଞ୍ଚଳରେ ଏବେ ୨୦ ହଜାର ହେକ୍ଟରରୁ ଅଧିକ ଖରିଫ୍ ଧାନଚାଷ ହୋଇଥିବାବେଳେ ଦିନକୁ ଦିନ ମହିଁସିଆ ରୋଗପୋକ ସହିତ ଆଉ କେତକ ରୋଗ ପୋକ ଧାନ ଫସଲକୁ କ୍ଷତିଗ୍ରସ୍ତ କରୁଛି। ଗର୍ଭଣା ସଂକ୍ରାନ୍ତି ପରେ ଧାନ ଗର୍ଭ ହେବାପରେ ଚାଷୀମାନେ ଧାନ ଥୋଡ଼ ବାହାରିବା ପୂର୍ବରୁ ଏକ ଚାଷଜମିରେ କାଠି ଚାଳିବା ପର୍ବ କାର୍ଯ୍ୟଶେଷ ପରେ ଧାନ ଥୋଡ଼ ବାହାରିଥାଏ। ମାତ୍ର ଏବେ ଏହା ସମ୍ଭବ ହୋଇପାରି ନ ଥିବାବେଳେ ଚାଷଜମିରେ ଧାନ ଗଛ ଗୁଡ଼ିକ ସଢ଼ି ଯିବା ସହିତ ଧାନପତ୍ର ହଳଦିଆ ପଡ଼ି ଯାଉଥିବା ଭଳି ଚାଷୀ କମଳାକାନ୍ତ କୁଅଁର, ଶ୍ରୀଧର ସେଠୀ, ଧନେଶ୍ୱର ବେହୁରା, ଚିତ୍ତରଞ୍ଜନ କୁଅଁର, ପ୍ରମୋଦ କୁଅଁର, ବିଜୟ ବିଶ୍ୱାଳ, ଲକ୍ଷ୍ମୀଧର ବେହେରା, ମହାଦେବ ଦଳେଇ ପ୍ରମୁଖ ଅଭିଯୋଗ କରିଛନ୍ତି। ଗୋପ କୃଷି ବିଭାଗ ଅଧୀନରେ ଥିବା ୩୧ ଗୋଟି ପଞ୍ଚାୟତରେ ଏହି ଧାନଫସଲରେ ରୋଗପୋକ ମାଡୁଥିବା ବେଳେ ବିଭାଗ ପକ୍ଷରୁ ସେତେଟା ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ଗୋପ କୃଷି ବିଭାଗ କାର୍ଯ୍ୟାଳୟରେ ୧୬ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିବା ପରିବର୍ତ୍ତେ ମାତ୍ର ୩ ଜଣ ରହିଥିବାରୁ ଚାଷୀମାନେ ନାନାଦି ହଇରାଣ ହରକତ ହେବା ଭଳି ଅଭିଯୋଗ ମଧ୍ୟ ରହିଛି। ଜଣେ ଜଣେ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ୧୦ ଗୋଟି ପଞ୍ଚାୟତ ଦିଆଯାଇଥିବା ବେଳେ ସେମାନେ ସମସ୍ତ ପଞ୍ଚାୟତକୁ ଯାଇପାରୁନାହାନ୍ତି। ସେହିପରି ସହକାରୀ କୃଷି ଅଧିକାରୀ ପଦଟି ଦୀର୍ଘ ଦିନ ଧରି ମଧ୍ୟ ଖାଲି ରହିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ବ୍ଲକ କୃଷି ଅଧିକାରୀ ଜୟଲକ୍ଷ୍ମୀ ସାହୁଙ୍କୁ ପଚାରିବାରେ ଆମ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତକୁ ଯାଇ ଏହି ଫସଲ ଉପରେ ଚାଷୀମାନଙ୍କ ସହ ଯୋଗାଯୋଗ କରାଯାଉଛି। କର୍ମଚାରୀ ଓ ଅଧିକାରୀଙ୍କ ନ ଥିବାରୁ ଅସୁବିଧା ହେଉଥିବା ମଧ୍ୟ ସେ କହିଛନ୍ତି।



ପାଞ୍ଚେଣା ଗ୍ରାମ ନିକଟରେ ଚାଷୀମାନେ ମହିଁସିଆ ରୋଗପୋକ ଲାଗି କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ ଦେଖାଉଛନ୍ତି ।




ପୁରୀ ୟୁଥ ହଷ୍ଟେଲ ପରିସରରେ ପୂର୍ବତଟ ରେଲୱେ ଠିକା ଶ୍ରମିକ ୟୁନିୟନ ପକ୍ଷରୁ ଅନୁଷ୍ଠିତ ପୂର୍ବତଟ ଜୋନାଲ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।

# ଧାନ ଫସଲ ନଷ୍ଟ କରୁଛନ୍ତି ଜଙ୍ଗଲୀ ଘୁଷୁରି

ଡେଲାଙ୍ଗ,୧୭।୧୦(ରଶ୍ମିରଞ୍ଜନ ପ୍ରଧାନ)

ଚାଷ କ୍ଷେତ ହେଉ ବା ପରିବା ଚାଷ ଉପରେ ଜଙ୍ଗଲୀ ପ୍ରାଣୀଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲରୁ ମାଙ୍କଡ଼ପଲ ଆସି ବ୍ୟାପକ ପନିପରିବା ଚାଷ ନଷ୍ଟ କରୁଥିଲା ବେଳେ ଜଙ୍ଗଲୀ ଘୁଷୁରୀଙ୍କ ଉପଦ୍ରବ ଯୋଗୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି। ଫସଲ ନଷ୍ଟ ହେବା ନେଇ ବନ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ନିଦାବିଷ୍ଟୁ ସାଜିଛନ୍ତି ବିଭାଗୀୟ ଅଧିକାରୀ ବୋଲି କୃଷକ ନେତା ଅଶୋକ ପ୍ରଧାନ ଅଭିଯୋଗ କରିଛନ୍ତି। ଜଙ୍ଗଲୀ ଘୁଷୁରୀ ନିୟନ୍ତ୍ରଣ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୫୦ ହଜାର ପ୍ରଦାନ କରିବା ପାଇଁ କୃଷକ ନେତା ପ୍ରଧାନ ଓ ଗଡ଼ମୋଟରୀ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗଡ଼ମୋଟରୀ ପଞ୍ଚାୟତ ବିଭିନ୍ନ ଗହିର କ୍ଷେତରେ ଆଗ ରୁଆ ଚାଷୀଙ୍କ ଧାନ ପାଚିବାକୁ ହୋଇଥିବା ବେଳେ ଜଙ୍ଗଲୀ ଘୁଷୁରୀ ପଲ ଏବେ ଧାନକ୍ଷେତକୁ ତାଡ଼ି ଦଳାଚକଟା କରି ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆଙ୍କୋଇ ଗ୍ରାମର କାଶୀନାଥ ବେହେରା, ପ୍ରଫୁଲ୍ଲ ବେହେରା, ଲଲାଟ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ମାନସିଂ, ବାତୋଳ ଗ୍ରାମର ନବକିଶୋର ଚମ୍ପତି, ଅଭିମନ୍ୟୁ ସ୍ୱାଇଁ, ସତ୍ୟ ପାତ୍ର, ମୋଟରୀ ଗ୍ରାମର ବିଘ୍ନେଶ ସାମନ୍ତରାୟ, ଗଙ୍ଗାଧର ବେହେରା, କୃଷ୍ଣଚନ୍ଦ୍ର ସାମନ୍ତରାୟ, ଖଗେଶ୍ୱର ଚମ୍ପତି, ବିପିନ ସାମନ୍ତସିଂହାର, ଭାସ୍କର ଜେନା, ସାରିଆ ଚମ୍ପତି, କାଶୀନାଥ ସାମନ୍ତରାୟ ପ୍ରମୁଖ ଚାଷୀଙ୍କ ଏକର ଏକର ଧାନ କ୍ଷେତକୁ ଜଙ୍ଗଲି ଘୁଷୁରୀ ନଷ୍ଟ କରିଥିବା ଜଣାପଡ଼ିଛି। ସେହିପରି ଜେନାପୁର ପଞ୍ଚାୟତର ତିରିପ, ଗୋବିନ୍ଦପୁର, କିଆଲଣ୍ଡା ପ୍ରଭୃତି ଗହିର କ୍ଷେତରେ ଘୁଷୁରୀ ଧାନ ଓ ସାରୁ ପ୍ରଭୃତି ଫସଲ ନଷ୍ଟ କରିଥିବା ପୂର୍ବତନ ସରପଞ୍ଚ ବୃନ୍ଦାବନ ପାତ୍ର ଅଭିଯୋଗ କରିଛନ୍ତି। ଚାଷୀଙ୍କ ଫସଲ ସୁରକ୍ଷା ପାଇଁ ବନବିଭାଗ ଜଙ୍ଗଲୀ ଘୁଷୁରୀ ଘଉଡ଼ାଇବା ସହିତ ଫସଲ ସୁରକ୍ଷା ପ୍ରତି ବିହିତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

### ନୀରବଦ୍ରଷ୍ଟା ସାଜିଛି ବନ ବିଭାଗ



କ୍ଷତିଗ୍ରସ୍ତ ହୋଇଥିବା ଧାନ ଫସଲ ।

# କ୍ରୀଡ଼ା ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା

ନିମାପଡ଼ା,୧୭।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅରିଷଣ୍ଡ ସରକାରୀ ନୋଡାଲ୍ ଉଚ୍ଚବିଦ୍ୟାଳୟରେ ଜଣେ କ୍ରୀଡ଼ା ଶିକ୍ଷକଙ୍କ ବଦଳି ବାତିଲ୍ କରିବା ଓ ତାଙ୍କୁ ସ୍ଥାୟୀ ଭାବେ ପୁନଃନିଯୁକ୍ତି ଦେବା ଦାବିରେ ଶୁକ୍ରବାର ବିଦ୍ୟାଳୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟରେ ଡେପୁଟେଶନରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବା ଓ ଏଠାରେ ପୂର୍ବରୁ ରହିଥିବା କ୍ରୀଡ଼ା ଶିକ୍ଷକ ମହେଶ୍ୱର ସାହୁଙ୍କ ଅନ୍ୟତ୍ର ବଦଳିକୁ ବାତିଲ୍ କରି ତାଙ୍କୁ ଏହି ବିଦ୍ୟାଳୟରେ ପୁନଃ ସ୍ଥାୟୀ ନିଯୁକ୍ତି ଦିଆଯିବା ଦାବିରେ ଶତାଧିକ ପଞ୍ଚାୟତବାସୀ, ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାମାନେ ସ୍କୁଲ ଫାଟକରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ।

ଏ ସଂକ୍ରାନ୍ତରେ ପୂର୍ବରୁ ଗ୍ରାମ ଓ ପଞ୍ଚାୟତବାସୀ, ପରିଚାଳନା କମିଟିର କର୍ମକର୍ତ୍ତା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ଆନ୍ଦୋଳନକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଝିଲିଆ ସେଠୀ, ସମିତିସଭ୍ୟା ସଞ୍ଜୁକ୍ତା ବେହେରା, ଯୁବନେତା ଜୟନ୍ତ ପାଢଶାଣି, ରାହୁଲ ନାୟକ, ସୁଶାନ୍ତ ସେଠୀ, ସୁବାସ ବିଶ୍ୱାଳ, ମହେନ୍ଦ୍ର ବିଶ୍ୱାଳ, ଅଜୟ ବେହେରା, ରସାନନ୍ଦ ବିଶ୍ୱାଳ, ତ୍ରିଲୋଚନ ବେହେରା ଓ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତା ବିରଞ୍ଚି ଦାସ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଖବରପାଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ତାଙ୍କ ଜିଦ୍ ଓ ଦାବିରୁ ହଟି ନ ଥିଲେ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ଏହି ଆନ୍ଦୋଳନ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ସେଠୀଙ୍କୁ ପଚାରିବାରେ ମୁଁ ଏ ସମ୍ପର୍କରେ ମୋର ଉଚ୍ଚ କର୍ତ୍ତୃପକ୍ଷ ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ପଞ୍ଚାୟତବାସୀଙ୍କ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ନେତୃବୃନ୍ଦମାନେ କହିଛନ୍ତି।



ବିଦ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀ ଓ ଅଭିଭାବକଙ୍କ ଧାରଣା ।

## ବାର୍ଦ୍ଧକ୍ୟ ଭତ୍ତା, ରାଶନକାର୍ଡ, ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ

ଡେଲାଙ୍ଗ,୧୭।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ରାଶନକାର୍ଡ, ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ଓ ଭତ୍ତା ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀତିଶ ଚନ୍ଦ୍ର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ ବାରିକ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ୨୬୦ ହିତାଧିକାରୀଙ୍କୁ ରାଶନକାର୍ଡ, ୭୭ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ଓ ୬୫ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ।

ଏହି ଯୋଜନା ମାଧ୍ୟମରେ ଭିନ୍ନକ୍ଷମ, ଶହୀଦ ପରିବାର, ବିଧବା, ଦିବ୍ୟାଙ୍ଗ, ରୋଗାଗ୍ରସ୍ତ ପରିବାର, ଘରପୋଡ଼ି, ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଅନ୍ତ୍ୟୋଦ୍ୱୟ ଯୋଜନାରେ ସାମିଲ କରାଯାଇ ପକ୍କା ଘରଟିଏ ଯୋଗାଇ ଦିଆଯାଇଥିବା ବେଳେ ଗ୍ରାମାଞ୍ଚଳରେ ଆଉ କଚ୍ଚା ଘର ରହିବ ନାହିଁ। ସମସ୍ତଙ୍କୁ ପର୍ଯ୍ୟାୟକ୍ରମେ ପକ୍କାଘର ଦିଆଯିବ ବୋଲି ଏମ୍‌ପି ଡ. ପାତ୍ର ଜନସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଲଡୁକିଶୋର ରାୟ, ସୁଶାନ୍ତ ବିଶ୍ୱାଳ, ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିତରଣ ସମାବେଶରେ ୨୧ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟା/ସଭ୍ୟଙ୍କୁ କୌଣସି ଖବର ଦିଆଯାଇ ନ ଥିବା ବେଳେ ଜନପ୍ରତିନିଧିମାନେ ଯୋଗଦେଇ ନ ଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

ଡେଲାଙ୍ଗ,୧୭।୧୦(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଘୋରଡିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ସନ୍ନିକଟ ଖେଳପଡ଼ିଆରେ ଆୟୋଜିତ ୨ ଦିନିଆ ସାଂସଦ ଖେଳ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏମ୍‌ପି ଡ. ସମ୍ବିତ୍ ପାତ୍ର ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ କ୍ରୀଡ଼ା ମହୋତ୍ସବରେ ଉପସ୍ଥିତ ରହି ଡେଲାଙ୍ଗ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କ କ୍ରୀଡ଼ା ଦକ୍ଷତାରେ କିପରି ବିକାଶ ହୋଇପାରିବ ସେ ନେଇ ମତପ୍ରକାଶ କରିଥିଲେ। ସେହିପରି କ୍ରୀଡ଼ା ପାଇଁ ନିର୍ବାଚନମଣ୍ଡଳୀରେ ୪ଟି ହବ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ ପ୍ରଭୃତି କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୨୪ କ୍ରୀଡ଼ାବିତ୍‌ଙ୍କୁ ଏମ୍‌ପି ଡ. ପାତ୍ର ଓ ବିଧାୟକ ପଟ୍ଟନାୟକ ମାନପତ୍ର ସହିତ କପ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ ସନ୍ଧ୍ୟାବତୀ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ନିର୍ବାଚନମଣ୍ଡଳୀ ସଂଯୋଜକ ଗଙ୍ଗାଧର ବରାଳ, ଶଶାଙ୍କ ଶେଖର ମିଶ୍ର, ଆମ୍ବ ଅଧ୍ୟକ୍ଷ ଲଡୁକିଶୋର ରାୟ, ସାମାଜିକ କର୍ମୀ ଦୀନବନ୍ଧୁ ବେଉରା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ, ଯୁବ ଭାଜପା ନେତା ଲିଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ହୃଷୀକେଶ ବଳିୟାରସିଂହ ସଭା ସଂଯୋଜନା ଓ କ୍ରୀଡ଼ା ଶିକ୍ଷକ ନଟବର ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକମାନେ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ପ୍ରତିଯୋଗୀମାନେ ।

# ଜବରଦଖଲ ପାଇଁ ରେଳଷ୍ଟେଶନ ବିକାଶ କାର୍ଯ୍ୟ ଧିମା




ସାକ୍ଷୀଗୋପାଳ,୧୭।୧୦
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଜବରଦଖଲ ସମସ୍ୟା ଯୋଗୁ ସାକ୍ଷୀଗୋପାଳ ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ଧିମେଇ ଯାଇଛି। ଫଳରେ ଧାର୍ଯ୍ୟ ସମୟରେ କାର୍ଯ୍ୟ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଅନ୍ୟପକ୍ଷରେ ଉଚ୍ଛେଦ ପ୍ରକ୍ରିୟା ବିଳମ୍ବ ପାଇଁ ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ବାକିଥିବା କାର୍ଯ୍ୟ ସାରି ଉକ୍ତ ପ୍ରକଳ୍ପ ଦାୟିତ୍ୱ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ରେଳ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅମୃତ ଭାରତ ରେଳଷ୍ଟେଶନ ଯୋଜନାରେ ରେଳ ମନ୍ତ୍ରାଳୟ ପକ୍ଷରୁ ସାକ୍ଷୀଗୋପାଳ ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟ ପାଇଁ ୩୪.୮କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ଜୁନ ୬ରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଦେଶର ବିଭିନ୍ନ ରେଳଷ୍ଟେଶନ ସମେତ ସାକ୍ଷୀଗୋପାଳ ଷ୍ଟେଶନର ନବୀକରଣ ଓ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସାକ୍ଷୀଗୋପାଳ ଅଟୋଷ୍ଟାଣ୍ଡଠାରୁ ୧୨ ମିଟର ଲେଖାଏ ୨୪ ମିଟର ଦୁଇଟି ରାସ୍ତା ଷ୍ଟେଶନକୁ ସଂଯୋଗ କରିବ। ଉଭୟ ରାସ୍ତା ମଝିରେ ୩ମିଟରର ଡିଭାଇଡର ରହିବ। ସେହିଭଳି ରେଳଟ୍ରାକ୍ ଅପରପାର୍ଶ୍ୱ ଅର୍ଥାତ ଆଇଟିଆଇ କଲେଜ ପଟ ରାସ୍ତା ମଧ୍ୟ ପୁନର୍ବିକାଶ କରାଯିବ। ଷ୍ଟେଶନ ଉଭୟ ପାର୍ଶ୍ୱରେ ଆଧୁନିକ ବିଲ୍ଡିଂ ନିର୍ମାଣ କରାଯିବ। ଏଥିସହ ମଲ୍ଟିମୋଡାଲ ଏକୀକରଣ, ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁବିଧା, ରୁଫ୍ ପ୍ଲାଜା, ଆଧୁନିକ ଯାତ୍ରୀ ରହଣୀ ସୁବିଧା, ଟ୍ରାଫିକ ସଞ୍ଚାଳନ ଓ ଇଣ୍ଟରମୋଡାଲ ସିଷ୍ଟମ, ଉପଯୁକ୍ତ ସମ୍ପତ୍ତିର ବିକାଶ, ଲ୍ୟାଣ୍ଡସ୍କେପ୍ ବ୍ୟବସ୍ଥା ରହିବ। ସ୍ଥାନୀୟ କଳା ଓ ସଂସ୍କୃତିକୁ ବିକାଶ କାର୍ଯ୍ୟରେ ଅଧିକ ଗୁରୁତ୍ୱ ଦିଆଯିବ। କାର୍ଯ୍ୟ କିଭଳି ଧାର୍ଯ୍ୟ ସମୟ ମଧ୍ୟରେ ସରିବ ସେନେଇ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ତଦାରଖ କରିବା ପାଇଁ ଆଇନଜୀବୀ ଅମର ନନ୍ଦ ଏବଂ ସାକ୍ଷୀଗୋପାଳ ଅଞ୍ଚଳର କଲେଜ ଛାତ୍ର ଅଭିଜିତ ପ୍ରିୟରଞ୍ଜନ ଦାବି କରିଛନ୍ତି।

# ମାଟିଦୀପ ବଦଳରେ ଡିଜିଟାଲ ଲିଟୁ ଲାଇଟ୍‌ର ବଢ଼ୁଛି ଚାହିଦା

ଚାରିଛକ,୧୭।୧୦(ଶିଶିର କୁମାର ସ୍ୱାଇଁ)

ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ରଙ୍ଗୀନ ଆଲୋକମାଳାରେ ଘର ସଜେଇବା ସହ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପରିବାର ଲୋକେ ଦୀପ ଜାଳି ଶୁଭକାମନା କରନ୍ତି। ତେବେ ସମୟ ବଦଳିବା ସହ ବଦଳିଛି ଗ୍ରାହକଙ୍କ ଚାହିଦା। ଏବେ ମାଟିଦୀପର ସ୍ଥାନ ନେଲାଣି ଇଲେକ୍ଟ୍ରିକାଲ ଦୀପ ଆଉ ଡିଜିଟାଲ ଲିଟୁ ଲାଇଟ୍, ତଥାପି ଦୀପାବଳି ପାଇଁ କୁମ୍ଭାରମାନେ ଦୀପ ତିଆରିରେ ଲାଗି ପଡ଼ିଛନ୍ତି ଦୁଇ ପଇସା ରୋଜଗାର କରି ପରିବାର ପୋଷଣ କରିବା ପାଇଁ। କୁମ୍ଭକାରମାନେ ଏବେ ବି ବେଉସା ବଞ୍ଚାଇ ରଖିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ପୁରୀ ଜିଲା ଚାରିଛକ ଅଞ୍ଚଳରେ ଥିବା ଚାରିଛକ ମୁଦୁଲି ସାହି ସହିତ ଜୋରକୁଳ ପ୍ରମୁଖ ଅଞ୍ଚଳରେ ଥିବା କୁମ୍ଭାର ସାହିରେ ଏହି ସମ୍ପ୍ରଦାୟର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପୂର୍ବଭଳି ଆଉ ମାଟି ଦୀପ ଓ ମାଟି ତିଆରି ସାମଗ୍ରୀର ଚାହିଦା ନ ଥିବା କାରଣରୁ କେବଳ ହାତଗଣତି କିଛି ପରିବାର ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି।

ଆବଶ୍ୟକୀୟ କଞ୍ଚାମାଲର ଦର ବୃଦ୍ଧି ସାଙ୍ଗକୁ ବିଭିନ୍ନ ସାମଗ୍ରୀ ମିଳିବା କଷ୍ଟକର ହେଉଥିବା ବେଳେ ପାଗ ଅନୁକୂଳ ନ ରହିବାରୁ ଭଲ ମାଟି ମଧ୍ୟ ମିଳୁନାହିଁ। ସେହିଭଳି ଘରକରଣା ସାମଗ୍ରୀର ଦର ପ୍ଲାଷ୍ଟିକ ଠାରୁ ଅଧିକ ହୋଇଥିବା କାରଣରୁ ମାଟି ତିଆରି ସାମଗ୍ରୀ ଆଉ ବ୍ୟବହାର କରୁନାହାନ୍ତି। ବିଭିନ୍ନ ସାମଗ୍ରୀ ତିଆରି କରି ଜୀବନ ବିତାଇବା ସହ ପରିବାର ଭରଣପୋଷଣ କରୁଥିବା ମାଟି କାରିଗର ଏବେ ବେଉସା ହରାଇବାକୁ ବସିଲେଣି। ଆଉ ଏବେ ସେଦିନ ନାହିଁ। ଧୀରେ ଧୀରେ ମାଟି ତିଆରି ସାମଗ୍ରୀର ବ୍ୟବହାର କମିବା ସାଙ୍ଗକୁ ମାଟିରେ ତିଆରି ଘରକରଣା ସମଗ୍ରୀ ବି ଲୋପ ପାଇଗଲାଣି। କାରିଗରମାନଙ୍କ ମଧ୍ୟ ଚାହିଦା ମଧ୍ୟ ଆଉ ନାହିଁ। ମାଟି ତିଆରି ସାମଗ୍ରୀର ବ୍ୟବହାର କମିବା ସାଙ୍ଗକୁ କାରିଗରମାନଙ୍କ ଆର୍ଥିକ ସ୍ଥିତି ଉପରେ ଏହା ପ୍ରଭାବ ପକାଉଛି। ଫଳରେ କୌଳିକ ବୃତ୍ତିଠାରୁ ଧୀରେ ଧୀରେ ଦୂରେଇ ଗଲେଣି କୁମ୍ଭକାରମାନେ, ତଥାପି ଦୀପ ତିଆରିରେ ଲାଗିଛନ୍ତି କୁମ୍ଭକାରମାନେ। ଦୁଇ ପଇସା ରୋଜଗାର ଆଶାରେ ଦିନ ରାତି ଏକ କରୁଛନ୍ତି ପରିବାରର ସଦସ୍ୟମାନେ। ଧୀରେ ଧୀରେ ମାଟି ତିଆରି ଜିନିଷର ଚାହିଦା କମିବାରେ ଲାଗିଛି। ଦିନ ଥିଲା କେବଳ ଦୀପାବଳି ନୁହେଁ ବର୍ଷତମାମ ଘର ପାଇଁ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରିକରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ, ଆଉ ଦୀପାବଳି ଆସିଲେ ଭଲ ରୋଜଗାର ହେଉଥିଲା। କିନ୍ତୁ ମାଟିଦୀପର ସ୍ଥାନ ନେଲାଣି ଚାଇନା ସାମଗ୍ରୀ। ଏବେ ଦୀପ ତିଆରି କରୁଥିଲେ ସୁଦ୍ଧା ବ୍ୟବସାୟ ହେବ କି ନାହିଁ ଆଶା କରିଛନ୍ତି ଦୀପ କାରିଗର। ଏହି ଦୀପ କାରିଗରମାନଙ୍କ ପ୍ରତି ସରକାର ଦୃଷ୍ଟିଦେବାକୁ ବୁଦ୍ଧିଜୀବୀମାନେ ଦାବିକରିଛନ୍ତି।

### ଚିନ୍ତାରେ କୁମ୍ଭକାର ପରିବାର



ବିକ୍ରି ପାଇଁ ରଖଯାଇଥିବା ମାଟି ଦୀପ ।

**କଟକ ସଦର ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବିଜେଡି ପକ୍ଷରୁ ଗୁରୁବାର ଖପୁରୀଆସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇ ତାଙ୍କ ଦୀର୍ଘଜୀବନ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥୀ ଫଫ ବେହେରା, ବ୍ଲକ ସଭାପତି ପ୍ରମୋଦ ମହାପାତ୍ର, ବାରବର ଲେଙ୍କା, ଅଜୟ ଦଳେଇ, ମିହିର ରଞ୍ଜନ ପତି, ରଜନୀ କାନ୍ତ ସାହୁ, ଅଶୋକ ମହାନ୍ତି, ସଞ୍ଜୟ ବରାଳ, ଜୀବନ ସାମନ୍ତରାୟ, ବିପ୍ର ଚରଣ ଭୋଳ, ଅଶାଲତା ବେହେରା, ଅଭିଷେକ ବେହେରା, ଅମର ନାୟକ, ବିନୋଦ ବେହେରା, ପିଙ୍କି ଭୋଇ, ମୀନା ସିଂ, ସୁନୀଲ ଦାସ, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଭୁ ହନୁମାନଙ୍କ ନିକଟରେ ୭୯ଟି ପ୍ରଦୀପ ଜାଳିଥିଲେ।

**ସଂକ୍ଷେପରେ**

## ଏସ୍‌ସିବିରେ ୮୯ ମେଶିନ ଅଚଳ ଥିଲା

### ଆର୍‌ଟିଆଇରେ ସାମ୍ନାକୁ ଆସିଲା ସତ

କଟକ,୧୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ଜରିଆରେ ଏସ୍‌ସିବି ମେଡିକାଲରେ ଲାଗି ରହିଥିବା ଅବ୍ୟବସ୍ଥା ବାବଦରେ ଏକ ବଡ ତଥ୍ୟ ସାମ୍ନାକୁ ଆସିଛି। ଗତ ସେପ୍ଟେମ୍ବର ୧୫ ସୁଦ୍ଧା ଏଠାରେ ୮୯ଟି ମେଶିନ ଅଚଳ ହୋଇପଡିଥିଲା। ଏଥିମଧ୍ୟରେ ଆଇସିୟୁ, କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରି (ସିଟିଭିଏସ୍), ଯକୃତ ପ୍ରତିରୋପଣ ୟୁନିଟ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମେଶିନଗୁଡିକ ଅଚଳ ଥିବା ଜଣାପଡ଼ିଛି। ଭୁବନେଶ୍ୱରର ସୂଚନା ଅଧିକାର କର୍ମୀ ପ୍ରଦୀପ କୁମାର ପ୍ରଧାନ ଆରଟିଆଇରେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍‌ଏମସିଏଲ)ରୁ ଏହି ତଥ୍ୟ ସଂଗ୍ରହ କରିଛନ୍ତି। ଆର୍‌ଟିଆଇରୁ ମିଳିଥିବା ସୂଚନାନୁସାରେ, କାଜୁଆଲିଟିରୁ ଆରମ୍ଭ କରି ଆଇସିୟୁ ପର୍ଯ୍ୟନ୍ତ ବିଭିନ୍ନ ବିଭାଗର ମେଶିନ ଅଚଳ ହୋଇ ପଡିରହିଥିଲା। ବାୟୋକେମେଷ୍ଟ୍ରି ବିଭାଗରେ ୨ଟି, କାଜୁଆଲିଟିରେ ୨ଟି, ବ୍ଲଡ ବ୍ୟାଙ୍କରେ ୫ଟି, ସେଣ୍ଟ୍ରାଲ ଆଇସିୟୁରେ ୩ଟି, ସିଟିଭିଏସ୍‌ରେ ୩ଟି, ହୃଦ୍‌ରୋଗ ବିଭାଗରେ ୩ଟି, ପେଡିଆଟ୍ରିକ ଆଇସିୟୁରେ ୨ଟି, ଯକୃତ ପ୍ରତିରୋପଣ ୟୁନିଟରେ ୭ଟି, ଟ୍ରମା ଆଇସିୟୁରେ ୪ଟି, ସର୍ଜରି ଓଟିରେ ୬ଟି ମିଶାଇ ଫିଜିଓଲୋଜି, ରେଡିଓଲୋଜି, ନ୍ୟୁରୋଲୋଜି, ଫାର୍ମାକୋଲୋଜି, ଇଏନଟି, ଚକ୍ଷୁ ବିଭାଗ ଭଳି ଅନେକ ବିଭାଗର ମେଶିନ ଅକାମୀ ହୋଇ ପଡିରହିଥିଲା। ଏହି ଅଚଳ ମେଶିନଗୁଡିକ ମଧ୍ୟରେ ବହୁ ବିଦେଶୀ କମ୍ପାନୀର ନାମୀଦାମୀ ମେଶିନ ରହିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ରୋଗୀମାନେ ଅନ୍ୟ ଉପାୟ ନ ପାଇ ଅନେକ ମୂଲ୍ୟବାନ ପରୀକ୍ଷା, ନିରୀକ୍ଷା ଓ ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲ ମୁହାଁ ହେଉଥିବା ଜଣାପଡିଛି।

## ହୃଷୀକେଶ ପଣ୍ଡାଙ୍କ ସ୍ମୃତିସଭା

କଟକ,୧୭।୧୦(କାର୍ତ୍ତିକ ସାହୁ)

ବିଶିଷ୍ଟ ସାରସ୍ୱତ ସାଧକ ଡ. ହୃଷୀକେଶ ପଣ୍ଡାଙ୍କ ୮ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ମର୍କତ ନଗର ସେକ୍ଟର-୯ସ୍ଥିତ ରାଇସିନା ସମ୍ମିଳନୀ କକ୍ଷରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୀତିକବି ଗୌର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ଡ. ନଟବର ଶତପଥୀ, ଡାକ୍ତର ସୁଦର୍ଶନ ପଟ୍ଟନାୟକ, ଡ. ସତ୍ୟ ରାୟ, ଡ. ଗୋବିନ୍ଦ ଚନ୍ଦ୍ର ଭୂୟାଁ, ଆଇନଜୀବୀ ଶିଶିର ଦାସ, ଅକ୍ଷୟ କୁମାର ଷଡ଼ଙ୍ଗୀ, ଡ. ବିଜୟ କୁମାର ରାଉତ ପ୍ରମୁଖ ଡ. ପଣ୍ଡାଙ୍କ ସାହିତ୍ୟ କୃତି ସଂପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ମାଳତୀ ପଣ୍ଡାଙ୍କ ଦ୍ୱାରା ରଚିତ କବିତା ସଂକଳନ ପ୍ରୀତି ମୂର୍ଚ୍ଛନା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ମନୋଜ ପଟ୍ଟନାୟକ, ସଂଜିତ ପଟ୍ଟନାୟକ ଓ ଲଳିତା ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆର. ଏନ୍. ମିଶ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଭାଜପା ରାଜ୍ୟ ସମ୍ପାଦିକା ହେଲେ ସ୍ମୃତି ପଟ୍ଟନାୟକ

କଟକ,୧୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଭାଜପା ରାଜ୍ୟ ସଭାପତି ମନମୋହନ ସମାଲଙ୍କ ନୂଆ ଟିମ୍‌ରେ ବରିଷ୍ଠ ନେତ୍ରୀ ସ୍ମୃତି ପଟ୍ଟନାୟକ ସ୍ଥାନ ପାଇଛନ୍ତି।



ମନମୋହନଙ୍କ ୨୬ ଜଣିଆ ଟିମ୍‌ରେ ସ୍ମୃତିଙ୍କୁ ଦଳର ରାଜ୍ୟ ସମ୍ପାଦିକା ଭାବେ ନିଯୁକ୍ତି କରାଯାଇଛି। ପୂର୍ବରୁ ସେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଓ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଦକ୍ଷ ସଙ୍ଗଠିକା ଭାବେ ପରିଚିତ ସ୍ମୃତି ପଟ୍ଟନାୟକଙ୍କୁ ନୂତନ ଦାୟିତ୍ୱ ପାଇଁ କଟକ ଜିଲା ଭାଜପା କାର୍ଯ୍ୟକର୍ତ୍ତାମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ସେହିପରି ନୂତନ ଦାୟିତ୍ୱ ଗ୍ରହଣ କରିଥିବାରୁ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତିଙ୍କୁ ସ୍ମୃତି ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ସରୋଜ କରଙ୍କୁ ମଧ୍ୟ କଟକରୁ ଦଳର ରାଜ୍ୟ ସମ୍ପାଦକ ଭାବେ ସ୍ଥାନ ଦିଆଯାଇଛି।

**ଆସୁଛି ଦୀପାବଳି**

# କମୁଛି ମାଟିଦୀପର ଚାହିଦା

### କୁଳବେଉସା ବଜାୟ ରଖିବାକୁ ସଂଘର୍ଷ କରୁଛନ୍ତି ମାଟି କାରିଗର

କଟକ,୧୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଆଲୋକର ପର୍ବ ଦୀପାବଳି ପାଇଁ ଗାଁଠୁ ସହର ଚଳଚଞ୍ଚଳ ହୋଇଉଠିଛି। ଦୀପାବଳିକୁ ନଜରରେ ରଖି ମାଟି କାରିଗରମାନେ ମାସକ ପୂର୍ବରୁ ଦୀପ କାମ ଆରମ୍ଭ କରିଥାନ୍ତି। ଏପରିକି ମାଟି ଦୀପ ଓ ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ ଜମୁଥିବାବେଳେ ଏବେ ମାଟି କାରିଗରଙ୍କ ଚକ ଏକପ୍ରକାରର ଅଚଳ ହୋଇଯାଇଛି। କାରିଗରମାନଙ୍କୁ ଦୀପାବଳି ସମୟରେ କଟକ ସମେତ ବାହାର ଅଞ୍ଚଳଗୁଡିକରୁ ପୂର୍ବରୁ ବହୁ ଅର୍ଡର ଆସୁଥିବାବେଳେ ଏବେ କାଁଭାଁ ଅର୍ଡରରେ କାମ ଜାରି ରଖିଛନ୍ତି କାରିଗରମାନେ। ହେଲେ ଏବେ ଫ୍ୟାନ୍ସି ସାମଗ୍ରୀ ଅନୁପାତରେ ମାଟି ଦୀପ ସହ ଅନ୍ୟ ଜିନିଷର ଚାହିଦା କମୁଥିବା ଦେଖିବାକୁ ମିଳିଛି। ଯେଉଁଠି କାରିଗର କେବଳ ଦୀପାବଳି ସମୟରେ ୧ ଲକ୍ଷ ଦୀପ ତିଆରି କରୁଥିଲେ ଏବେ ୧୫ ହଜାର ତିଆରି କରି ବିକିବା କାରିଗରଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। କଟକ ବିଡାନାସୀ ଅଞ୍ଚଳରେ ବାସ କରୁଥିବା ପ୍ରାୟ ୪ଶହରୁ ଅଧିକ କୁମ୍ଭକାର ପରିବାର ଏବେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ମାଟି କାମ ପ୍ରତ୍ୟେକ ପରିବାର କରୁଥିବାବେଳେ ଏବେ ମାତ୍ର



୪ରୁ ୫ଟି ପରିବାର ମାଟି କାମ କରୁଥିବା ଦେଖିବାକୁ ମିଳିଛି। ସେହିପରି ଦୀପ ତିଆରି କରିବା ପାଇଁ ଆବଶ୍ୟକ ପଡୁଥିବା ମାଟି, ବାଲି ଓ ଝାଟି ଦର ଦିନକୁ ଦିନ ବଢୁଥିବାବେଳେ ଏହା କାରିଗରଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟୁଛି। ଦୀପାବଳି ପାଇଁ କାରିଗରମାନେ ଦୀପ, ଝୁଣାଦାନି, କଳସ, ସରା ଇତ୍ୟାଦି ତିଆରି କରିଥାନ୍ତି। ଦୀପ ଦର ୧ ଟଙ୍କାରୁ ୫୦ ଟଙ୍କା, କଳସ ୬ ଟଙ୍କାରୁ ୧୦ ଟଙ୍କା, ସରା ଦର ୧ ଟଙ୍କାରୁ ୩ ଟଙ୍କା ରହିଛି। କେବଳ ଦୀପାବଳି ସମୟରେ କାରିଗର ନିଜ ସବୁ ଖର୍ଚ୍ଚ ବାଦେ ୮୦ରୁ ୯୦ ହଜାର ଟଙ୍କା ରୋଜଗାର କରୁଥିବାବେଳେ ଏବେ ତାହାର ଓଲଟା ଚିତ୍ର କାରିଗରଙ୍କୁ ଦେଖିବାକୁ ପଡୁଛି। କାରିଗର ଏହି ସମୟରେ ଯାହା ରୋଜଗାର କରିଥାନ୍ତି ସେଥିରେ ବର୍ଷ ତମାମ ତାଙ୍କ ପରିବାରର ଗୁଜରାଣ ମେଣ୍ଟିଥାଏ। ହେଲେ ଏବେ କିପରି ନିଜ ପରିବାର ଗୁଜରାଣ ମେଣ୍ଟାଇବା ସହ କୁଳବେଉସା ବଜାୟ ରଖିବା ପାଇଁ କୁମ୍ଭକାର ପରିବାର ସଂଘର୍ଷ ଜାରି ରଖିଛନ୍ତି। ଅନ୍ୟପଟେ ରାଜ୍ୟ ସରକାର କୁମ୍ଭକାର କାରିଗରଙ୍କ ଉପରେ ଦୃଷ୍ଟି ଦେଇ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ କାରିଗରମାନେ ଦାବି କରିଛନ୍ତି। କାରିଗର ସୁରେନ୍ଦ୍ର ବେହେରା କହିଛନ୍ତି ଯେ, ଦୀପ ତିଆରି ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ସାମଗ୍ରୀର ଦର ବୃଦ୍ଧି ପାଉଛି। ଏହାକୁ କୋହଳ କରାଗଲେ ହୁଏତ ଦୁଇ ପଇସା ଭଲ ରୋଜଗାର ହୋଇପାରନ୍ତା। ବାହାର ଅଞ୍ଚଳର ସାମଗ୍ରୀକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବ୍ୟାନ କରିବା ଜରୁରୀ ବୋଲି ସେ କହିଛନ୍ତି। କାରିଗର ନରେନ୍ଦ୍ର ବେହେରା କହିଛନ୍ତି, ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୀପ ସମେତ ବିଭିନ୍ନ ସାମଗ୍ରୀ ତିଆରି କରିଛୁ। ହେଲେ ଅର୍ଡର ସଂଖ୍ୟା କମିଯାଇଛି। ବେପାର ନେଇ ବହୁ ଚିନ୍ତା ଘାରିଛି ବୋଲି ସେ କହିଛନ୍ତି।

## ମା' ଡମଡମଣୀ ପୀଠର ବିକାଶ ପାଇଁ ଖର୍ଚ୍ଚ ହେବ ୧୦ କୋଟି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭାଜପା ପ୍ରତିନିଧି ମଣ୍ଡଳୀ ଭେଟି ଦାବିପତ୍ର ଦେଉଛନ୍ତି।

### ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟିଲେ ଭାଜପା ପ୍ରତିନିଧି ମଣ୍ଡଳୀ

ମଙ୍ଗୁଳି-ଜଗତପୁର,୧୭।୧୦(ମାନସ ସାମଲ)

କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅଧୀନ ମା' ଡମଡମଣୀ ପୀଠ ନବୀକରଣ ପାଇଁ ଆଠଗଡ଼ ନିର୍ବାଚନମଣ୍ଡଳୀର ଭାଜପା ନେତା ଅଭୟ ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମା' ଡମଡମଣୀ ପୀଠର ନବୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡାଙ୍କ ଅନୁମୋଦନ ମିଳିଛି। ନବୀକରଣ ଯୋଜନା ପାଇଁ ୧୦ କୋଟିର ମଞ୍ଜୁରି ମିଳିଛି ବୋଲି ଅଭୟ ସୂଚନା ଦେଇଛନ୍ତି। ଯୋଜନା ଅନୁଯାୟୀ, ମା' ଡମଡମଣି ଓ ବନଦୁର୍ଗା ପୀଠର ବିକାଶ ନିମନ୍ତେ ଯଥା ରାସ୍ତା, ଲାଇଟ, ପିକନିକ ପାଇଁ ପିଣ୍ଡି, ପାଣିର ସୁବିଧା, ରାତିରେ ରହିବା ପାଇଁ ଘର, ମା'ଙ୍କ ସୁରକ୍ଷା ପୀଠ ଚାରିପାଖ ପଥର ପାଚେରି ନିର୍ମାଣ ହେବ। ସେହିପରି ଆଠଗଡ଼ସ୍ଥିତ ଉତ୍ତରାଚଣ୍ଡୀ ମନ୍ଦିର ବିକାଶ ପାଇଁ ୫ କୋଟିର ବ୍ୟୟବରାଦ କରାଯିବ ଓ ବାଳମୁକୁନ୍ଦ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ମା' ଡମଡମଣୀ କମିଟି ଚେୟାରମ୍ୟାନ ରବୀନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ଦେବେନ୍ଦ୍ର ପାଣ୍ଡବ, ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲିକ, ଯୁବ ସଙ୍ଗଠକ ପ୍ରଶାନ୍ତ ବେହେରା, ବିନୋଦ ରାଉତ, ରଞ୍ଜନ ବସ୍ତିଆ, ଉତନ ପରିଡା, ଧୃଷାସନ ପାଣ୍ଡବ, ଚଗଲା ଦେହୁରୀ, ସୁକାନ୍ତ ସ୍ୱାଇଁ, ମଙ୍ଗଲ ଶିଙ୍କୁ, ଟିକିନା ମୁଣ୍ଡା, ଧୀରେନ୍ଦ୍ର ବେହେରା, ସନ୍ତୋଷ ବେଉରା, ଯଶୋବନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଚଳିତ ମନକୁ ଶାନ୍ତକରେ ନାଟକ



ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍‌ସ୍ଥିତ ପ୍ରେକ୍ଷାଳୟରେ ପରିବେଷିତ ନାଟକର ଏକ ଦୃଶ୍ୟ।

### କଟକ ନାଟ୍ୟୋତ୍ସବ-୨୦୨୫ର ଦ୍ୱିତୀୟ ଦିବସ

କଟକ,୧୭।୧୦(କାର୍ତ୍ତିକ ସାହୁ)

ନାଟକ ଏଭଳି ଏକ ମଞ୍ଚ ଯାହା ଶାନ୍ତ ମନକୁ ବିଚଳିତ କରିପାରେ ପୁଣି ବିଚଳିତ ମନକୁ ମଧ ଶାନ୍ତ କରିପାରେ। କଟକ ମହାନଗର ନିଗମ କମିଶନର କିରନଦୀପ କୌର ସହୋଟା ରେଭେନଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିସ୍‌ଡମ୍‌ସ୍ଥିତ ପ୍ରେକ୍ଷାଳୟରେ ଚାଲିଥିବା କଟକ ନାଟ୍ୟୋତ୍ସବର ଦ୍ୱିତୀୟ ଦିବସରେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଏଭଳି କହି ଉତ୍ସାହିତ କରିଛନ୍ତି। ଆତ୍ମହତ୍ୟାର କୁପରିଣତିକୁ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କଳାକାରମାନେ ପରିବେଷଣ କରିଥିଲେ ନାଟକ ବିଶ୍ୱାସଘାତକ। ପରେ ରଘୁନାଥଜୀଉ ଡିଗ୍ରୀ କଲେଜର ଛାତ୍ରୀଛାତ୍ର ତୃତୀୟ ଲିଙ୍ଗର କାହାଣୀ ନାଟକ ମୋ ପରିଚୟ ମାଧ୍ୟମରେ ଅବତାରଣା କରିଥିଲେ। ଅନ୍ତିମରେ ଖ୍ରୀଷ୍ଟ ମହାବିଦ୍ୟାଳୟର ଛାତ୍ରୀଛାତ୍ର କନ୍ୟାଭ୍ରୂଣ ହତ୍ୟା ଭଳି ସାମାଜିକ ସମସ୍ୟା ନେଇ ନାଟକ ଶେଷ ଇଚ୍ଛା ପରିବେଷଣ କରିଥିଲେ। କଳାକାରମାନଙ୍କ ନିଖୁଣ ଅଭିନୟ ବିଚାରକମଣ୍ଡଳୀଙ୍କୁ ଅଭିଭୂତ କରିଥିଲା। ବରିଷ୍ଠ ଅଭିନେତା ଡ. ଅନଙ୍ଗ ଦ୍ୱିବେଦୀ, ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ଖଟୁଆ, ବରିଷ୍ଠ ଅଭିନେତ୍ରୀ ନମ୍ରତା ଦାସ, ବରିଷ୍ଠ ନିର୍ଦ୍ଦେଶକ ହରିଶ ମହାନ୍ତି ଓ ନାଟ୍ୟକାର ଡ. ବୈଜୟନ୍ତୀ ମିଶ୍ର ବିଚାରକ ମଣ୍ଡଳୀରେ ଅଛନ୍ତି। ଅତିରିକ୍ତ ଜିଲାପାଳ ଉନ୍ନୟନ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଓ ନାଟ୍ୟ ବିଶେଷଜ୍ଞ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟ୍ଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ, ବବି ଇସଲାମ ଓ ସନ୍ଦୀପ ପାଣି ପ୍ରମୁଖ ଯୋଗ ଦେଇଥିଲେ।

## ବିଶିପଦାକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ମାନ୍ୟତା

ଫୁଲନଖରା,୧୭।୧୦(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ କୋରକରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଶିପଦା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କୋରକରା ପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମ୍ୟ କମିଟି ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ହରପ୍ରିୟା ସାମଲ ଯୋଗଦେଇ ଏହି ଯୋଜନାର ମୂଳଲକ୍ଷ୍ୟ ବିଷୟରେ ବୁଝାଇଥିଲେ। ଆଦର୍ଶ ଗ୍ରାମ୍ୟରେ ପରିଣତ କରିବାକୁ ହେଲେ ପ୍ରଥମତଃ ରାସ୍ତା, ପାନୀୟ ଜଳ, ଆଲୋକୀକରଣ, ବିଦ୍ୟାଳୟ ଆଦି ଅନେକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏବାବଦରେ ବାର୍ଷିକ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଅନୁଦାନ ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରକରା ପଞ୍ଚାୟତ ନାଏବ ସରପଞ୍ଚ ନିରୁପମା ନାୟକ, ପଞ୍ଚାୟତ ପିଇଓ ପ୍ରିୟମ୍ବଦା ବେହେରା, ୩୩ ନଂ. ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ଭୋଇ, ୱାର୍ଡ ସଭ୍ୟ ସମୀର ମଲ୍ଲିକ, ଶହୀଦ ସ୍ମୃତି ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନ, ଆଶା କର୍ମୀ ମଞ୍ଜୁଲତା ଦାଶ, ବ୍ରଜକିଶୋର ମହାନ୍ତି, ନରେଶ ଦାଶ, ବିରଞ୍ଚି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶୃଙ୍ଖଳିତ ପୂଜା, ଭସାଣିକୁ ସମାପନ କରିବାକୁ ଗୁରୁତ୍ୱ




ସଦ୍‌ଭାବନରେ ସଭାରେ ଉପସ୍ଥିତ ମେୟର, କମିଶନର।

କଟକ,୧୭।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ପକ୍ଷରୁ କଟକ ସହରରେ ସ୍ଥାୟୀ ଶାନ୍ତି ଏବଂ ସଦଭାବନା ରକ୍ଷା କରିବା ନିମନ୍ତେ ୱାର୍ଡସ୍ତରୀୟ ସଦଭାବନା ଦିବସର ଦ୍ୱିତୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ୱାର୍ଡ ନଂ.୨୨ସ୍ଥିତ ୱାର୍ଡ କାର୍ଯ୍ୟାଳୟରେ ଏବଂ ସନ୍ଧ୍ୟାରେ ୱାର୍ଡ ନଂ. ୧୫ସ୍ଥିତ ୱାଇଏମ୍‌ସିଏ ପରିସରରେ କଟକ ମେୟର ସୁବାସ ସିଂଙ୍କ ନେତୃତ୍ୱରେ ୱାର୍ଡୱାରୀ ସଦ୍‌ଭାବନା ସଭାରେ ସ୍ଥାନୀୟ ଅଞ୍ଚଳର ସମସ୍ତ ସମ୍ପ୍ରଦାୟର ପ୍ରତିନିଧି, ଜିଲା ପ୍ରଶାସନ, କଟକ ମହାନଗର ନିଗମ ଏବଂ ପୋଲିସ ପ୍ରଶାସନ ସହ ଆଲୋଚନା କରି କିପରି ଶାନ୍ତି ପ୍ରତିଷ୍ଠା ବଜାୟ ରଖାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି କାଳୀପୂଜା, ବାଲିଯାତ୍ରା, କାର୍ତ୍ତିକେଶ୍ୱର ଭସାଣି କିପରି ସୁଚାରରୂପେ ସମ୍ପନ୍ନ କରାଯିବ ଏବଂ ଶୃଙ୍ଖଳିତ ଭାବେ ଏହାକୁ ସମାପନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସିଏମସି କମିଶନର କିରଣଦୀପ କୌର ସହୋତା, କର୍ପୋରେଟର ଚନ୍ଦନ ଜେନା ଓ କର୍ପୋରେଟର ଲିଜା ରାଣୀ ରାଉତ, ସ୍ଥାନୀୟ ଥାନା ଅଧିକାରୀ, କଟକ ତହସିଲଦାର, ସିଟି ଇଞ୍ଜିନିୟରଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଓ ସ୍ଥାନୀୟ ମୁରବି ପ୍ରମୁଖ ଉପସ୍ଥିତ ଥିଲେ।

## କଟକ ଜିଲାସ୍ତରୀୟ କଳା ଉତ୍ସବ

କଟକ,୧୭।୧୦(କାର୍ତ୍ତିକ ସାହୁ)

ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଖାନନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ କଳା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍ସବରେ ଅଂଶଗ୍ରହଣ କରି ୬ଟି ବିଭାଗରେ ସେମାନଙ୍କ କଳା ପରିବେଷଣ କରିଥିଲେ। ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଜିଲାସ୍ତରୀୟ ଉତ୍ସବ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, ମନୋରଞ୍ଜନ ବାରିକ, ସନ୍ତୋଷ କୁମାର ସେଠୀ, ସମଗ୍ର ଶିକ୍ଷା ଜିଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡ. ସୂଚିସ୍ମିତା ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ ପ୍ରମୁଖ ଉପସ୍ଥିତ ଥିଲେ। ଖାନନଗର ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ଜୋନସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ କରାଯାଇଛି। ଏଠାରେ ଶନିବାର ଅନୁଷ୍ଠିତ ହେବାକୁ ଥିବା ଜୋନସ୍ତରୀୟ ପ୍ରତିଯୋଗିତାରେ ୫ଟି ଜିଲାର ଛାତ୍ରୀଛାତ୍ରମାନେ ପ୍ରତିନିଧିତ୍ୱ କରିବେ।



କଟକ ଜିଲାସ୍ତରୀୟ କଳା ଉତ୍ସବରେ ଉପସ୍ଥିତ ଅତିଥି।

## ବିନା ଏନ୍‌ଓସିରେ ଗୋଚର ଜମିରେ ଚାଲିଛି କାମ

କଟକ ସଦର,୧୭।୧୦(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ ଖେଣ୍ଟାଲୋ ମୌଜା ମହାନଦୀ ପଠା ଗୋଚର ଜମିରେ ଆଦିଶକ୍ତି ବୈଷୟିକ ଗ୍ରାମୀଣ ଉଦ୍ୟାନ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ କିଶନନଗର ତହସିଲଦାରଙ୍କୁ ଏନଓସି ମଗାଯାଇଥିଲା। ମାତ୍ର ମହାନଦୀ ପଠାର ଗୋଚର କିସମ ଜମି ହୋଇଥିବାରୁ ସ୍ଥାନୀୟ ତହସିଲଦାରଙ୍କ ବିନା ଏନ୍‌ଓସିରେ କାମ ଚାଲିଛି। ନିୟମ ଅନୁଯାୟୀ କାର୍ଯ୍ୟ ହେଉ ବୋଲି ଏନ୍‌ଓସିରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଖେଣ୍ଟାଲୋ ମୌଜାର ଖାତା ନଂ. ୧୯୦, ପ୍ଲଟ ନଂ. ୧୫ କିସମ ଗୋଚର ଉପରେ ନିର୍ମାଣ ଚାଲିଛି। କଟକ ଜିଲାପାଳଙ୍କ ପତ୍ର ସଂଖ୍ୟା ୭୦୧୮/୧୦।୭।୨୦୨୫ରେ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଭିନ୍ନ ଆଇନଗତ ସମସ୍ୟା ଉପୁଜୁଥିବା ଦୃଷ୍ଟିରୁ ଜିଲାର ସମସ୍ତ ନିର୍ମାଣ କାର୍ଯ୍ୟରେ ସଂଶ୍ଳିଷ୍ଟ ବିଭାଗ ସ୍ଥାନୀୟ ତହସିଲଦାରଙ୍କଠାରୁ ଏନ୍‌ଓସି ନେବା ପରେ ଯାଇ କାର୍ଯ୍ୟ ଆରମ୍ଭ କରିବେ।



ନିର୍ମାଣାଧୀନ ଆଦିଶକ୍ତି ବୈଷୟିକ ଗ୍ରାମୀଣ ଉଦ୍ୟାନ।




ନିର୍ମିତ ଫଳକ।

### ଆଦିଶକ୍ତି ବୈଷୟିକ ଗ୍ରାମୀଣ ଉଦ୍ୟାନ

ଅନ୍ୟପକ୍ଷରେ ଗୋଚର ଜମିରେ କୌଣସି ସ୍ଥାୟୀ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିବା ତହସିଲଦାରଙ୍କ କ୍ଷମତା ପରିସରଭୁକ୍ତ ନୁହେଁ ବୋଲି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନରେ ଉଲ୍ଲେଖ ରହିଛି। ମହାନଦୀ ପଠାରେ କୌଣସି ନିର୍ମାଣ ହୋଇପାରିବ ନାହିଁ ବୋଲି ଏନ୍‌ଜିଟି ଦିଲ୍ଲୀ ବେଞ୍ଚ ୨୦୨୨ରେ ନିଷେଧାଦେଶ ଜାରି କରିଛନ୍ତି। ସେଥିପାଇଁ ରଟିଲୋ ମୌଜା ମହାନଦୀ କୂଳରେ ସରକାରୀ ଅର୍ଥ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏକ ହନୁମାନ ମନ୍ଦିରକୁ ଜିଲା ପ୍ରଶାସନ ଓ କିଶନନଗର ତହସିଲଦାର ଭାଙ୍ଗି ଦେଇଥିଲା। ଏ ନେଇ କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଆମେ ଏନଓସି ଦେଇନାହୁଁ। କେବଳ ନିୟମ ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିବା ପାଇଁ ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଚିଠି ଲେଖୁଛି ବୋଲି କହିଥିଲେ। ଏହି ପତ୍ରର ଅର୍ଥ କଣ ହେବ ତାହା ବୁଝି ହେଉନାହିଁ ବୋଲି ବିଶ୍ୱ ଗୋ ସୁରକ୍ଷା ବାହିନୀ ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡା କହିଛନ୍ତି।

# ଫସିଲେ ଦଶପଲ୍ଲାର ବିଜେଡି ସମର୍ଥିତ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ

## ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

### ମୋଷ୍ଟ ୱାଣ୍ଟେଡ ମୁନା ମହାନ୍ତିଙ୍କୁ ସୁରକ୍ଷା ମହଙ୍ଗା ପଡ଼ିଲା

ନୟାଗଡ଼,୧୭।୧୦(ଲୋକନାଥ ମିଶ୍ର)

ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀରେ ନୟାଗଡ଼ ଜିଲା ବାଣୀଗୋଛା ଥାନା ଅଞ୍ଚଳର ବନ୍ଧଖମଣ ଫାର୍ମ ହାଉସ୍‌ର ଲିଙ୍କ୍ ଧରାପଡ଼ିବା ପରେ ଏଥିରେ ଫସିଛନ୍ତି ଦଶପଲ୍ଲା ବ୍ଲକର ବିଜେଡି ସମର୍ଥିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟି. ଅଭିମନ୍ୟୁ ଦୋରା। ଅଭିମନ୍ୟୁଙ୍କୁ କ୍ରାଇମ୍‌ବ୍ରାଞ୍ଚ ପୋଲିସ ଗିରଫ କରି ତଦନ୍ତକୁ ତ୍ୱରାନ୍ୱିତ କରିଛି। କେଳେଙ୍କାରୀରେ ଜିଲାର ଆଉ କେତେଜଣ ନେତା ସମ୍ପୃକ୍ତ ଥିବାର ଚର୍ଚ୍ଚା ହେଉଛି। ଏହି ନିଯୁକ୍ତ କେଳେଙ୍କାରୀର ମୋଷ୍ଟ ୱାଣ୍ଟେଡ ତଥା କଟକ ଜିଲା ବାଙ୍କୀ କଳାପଥର ଅଞ୍ଚଳର ମୁନା ମହାନ୍ତିଙ୍କ ଅପରାଧର ଆତ୍ମସ୍ଥଳୀ ବନ୍ଧଖମଣ ଫାର୍ମ ହାଉସ୍ ପାଲଟିଥିଲା ବୋଲି କୁହାଯାଉଛି। ମୁନା ଓ ତାଙ୍କ ସହଯୋଗୀ ଦଶପଲ୍ଲା ମାଳିସାହି ସୁକାନ୍ତ ମହାରଣା ଓରଫ ରିଙ୍କୁ ଏଠାରେ ରହି ପୋଲିସ ଏସ୍‌ଆଇ ଚାକିରି ଆଶାୟୀଙ୍କ ସହ ଭେଟୁଥିଲେ। ତେବେ ମୁନାଙ୍କ ଭଉଣୀ ନୀଳିମାଙ୍କୁ କ୍ରାଇମବାଞ୍ଚ ପୋଲିସ ଅଟକ ରଖିଥିବା ଜଣାପଡିଛି। ଫାର୍ମ ହାଉସରେ ଲାଗିଥିବା ବହୁ ସିସିଟିଭି କ୍ୟାମେରାକୁ କ୍ରାଇମବ୍ରାଞ୍ଚ ଜବତ କରିବା ସହ ସିଲ୍ କରିଛି। ପ୍ରାପ୍ତ ସୂଚନା ଅନୁସାରେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିମନ୍ୟୁଙ୍କ ସହଯୋଗୀ ହେଉଛନ୍ତି ମୁନା ଓ ସୁକାନ୍ତ। ମୁନା ବାଲି ବ୍ୟବସାୟ କରୁଥିବାବେଳେ ସୁକାନ୍ତ ସହଯୋଗ କରି କାରବାରକୁ ବଢ଼ାଇ ଚାଲିଥିଲେ। ତେବେ ପୋଲିସ ଏସ୍‌ଆଇ ନିଯୁକ୍ତି ଘଟଣାରେ ଟଙ୍କା ରୋଜଗାର କରି ବଡଲୋକ ହେବାର ସ୍ୱପ୍ନ ମୁନାଙ୍କୁ ଘାରିଥିଲା। ପଞ୍ଚସପ୍ତ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡର ମାଲିକ ଗଞ୍ଜାମ ଜିଲାର ଶଙ୍କର ପୃଷ୍ଟିଙ୍କ ସହ ମୁନାଙ୍କ ସମ୍ପର୍କ ଯୋଗୁ ସେ ଏ କାରବାରରେ ଖାସ୍ ହୋଇ ରହିଥିଲେ। ତେବେ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ଗୁମର ଫିଟିବା ପରେ ସବୁ କିଛି ଗଡ଼ବଡ଼ ହୋଇଗଲା। ଶଙ୍କର ଓ ମୁନାଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଲୁକ୍ ଆଉଟ୍ ସର୍କୁଲାର ଜାରି କରିଥିଲା, ଯାହାକି ଶଙ୍କର ଓ ମୁନାଙ୍କୁ ଭୟଭୀତ କରିଥିଲା। ଏହାରି ଭିତରେ ଶଙ୍କର ଓ ମୁନା ନିଜେ ଖସିବା ସହ ନିଜ ଅନୁଗତଙ୍କୁ ଖସାଇବାକୁ ଉଦ୍ୟମ କରିଥିଲେ। ପ୍ଲାନ ମୁତାବକ ଶଙ୍କର ଓ ମୁନା ନିଜର ସହଯୋଗୀ ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା, ଶ୍ରୀକାନ୍ତଙ୍କ ଭାଇ ସୁକାନ୍ତ ମହାରଣାଙ୍କ ସହ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। କ୍ରାଇମବ୍ରାଞ୍ଚ ସୁକାନ୍ତଙ୍କ ଭାଇ ଶ୍ରୀକାନ୍ତଙ୍କୁ ଧରିବା ପରେ ସୁକାନ୍ତ ଓ ମୁନାଙ୍କ ରହଣି ଫାର୍ମ ହାଉସ୍ ସମ୍ପର୍କରେ ଜାଣି ପାରିଥିଲା। କ୍ରାଇମବ୍ରାଞ୍ଚ ପୋଲିସ ଶ୍ରୀକାନ୍ତଙ୍କୁ ଧରି ଅଭିମନ୍ୟୁଙ୍କୁ ଘରୁ ଯାଇଥିଲା। ସେଠାରୁ ତାଙ୍କୁ ଧରି ଫାର୍ମ ହାଉସ୍‌କୁ ନେଇଥିଲା। ସେଠାରେ ଅଭିମନ୍ୟୁ ଓ ଫାର୍ମ ହାଉସ୍ କର୍ମଚାରୀ ମିଳିତ ହୋଇ କ୍ରାଇମବ୍ରାଞ୍ଚ ପୋଲିସ ସହ ଯୁକ୍ତିତର୍କ କରିଥିଲେ। ବାଦାନୁବାଦ ଭିତରେ ମୁନା ଓ ସୁକାନ୍ତ ଖସି ଯାଉଥିବା ବେଳେ ଉଭୟଙ୍କୁ କାବୁ କରି ନିଆଯାଇଥିଲା। ଏହାସହ ଅଭିମନ୍ୟୁଙ୍କୁ ମଧ୍ୟ ଗିରଫ କରାଯାଇଥିବାବେଳେ ଫାର୍ମ ହାଉସ୍ କର୍ମଚାରୀଙ୍କୁ ଛାଡ଼ି ଦିଆଯାଇଥିଲା। ଫାର୍ମ ହାଉସ୍ କର୍ମଚାରୀ ରବୀନ୍ଦ୍ର ପ୍ରଧାନ ମୁନା ଓ ସୁକାନ୍ତଙ୍କ ରହଣିକୁ ସ୍ୱୀକାର କରିଛନ୍ତି। ୧୪ ଦିନରୁ ଅଧିକ ହେଲା ଉଭୟେ ଫାର୍ମ ହାଉସରେ ରହୁଥିଲେ ବୋଲି ସେ କହିଛନ୍ତି। ଉଭୟଙ୍କୁ ଭେଟିବାକୁ ପ୍ରତିଦିନ କାର୍‌ରେ କିଛି ଲୋକ ଆସୁଥିଲେ। ହେଲେ କେଉଁଥିପାଇଁ ଆସୁଥିଲେ କ'ଣ କଥା ହେଉଥିଲେ ସେ ଜାଣିନାହାନ୍ତି । ମୁନା ଓ ସୁକାନ୍ତ ତାଙ୍କୁ କିଛି କହୁ ନ ଥିଲେ ବୋଲି ରବୀନ୍ଦ୍ର କ୍ରାଇମ୍‌ବାଞ୍ଚ ଅଧିକାରୀଙ୍କୁ କହିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀର ମୋଷ୍ଟ ୱାଣ୍ଟେଡ ମୁନା ମହାନ୍ତିଙ୍କ ନଂ. ଓଡି୦୨ଡିଡି ୬୫୫୧ ଏବଂ ଓଡି୦୨ ସିୟୁ ୬୫୫୧ ନମ୍ବରର ୨ଟି ଟିପ୍ପରକୁ ଦଶପଲ୍ଲା ଥାନା ପୋଲିସ ସେଠାକାର ଏକ ପେଟ୍ରୋଲ ପମ୍ପରୁ ଜବତ କରିଛି। ସେହିପରି ଫାର୍ମ ହାଉସ୍‌ରୁ ୧ଟି ଥାର୍ ଓ ୧ଟି ସ୍କର୍ପିଓ କ୍ରାଇମବ୍ରାଞ୍ଚ ଜବତ କରିଥିବା ଜଣାପଡ଼ିଛି।



ଟି.ଅଭିମନ୍ୟୁ ଦୋରାଙ୍କ ବାଣୀଗୋଛା ଥାନା ଅଞ୍ଚଳ ବନ୍ଧଖମଣଠାରେ ଥିବା ଫାର୍ମ ହାଉସ୍





ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଶୁକ୍ରବାର ଆୟୋଜିତ ଆଦି କର୍ମଯୋଗୀ ଅଭିଯାନ ସଂକ୍ରାନ୍ତ ଜାତୀୟ କର୍ମଶାଳାରେ କୋରାପୁଟ ଜିଲାର ଏଡିଡବ୍ଲ୍ୟୁଓ ରାକେଶ ବିଶ୍ୱାଳଙ୍କୁ ଷ୍ଟେଟ ଲେଭଲ୍ ମାଷ୍ଟର ଟ୍ରେନର ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରସ୍କୃତ କରୁଛନ୍ତି। (ଫଟୋ-ଚମନ ଗୌତମ)

# ବିଧାୟକଙ୍କ ହାତପାଣ୍ଠି ଠିକ୍ ବାଟରେ ତ୍ୱରିତ୍ ଖର୍ଚ୍ଚ କର

## ଜିଲାପାଳଙ୍କୁ ଉନ୍ନୟନ ଆୟୁକ୍ତଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧୦
(ରବିନାରାୟଣ ଜେନା)

ରାଜ୍ୟରେ ବିଧାୟକଙ୍କ ହାତପାଣ୍ଠି (ଏମ୍‌ଏଲ୍‌ଏ-ଲାଡ୍)ବୃଦ୍ଧି ନେଇ ପୂର୍ବରୁ ଦାବି ହେଉଥିବାବେଳେ ମୋହନ ସରକାର ଏହାକୁ ଗତ ବିଧାନସଭା ଅଧିବେଶନ କାଳରେ ୩କୋଟିରୁ ୫କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ଏହା କିଭଳି ଖର୍ଚ୍ଚ ହେବ ସେନେଇ ମଧ୍ୟ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ମାର୍ଗଦର୍ଶିକା ଜାରି ହୋଇଛି। ହେଲେ ବିଧାୟକଙ୍କ ହାତପାଣ୍ଠି ଠିକଣା ଭାବେ ସମୟଭିତରେ ଖର୍ଚ୍ଚ ହୋଇପାରୁ ନାହିଁ। ଏନେଇ ବିଧାୟକଙ୍କ ଅସନ୍ତୋଷ ରହୁଥିବାବେଳେ ଲୋକେ ମଧ୍ୟ ଉପକୃତ ହୋଇପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ ହାତପାଣ୍ଠି କିଭଳି ଠିକ୍ ବାଟରେ ତ୍ୱରିତ୍ ଖର୍ଚ୍ଚ ହେବ ଏବଂ ଲୋକେ ଉପକୃତ ହେବେ ସେନେଇ ପଦକ୍ଷେପ ନେବାକୁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଲୋକସେବା ଭବନରେ ଶୁକ୍ରବାର ଜିଲାପାଳଙ୍କ ସହିତ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକରୁ ଜଣାଯାଇଛି, ୨୦୨୫-୨୬ ବର୍ଷରେ ବିଧାୟକ ହାତପାଣ୍ଠି ଯୋଜନା ବଜେଟରେ ୭୩୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏଥିପାଇଁ ସଂଶୋଧିତ ମାର୍ଗଦର୍ଶିକା ଏବଂ ଏକ ପୋର୍ଟାଲ ଗତ ଅଗଷ୍ଟ ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି; ଯାହା ମାଧ୍ୟମରେ ପ୍ରକଳ୍ପ ପ୍ରସ୍ତାବ, ମଞ୍ଜୁରୀ, କାର୍ଯ୍ୟକାରୀ ସଂସ୍ଥାକୁ ଅର୍ଥ ପ୍ରଦାନ ଓ ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାର ବ୍ୟବସ୍ଥା ରହିଛି। ଜିଲା ପରିଷଦ ଓ ଜିଲା ପ୍ରକଳ୍ପ ତଦାରଖ ୟୁନିଟ୍‌ଗୁଡ଼ିକୁ ଉପଯୁକ୍ତ ସମନ୍ୱୟ ରକ୍ଷା କରି ନିର୍ଦ୍ଧାରିତ ସମୟ ଭିତରେ ଅର୍ଥ ମଞ୍ଜୁର କରିବା ସହିତ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଉନ୍ନୟନ ଆୟୁକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ୍-ଏସ୍‌ଏ) କାର୍ଯ୍ୟକାରିତାକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ତା' ଉପରେ ଅନୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି। ପ୍ରତି ମାସରେ ଜିଲାପାଳମାନେ ଜିଲାସ୍ତରରେ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଏବଂ ସିଏମ୍-ଏସ୍‌ଏ ସଦ୍ୟତମ ତଥ୍ୟ ୱେବ୍ ପୋର୍ଟାଲରେ ଦର୍ଶାଇବାକୁ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ)ର କାର୍ଯ୍ୟକରିତା ନେଇ ଆଲୋଚନା କରାଯାଇଥିଲା।୧୫ଟି ଜିଲାରେ ଏହି ପ୍ରକଳ୍ପ ବିଶ୍ୱ ବ୍ୟାଙ୍କ ସହାୟତାରେ ରାଜ୍ୟ ଜଳସମ୍ପଦ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ବୈଠକରୁ ଜଣାଯାଇଛି। ଏହାଦ୍ୱାରା ରାଜ୍ୟରେ ୫୩୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ (ଏମ୍‌ଆଇପି) ଟ୍ୟାଙ୍କର ଉନ୍ନତୀକରଣ, ରକ୍ଷଣାବେକ୍ଷଣ କରାଯାଇ ମତ୍ସ୍ୟ ଓ ପ୍ରାଣୀ ପାଳନ, କୃଷି, ଉଦ୍ୟାନ କୃଷି, ଜଳସେଚନ ଆଦିକୁ ସମନ୍ୱିତ କରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ପ୍ରକଳ୍ପଗୁଡ଼ିକର ପ୍ରଭାବୀ ଉପଯୋଗିତା ଏବଂ କୃଷି ଉତ୍ପାଦନ ବୃଦ୍ଧି ସମ୍ପର୍କରେ ଜିଲାପାଳମାନେ ନିୟମିତ ସମୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

ବୈଠକରେ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା, ଋଣ ସହାୟତା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ସ୍ତରୀୟ ବ୍ୟାଙ୍କର୍ସ କମିଟି ( ଏସ୍‌ଏଲ୍‌ବିସି) ବୈଠକ ନିୟମିତ ଅନୁଷ୍ଠିତ ହେଉଥିବା ବେଳେ ଜିଲାରେ ଜିଲାସ୍ତରୀୟ ବ୍ୟାଙ୍କର୍ସ କମିଟି (ଡିଏଲ୍‌ବିସି) ଏବଂ ବ୍ଲକ ସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି (ବିଏଲ୍‌ବିସି) ବୈଠକ ନିୟମିତ ଡକାଯାଇ ସମୀକ୍ଷା କରାଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବ୍ୟାଙ୍କିଙ୍ଗ ସୁବିଧା ନ ଥିବା ପଞ୍ଚାୟତରେ ଖୋଲାଯାଇଥିବା ସିଏସ୍‌ପି ପ୍ଲସ୍ ଆଉଟଲେଟର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଛି।

# ପ୍ରକାଶ ପାଇଲା ବିଜେଡିର ୪୦ ଜଣିଆ ଷ୍ଟାର୍ କ୍ୟାମ୍ପେନର ତାଲିକା

ଭୁବନେଶ୍ୱର, ୧୭।୧୦ (ସୁନିତ୍ ମିଶ୍ର)

ବିଜେଡିର ୪୦ ଜଣିଆ ଷ୍ଟାର କ୍ୟାମ୍ପେନର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ବିରୋଧୀ ଦଳ ନେତା ତଥା ଦଳର ସଭାପତି ନବୀନ ପଟ୍ଟନାୟକ ତାଲିକାର ଏକ ନମ୍ବରରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀପ୍ରସାଦ ମିଶ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସ, ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂ ଦେଓ, ପ୍ରୀତିରଞ୍ଜନ ଘଡ଼େଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାରାଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁଜିବୁଲ୍ଲା ଖାନ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂ, ନିରଞ୍ଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂ ବରିହା, ଦୀପାଳୀ ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଏବଂ ଈପ୍ସିତା ସାହୁଙ୍କ ନାଁ ଏହି ତାଲିକାରେ ରହିଛି।

# କଂଗ୍ରେସର ୪୦ ଜଣିଆ ତାରକା ପ୍ରଚାରକ

ଭୁବନେଶ୍ୱର,୧୭।୧୦
(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ପ୍ରକାଶ ପାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ଜାରି କରିଥିବା ତାଲିକାରେ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ସହିତ ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଭୂପେଶ ବଘେଲ, ସଚିନ ପାଇଲଟ, ସପ୍ତଗିରି ଉଲାକା, ଏ. ରେଭନ୍ତ ରେଡ୍ଡୀ, ମଲ୍ଲୁ ଭାଟି ବିକ୍ରମାର୍କ, ଡ. ଗିରିଧର ଗମାଙ୍ଗ, କହ୍ନେୟା କୁମାର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଶାହନୱାଜ୍ ଚୌଧୁରୀ, କିଶୋର ପଟେଲ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ଡ. ସି.ଏସ୍. ରାଜନ ଏକ୍କା, ସନ୍ତୋଷ ସିଂ ସାଲୁଜା, ସସ୍ମିତା ବେହେରା, ଦ୍ୱାରିକା ପ୍ରସାଦ ଯାଦବ, ଜନକ ଧ୍ରୁବ, ତାମ୍ରଧ୍ୱଜ ସାହୁ, ଜଗନ୍ନାଥ ପଟ୍ଟନାୟକ, ଶିବକୁମାର ଡହରିଆ, ସୁରେଶ କୁମାର ରାଉତରାୟ, ଶରତ ରାଉତ, ଗୁରୁ ରୁଦ୍ରକୁମାର, ସତ୍ୟଭୂଷଣ ସାହୁ, ରାମଚନ୍ଦ୍ର ଖୁଣ୍ଟିଆ, ୱାଇଏନଏସ୍ ଲାଗୁରୀ, ଅଳକା ଲାମ୍ବା, ଉଦୟଭାନୁ ଚିବ୍, ବରୁଣ ଚୌଧୁରୀ, ମୀନାକ୍ଷୀ ବାହିନୀପତି, ଅରବିନ୍ଦ ଦାସ, ମନୋଜ ମିଶ୍ର ଓ ଅମିତା ବିଶ୍ୱାଳ ପ୍ରମୁଖ ରହିଛନ୍ତି।

# ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପ୍ରକାଶକରିବେ ଉପନିର୍ବାଚନର ପ୍ରାର୍ଥୀ

### ଗଣମାଧ୍ୟମ ଜରିଆରେ ପ୍ରାର୍ଥୀ ଚୟନର ୪୮ ଘଣ୍ଟାରେ ଫର୍ମ-ସି୭ର ପ୍ରକାଶ କରିବେ

ଭୁବନେଶ୍ୱର,୧୭।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ସମେତ ୭ ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନ ଲାଗି ଭାରତର ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସମସ୍ତ ପୂର୍ବବର୍ତ୍ତୀ ଆପରାଧିକ ତଥ୍ୟ ପ୍ରକାଶ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀଗୁଡ଼ିକର ଅନୁପାଳନ ବାଧ୍ୟତାମୂଳକ। ନୂଆପଡ଼ା ନିର୍ବାଚନମଣ୍ଡଳୀ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନର ୪୮ ଘଣ୍ଟା ମଧ୍ୟରେ ମୁଦ୍ରିତ ଗଣମାଧ୍ୟମ, ସ୍ୱକୀୟ ଅଫିସିଆଲ ସୋସିଆଲ ମିଡିଆ ଓ ୱେବ୍‌ସାଇଟ୍ ମାଧ୍ୟମରେ ଫର୍ମ-ସି ୭ର ସୁସ୍ପଷ୍ଟ ପରିପ୍ରକାଶ କରିବେ। ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନର ୭୨ ଘଣ୍ଟା ମଧ୍ୟରେ ଫର୍ମ-୮ସି , ଫର୍ମ-ସି ୭ର ନକଲ ସଂଲଗ୍ନକରି ସିଧାସଳଖ ଭାରତର ନିର୍ବାଚନ ଆୟୋଗଙ୍କ ପାଖକୁ ପ୍ରେରଣ କରିବେ। ନାମାଙ୍କନର ଶେଷ ତାରିଖ ଆସନ୍ତା ୨୦ ସୁଦ୍ଧା ଫର୍ମାଟ-ସିଏକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ଜରିଆରେ ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲକରିବେ। ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଆସନ୍ତା ୨୪ସୁଦ୍ଧା ଫର୍ମ ୭ଏକୁ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବେ। ଉପରୋକ୍ତ ସମସ୍ତ ଦସ୍ତାବିଜ୍ camc-eci@eci.gov.in ଜରିଆରେ ନିର୍ବାଚନ ଆୟୋଗ ନିକଟରେ ଦାଖଲକରିବେ।

# ମଣ୍ଡଳ ଦାୟିତ୍ୱରେ ରହିବେ ଜଣେ ଏମ୍‌ପି, ମନ୍ତ୍ରୀ: ଭାଜପା

## ନୂଆପଡ଼ା ଉପନିର୍ବାଚନ

### ସବୁବେଳେ ଫ୍ରଣ୍ଟଫୁଟ୍‌ରେ ଖେଳେ ବିଜେଡି: ପ୍ରୀତିରଞ୍ଜନ

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଲାଗି ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହି ଆସନ କିପରି ଦଖଲ ହେବ ସେଥିପାଇଁ ଦଳ ପକ୍ଷରୁ ପ୍ରସ୍ତୁତି ସରିଛି। ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଶ୍ରଦ୍ଧାଞ୍ଜଳି ସଭା ଯେଉଁଦିନ ହୋଇଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପ୍ରଥମ ଗସ୍ତ କରିଥିଲେ । ସେଦିନଠାରୁ ଭାଜପା ତା'ର ପ୍ରଚାର ଆରମ୍ଭ କରିଦେଇଛି ବୋଲି ଭାଜପା ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପ୍ରଦୀପ କହିଛନ୍ତି, ଭାଜପାର ଅନେକ ପ୍ରମୁଖ ବ୍ୟକ୍ତିବିଶେଷ ନୂଆପଡ଼ାରେ ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ କରିସାରିଛନ୍ତି। ବହୁ ନେତାଙ୍କୁ ଦାୟିତ୍ୱ ଦିଆସରିଛି। ମୁଖ୍ୟମନ୍ତ୍ରୀ ଗତ ଗୁରୁବାର ନୂଆପଡ଼ା ଯାଇଥିଲେ। ସେଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହେବା ପରେ ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ନେତାମାନେ ଦଳୀୟ କାର୍ଯ୍ୟାଳୟଠାରେ ବସି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଗୋଟିଏ ମଣ୍ଡଳ ଦାୟିତ୍ୱରେ ଜଣେ ଏମ୍‌ପି ଓ ମନ୍ତ୍ରୀ, ଗୋଟିଏ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଜଣେ ଲେଖା ବିଧାୟକ କିମ୍ବା ପୂର୍ବତନ ବିଧାୟକ ରହିବେ। ଗୋଟିଏ ନଗର ଦାୟିତ୍ୱରେ ୨ ଜଣ ଲେଖା ମନ୍ତ୍ରୀ ରହିବେ। ସବୁ ନେତାଙ୍କୁ ନିଜ ବେଡିଂ, ବସ୍ତାନି ଧରି ସେଠାରେ ପହଞ୍ଚିଯିବା ପାଇଁ କୁହାଯାଇଛି। ନିର୍ବାଚନ ପ୍ରଚାର ଶେଷ ହେବା ଯାଏଁ କେହି ସେହି ଅଞ୍ଚଳ ଛାଡ଼ି ନ ଆସିବା ଲାଗି ଦଳର ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତଙ୍କୁ କହିଛନ୍ତି। ସେହି ହିସାବରେ ସମସ୍ତେ ପ୍ରସ୍ତୁତ ହୋଇଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଆଗକୁ ୨ ଥର ପ୍ରଚାର ପାଇଁ ଯିବେ। ଛତିଶଗଡ଼ ସୀମାରେ ଯେହେତୁ ନୂଆପଡ଼ା ରହିଛି ଏବଂ ରାୟପୁର ସହ ସିଧାସଳଖ ସେମାନଙ୍କ ବ୍ୟବସାୟିକ ସମ୍ପର୍କ ରହିଛି ତେଣୁ ସେଠାକାର ମୁଖ୍ୟମନ୍ତ୍ରୀ ପ୍ରଚାର ପାଇଁ ଆସିବେ। ଛତିଶଗଡ଼ର ବହୁ ପ୍ରଭାବ ସେଠାରେ ରହିଥିବା ଯୋଗୁ ସେଠାକାର ମନ୍ତ୍ରୀ, ବିଧାୟକ, ସ୍ଥାନୀୟ ଭାଜପା ନେତା ଏବଂ ଅନ୍ୟମାନେ ଆସି ପ୍ରଚାର କରିବେ। ୩ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ ମଧ୍ୟ ସ୍ଥିର ହୋଇଛି ବୋଲି ପ୍ରଦୀପ କହିଛନ୍ତି।

ଅନ୍ୟପଟେ ବିଜେଡି ନେତା ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ନୂଆପଡ଼ା ଉପନିର୍ବାଚନ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲଢ଼ାଯିବ। ଏହି ନିର୍ବାଚନମଣ୍ଡଳୀର ବିକାଶ ନବୀନ ପଟ୍ଟନାୟକ ଯେପରି କରିଛନ୍ତି ସେଠାକାର ଲୋକେ ଆଜି ମଧ୍ୟ ସମ୍ମାନ ଦେଉଛନ୍ତି। ସେଥିଲାଗି ଗତ ଦିନରେ ବିଜେଡି ଲଗାତର ସେଠାରୁ ବିଜୟୀ ହୋଇ ଆସୁଥିଲା। ଗତ ୧୬ ମାସ ଭିତରେ ସାରା ରାଜ୍ୟ ଅଶାନ୍ତ ହୋଇପଡ଼ିଛି। ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଉପନିର୍ବାଚନରେ ନୂଆପଡ଼ାର ଜନସାଧାରଣ ଭାଜପାକୁ ଉଚିତ ଜବାବ ଦେବେ। ବିଜେଡି ସବୁବେଳେ ଫ୍ରଣ୍ଟଫୁଟ୍‌ରେ ଖେଳେ ବୋଲି ପ୍ରୀତିରଞ୍ଜନ କହିଛନ୍ତି।

# ୨୦୮ ମାଓବାଦୀଙ୍କ ଆତ୍ମସମର୍ପଣ



ଛତିଶଗଡ଼ ଜଗଦଲପୁରରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି,୧୭।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ୨ ମାଓବାଦୀ ଡିଭିଜନର ୨୦୮ ମାଓବାଦୀ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ୪ଦିନ ତଳେ ଛତିଶଗଡ଼ର ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଏକା ସାଙ୍ଗରେ ୩ ଅଞ୍ଚଳରେ ଆତ୍ମସମର୍ପଣ କରିଥିଲେ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ ଜଗଦଲପୁରକୁ ଗସ୍ତ କରିଥିବା ବେଳେ ତାଙ୍କ ସମ୍ମୁଖରେ ବସ୍ତର ମାଓ ଡିଭିଜନର ୫୦ ଓ ଦଣ୍ଡକାରଣ୍ୟ ଡିଭିଜନର ୧୫୮ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୨୬ ମାର୍ଚ୍ଚ ସୁଦ୍ଧା ସମସ୍ତ ମାଓବାଦୀ ମୂଳପୋଛ କରିବା ନିଷ୍ପତ୍ତି ନେଇଛନ୍ତି। ଛତିଶଗଡ଼ରେ ବହୁମାତ୍ରାରେ ମାଓବାଦୀ ଏକାସଙ୍ଗେ ଆତ୍ମସମର୍ପଣ କରିଥିବା ପ୍ରଥମଥର ଦେଖିବାକୁ ମିଳିଛି। ସମସ୍ତ ମାଓବାଦୀଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା। ସମସ୍ତଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ରହିଛି।

# ଏକ୍ ପେଡ୍ ମା'କେ ନାମ୍ ୨.୦ର ସମୀକ୍ଷା

ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)

ଏକ୍ ପେଡ୍ ମା'କେ ନାମ୍ ୨.୦ କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଚାରାରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସ୍ଥିରୀକୃତ ବିସ୍ତୃତ ନିୟମାବଳୀ ଆଧାରରେ ରାଜ୍ୟସ୍ତରୀୟ ତଦାରଖ କମିଟିର ବୈଠକ ଶୁକ୍ରବାର ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ଚାରା ବଞ୍ଚିବା ଏବଂ ଏହାର ବୃଦ୍ଧି ଉପରେ 'ଏକ୍ ପେଡ୍ ମା କେ ନାମ୍' ୨.୦ ର ସଫଳତା ନିର୍ଭରକରେ। ମାର୍ଗଦର୍ଶିକା ଅନୁଯାୟୀ ଚାରାରୋପଣର ସୁରକ୍ଷା, ବଞ୍ଚିବା ଓ ସୁସ୍ଥ ଅଭିବୃଦ୍ଧି ପାଇଁ ସରକାରୀ ଭାବେ ଆମେ ସମସ୍ତେ ଯତ୍ନବାନ୍ ହେବା ଦରକାର। ଗତ ସେପ୍ଟେମ୍ବର ୧୭ରେ ବ୍ୟାପକ ଚାରାରୋପଣର ମାସକ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଚାରାରୋପଣ ପରେ ତ୍ରିସ୍ତରୀୟ ନିରୀକ୍ଷଣ ଓ ଦାୟିତ୍ୱ ବ୍ୟବସ୍ଥା ମାଧ୍ୟମରେ ଦୃଢ଼ ନିରୀକ୍ଷଣ ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ଗତ ମାସ ୨୨ରେ ମିଳିତ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା। ବୈଠକରେ ଗାଇଡ୍‌ଲାଇନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ଓଆର୍‌ଏସ୍‌ଏସି ଆଧାରିତ ମନିଟରିଂ ୱେବ୍ ପୋର୍ଟାଲର ଏକ ପ୍ରଦର୍ଶନ କରାଯାଇଥିଲା।

## ୨୦୨୫ : ସାହିତ୍ୟ-ନୋବେଲ

# ପ୍ରଳୟ ଓ ପ୍ରତ୍ୟୟର ରୂପକାର: ଲାସ୍‌ଲୋ କ୍ରାସ୍‌ନାହୋରକାଇ

**ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ନିମିତ୍ତ ନୋବେଲ କମିଟି ଘୋଷଣା କଲେ ହଂଗେରୀର ଲେଖକ ଲାସ୍‌ଲୋ କ୍ରାସ୍‌ନାହୋରକାଇଙ୍କ ନାଁ। ଏବଂ କହିଲେ ପ୍ରଳୟାତ୍ମକ ସ୍ଥିତି ଭିତରେ ବି ମୁକ୍ତିର ସମ୍ଭାବନା ଉଜ୍ଜୀବିତ ରହିଛି। କଳା ବା ସାହିତ୍ୟ ଏହି ସମ୍ଭାବନା ପ୍ରତି ସତତ ପ୍ରତିବଦ୍ଧ ବୋଲି ଲାସ୍‌ଲୋ ତାଙ୍କର ଜୀବନବ୍ୟାପୀ ସାଧନା ମାଧମରେ ପ୍ରତିପାଦିତ କରିବାକୁ ଚାହିଁଛନ୍ତି। ତାଙ୍କର ଶିଳ୍ପକର୍ମ 'ମନୋମୁଗ୍ଧକର' ଓ 'ଦୂରଦର୍ଶୀ'।**



ଲାସ୍‌ଲୋଙ୍କ ଜନ୍ମ ୧୯୫୪ରେ ଦକ୍ଷିଣପୂର୍ବ ହଂଗେରୀର ଏକ ଛୋଟ ସହର ଗ୍ୟୁଲାରେ। ୧୯୮୫ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ସଟାନଟାଙ୍ଗୋ'। ଏହି ଉପନ୍ୟାସ ସମେତ ସାମଗ୍ରିକ ସାହିତ୍ୟକୃତିକୁ ନେଇ ସେ ମୁଖ୍ୟ ବୁକର୍ ଅନ୍ତର୍ଜାତୀୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ ୨୦୧୫ରେ। 'ସଟାନଟାଙ୍ଗୋ'ରେ ରୂପ ଘେନିଛି ଏକ ନିପଟ ମଫସଲର କାହାଣୀ। ନୋବେଲ କମିଟି ତାଙ୍କ ବିବୃତିରେ ପୁଣି ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଛନ୍ତି ତାଙ୍କର ଅନ୍ୟତମ ଉପନ୍ୟାସ 'ହାର୍ଶଟ ୦୭୭୬୯'ର କଥା ଏବଂ କହିଛନ୍ତି– ଏଥିରେ ହଂଗେରୀର ସାମାଜିକ ଅସ୍ଥିରତା ଅତି ନିଖୁଣ ଭାବେ ଚିତ୍ରିତ। ଜର୍ମାନ୍‌ର ଏକ ଛୋଟ ସହର ଥୁରିଙ୍ଗେନ୍ ଯାହା ଅରାଜକତା, ହତ୍ୟା, ଦଙ୍ଗା ଓ ଗୃହଦହନ ଭଳି ଅମାନବୀୟ କ୍ରୂରତାରେ ଉପଦ୍ରୁତ ; ତାହାରି ହୃଦୟଥରା ଇତିବୃତ୍ତ ଏ ଉପନ୍ୟାସ, ଯହିଁରେ ହୋଇଛି ହିଂସା ସହିତ ସୌନ୍ଦର୍ଯ୍ୟର ସାଲିସ୍।

ଲାସ୍‌ଲୋ ହେଉଛନ୍ତି ଫ୍ରାଞ୍ଜ୍ କାଫ୍‌କାଙ୍କଠୁ ଥୋମାସ୍ ବର୍ନହାଡ୍‌ଙ୍କ ଯାଏ ବିସ୍ତୃତ ୟୁରୋପୀୟ ସାହିତ୍ୟ-ପରମ୍ପରାର ସବୁଠୁଁ ମହତ୍ତର ଅନୁଗାମୀ। ଏହି ଲେଖକଙ୍କର ଅନ୍ୟାନ୍ୟ ରଚନା ମଧ୍ୟରେ ରହିଛି 'ଏ ମାଉଣ୍ଟେନ୍ ଟୁ ଦ ନର୍ଥ', 'ଲେକ୍ ଟୁ ଦ ସାଉଥ୍', 'ପାଥ୍‌ସ ଟୁ ଦ ଓୟେଷ୍ଟ' ଓ 'ଏ ରିଭାର୍ ଟୁ ଦ ଇଷ୍ଟ'। ଉପନ୍ୟାସ ବ୍ୟତୀତ ଗଳ୍ପ ରଚନାରେ ମଧ୍ୟ ଲେଖକଙ୍କ ପ୍ରତିଭା ଶିଖରସ୍ପର୍ଶୀ। ୨୦୦୮ରେ ତାଙ୍କର ୧୭ଟି ଗଳ୍ପକୁ ନେଇ ପ୍ରକାଶ ପାଇଛି 'ସିୟୋବୋ ଦେୟାର୍ ବିଲୋ' ଶୀର୍ଷକ କଥାଗ୍ରନ୍ଥ। ଲାସ୍‌ଲୋଙ୍କ ଗଳ୍ପ ବା ଉପନ୍ୟାସରେ ଥାଏ ଏକ ମହାକାବ୍ୟିକ ଆବେଦନ, ଯାହା ପାଠକଙ୍କୁ ବିବଶ କରେ। ବିରାମ ଚିହ୍ନକୁ ଉପେକ୍ଷା କରି ପୃଷ୍ଠା ପରେ ପୃଷ୍ଠା ଗଡ଼ିଚାଲିଥାଏ ତାଙ୍କ ଆଖ୍ୟାନର ବିବରଣ। ଦୀର୍ଘତମ ବାକ୍ୟାବଳୀର ପ୍ରୟୋଗ ବେଳେବେଳେ ପାଠକଙ୍କ ଅବବୋଧରେ ଦୁରୂହତା ଆଣିଲେ ବି ସମ୍ବେଦନାରେ କଦାପି ବାଧକ ହୋଇ ନ ଥାଏ। ତାଙ୍କ ଉପନ୍ୟାସରେ ଥାଏ ଖୁବ୍ କମ୍ ଅନୁଚ୍ଛେଦ। ଏଥିପାଇଁ ଅନେକେ ତାଙ୍କୁ 'ଅତିନିରେଖୀ' ଲେଖକ ବୋଲି କହିଥାନ୍ତି।

ଲାସ୍‌ଲୋ ଧର୍ମରେ ଇହୁଦୀ। ମଧ୍ୟବିତ୍ତ ହଂଗେରୀୟ ପରିବାରରେ ତାଙ୍କର ଜନ୍ମ ଓ ସେ ବଡ଼ ହୋଇଛନ୍ତି କମ୍ୟୁନିଷ୍ଟ ହଂଗେରୀରେ। ମିଲାନ୍ କୁନ୍ଦେରା ଯେପରି ନିଜ ଜନ୍ମିତ କମ୍ୟୁନିଷ୍ଟ ଚେକୋସ୍ଲୋଭାକିଆ ତଥା ତାଙ୍କ ମାତୃଭାଷା ଚେକ୍‌କୁ ଛାଡ଼ି ପ୍ରବାସୀ ଜୀବନ କାଟିଥିଲେ ପ୍ୟାରିସ୍‌ରେ ଓ ଲେଖିଥିଲେ ଫରାସୀ ଭାଷାରେ ; ଲାସ୍‌ଲୋ ସେହିପରି ନିଜ ଦେଶ ହଂଗେରୀ ଓ ହଂଗେରୀୟ ଭାଷାକୁ ଛାଡ଼ି କିୟତ୍‌କାଳ ପାଇଁ ଚାଲିଯାଇଥିଲେ ପଶ୍ଚିମ ବର୍ଲିନ୍ ଓ ଜର୍ମାନ୍ ଭାଷାରେ ଲେଖିଥିଲେ ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ହାର୍ଶଟ ୦୭୭୬୯'। କିନ୍ତୁ ପରେ ସେ ନିଜ ଭାଷା ହଂଗେରୀୟରେ ଲେଖିଥିଲେ ତାଙ୍କର ଅନେକ କାଳଜୟୀ କୃତି, ଯହିଁରେ ସାମିଲ ତାଙ୍କ ଉପନ୍ୟାସ 'ସମଲେ ଓଡ଼ାଭାନ୍'। କ୍ରାସ୍‌ନାହୋରକାଇ ବୁକର୍ ଓ ନୋବେଲ ବ୍ୟତିରେକେ ସାହିତ୍ୟକୁ ତାଙ୍କର କାଳଜୟୀ ଅବଦାନ ପାଇଁ ବହୁ ମର୍ଯ୍ୟାଦାଜନକ ପୁରସ୍କାର ପାଇଛନ୍ତି। ୨୦୧୩ରେ ତାଙ୍କୁ ମିଳିଛି ଶ୍ରେଷ୍ଠ ଅନୂଦିତ ପୁସ୍ତକ ପୁରସ୍କାର ଉପନ୍ୟାସ ବର୍ଗରେ। 'ଦ ମେଲାନ୍‌କଲି ଅଫ୍ ରେଜିଷ୍ଟାନ୍ସ' ଉପନ୍ୟାସ ପାଇଁ ୧୯୯୩ରେ ସେ ପାଇଛନ୍ତି ଜର୍ମାନ୍‌ର ବେଷ୍ଟ ଏନ୍‌ଲିଷ୍ଟ ପୁରସ୍କାର। ଲେଖକଙ୍କର କେତେକ ଉପନ୍ୟାସକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି, ଯେଉଁଥିରେ ଅନ୍ତର୍ଭୁକ୍ତ 'ସାଟାନ୍‌ଟାଙ୍ଗୋ' ଓ 'ଦ ଭାର୍କମେଇଷ୍ଟାର ହାରମୋନିକ୍'। ଉପନ୍ୟାସ, ଗଳ୍ପ ଓ ପ୍ରବନ୍ଧ ରଚନା ପାଇଁ ଲାସ୍‌ଲୋ ହଂଗେରୀରେ ଯେତିକି ପରିଚିତ, ତତୋଽଧିକ ପରିଚିତ ଜର୍ମାନ୍‌ରେ। ତାଙ୍କ ଉପନ୍ୟାସର ଇଂଲିଶ୍ ଅନୁବାଦକ କବି ଜର୍ଜ ସିର୍ଟେସ୍ କହନ୍ତି: କ୍ରାସ୍‌ନାହୋରକାଇ ଜଣେ ମନଜିଣା ଲେଖକ। ଏପରିଭାବେ ତାଙ୍କ ଲେଖା ଆକୃଷ୍ଟ କରେ ଯେ ସେ ଯେଉଁ ଜଗତର ଚିତ୍ର ଆଙ୍କନ୍ତି, ତାହା ବାରବାର ପାଠକର ଅନ୍ତର୍ଲୋକରେ ପ୍ରତିଧ୍ୱନିତ ହେଉଥାଏ।

କ୍ରାସ୍‌ନାହୋରକାଇଙ୍କ ରଚନା ଖାଲି ପାଠକଙ୍କ ପାଇଁ ନୁହେଁ, ସାହିତ୍ୟ ସମାଲୋଚକଙ୍କ ପାଇଁ ବି କେବେକେବେ ଆହ୍ୱାନପୂର୍ଣ୍ଣ। ନିଜ ଲେଖାର ଜଟିଳ ଶୈଳୀ ସମ୍ବନ୍ଧରେ କହିବାକୁ ଯାଇ ଲେଖକ କହନ୍ତି: ''ପାଗଳାମିର ସୀମାଯାଏଁ ବାସ୍ତବତାର ପରୀକ୍ଷା'' ହେଉଛି ମୋ' ଲେଖା।

ମାତ୍ର ଦୁଇଶହ ବର୍ଷ ତଳର ଇତିହାସ ଥିବା ଏକ ଭାଷାର ସେ ଦ୍ୱିତୀୟ ଭାଗ୍ୟବାନ ଲେଖକ, ଯେ କି ବିଶ୍ୱଗୌରବ 'ନୋବୋଲ'ର ଅଧିକାରୀ ହୋଇଛନ୍ତି (୨୦୦୨ରେ ଇମ୍‌ରେ କାର୍ଟେସ୍ ପାଇଥିଲେ ଏହି ପୁରସ୍କାର), ଏବର୍ଷର ନୋବେଲ ପାଇଁ ଲାସ୍‌ଲୋଙ୍କ ସହିତ ଚର୍ଚ୍ଚାରେ ଥିଲେ ହାରୁକିମୁରାକାମୀ, ହିରୋମି ଇତ୍ରୋ (ଜାପାନ), ସଲ୍‌ମାନ୍ ରୁସ୍‌ଦି, ଅମିତାଭ ଘୋଷ (ଭାରତ), କ୍ୟାନ୍ ଜୁୟେ (ଚାଇନା), ଆଲି ସାଇଦ୍ ଆଡୋନିସ୍ (ସିରିୟା), ନୁରୁଦ୍ଦିନ୍ ଫାରାହ (ସୋମାଲିଆ) ଓ ଆନ୍ଦ୍ରେ କୁରକଭ୍ (ୟୁକ୍ରେନ୍)ଙ୍କ ଭଳି ସାହିତ୍ୟ-ରଥୀ। କିନ୍ତୁ ସବୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ନୋବେଲ ଜିତିଲେ ଲାସ୍‌ଲୋ। ସାହିତ୍ୟ-ନୋବେଲର ଅର୍ଥ ମୂଲ୍ୟ ଏଥର ରହିଛି ଭାରତୀୟ ମୁଦ୍ରାରେ ଦଶକୋଟି ତେଇଶ ଲକ୍ଷ ଟଙ୍କା। ୧୦ ଡିସେମ୍ବର ୨୦୨୫ରେ ସ୍ୱିଡେନ୍‌ର ଷ୍ଟକହୋମ୍‌ଠାରେ ଅନୁଷ୍ଠିତ ହେବ ପୁରସ୍କାର ପ୍ରଦାନ ଉତ୍ସବ।

ହଂଗେରୀର ମୂଳବାସିନ୍ଦା ହୋଇ ବି ଲାସ୍‌ଲୋ ବିଶ୍ୱବାସୀ। କେବେ ବର୍ଲିନ୍, ଫ୍ରାଙ୍କଫୁର୍ଟ୍, ଭିଏତ୍‌ନାମ ତ କେବେ ହଂଗେରୀରେ ଜମେ ତାଙ୍କ ଆସ୍ଥାନ। ଗୋଟିଏ ଜାଗାରେ ଦୀର୍ଘକାଳ ରହଣି ତାଙ୍କ ପାଇଁ ଯେପରି କ୍ଳାନ୍ତିକର, ଗତିହୀନ ସୃଷ୍ଟି ସେହିପରି ଅନାକର୍ଷକ। ସଂଶୟ ଓ ସଂତ୍ରାସରେ ଉବୁଟୁବୁ ଆଜିର ସମୟରେ ଶଙ୍କାହୀନ ତରୀ ଯେଉଁ ସାହିତ୍ୟ, ତା'ର ସବୁଠୁଁ ଦୁର୍ଦ୍ଧର୍ଷ ତରେଇ କ୍ରାସ୍‌ନାହୋରକାଇ। ତାଙ୍କୁ ବିଶ୍ୱର ପ୍ରଣାମ !

ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ
ମୋ: ୯୮୫୩୨୮୭୭୫୫




### ଜୀବନର ସବୁଠୁଁ ବଡ଼ ପ୍ରାର୍ଥନା ଭାଷା...

**୯ ଅକ୍ଟୋବରରେ ୨୦୨୫ ପାଇଁ ସାହିତ୍ୟରେ ନୋବେଲ ଚୟନର ନିଷ୍ପତ୍ତି ନେଲେ ନୋବେଲ କମିଟି। ଏ ଖବର କମିଟି ପକ୍ଷରୁ ଜଣେ ମହିଳା ଟେଲିଫୋନ୍‌ରେ ଜଣାଇଲେ ଲାସ୍‌ଲୋଙ୍କୁ। ଲାସ୍‌ଲୋଙ୍କ ସହ ସେଇ ମହିଳାଙ୍କ ଆଳାପଚାରିତାର କିଛି ଅଂଶ:**

**ମହିଳା:** ଆପଣଙ୍କ ପାଇଁ ଏକ ସୁଖବର। ସାହିତ୍ୟରେ ଏ ବର୍ଷର ନୋବେଲ ପୁରସ୍କାର ଦିଆଗଲା ଆପଣଙ୍କୁ। କ'ଣ ରହିବ ଆପଣଙ୍କ ପ୍ରତିକ୍ରିୟା ?
**ଲାସ୍‌ଲୋ:** ଆକାଶରୁ ଖସିଲା ପରି ଲାଗୁଛି। ମୁଁ ବହୁତ ଖୁସି...
**ମହିଳା:** ଆପଣଙ୍କ ଅଧିକାଂଶ ଲେଖାର ପ୍ରେରଣା କେଉଁଠୁ ଆସେ ?
**ଲାସ୍‌ଲୋ:** ଜୀବନର ତିକ୍ତତା, ଅନିଶ୍ଚୟତା ଓ ଭୟରୁ।
**ମହିଳା:** ଜୀବନର ତିକ୍ତତା, ଅନିଶ୍ଚୟତାରୁ ପ୍ରେରଣା ? କ'ଣ ସମ୍ଭବ ?
**ଲାସ୍‌ଲୋ:** ବିଟାରନେସ୍ ଆଣ୍ଡ ବିଟାରନେସ୍। ଆମେ ଗତିକରୁଛେଁ ଏକ ଅନ୍ଧକାରମୟ ସମୟ ଦେଇ। ଅନ୍ଧକାର ବିରୁଦ୍ଧରେ ଲଢ଼େଇ ଜାରି ରଖିବାକୁ ହେବ। ଯେତେ ଅଧିକ ହେଉଛି ଅନ୍ଧକାର, ସେତେ ଅନୁଭବ କରୁଛି ଲଢ଼େଇ ଚଳେଇ ରଖିବାର ପ୍ରେରଣା।
**ମହିଳା:** କେବେ ହତାଶ ଲାଗେନା ?
**ଲାସ୍‌ଲୋ:** ଏଇଠି କାଫ୍‌କାଙ୍କ ସହ ମୋର ପାର୍ଥକ୍ୟ। ମୁଁ କାଫ୍‌କାଙ୍କ ଦ୍ୱାରା ପ୍ରଭାବିତ। କିନ୍ତୁ ମୋ' ଲେଖାରେ ଏକ ଉଗ୍ର ଅଭିଳାଷ ଅଛି। ତାହା ହେଲା– ଅନ୍ଧକାର ଭିତରୁ ଆମକୁ ବାହାରିବାକୁ ହେବ। ଏଇ ଚେଷ୍ଟା ହିଁ ହେଉଛି ଜୀବନ।
**ମହିଳା:** ଏହା କ'ଣ ଆପଣଙ୍କ ଲେଖାର ମୂଳ ବିଷୟ ?
**ଲାସ୍‌ଲୋ:** ମୋର ସବୁ ଲେଖାର ଏହା ହିଁ ବିଷୟ। କାଫ୍‌କାଙ୍କ ବିଟାରନେସ୍ ମୋ' ଲେଖାରେ ଅଛି ସତ, ହେଲେ ଏଥିସହିତ ଅଛି ଏଇ ପ୍ରତ୍ୟୟ ଯେ ଅନ୍ଧକାର ମଧ୍ୟରୁ ଆସିବ ମୁକ୍ତି।
**ମହିଳା:** କେଉଁଥିରେ ଆପଣଙ୍କର ଚୂଡ଼ାନ୍ତ ବିଶ୍ୱାସ ?
**ଲାସ୍‌ଲୋ:** ମଣିଷର ସାମର୍ଥ୍ୟରେ। ଯେଉଁ ସାମର୍ଥ୍ୟ ଆମକୁ ଅନ୍ଧକାର ପାଖରେ ନତଜାନୁ ହେବାକୁ ଦେବ ନାହିଁ।
**ମହିଳା:** ଜୀବନର ସବୁଠାରୁ ବଡ଼ ପ୍ରାର୍ଥନା କ'ଣ ?
**ଲାସ୍‌ଲୋ:** ଭାଷା। ଭାଷା ଯେପରି ମୋତେ ଛାଡ଼ି ନ ଯାଏ ! ଭାଷା ମୋର ଅସ୍ତ୍ର। ରୋଜ୍ ଯେପରି ନୂଆ କରି ତାକୁ ଶାଣ ଦେଇପାରେ ! ଆଉ କେବେ ବି ଭୁଲି ନ ଯାଏ ଯେ ଜୀବନର ଗୋଟିଏ ବୋଲି ବାସ୍ତବ–ବିଟାରନେସ୍ !

## ପୂଜା ପତ୍ରିକା - ୨୦୨୫

### ଅମୃତାୟନ



**ସମ୍ପାଦିକା: ସୌମ୍ୟା ରଥ**
**ଏ-ଫୋର୍ ସାଇଜ୍, ପୃ:୧୯୦, ମୂଲ୍ୟ: ଟ.୧୫୦/-**

ସମ୍ପାଦକୀୟ 'ଆବାହନୀ'ରେ ଆଶାକରାଯାଇଛି– ସମସ୍ତେ ଭଦ୍ର ଓ ସଂସ୍କାରିତ ହୁଅନ୍ତୁ! ତା'ପରେ ଶ୍ରୀଅରବିନ୍ଦଙ୍କ 'ଦୁର୍ଗାସ୍ତୋତ୍ର' ଓ ଦିବ୍ୟବାଣୀ ; ବିଜୟା ମିଶ୍ରଙ୍କ 'ଚର୍ଚ୍ଚାରେ'। 'ଖୁସି ମିଳିବ ଖୁସି ବାଣ୍ଟିବାରେ'– ଏହା ତାଙ୍କର ଅନୁଭବ। ପତ୍ରିକାରେ ସ୍ଥାନିତ ଧାରାବାହିକ ଉପନ୍ୟାସ, ମାନସ ମନ୍ଥନ, ନବପର୍ବ, ଗଳ୍ପ ସମ୍ଭାର, କବିତା, ଅନୁବାଦ ଗଳ୍ପ, ରମ୍ୟରଚନା ଓ ସ୍ୱାସ୍ଥ୍ୟ। ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ ଚନ୍ଦ୍ର ରଥ, ତ୍ରିନାଥ ପଟ୍ଟନାୟକ ଓ ନିଖିଳାନନ୍ଦ ପାଣିଗ୍ରାହୀ 'ମାନସ ମନ୍ଥନ'ରେ ; ଗଳ୍ପରେ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଭୂତି ପଟ୍ଟନାୟକ, ତରୁଣକାନ୍ତି ମିଶ୍ର, ଇନ୍ଦିରା ଦାଶ, ଭାସ୍କର ଜେନା, ନିତ୍ୟାନନ୍ଦ ପଣ୍ଡା ଓ ଲକ୍ଷ୍ମୀଚାନ୍ଦ ; କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ଅଶ୍ୱିନୀ କୁମାର ମିଶ୍ର, ହୃଷୀକେଶ ମଲ୍ଲିକ, ବନଜ ଦେବୀ ଓ ଗାୟତ୍ରୀବାଳା ପଣ୍ଡା ପ୍ରମୁଖ ବହୁ ପ୍ରବୀଣ ଓ ନୂତନ ଲେଖିକାଲେଖକ ସାମିଲ। 'ନବପର୍ବ'ରେ ନବୀନତାର ସନ୍ଧାନ ହର ଦାସୀୟ।

### ଶାଶ୍ୱତ ପାହାଚ



**ସମ୍ପାଦକ: କମଳ କୁମାର ମହାନ୍ତି**
**ଏ-ଫୋର୍ ସାଇଜ୍, ପୃ:୨୭୬, ମୂଲ୍ୟ: ଟ.୨୦୦/-**

ସମ୍ପାଦକୀୟ 'କଳାଧଳା ଜୀବନ'ରେ ଅତୀତ ଓ ବର୍ତ୍ତମାନର ଜୀବନ ବଞ୍ଚିବା ଭିତରେ ସୁନ୍ଦର ତୁଳନା। ବରିଷ୍ଠ କଥାକାର ତରୁଣକାନ୍ତି ମିଶ୍ରଙ୍କ ଉପରେ ସ୍ୱତନ୍ତ୍ର ଫିଚର ପ୍ରସ୍ତୁତ କରିଛନ୍ତି ରବି ପଣ୍ଡା। ଭଲ ଗଳ୍ପର ଆପାତଃ ସଂଜ୍ଞା ଦେଇ ତରୁଣକାନ୍ତି କହିଛନ୍ତି– ଯେଉଁ ଗପ ଅନେକଦିନ ପରେ ମନେପଡ଼େ ସୁଖରେ, ଦୁଃଖରେ, ନିରୋଳାରେ– ତାହା ହିଁ ଭଲ ଗପ। ଗାଳ୍ପିକର ମର୍ମକଥା, କବି ହୃଦୟର ଭାଷା, ସଚ୍ଚିରାଉତରାୟ କବିତା ପାହାଚ, ଗଡ଼ନାୟକ କବିତା ପାହାଚ, ମାନସିଂହ କବିତା ପାହାଚରେ ଅଛନ୍ତି ଆଶୁତୋଷ ପରିଡ଼ା, ଭଗବାନ ଜୟସିଂହ, ରୋହିଣୀକାନ୍ତ ମୁଖାର୍ଜୀ, ସୂର୍ଯ୍ୟ ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ହୃଷୀକେଶ ମଲ୍ଲିକ, ପୀତାମ୍ବର ତରାଇ, ଫନୀ ମହାନ୍ତି, ମମତା ଦାଶ ଓ ଅମରେଶ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଓ ତରୁଣ କବି। କଥାରେ ଦୁଇଟି ପାହାଚ– ଫକୀରମୋହନ ଓ ଗୋଦାବରୀଶ କଥା ପାହାଚ। ନୀଳମଣି ମିଶ୍ର ଅନୁବାଦ ପାହାଚ, ଜୀବନାନନ୍ଦ ଗୀତି ପାହାଚ ଓ ପୁସ୍ତକ ସମୀକ୍ଷା। ପତ୍ରିକାରେ ଲେଖକମାନେ ସୁନିର୍ବାଚିତ। ପ୍ରଚ୍ଛଦ ଅଣଗତାନୁଗତିକ।

### ଭିଜାମାଟି



**ସମ୍ପାଦିକା: ଚିନ୍ମୟୀ ଷଡ଼ଙ୍ଗୀ**
**ଏ-ଫୋର୍ ସାଇଜ୍, ପୃ:୨୧୬, ମୂଲ୍ୟ: ଟ.୧୦୦/-**

ଅପରାହ୍ଣର ଛାଇ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି 'ଭିଜାମାଟି'। ସମ୍ପାଦକୀୟର ନିଷ୍କର୍ଷ ବାକ୍ୟଟି ହେଉଛି– ''ଜୀବନ ଖୁବ୍ ଲମ୍ବା ନ ହେଉ ପଛେ ଉପଲବ୍ଧିର ହେଉ।'' ସ୍ମରଣୀୟ ଗଳ୍ପରେ ସ୍ଥାନିତ ମନୋଜ ଦାସଙ୍କ ଗଳ୍ପ 'ଅତିକ୍ରାନ୍ତ'। ପ୍ରବନ୍ଧରେ ଜାଗା ବନେଇଛନ୍ତି ଆଦିକନ୍ଦ ସାହୁ, ଅର୍ଚ୍ଚନା ନାୟକ, ନିରଞ୍ଜନ ପାଢ଼ୀ ; ଗଳ୍ପରେ ପରେଶ କୁମାର ପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ମୃଣାଳ, ଭୀମ ପୃଷ୍ଟି, ସରୋଜିନୀ ସାହୁ, ପଦ୍ମଜ ପାଳ ଓ ସତ୍ୟପ୍ରିୟ ମହାଲିକ ; କବିତାରେ ନୀଳାଦ୍ରିଭୂଷଣ ହରିଚନ୍ଦନ, ସୁରେଶ କୁମାର ନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ଈପ୍‌ସିତା ଷଡ଼ଙ୍ଗୀ ଓ ହରିଶ୍ଚନ୍ଦ୍ର ବେହେରା ; ଗୀତି-କବିତାରେ ନନ୍ଦକିଶୋର ସିଂହ, ଧନଞ୍ଜୟ ସ୍ୱାଇଁ ଓ ହଂସନାଥ ମୁଦୁଲି। ଏଥିସହିତ ରହିଛି ବହିକଥା। ପାରମିତା ଶତପଥୀଙ୍କ ସ୍ମୃତି-କଥନ ହୃଦୟସ୍ପର୍ଶୀ।

### ସୃଜନ ସ୍ୱପ୍ନ



**ସମ୍ପାଦିକା: ଦେବଶ୍ରୀ ଧଳ (ଜେନା)**
**ଏ-ଫୋର୍ ସାଇଜ୍, ପୃ:୨୭୨, ମୂଲ୍ୟ: ଟ.୩୦୦/-**

ପତ୍ରିକାର ବିଭାଗଗୁଡ଼ିକ ହେଲା– ସୃଜନ ସଂସ୍କୃତି, ସୃଜନ ଆଳାପ, କାବ୍ୟ ସୃଜନ, କଥା ସୃଜନ, ଗୀତି ସୃଜନ, ସୃଜନ ବ୍ୟକ୍ତିତ୍ୱ, ସୃଜନ ସମ୍ଭାର ଓ ସୃଜନ ସମୀକ୍ଷା। କବିତା ସୃଜନରେ ନୃସିଂହ ତ୍ରିପାଠୀ, ଅମରେନ୍ଦ୍ର ଖଟୁଆ, ଦିଲୀପ କୁମାର ସ୍ୱାଇଁ, ରକ୍ଷକ ନାୟକ, ଦେବେନ୍ଦ୍ର ବାଉରୀ ; କଥା ସୃଜନରେ ଦେଶବନ୍ଧୁ ସ୍ୱାଇଁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ରମେଶ ପଟ୍ଟନାୟକ, କମଳା ଶତପଥୀ, ମୌସୁମୀ ପରିଡ଼ା ; ଗୀତି ସୃଜନରେ ଲିଙ୍ଗରାଜ ରଥ, ବାବାଜି ଚରଣ ଜେନା, ଭିକାରୀ ଧଳ ; ସୃଜନ ସମ୍ଭାରରେ ହେନେରିଟା ମିଶ୍ର, ନିବେଦିତା ମହାନ୍ତି ଓ ମମତାରାଣୀ ବେହେରା ଏବଂ ଆହୁରି ଅନେକ। ପ୍ରଚ୍ଛଦରେ 'ରକ୍ତ' ନାରୀର ସୀମନ୍ତ-ତିଳକ ଚିନ୍ତନରେ ଏ ଅଭିନବତ୍ୱ ପ୍ରଶଂସନୀୟ।

### Shakti



**ସମ୍ପାଦକ: ସୁମନ ସିହ୍ନା**
**ଏ-ଫୋର୍ ସାଇଜ୍, ପୃ:୧୩୨, ମୂଲ୍ୟ: ନିଃଶୁଳ୍କ**

ପତ୍ରିକାଟି ଭଦ୍ରକର ବାଉଦପୁର ଗାଁରେ ରହୁଥିବା ବାଉଦପୁରିଆଙ୍କର ସୃଜନ-ଯାତ୍ରା, ଯାହା ଏଥର ୨୫ ବର୍ଷ ପୂରଣ କରିଛି ଓ ରୌପ୍ୟ ଜୟନ୍ତୀ ପାଳୁଛି। ବର୍ଷକୁ ଥରେ ପାର୍ବଣ ସମୟରେ ପତ୍ରିକାଟି ପ୍ରକାଶପାଏ। ଏଥିରେ କବିତା, ଗଳ୍ପ ଓ ପ୍ରବନ୍ଧ ସ୍ଥାନିତ। ଏହା ଏକ ଦ୍ୱିଭାଷିକ ପତ୍ରିକା। ବାଉଦପୁରବାସୀ ଏହାର ଲେଖିକା ଲେଖକ। ବାଉଦପୁରର ଦୁର୍ଗାପୂଜା ପ୍ରସିଦ୍ଧ। ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକ ମଧ୍ୟରୁ 'ଆଦର୍ଶ ବିଦ୍ୟାନଗରୀ ବାଉଦପୁରର କିଛି ଐତିହାସିକ ଉଦାହରଣ', 'ଐତିହ୍ୟପ୍ରବଣ ପ୍ରାଚୀନ ଗାଁ ବାଉଦପୁର', '୨୫ ବର୍ଷ ସ୍ମୃତିରେ ପତ୍ରିକା ଶକ୍ତି', 'ଫେରିଚାଲ ଗାଁକୁ', 'Durgapuja in Baudpur: A Memory Etched in Time', 'ବାଉଦପୁର ଅଭିଜ୍ଞତାରୁ ପଦେ', '୨୦୨୫: ଡବଲ ଧମାକାର ବର୍ଷ', ନବୀନକୃଷ୍ଣ ଗ୍ରନ୍ଥାବଳୀ: ଅନୁଭୂତିର ଏକ ଦର୍ପଣ', 'ପ୍ରକୃତି କୋଳରେ ପ୍ରଜ୍ଞାନଗରୀ', 'ଗଳ୍ପ-ସତୀ' ପ୍ରଭୃତି ଲେଖା ବାଉଦପୁର ସଂସ୍କୃତିକୁ ଗାଁ ବାହାରେ ଚିହ୍ନେଇବାରେ ସହାୟକ ହେବ।

### ପରାଗ



**ସମ୍ପାଦକ: ବନମାଳୀ ସେନାପତି**
**ଡିମେଇ ସାଇଜ୍, ପୃ:୪୧୨, ମୂଲ୍ୟ: ଟ.୨୨୦/-**

'ଅଳ୍ପରେ ସନ୍ତୁଷ୍ଟ ହେବା ଶିଖ'– ସମ୍ପାଦକୀୟର ପ୍ରତିବେଦନ। ଗଳ୍ପ, କବିତା ଓ ପ୍ରବନ୍ଧରେ ବହୁ ଜଣାଶୁଣା ଓ ନିର୍ବାଚିତ ଲେଖିକାଲେଖକଙ୍କର ଲେଖା ପ୍ରକାଶ ପାଇଛି। ଗଳ୍ପ ଲେଖିଛନ୍ତି ନିବାରଣ ଜେନା, କ୍ଷୀରୋଦ ଦାସ, ବିରଜା ରାଉତରାୟ ଓ କବିତା ବାରିକ ; କବିତା ଲେଖିଛନ୍ତି ସଦାଶିବ ଦାଶ, ପଲ୍ଲବୀ ଦାସ, ଲକ୍ଷ୍ମୀକାନ୍ତ ପାଢ଼ୀ, ମନୋରଞ୍ଜନ ପାଣିଗ୍ରାହୀ ; ପ୍ରବନ୍ଧ ଲେଖିଛନ୍ତି ଶତ୍ରୁଘ୍ନ ପାଣ୍ଡବ ଓ ବିଭୂତିଭୂଷଣ ସେନାପତି। ଅନୁବାଦରେ ସ୍ଥାନିତ ବିଜୟ କୁମାର ପ୍ରଧାନ ଓ ଗୀତିକବିତାରେ ବାବାଜି ଚରଣ ଜେନା, ମନୋଜ ପଟ୍ଟନାୟକ, ଭରତ ଚନ୍ଦ୍ର ଦାଶ ଓ ପୂର୍ଣ୍ଣ ଦାସ ପ୍ରମୁଖ। ବରେଣ୍ୟ ଲେଖକମାନଙ୍କ ବ୍ୟତୀତ ବହୁ ସଂଖ୍ୟକ ତରୁଣୀତରୁଣ ଏହି ପତ୍ରିକାରେ ସ୍ଥାନିତ। ସୁଧା ମୂର୍ତ୍ତିଙ୍କ କନ୍ନଡ଼ ଗଳ୍ପ ଅନୁବାଦ କରିଛନ୍ତି ଦୀପିକା ସେନାପତି 'ଅନ୍ୟ ମଣିଷ' ଶୀର୍ଷକରେ। ଛାତ୍ରୀ ଆତ୍ମଦହନ ପ୍ରସଙ୍ଗ ହୋଇଛି ପତ୍ରିକାର ପ୍ରଚ୍ଛଦପ୍ରସଙ୍ଗ।

### ପଞ୍ଚବଟୀ



**ସମ୍ପାଦକ: ସୁଶାନ୍ତ କୁମାର ନାୟକ**
**ଏ-ଫୋର୍ ସାଇଜ୍, ପୃ:୪୧୨, ମୂଲ୍ୟ: ଟ.୩୦୦/-**

ପ୍ରଚ୍ଛଦରେ ଶିଳ୍ପୀ ଶଶିକାନ୍ତ ରାଉତଙ୍କ କଳାଦୃଷ୍ଟି ପତ୍ରିକା ପାଇଁ ଏକ ପୁଷ୍ପିତ ପ୍ରବେଶ ପଥ ନିର୍ମାଣ କରିଛି। ସମ୍ପାଦକୀୟ ଯୁଦ୍ଧର ପ୍ରତିପକ୍ଷରେ ଶାନ୍ତି ପ୍ରତିଷ୍ଠାର ପକ୍ଷ ନେଇଛି। କାହାଣୀରେ କୃପାସାଗର ସାହୁ, ରବି ପଣ୍ଡା, ତରୁଣ କୁମାର ସାହୁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, କାଶୀନାଥ ନନ୍ଦୀ, ସଞ୍ଜୟ ଭଞ୍ଜ ଓ କ୍ଷେତ୍ରବାସୀ ନାଏକଙ୍କ ଗଳ୍ପ ସ୍ଥାନିତ ହୋଇଥିବାବେଳେ କବିତାରେ ସେନାପତି ପ୍ରଦ୍ୟୁମ୍ନ କେଶରୀ, ଅଭୟ ନାୟକ, ପ୍ରହ୍ଲାଦ ଶତପଥୀ, ସମରେନ୍ଦ୍ରନାଥ ମହାପାତ୍ର, ରୋହିଣୀକାନ୍ତ ମୁଖାର୍ଜୀ, ନିରାକାର ଦାସ, ରମାକାନ୍ତ ଜେନାଙ୍କ କବିତା ସ୍ଥାନିତ ହୋଇଛି। ଏଥିସହ ରହିଛି କୋରାପୁଟର ଦେଶିଆ କବିତା ଓ ଗୀତି-କବିତା। ପ୍ରବନ୍ଧରେ ଅଭୟ କୁମାର ଦ୍ୱିବେଦୀ, ଫଣୀନ୍ଦ୍ର ଭୂଷଣ ନନ୍ଦ ଓ ଭରତ ବେହେରାଙ୍କ ପ୍ରବନ୍ଧ ଉଲ୍ଲେଖନୀୟ। ରହିଛି ପୁଣି ମନୋଜ ପଟ୍ଟନାୟକଙ୍କ ସନେଟ୍ 'ମନ୍ଦ୍ର ମୂର୍ଚ୍ଛନା' ଓ ବାବାଜି ଚରଣ ଜେନାଙ୍କ ଗୀତି-କବିତା 'ମାଟି ମଟାଳର ଚିତ୍ର'।

### କାଳକାଳକୁ



**''ଯାହା କରିବାକୁ ଚାହଁ, ଏଇନା କର;
କାରଣ ସବୁବେଳେ ସ୍ଥିତି ଅନୁକୂଳ ନ ଥାଏ।''**
**–ଡୋରିସ୍ ଲେସିଙ୍ଗ୍**

**ଡୋରିସ୍ ଲେସିଙ୍ଗ୍**ଙ୍କ ଜନ୍ମ ୨୨ ଅକ୍ଟୋବର ୧୯୧୯ରେ ଇରାନ୍‌ର କେରମାନଶାହରେ ଓ ପରଲୋକ ୧୭ ନଭେମ୍ବର ୨୦୧୩ରେ, ଲଣ୍ଡନରେ। ଏକାଧାରରେ ଗଳ୍ପ, କବିତା, ନାଟକ ଓ ଜୀବନୀ ଲେଖୁଥିବା ଏହି ବ୍ରିଟିଶ୍ ଲେଖିକାଙ୍କର ପ୍ରମୁଖ ଗ୍ରନ୍ଥଗୁଡ଼ିକ ହେଲା– 'ଦ ଗ୍ରାସ୍ ଇଜ୍ ସିଙ୍ଗିଙ୍ଗ୍' (୧୯୫୦), 'ଚିଲ୍‌ଡ୍ରେନ୍ ଅଫ୍ ଭାଓଲେନ୍ସ' (୧୯୫୨-୧୯୬୯: ପାଞ୍ଚଟି ଉପନ୍ୟାସ ଏକତ୍ର), 'ଦ ଗୋଲ୍‌ଡେନ୍ ନୋଟ୍‌ବୁକ୍' (୧୯୬୨), 'ଦ ଗୁଡ୍ ଟେରରିଷ୍ଟ' (୧୯୮୫), 'କେନୋପସ୍ ଇନ୍ ଆର୍‌ଗୋସ୍: ଆର୍କାଇଭ୍‌ସ' (୧୯୭୯-୧୯୮୩)। ଡୋରିସ୍ ଥିଲେ ଖଣ୍ଡିତ ସଭ୍ୟତାର ରୂପକାର। ଆଧୁନିକବାଦ, ଉତ୍ତର-ଆଧୁନିକବାଦ, ସୁଫିବାଦ, ସମାଜବାଦ ଓ ନାରୀବାଦର ମିଶ୍ର ସ୍ୱର। ୨୦୦୮ରେ 'ଦ ଟାଇମ୍‌ସ' କରିଥିବା ୧୯୪୫ରୁ ଲେଖୁଥିବା ୫୦ ଜଣ ଶ୍ରେଷ୍ଠ ବ୍ରିଟିଶ୍ ଲେଖକଙ୍କ ତାଲିକାରେ ପଞ୍ଚମ ସ୍ଥାନରେ ରହିଥିଲେ ଡୋରିସ୍। ଲେସିଙ୍ଗ୍ କହନ୍ତି: ''ଏଥିରେ ସନ୍ଦେହ ନାହିଁ ଯେ କଳ୍ପନା ହିଁ ସତ୍ୟର ସର୍ବୋତ୍ତମ ବାହକ।'' ସାହିତ୍ୟ ପାଇଁ ସେ ପାଇଥିବା ବିଶ୍ୱର ଉଲ୍ଲେଖନୀୟ ପୁରସ୍କାରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ 'ସମର୍‌ସେଟ୍ ମମ୍ ପୁରସ୍କାର' (୧୯୫୪), ୟୁରୋପୀୟ ସାହିତ୍ୟ ପାଇଁ 'ଅଷ୍ଟ୍ରୀୟ ରାଜ୍ୟ ପୁରସ୍କାର' (୧୯୮୧), 'ଡବ୍ଲ୍ୟୁ.ଏଚ୍. ସ୍ମିଥ୍ ସାହିତ୍ୟ ପୁରସ୍କାର' (୧୯୮୬) ଓ ସାହିତ୍ୟ ପାଇଁ 'ନୋବେଲ ପୁରସ୍କାର' (୨୦୦୭)।

### ମିନିଗଳ୍ପ

## ରେବତୀ

**ଭବାନୀ ଶଙ୍କର ଦାଶ**



ଦିବ୍ୟା ମରଣର ରାଜନୀତିକରଣ ଭାରି ବାଧୁଛି। ହେଲା, ବ୍ୟାସଙ୍କ ରେବତୀ ପାଠ ପଢ଼ିବାରୁ ସଂସାର ଉଜୁଡ଼ିଗଲା। ତା'ପରେ ପାଠ ପଢୁପଢୁ ଓ ପଢ଼ାଉ ପଢ଼ାଉ କେତେ କା'ର ମରଣ ହେଲା। କ'ଣଟେ ନିହାଲ ହେଲା ? ତଦନ୍ତ ହବ। ହୋ ହଲ୍ଲା, ଆନ୍ଦୋଳନ, ଧାରଣା, ନାରାବାଜି ଓ ଭାଷଣବାଜି ଚାଲିବ। ଜୁଇନିଆଁ ଶୀତଳ ହବା ଆଗରୁ ଆଉ ସବୁ ଶୀତଳେଇଯିବ। ମୋକଦ୍ଦମାଟି କେବଳ ବଞ୍ଚିଥିବ ଶୂନ୍ୟେ ଶୂନ୍ୟେ ବାରମ୍ବାର ଚୋଟ ମାରିବାକୁ ବାପର ଛାତିରେ। ହେ ସଂକ୍ରାନ୍ତି ପୁରୁଷ, ଦିବ୍ୟା କ'ଣ ରେବତୀର ନୂଆ ସଂସ୍କରଣ ନା ଅପଙ୍ଗ ଗଣତନ୍ତ୍ରର ଆଗ୍ନେୟ ପ୍ରତିମାନ ?

ମୋ: ୮୯୧୭୬୨୪୩୮୬

## କବିତା

### ମୁଁ ଯଦି ହଜିଯାଏ

**ଚିନ୍ମୟୀ ପଣ୍ଡା**

ମୁଁ ଯଦି ହଜିଯିବି...
ତୁ କ'ଣ ମତେ ଖୋଜିବୁ ?
ମତେ କ'ଣ ତୁ ପାଇବୁ ?

ଯଦି ହଜିଯାଏ, ପାଇବୁ ମତେ
ତୋ ହୃଦୟର ଗମ୍ଭୀରା ଘରେ,
ମାଲିକାନା ମୁଁ ନେଇଛି,
ଅନେକ ଜନ୍ମରୁ ରହିଛି,
ଘଟ ବଦଳି ଚାଲିଛି
ହେଲେ, ମୋ ଠିକଣା
ତୋ ହୃଦୟର ଗମ୍ଭୀରା ଘରେ।

ଯଦି ହଜିଯାଏ,
ପାଇବୁ ମତେ ତୋ ହୃତ୍‌ସ୍ପନ୍ଦନରେ,
ତୋ ନିଃଶ୍ୱାସରେ, ତୋ ପ୍ରଶ୍ୱାସରେ,
ତୋ ବିଶ୍ୱାସରେ, ମୁଁ ଅଛି, ଥିଲି
ଓ ଥିବି, ପ୍ରେମର ପିରାମିଡ଼ରେ।

ଯଦି ହଜିଯାଏ, ଖୋଜିବୁ
ତୋ ଆତ୍ମାର ଅତଳତଳେ,
ଖେଳୁଥିବା ଭାବନାରେ,
ବୁଲୁଥିବା ପବନରେ,
କହୁଥିବା କଥାରେ,
ମୁଁ ହିଁ ଭାବ, ମୁଁ ହିଁ ଗପ,
ମୁଁ ରହିଛି ତୋ ଆଖିରେ।

ଯଦି ହଜିଯାଏ, ସତରେ କ'ଣ
ତୁ ଏବେ ବି ଖୋଜିବୁ ?
ନା, ମତେ ତୋ ଠାରୁ ହଜି ଆସେନି।
ତୋ ଖୋଜିବା ଉପରେ
ଯେହେତୁ ଭରସା ନାହିଁ।

ମୋ: ୯୮୬୧୧୯୧୯୬୯

### ସ୍ୱୀକୃତି

**ଅକ୍ଷୟ ପାତ୍ର**

କାହା ପାଖେ ହେବାକୁ ଚାହଁ ସ୍ୱୀକୃତ ?
କିଏ ବା ତମ ପାଇଁ ଉଦାର ଚିତ୍ତେ
ଧରିବୁଲୁଥାଏ ସ୍ୱୀକୃତି-ପତ୍ର ?

ଏ ଅବଧି ନିଜେ ନିଜକୁ ଆମନ୍ତ୍ରି ଆଣି
ଆତ୍ମାର ସନ୍ନିଧି
ଲୋଡ଼ିଲଣି କି ନିଜ ପାଶେ
ନିଜ ପରିଚିତି ?

ସ୍ୱୀକୃତ କରାଇ ନିଜର ଥିତି
ନିଜ ପାଶେ ହକ୍‌ଦାର ହେଲଣି କି
ପାଇବାକୁ ବାଞ୍ଛିତ ସ୍ୱୀକୃତି ?

ହଁ, ଆତ୍ମା ଆଉ କ'ଣ କି ?
ଏକ ସଫେଦ ଅନୁଭୂତି
ଯେଉଁଠି ନିରବତା ବି ନିରବ
ତହିଁ କାହୁଁବା ପାଇବେ ସ୍ୱୀକୃତି
ସ୍ଫୋଟ ଓ ସ୍ଥିତି ?

ଅଗତ୍ୟା ନିଜ ପାଶେ
ନିଜର ନଥାଇ ଆଦୃତି
ନିଜ ରୀତି, ନିଜ କୃତି
ନିଜ କୀରତିକୁ କାୟମନୋବାକ୍ୟେ
ଅନ୍ତର୍ଗତେ ନିରବେ ନ ଥାପି
କେହି କ'ଣ କାହାଠୁଁ
ପାଇଲାଣି ସ୍ୱୀକୃତି ?

ଫୁଃ ! ଅପରଠୁଁ ଲୋଡ଼ାପଡୁଥିବା
ବହୁ କାଂକ୍ଷିତ ସ୍ୱୀକୃତି...
ଏକ ଦୁର୍ବଳର ଭୀରୁ ମନଃସ୍ଥିତି ;
ନିଜଠୁଁ ଲୋଡ଼
ଦମ୍ଭିଲା ରଖି ଆପଣା ଛାତି !

ଖଜୁରିଆକଟା, ଢେଙ୍କାନାଳ
ମୋ: ୭୦୭୭୯୮୪୯୬୦

### ବ୍ୟଙ୍ଗ କବିତା

### ଗାଈଙ୍କ ଧର୍ମଘଟ

**ପ୍ରଶାନ୍ତ କୁମାର ସାହୁ**

ବାଟେ ଶୋଇଥିଲେ ଗାଈ
ପଚାରିଲି ତାଙ୍କୁ ଯାଇ
କାହିଁକି ଶୋଇଛ ବାଟେଘାଟେ ତୁମେ
ବୁଦ୍ଧିଶୁଦ୍ଧି ଟିକେ ନାହିଁ ?

କହିଲେ ସେ ମୋତେ ଭାଇ
ତୁମର କି ବୁଦ୍ଧି ନାହିଁ
ଗୁହାଳକୁ ଘର କରିଦେଇ ଏବେ
ଶାନ୍ତିରେ ଯାଉଛ ଶୋଇ।

ଆମ କଥା ଚିନ୍ତା ନାହିଁ
ପଛ କଥା ଭୁଲି ଯାଇ
କେମିତି କହୁଛ ବାଟରେ ଶୋଇଛ
କ୍ଷୀରତକ ପିଇ ଦେଇ।

ନଡ଼ା ବିଡ଼େ ଦେଲ ନାହିଁ
ପେଯ ମୁନ୍ଦେ ଦେଲ କାହିଁ
କେମିତି ରହିବୁ କେମିତି ଚଳିବୁ
ଚିନ୍ତା ଟିକେ କଲ ନାହିଁ।

ବରଷାରେ ନେଲ ନାହିଁ
ଶୀତରେ ଲୋଡ଼ିଲ ନାହିଁ
ଭାବିଲା ବେଳକୁ ଆଖିରୁ ଆମର
ଲୁହ ଯାଉଅଛି ବୋହି।

ବାଟ ଜଗିଅଛୁ ଶୋଇ
କେବେ ବି ଛାଡ଼ିବୁ ନାହିଁ
ଧର୍ମଘଟ ଇଏ ଚାଲିଅଛି ଆମ
ଦେଖୁଥାଅ ଖାଲି ରହି।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬




# ପଦକ ପକ୍କା କଲେ ତନ୍‌ଭୀ

**ଗୁଆହାଟୀ, ୧୭।୧୦ (ପି.ଟି.)**

**ଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ**

ଟପ୍ ସିଡ୍ ତଥା ଭାରତର ତନ୍‌ଭୀ ଶର୍ମା ଏଠାରେ ଚାଲିଥିବା ଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିବା ସହ ଏକ ପଦକ ପକ୍କା କରିଛନ୍ତି। ଶୁକ୍ରବାର ଏକ ୩ ଗେମ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟରଫାଇନାଲରେ ସେ ଜାପାନର ବାମହାତୀ ସାକି ମାତ୍‌ସୁମୋତୋଙ୍କୁ ୧୩-୧୫, ୧୫-୯, ୧୫-୧୦ରେ ହରାଇ ଦେଇଛନ୍ତି। ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ୧୭ବର୍ଷ ପରେ ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ଏକ ପଦକ ଜିତିବାକୁ ଯାଉଛନ୍ତି ତନ୍‌ଭୀ। ସାଇନା ନେହ୍ୱାଲ ପୁଣେଠାରେ ଅନୁଷ୍ଠିତ ୨୦୦୮ ସଂସ୍କରଣରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିପାରିଥିଲେ।


ରିଟର୍ନ ଶଟ୍ ଖେଳିବା ଅବସରରେ ଭାରତର ତନ୍‌ଭୀ ଶର୍ମା।

ଏହାପୂର୍ବରୁ ସାଇନା ୨୦୦୬ରେ ମଧ୍ୟ ଏକ ରୌପ୍ୟ ପଦକ ଲାଭ କରିଥିଲେ। ପ୍ରତିଯୋଗିତାର ଇତିହାସରେ ପଦକ ଜିତିଥିବା ଅନ୍ୟ ଭାରତୀୟ ଖେଳାଳି ହେଲେ ଅପର୍ଣ୍ଣା ପୋପଟ। ସେ ୧୯୯୬ରେ ଏକ ରୌପ୍ୟ ପଦକ ଲାଭ କରିଥିଲେ। ତେବେ ୮ମ ସିଡ୍ ଉନ୍ନତି ହୁଡା କ୍ୱାର୍ଟରଫାଇନାଲରୁ ବିଦାୟ ନେଇଛନ୍ତି। ହୁଡା ୨୦୨୨ ଓଡ଼ିଶା ଓପନରେ ସର୍ବକନିଷ୍ଠ ଭାରତୀୟ ଭାବେ ଏକ ସୁପର ୧୦୦ ଟାଇଟଲ ବିଜେତା ହୋଇଥିଲେ। ସେ ଭାରତର ୨୦୨୨ ଉବର କପ୍ ଦଳର ଅନ୍ୟତମ ସଦସ୍ୟା ମଧ୍ୟ ଥିଲେ। କ୍ୱାର୍ଟରଫାଇନାଲରେ ସେ ଦ୍ୱିତୀୟ ସିଡ୍ ଥାଇଲାଣ୍ଡର ଅନ୍ୟାପାତ୍ ଫିଚିତ୍‌ଫନ୍‌ଙ୍କଠାରୁ ୧୨-୧୫, ୧୩-୧୫ରେ ପରାଜିତ ହୋଇ ଏକ ପଦକ ହରାଇଛନ୍ତି। ଏହି ମ୍ୟାଚଟି ମାତ୍ର ୩୨ ମିନିଟରେ ଶେଷ ହୋଇଥିଲା। ଭାରତର ମିକ୍ସଡ ଡବଲ୍ସ ଯୋଡ଼ି ଭବ୍ୟା ଛାବ୍ରା ଓ ବିଶାଖା ଟପ୍ପୋ ମଧ୍ୟ କ୍ୱାର୍ଟରଫାଇନାଲରୁ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ସେମାନେ ଚାଇନିଜ ତାଇପେ ଯୋଡ଼ି ହୁଙ୍ଗ୍ ବିଙ୍ଗ୍ ଫୁ ଓ ଚୋଉ ୟୁନ୍ ଆନ୍‌ଙ୍କଠାରୁ ୯-୧୫, ୭-୧୫ରେ ହାରିଯାଇଛନ୍ତି।

**୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ**

# ଭାରତକୁ ଏସିଆ କପ୍ ଯୋଗ୍ୟତା

**ବିଶକେକ୍ (କିରଗିଜ୍ ରିପବ୍ଲିକ), ୧୭।୧୦ (ପି.ଟି.)**

ଭାରତ ୧୭ବର୍ଷରୁ କମ୍ ମହିଳା ଏଏଫ୍‌ସି ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଶୁକ୍ରବାର ଖେଳାଯାଇଥିବା ଏକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଦଳ ୨-୧ ଗୋଲ୍‌ରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ର ୩୮ତମ ମିନିଟ୍‌ରେ ଶାଖଜୋଦା ଆଲିଖୋନୋଭାଙ୍କ ଗୋଲ୍ ବଳରେ ଉଜବେକିସ୍ତାନ ପ୍ରଥମାର୍ଦ୍ଧ ଖେଳ ସୁଦ୍ଧା ୧-୦ରେ ଅଗ୍ରଣୀ ଲାଭ କରିଥିଲା। ମାତ୍ର କୋଚ୍ ଜୋକିମ୍ ଆଲେଜାଣ୍ଡରସନଙ୍କ ନିର୍ଦ୍ଦେଶରେ ୪୦ତମ ମିନିଟ୍‌ରେ ବୋନିଫିଲା ଶୁଲାଇଙ୍କ ସ୍ଥାନରେ ଥାନ୍ଦାମୋନି ବାସ୍କେଙ୍କୁ ବଦଳ ଖେଳାଳି ଭାବେ ପଡ଼ିଆକୁ ଓହ୍ଲାଇଥିଲେ। ତାହା ଯଥାର୍ଥ ପ୍ରମାଣ କରିବାକୁ ଯାଇ ବାସ୍କେ ୫୫ତମ ମିନିଟ୍‌ରେ ଏକ ଗୋଲ୍ ସ୍କୋର କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲେ। ପରେ ୬୬ତମ ମିନିଟ୍‌ରେ ଅନୁଷ୍କା କୁମାରୀ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ସ୍କୋର କରି ଭାରତକୁ ୨-୧ରେ ଜିତାଇଥିଲେ। ଏହି ବିଜୟ ଦ୍ୱାରା ଭାରତ ଗ୍ରୁପ୍ 'ଜି'ର ଶୀର୍ଷ ସ୍ଥାନ ଅଧିକାର କରି ଆସନ୍ତାବର୍ଷ ଚାଇନାରେ ହେବାକୁଥିବା ଏଏଫ୍‌ସି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିଛି। ଯୋଗ୍ୟତା ହାସଲ ପାଇଁ ଭାରତ ଏହି ମ୍ୟାଚରେ ଅତିକମ୍‌ରେ ଏକ ଡ୍ର ଆବଶ୍ୟକ କରୁଥିଲା। ଏହି ବୟସବର୍ଗରେ ପ୍ରଥମ ଥର ମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଖେଳାଯାଇଥିଲା। ଭାରତ ଗତଥର ୧୭ ବର୍ଷରୁ କମ୍ ମହିଳା ଏସିଆକପ୍ ୨୦୦୫ରେ ଖେଳିଥିଲା। ସେତେବେଳେ ୧୧ଟି ଦଳ ସିଧାସଳଖ ପ୍ରତିଯୋଗିତାରେ ଭାଗ ନେଇଥିଲେ।


ମାଲେସିଆର ଜୋହର ବାହରୁଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିରେ ଶୁକ୍ରବାର ଭାରତ-ମାଲେସିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ

**ଜୋହର ବାହରୁ, ୧୭।୧୦ (ପି.ଟି.)**

**ଜୋହର କପ୍ ହକି**

ଭାରତ ଏଠାରେ ଚାଲିଥିବା ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିରେ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମାଲେସିଆକୁ ୨-୧ଗୋଲ୍‌ରେ ପରାସ୍ତ କରିଛି। ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ତରଫରୁ ଗୁର୍‌ଜୋତ ସିଂ (୨୨ତମ ମିନିଟ) ଓ ସୌରଭ ଆନନ୍ଦ କୁଶାୱା (୪୮ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ। ମାଲେସିଆ ପକ୍ଷରୁ ଏକମାତ୍ର ଗୋଲ୍ ନାଭିନେଶ ପାନିକର ଖେଳର ୪୩ତମ ମିନିଟ୍‌ରେ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ଭାରତ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଛି। କେବଳ ସେତିକି ନୁହେଁ, ସୁଲ୍‌ତାନ ଜୋହର କପ୍‌ରେ ଏପର୍ଯ୍ୟନ୍ତ ସୁଦ୍ଧା ୧୨ଥର ଅଂଶଗ୍ରହଣ କରି ଭାରତ ରେକର୍ଡ ୮ମ ଥର ଫାଇନାଲକୁ ଉନ୍ନୀତ ହେବାରେ ସମର୍ଥ ହୋଇଛି।

# ଦକ୍ଷିଣ ଆଫ୍ରିକା ୧୦ ଉଇକେଟରେ ବିଜୟୀ


ଶତକୀୟ ଭାଗୀଦାରି ଅବସରରେ ଲୌରା ଉଲଭାର୍ଡଟ ଓ ଟାଜମିନ ବ୍ରିଟ୍ସ।

**ମହିଳା କ୍ରିକେଟ ବିଶ୍ୱକପ**

**କଲମ୍ବୋ, ୧୭।୧୦**

ମହିଳା ଦିନିକିଆ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ଶ୍ରୀଲଙ୍କାକୁ ୧୦ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ୧୨ ଓଭରରେ ୨ ଉଇକେଟରେ ୪୬ ରନ କରିଥିବାବେଳେ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଅନେକ ସମୟ ନଷ୍ଟ ହେବାରୁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ୨୦ ଓଭରରେ ଶ୍ରୀଲଙ୍କା ୭ ଉଇକେଟ ହରାଇ ୧୦୫ ରନ କରିଥିଲା। ଦଳ ପକ୍ଷରୁ ଭିସ୍ମି ଗୁଣରତ୍ନେ ସର୍ବାଧିକ ୩୪ ରନ କରିଥିଲେ। ବିପକ୍ଷ ଦଳର ବୋଲରଙ୍କ ମଧ୍ୟରେ ନନ୍‌କୁଲୁଲୋକୋ ମଲାବା ୩ଟି, ମାସାବାଟା କ୍ଲାସ ୨ଟି ଏବଂ ନାଦିନେ ଡି କ୍ଲେର୍କ ଗୋଟିଏ ଉଇକେଟ ନେଇଥିଲେ। ପରେ ଡିଏଲ୍‌ଏସ୍ ପଦ୍ଧତି ଅନୁସାରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୨୦ ଓଭରରେ ୧୨୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଦୁଇ ଓପନର ଅଧିନାୟିକା ଲୌରା ଉଲଭାର୍ଡଟ ୬୦ ଓ ଟାଜମିନ ବ୍ରିଟ୍ସ ୫୫ ରନରେ ଅପରାଜିତ ରହି ଦକ୍ଷିଣ ଆଫ୍ରିକାକୁ ୧୪.୫ ଓଭରରେ ବିଜୟୀ କରିଥିଲେ। ୫ ମ୍ୟାଚରୁ ୪ର୍ଥ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ୨ୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ୫ ମ୍ୟାଚରୁ ୩ୟ ପରାଜୟ ବରଣ କରିଛି।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍ ସେମିଫାଇନାଲରେ

**ଭୁବନେଶ୍ୱର, ୧୭।୧୦ (ବିଜୟ ରଣା)**

ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡ଼ିଆରେ ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଏମ୍ ପବ୍ଲିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରଫାଇନାଲ ମ୍ୟାଚରେ ଦଳ ୩-୨ ଗୋଲ୍‌ରେ ଜଟଣୀର ସହିଦ କୁସୁମାଟି ହାଇସ୍କୁଲକୁ ହରାଇ ଦେଇଛି। ଜଟଣୀ ଦଳ ତରଫରୁ ୨ଟି ଯାକ ଗୋଲ୍ ସ୍କୋର କରିଥିବା ରୁଦ୍ର ପ୍ରସାଦ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ରୁଦ୍ର ପ୍ରସାଦ ନାୟକଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ଅଶୋକ କୁମାର ପଟ୍ଟନାୟକ, ବିବେକାନନ୍ଦ ଦାସ, ଚିନ୍ମୟ ଦାସ ଓ ଆସୋସିଏଶନର ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଦିବ୍ୟ ମଙ୍ଗରାଜ, ଅମିତ ନାୟକ, ଚନ୍ଦ୍ରକାନ୍ତ ବାରିକ ଓ ସୁଦିପ ଦାସ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଟି. ମୋହନ ରାଓ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଶନିବାର ମ୍ୟାଚ ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ୟୁନିଟ-୧ ସରକାରୀ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

# ଗ୍ରୀନ୍‌ଙ୍କ ସ୍ଥାନରେ ଲାବୁସେନ୍

**ପର୍ଥ, ୧୭।୧୦ (ପି.ଟି.)**

ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଏଠାରେ ରବିବାରଠାରୁ ଆରମ୍ଭ ହେବାକୁଥିବା ବେଳେ ଅଷ୍ଟ୍ରେଲିଆ ଦଳରେ ଆଘାତପ୍ରାପ୍ତ ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କ ସ୍ଥାନରେ ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି। ଆସନ୍ତା ମାସରେ ଆଶେସ ସିରିଜ ଆରମ୍ଭ ହେବାକୁ ଥିବାରୁ ଏହା ପୂର୍ବରୁ କୌଣସି ଖେଳାଳି ଆଘାତଜନିତ ସମସ୍ୟାରେ ରୁହନ୍ତୁ ବୋଲି ଚୟନକର୍ତ୍ତାମାନେ ଚାହାନ୍ତି ନାହିଁ। ଗ୍ରୀନ୍ ସ୍ୱଳ୍ପ ସମୟ ରିହାବିଲିଟେଶନ କାର୍ଯ୍ୟ ଶେଷ କରିବା ପରେ ତିନୋଟି ଶିଫିଲ୍ଡ ଶିଲ୍ଡ ମ୍ୟାଚ ଖେଳି ଆଶେସ ପାଇଁ ନିଜକୁ ପ୍ରସ୍ତୁତ କରିବେ। କ୍ରିକେଟ ଅଷ୍ଟ୍ରେଲିଆ ସୂତ୍ରରୁ ପ୍ରକାଶ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗ୍ରୀନ୍ ଦିନିକିଆ ସିରିଜ ଖେଳୁନାହାନ୍ତି।

# ଆଜିଠାରୁ କଟକ ଜିଲା ଚେସ୍

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)**

କଟକ ଜିଲା ଚେସ ସଂଘ ଆନୁକୁଲ୍ୟରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ସ୍ଥିତ ହର୍ଶ ଗେଟଠାରେ ଶନିବାରଠାରୁ ସିନିୟର ଏବଂ ରାଜ୍ୟ ସ୍ତରୀୟ ଜୁନିୟର ଚେସ୍ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଶୁକ୍ରବାରସୁଦ୍ଧା ରେକର୍ଡ ସଂଖ୍ୟକ ୨୨୦ ଜଣ ପ୍ରତିଯୋଗୀ ନାମ ପଞ୍ଜିକରଣ କରିସାରିଛନ୍ତି। ୪୫ ବାଳିକା ଓ ୪୫ ଫିଡେ ରେଟେଡ ଖେଳାଳିଙ୍କ ସହ ମୋଟ ୧୮୦ ଜଣ ରାଜ୍ୟର ବିଭିନ୍ନ ଜିଲାରୁ ଜୁନିୟର ବିଭାଗରେ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି କେବଳ କଟକ ଜିଲା ଖେଳାଳିଙ୍କୁ ନେଇ ସିନିୟର୍ ବିଭାଗ ପ୍ରତିଯୋଗିତା ହେବାକୁ ଯାଉଥିବାରୁ ୪୦ ଜଣ ନାମ ପଞ୍ଜିକରଣ କରିଛନ୍ତି। ଶନିବାର ସକାଳ ୧୦ଟାରେ ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ସହ ପ୍ରଥମ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ। ସବିଶେଷ ବିବରଣୀ ପାଇଁ ସତ୍ୟ ରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାକୁ ଜିଲା ଚେସ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, October 18/2025 Page 20 ₹ 7.00
୫୧ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 322 ମୂଲ୍ୟ ₹୭/-



## ୨୪ ଘଣ୍ଟା, ୪୮ ଘଣ୍ଟା ଗ୍ୟାରେଣ୍ଟି ସହ ମେଲ୍ ଓ ପାର୍ସଲ ସେବା ଜାନୁଆରୀରୁ

ନୂଆଦିଲ୍ଲୀ,୧୭।୧୦

ଇଣ୍ଡିଆ ପୋଷ୍ଟ ମେଲ୍ ଏବଂ ପାର୍ସଲ ଡେଲିଭରିରେ ୨୪ ଘଣ୍ଟା ଓ ୪୮ ଘଣ୍ଟା ସମୟସୀମାର ଗ୍ୟାରେଣ୍ଟି ଆଧାରିତ ସେବା ଆରମ୍ଭ କରିବାକୁ ଯାଉଛି। କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀରୁ ଏହି ସେବା ଆରମ୍ଭ ହେବ। ୨୪ ଘଣ୍ଟା ଏବଂ ୪୮ ଘଣ୍ଟାରେ ମେଲ୍ ଡେଲିଭରି ହେବାକୁ ଥିବାବେଳେ ତା' ପରଦିନ ପାର୍ସଲ ପ୍ରଦାନ କରାଯିବ। କେନ୍ଦ୍ର ସରକାର ଇଣ୍ଡିଆ ପୋଷ୍ଟକୁ ୨୦୨୯ ସୁଦ୍ଧା ଏକ ଲାଭଦାୟକ କେନ୍ଦ୍ରରେ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଥିବା ମନ୍ତ୍ରୀ କହିଛନ୍ତି।

## ନଭେମ୍ବର ୧୦ରୁ ଜନଗଣନା ପ୍ରାକ୍ ପରୀକ୍ଷା

ନୂଆଦିଲ୍ଲୀ,୧୭।୧୦

୨୦୨୭ ଜନଗଣନା ପାଇଁ ପ୍ରାକ୍ ପରୀକ୍ଷା ନଭେମ୍ବର ୧୦ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମନୋନୀତ ନମୁନା ଅଞ୍ଚଳରେ ପ୍ରି-ଟେଷ୍ଟ କରାଯିବ ବୋଲି କେନ୍ଦ୍ର ସରକାର ଗୁରୁବାର ଜାରି କରିଥିବା ବିଜ୍ଞପ୍ତିରେ ଘୋଷଣା କରାଯାଇଛି। ନଭେମ୍ବର ୧ରୁ ୭ ମଧ୍ୟରେ ଜନସାଧାରଣ ସେଲ୍ଫ ଇନୁମେରେଶନ ୱିଣ୍ଡୋ ଜରିଆରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଡିଜିଟାଲି ଦାଖଲ କରିପାରିବେ ବୋଲି ରେଜିଷ୍ଟ୍ରାର ଜେନେରାଲ ଏବଂ ଭାରତର ସେନ୍ସନ କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣ କହିଛନ୍ତି। ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକାକରଣ ଏବଂ ଗୃହଗଣନା କରାଯିବ।

ପ୍ରି-ଟେଷ୍ଟର ଲକ୍ଷ୍ୟ ହେଲା ଜନଗଣନାର ସାମର୍ଥ୍ୟକୁ ଆକଳନ କରିବା। ଏହା ପରୀକ୍ଷା ବ୍ୟବସ୍ଥାରେ ସହାୟକ ହେବା ସହ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବ ଏବଂ ପୂରାଦମ୍‌ରେ ଜନଗଣନା ଆରମ୍ଭ ପୂର୍ବରୁ ପଦ୍ଧତିଗୁଡ଼ିକର ସଂଶୋଧନ କରିବ। ୨୦୨୬ ଏପ୍ରିଲ ୧ରୁ ୨୦୨୭ ଫେବୃଆରୀ ୨୮ ପର୍ଯ୍ୟନ୍ତ ୨ ପର୍ଯ୍ୟାୟରେ ଜନଗଣନା ଚାଲିବ।

## ସିବିଆଇ ତଦନ୍ତ ପାଇଁ ଅଦାଲତ ନିୟମିତ ନିର୍ଦ୍ଦେଶ ଦେବା ଉଚିତ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୧୦(ପି.ଟି.)

ସାମ୍ବିଧାନିକ ଅଦାଲତଗୁଡ଼ିକ ନିୟମିତ ଢଙ୍ଗରେ ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୀମିତ ତଥା ସାବଧାନତାର ସହ ବିଚାର କରି ଏଭଳି ନିର୍ଦ୍ଦେଶ ଦେବାକୁ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଉତ୍ତରପ୍ରଦେଶ ବିଧାନ ପରିଷଦ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗର ସିବିଆଇ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେବା ସହ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

## ବିହାରରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ଶେଷ

**ମହାମେଣ୍ଟରେ ଆସନ ଭାଗବଣ୍ଟା ହୋଇପାରିଲାନି**

ନୂଆଦିଲ୍ଲୀ,୧୭।୧୦

ନଭେମ୍ବର ୬ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ବିହାର ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ସମୟସୀମା ଶୁକ୍ରବାର ଶେଷ ହୋଇଛି। ଏନ୍‌ଡିଏ ଏହାର ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରି ଲଢ଼େଇ ପାଇଁ ପ୍ରସ୍ତୁତ ରହିଥିବାବେଳେ ପ୍ରଚାର ଯୋଜନା ଆରମ୍ଭ କରିଛି। ଅନ୍ୟପକ୍ଷରେ ବିରୋଧୀ ମହାମେଣ୍ଟର ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରିନାହିଁ। କେଉଁ ଦଳ କେଉଁ ଆସନରେ ଲଢ଼ିବ, ତାହାକୁ ନେଇ ଆଲୋଚନା ଜାରି ରହିଛି। ୨ ଦଳ ସେମାନଙ୍କର ଅଳ୍ପ କେତେଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ନିର୍ବାଚନ ପୂର୍ବରୁ ମହାମେଣ୍ଟ ଆସନକୁ ନେଇ ସହଯୋଗୀ ଦଳଗୁଡ଼ିକ ପରସ୍ପର ସହ ଲଢ଼ୁଥିବା ଏନ୍‌ଡିଏ କହିଛି। ଶୀଘ୍ର ନିଷ୍ପତ୍ତି ନେବା ଅପେକ୍ଷା ସମନ୍ୱୟ ଜରୁରୀ ବୋଲି କଂଗ୍ରେସ ନେତା କହ୍ନେୟା କୁମାର କହିବା ସହ ଖୁବ୍‌ଶୀଘ୍ର ଇଣ୍ଡିଆ ବ୍ଲକ୍ ଚୂଡ଼ାନ୍ତ ତାଲିକା ଘୋଷଣା କରିବ ବୋଲି କହିଛନ୍ତି। କଂଗ୍ରେସ ନେତା ପୱନ୍ ଖେରା କହିଛନ୍ତି, ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି ଏବଂ ଆସନ ବୁଝାମଣା ପ୍ରକ୍ରିୟା ଜାରି ରହିଛି।



ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ଗୁଣବତ୍ତା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଥିବାବେଳେ ହରିୟାଣାର ଗୁରୁଗ୍ରାମରେ ଦୃଶ୍ୟମାନତା ହ୍ରାସ ପାଇଛି।

## ଦିଲ୍ଲୀ ବାୟୁ ଗୁଣବତ୍ତା ଚିନ୍ତାଜନକ

ନୂଆଦିଲ୍ଲୀ,୧୭।୧୦

ଦୀପାବଳି ପୂର୍ବରୁ ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ବାୟୁ ମାନ ଚିନ୍ତାଜନକ ସ୍ଥିତିକୁ ଆସିଯାଇଛି। କ୍ରମାଗତ ୪ ଦିନ ହେଲା ପ୍ରଦୂଷଣ ସ୍ତର ନିକୃଷ୍ଟ ବର୍ଗରେ ରହିଛି। ଶୁକ୍ରବାର ଅପରାହ୍ନ ୪ଟାରେ ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୫୪ ଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟରୁ ଜଣାପଡ଼ିଛି। ତେବେ ଏନ୍‌ସିଆର୍ ଅଞ୍ଚଳରେ ସ୍ଥିତି ଅଧିକ ଖରାପ ରହିଛି। ଗାଜିଆବାଦରେ ବାୟୁ ମାନ ସୂଚକାଙ୍କ ୩୦୬ରେ ପହଞ୍ଚିଥିବାରୁ ଏହା ଦେଶର ସବୁଠୁ ପ୍ରଦୂଷିତ ସହରରେ ପରିଣତ ହୋଇଛି। ନୋଏଡା ଏକ୍ୟୁଆଇ ୨୭୮ ଥିବାବେଳେ ଗୁରୁଗ୍ରାମରେ ୨୬୬ ରହିଛି। ଗାଡ଼ିମୋଟର ଧୂଳି ଓ ଧୂଆଁ ଯୋଗୁ ଦିଲ୍ଲୀ ବାୟୁ ସର୍ବାଧିକ ପ୍ରଦୂଷିତ ହେଉଛି। ମୋଟ ଉତ୍ସର୍ଜନର ୧୮.୭ ପ୍ରତିଶତ କେବଳ ଗାଡ଼ିମୋଟର ଧୂଆଁ ଯୋଗୁ ହେଉଥିବା ଡିସିଶନ ସପୋର୍ଟ ସିଷ୍ଟମ୍ ତଥ୍ୟରୁ ଜଣାପଡ଼ିଛି। ଦିଲ୍ଲୀର ୩୮ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟରୁ ୫ଟିରେ ପ୍ରଦୂଷଣ ସ୍ତର ଅତି ନିକୃଷ୍ଟ ଥିବା ଜଣାପଡ଼ିଛି। ଆନନ୍ଦ ବିହାରରେ ଏକ୍ୟୁଆଇ ସର୍ବାଧିକ ୩୮୨ ହୋଇଥିବାବେଳେ ୱାଜିରପୁରରେ ୩୫୧, ଜାହାଙ୍ଗୀରପୁରରେ ୩୪୨, ବାୱାନାରେ ୩୧୫ ଏବଂ ସିରି ଫର୍ଟରେ ୩୦୯ ରହିଛି।

ପାଣିପାଗ ସ୍ଥିତି ଅନୁକୂଳ ରହିଲେ ସରକାର ଆଗାମୀ ୨/୩ ଦିନରେ କ୍ଲାଉଡ୍ ସିଡ଼ିଂ ବା କୃତ୍ରିମ ବର୍ଷା କରାଇବେ ବୋଲି ଦିଲ୍ଲୀ ପରିବେଶ ମନ୍ତ୍ରୀ ମଞ୍ଜିନ୍ଦର ସିଂ ସିର୍ସା ବୁଧବାର କହିଥିଲେ। ବାୟୁ ପରିଚାଳନା ଆୟୋଗ ଦିଲ୍ଲୀରେ ଗ୍ରାପ୍-୧ ଲାଗୁ କରିବା ପରେ ମନ୍ତ୍ରୀ ଏଭଳି ଘୋଷଣା କରିଥିଲେ। ଦୀପାବଳିର ସପ୍ତାହେ ପୂର୍ବରୁ ଦିଲ୍ଲୀରେ ଗ୍ରାପ୍-୧ କଟକଣା ଲାଗୁ ହୋଇଥିବାରୁ ଆଗକୁ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେବା ଆଶଙ୍କା କରାଯାଉଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟ ଦୀପାବଳିରେ ସବୁଜ ବାଣ ବିକ୍ରି ଓ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଦୂଷଣ ପରିଚାଳନା ଏବଂ ଲୋକଙ୍କ ଦୀପାବଳି ପାଳନ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଏଭଳି ନିର୍ଦ୍ଦେଶ ଦିଆଯାଇଛି। କ୍ଲାଉଡ୍ ସିଡ଼ିଂ ପାଇଁ ପାଇଲଟ୍‌ଙ୍କ ତାଲିମ ଶେଷ ହୋଇଛି। ସ୍ଥିତି ଅନୁକୂଳ ରହିଲେ ଭାରତୀୟ ପାଣିପାଗ ବିଭାଗର ଅନୁମୋଦନ କ୍ରମେ କୃତ୍ରିମ ବର୍ଷା କରାଯିବ ବୋଲି ସିର୍ସା କହିଛନ୍ତି।

ଗତବର୍ଷ ଶୀତଦିନେ ଦିଲ୍ଲୀ ଦେଶର ସବୁଠୁ ପ୍ରଦୂଷିତ ମହାନଗର ରହିଥିଲା। ପିଏମ୍ ୨.୫ ସାନ୍ଦ୍ରତା ଘନମିଟର ପ୍ରତି ୧୭୫ ମାଇକ୍ରୋଗ୍ରାମ ଥିଲା ବୋଲି ସେଣ୍ଟର ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ ପକ୍ଷରୁ କୁହାଯାଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ଦିଲ୍ଲୀବାସୀଙ୍କ ଆୟୁଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡ୍‌ଲାଇନ୍ସ ତୁଳନାରେ ହାରାହାରି ୧୧.୯ ବର୍ଷ କମିଯାଉଛି ବୋଲି ସିକାଗୋ ୟୁନିଭର୍ସିଟିର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି।

# ସମାନ ସୁଯୋଗ ନୀତି ଆଣ

**ଦେଶରେ କିନ୍ନରଙ୍କ ସହ ହେଉଥିବା ଭେଦଭାବପୂର୍ଣ୍ଣ ଆଚରଣକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ତୃତୀୟ ଲିଙ୍ଗୀଙ୍କୁ ଦୁର୍ବ୍ୟବହାରରୁ ରକ୍ଷାକରିବା ପାଇଁ ୨୦୧୯ରେ ଏକ ଆଇନ ପ୍ରଣୟନ କରାଯିବା ସତ୍ତ୍ୱେ ସେମାନେ ସମାଜରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ଓ କିନ୍ନରଙ୍କୁ ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ପ୍ରଦାନ ଲାଗି ପରାମର୍ଶଦାତା କମିଟି ରିପୋର୍ଟ ଦାଖଲ କରିବାର ୩ ମାସ ମଧ୍ୟରେ ଏକ 'ସମାନ ସୁଯୋଗ ନୀତି' ପ୍ରଣୟନ କରିବା ସକାଶେ ଶୀର୍ଷ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।**

## କିନ୍ନରଙ୍କ ସହ ଭେଦଭାବ
## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୭।୧୦(ପି.ଟି./ଲାଇଭ୍ ଲ)

କିନ୍ନର ସମୁଦାୟର ଅଧିକାର ସୁରକ୍ଷା ପାଇଁ ୨୦୧୯ରେ ଟ୍ରାନ୍ସଜେଣ୍ଡର ପର୍ସନ୍ସ (ପ୍ରୋଟେକ୍ସନ ଅଫ୍ ରାଇଟ୍ସ) ଆଇନ ପ୍ରଣୟନ କରାଯାଇଥିଲା। ତେବେ ଏହାର ନିୟମଗୁଡ଼ିକର ଉପଯୁକ୍ତ ଅନୁପାଳନ ହେଉ ନ ଥିବାରୁ ଉକ୍ତ ଆଇନ ଏକପ୍ରକାର 'ମୃତ୍ୟୁପତ୍ର'ରେ ପରିଣତ ହୋଇଯାଇଛି ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, କିନ୍ନରଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଉଦାସୀନ ମନୋଭାବ ଯୋଗୁ ଏହି ଆଇନର କାର୍ଯ୍ୟକାରିତା ଠିକ୍ ଭାବେ ହେଉନାହିଁ।

କିନ୍ନର ସମୁଦାୟକୁ ମର୍ଯ୍ୟାଦାର ସହ ଜୀବନ ଅତିବାହିତ କରିବା ପାଇଁ ଓଡ଼ିଶା ଓ କେରଳ ବ୍ୟାପକ ନୀତିଗତ ପଦକ୍ଷେପ ନେଇଛନ୍ତି। କିନ୍ତୁ ଅନ୍ୟ ରାଜ୍ୟଗୁଡ଼ିକ ଏହି କ୍ଷେତ୍ରରେ ସୁବିଧାଜନକ ନୀରବତା ଅବଲମ୍ବନ କରୁଛନ୍ତି। ୨୦୨୦ ରୁଲ୍ସର ରୁଲ୍ ୧୧ରେ ରାଜ୍ୟ ସରକାର ଟ୍ରାନ୍ସଜେଣ୍ଡର ପ୍ରୋଟେକ୍ସନ ସେଲ୍ ଗଠନ କରିବା ବାଧ୍ୟତାମୂଳକ କରାଯାଇଛି। ଏହା ସତ୍ତ୍ୱେ ମାତ୍ର ୧୧ଟି ରାଜ୍ୟ ଏଭଳି ସେଲ୍ ଗଠନ କରିଛନ୍ତି ବୋଲି ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଫଳରେ ଏହି ସମୁଦାୟ ଭେଦଭାବର ଶିକାର ହୋଇ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ହାତରେ ଧନ ନାହିଁ କି ଆର୍ଥିକ ସୁଯୋଗ ନାହିଁ। ଏପରି କି ସମାବେଶହୀନ ଶିକ୍ଷାନୀତି ଯୋଗୁ କିନ୍ନରମାନଙ୍କ ସଂଘର୍ଷ ବଢ଼ିଚାଲିଛି।

୨୦୧୪ରେ ଜାତୀୟ ଆଇନଗତ ସେବା କର୍ତ୍ତୃପକ୍ଷ (ନାଲ୍‌ସା) ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ୧୦ ବର୍ଷରୁ ଅଧିକ ସମୟ ବିତିଲାଣି। ଏହି ରାୟ ପରେ ୨୦୧୯ରେ ପାର୍ଲାମେଣ୍ଟରେ ଏକ ନୂତନ ଆଇନ ପାରିତ ହୋଇଥିଲା। ଏହା ସତ୍ତ୍ୱେ ସେମାନଙ୍କ ଅଧିକାର ସୁରକ୍ଷା ହୋଇପାରିନାହିଁ। ବିଶେଷକରି ନିଯୁକ୍ତି ଓ ବୃତ୍ତିଗତ କ୍ଷେତ୍ରରେ ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରବେଶରେ ପ୍ରତିବନ୍ଧକ ରହୁଥିବା ଦେଖିବାକୁ ମିଳୁଛି। ସଙ୍ଗଠିତ ଶ୍ରମଶକ୍ତିରେ 'ଥାର୍ଡ ଜେଣ୍ଡର' ବିକଳ୍ପ ନ ଥିବାରୁ ସେମାନେ ବ୍ୟବସ୍ଥାଗତ ବୈଷମ୍ୟର ଶିକାର ହୋଉଛନ୍ତି। ଯଦି କେଉଁଠି କିନ୍ନରଙ୍କୁ ନିଯୁକ୍ତି ମିଳୁଛି, ସେମାନଙ୍କୁ ନିଜ ପରିଚୟ ଗୋପନ ରଖିବାକୁ ମଧ୍ୟ କୁହାଯାଉଛି। ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଅଧୀନରେ ସମ୍ମାନ ଅଧିକାରର ଖୋଲା ଉଲ୍ଲଂଘନ ବୋଲି ଖଣ୍ଡପୀଠ କହିଛନ୍ତି।

ଉତ୍ତର ପ୍ରଦେଶ ଓ ଗୁଜରାଟର ୨ଟି ଘରୋଇ ସ୍କୁଲରେ ପୂର୍ବରୁ ନିଯୁକ୍ତି ପାଇଥିବା ଜଣେ କିନ୍ନର ବୈଷମ୍ୟର ଶିକାର ହୋଇ ଚାକିରି ହରାଇବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ଆବେଦନକାରୀଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଦେବାକୁ କେନ୍ଦ୍ର, ୟୁପି, ଗୁଜରାଟ ସରକାରଙ୍କ ସହ ଗୁଜରାଟ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କିନ୍ନର ସମୁଦାୟର ଅସୁବିଧା ଦୂରକରିବା ପାଇଁ ଏକ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଦିଲ୍ଲୀ ହାଇକୋର୍ଟ ପୂର୍ବତନ ବିଚାରପତି ଆଶା ମେନନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କିନ୍ନରଙ୍କ ଜୀବନରେ ଉନ୍ନତି ଆଣିବା ଦିଗରେ ୬ ମାସ ମଧ୍ୟରେ କେତେକ ପ୍ରସ୍ତାବ ସୁପାରିସ କରିବ। ଏହାର ୩ ମାସ ମଧ୍ୟରେ ସମାନ ସୁଯୋଗ ନୀତି ପ୍ରଣୟନ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦିଆଯାଇଛି। ୧୧୭ ପୃଷ୍ଠା ସମ୍ବଳିତ ସୁପ୍ରିମକୋର୍ଟଙ୍କ ଏହି ରାୟକୁ କିନ୍ନର ସମୁଦାୟ ସ୍ୱାଗତ କରିଛି।

## ୧ରୁ ଦିଲ୍ଲୀରେ ପ୍ରଦୂଷଣ ସୃଷ୍ଟିକାରୀ ବ୍ୟବସାୟିକ ଯାନ ପ୍ରବେଶ ବନ୍ଦ

ନୂଆଦିଲ୍ଲୀ,୧୭।୧୦

ନଭେମ୍ବର ୧ରୁ ଦିଲ୍ଲୀରେ ପ୍ରଦୂଷିତ ବ୍ୟବସାୟିକ ଯାନ ଉପରେ ନିଷେଧାଦେଶକୁ ଶୁକ୍ରବାର ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍) ଅନୁମୋଦନ କରିଛି। ଏନ୍‌ସିଆର୍ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ବନ୍ଦ କରିବାରେ ବିଫଳ ହେଉଥିବା ଅଫିସରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୋଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆୟୋଗର ୨୫ତମ ବୈଠକରେ ସିଏକ୍ୟୁଏମ୍ ଅଧ୍ୟକ୍ଷ ରାଜେଶ ବର୍ମା କେତେକ ନିର୍ଦ୍ଦେଶନାମାରେ ସଂଶୋଧନ କରିଛନ୍ତି। ତଦନୁଯାୟୀ ପଞ୍ଜାବ, ହରିୟାଣା, ଦିଲ୍ଲୀ ସମେତ ଦିଲ୍ଲୀ ଓ ରାଜସ୍ଥାନର ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ଜିଲା କର୍ତ୍ତୃପକ୍ଷଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ନଡ଼ାପୋଡ଼ି ବନ୍ଦ କରିବାରେ ବିଫଳ ଅଧିକାରୀଙ୍କ ବିରୋଧରେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୧ରୁ କେବଳ ବିଏସ୍-୬, ସିଏନ୍‌ଜି, ଏଲ୍‌ଏନ୍‌ଜି ଏବଂ ବିଦ୍ୟୁତ୍‌ଚାଳିତ ବ୍ୟବସାୟିକ ଯାନକୁ ଦିଲ୍ଲୀରେ ପ୍ରବେଶ ଅନୁମତି ମିଳିବ।



ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହରିନି ଅମରସୁରିୟାଙ୍କୁ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାକ୍ଷାତ୍ କରୁଛନ୍ତି।

# ଗୁଜରାଟ କ୍ୟାବିନେଟ ସମ୍ପ୍ରସାରଣ

ଗାନ୍ଧୀନଗର,୧୭।୧୦(ପି.ଟି.)

- ହର୍ଷ ସାଙ୍ଘଭି ଉପମୁଖ୍ୟମନ୍ତ୍ରୀ
- ଜାଡେଜାଙ୍କ ସ୍ତ୍ରୀ ରିଭାବା ମନ୍ତ୍ରୀ ହେଲେ

ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶୁକ୍ରବାର ତାଙ୍କ ମନ୍ତ୍ରିମଣ୍ଡଳରେ ବଡ଼ ଧରଣର ସମ୍ପ୍ରସାରଣ କରିଛନ୍ତି। ପୂର୍ବ କ୍ୟାବିନେଟ୍‌ର ୬ ମନ୍ତ୍ରୀ ନୂଆ କ୍ୟାବିନେଟରେ ସ୍ଥାନ ପାଇଥିବାବେଳେ ୧୯ ନୂଆ ମୁହଁ ସାମିଲ ହୋଇଛନ୍ତି। ପୂର୍ବରୁ ମନ୍ତ୍ରୀ ଥିବା ହର୍ଷ ସାଙ୍ଘଭିଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିବାବେଳେ କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ରିଭାବାଙ୍କୁ ମନ୍ତ୍ରୀ କରାଯାଇଛି। ଏହି ସମ୍ପ୍ରସାରଣ ସହ ମନ୍ତ୍ରିମଣ୍ଡଳର ସଦସ୍ୟ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ୨୦୨୭ରେ ବିଧାନସଭା ଭୋଟ୍‌ର ୨ ବର୍ଷ ଏବଂ ପୌର ନିର୍ବାଚନର ଅଳ୍ପ କେଇମାସ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ସୁରଟର ମଜୁରା ଆସନରୁ ବିଧାୟକ ଥିବା ସାଙ୍ଘଭି ପୂର୍ବ କ୍ୟାବିନେଟରେ ଗୃହମନ୍ତ୍ରୀ ଥିବାବେଳେ ଏଥର ତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ୨ ନମ୍ବର ସ୍ଥାନ ମିଳିଛି। ଭୂପେନ୍ଦ୍ରଙ୍କ ଗତ ୪ ବର୍ଷର ଶାସନ କାଳରେ ପ୍ରଥମ ଥର ପାଇଁ ଜଣେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବ କ୍ୟାବିନେଟ୍‌ର ମନ୍ତ୍ରୀଙ୍କ ମଧ୍ୟରୁ କନୁଭାଇ ପଟେଲ, ଋଷିକେଶ ପଟେଲ ଏବଂ କୁନଭରଜି ବାଭାଲିଆ, ହର୍ଷ ସାଙ୍ଘଭି, ପ୍ରଫୁଲ୍ଲ ପାନଶେରିୟା ଏବଂ ପୁରୁଷୋତ୍ତମ ସୋଲାଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଛି। ମନ୍ତ୍ରିମଣ୍ଡଳରେ ୭ ପଟିଦାର, ୮ ଓବିସି, ୩ ଅନୁସୂଚିତ ଜାତି, ୪ ଅନୁସୂଚିତ ଜନଜାତି ଏବଂ ୩ ଜଣ ମହିଳାଙ୍କୁ ସାମିଲ କରାଯାଇଛି।



କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ସ୍ତ୍ରୀ ତଥା ବିଧାୟିକା ରିଭାବା ଜାଡେଜା ଗୁଜରାଟ କ୍ୟାବିନେଟ୍‌ର ନୂଆ ମନ୍ତ୍ରୀ ଭାବେ ଶୁକ୍ରବାର ଶପଥ ଗ୍ରହଣ କରୁଛନ୍ତି।

## 'ଧୁରନ୍ଧର' ଟାଇଟଲ ସଙ୍ଗ୍ ରିଲିଜ୍

ମୁମ୍ବାଇ



ରଣବୀର ସିଂ

ଦୀର୍ଘ ପ୍ରାୟ ୨ ବର୍ଷ ହେବ ବଲିଉଡ୍ ଅଭିନେତା ରଣବୀର ସିଂ ବଡ଼ ପରଦାରେ ନଜରକୁ ଆସିନାହାନ୍ତି। ତାଙ୍କୁ ଶେଷ ଥର ପାଇଁ ୨୦୨୩ରେ ରିଲିଜ୍ ହୋଇଥିବା 'ରକି ଔର୍ ରାନୀ କି ପ୍ରେମ୍ କାହାନୀ' ଫିଲ୍ମରେ ଦେଖିବାକୁ ମିଳିଥିଲା। ତେବେ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବାକୁ ଥିବା ଆକ୍ସନ ସ୍ପାଏ ଥ୍ରୀଲର ମୁଭି 'ଧୁରନ୍ଧର'ରେ ରଣବୀରଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ତେଣୁ ଏହି ଫିଲ୍ମକୁ ନେଇ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ଗତ ଜୁଲାଇ ୬ରେ ରଣବୀରଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମର ଟିଜରକୁ ଜାରି କରାଯାଇଥିଲା। ଗୁରୁବାର 'ଧୁରନ୍ଧର' ଫିଲ୍ମର ଟାଇଟଲ ସଙ୍ଗ 'ନା ଦେ ଦିଲ୍ ପରଦେଶୀ ନୁ'କୁ ରିଲିଜ୍ କରାଯାଇଛି। ଏଥିରେ ହନୁମାନକିଣ୍ଡ ଭାବେ ଲୋକପ୍ରିୟ ସୂରଜ ଛେରୁକାଟଙ୍କ ର୍‍ୟାପ୍ ଏବଂ ଆମେରିକୀୟ ସଙ୍ଗୀତଜ୍ଞ ଜସ୍‌ମିନ ସାଣ୍ଡଲସ୍‌ଙ୍କ ସ୍ୱର ରହିଛି। ଫିଲ୍ମର ଏହି ଟାଇଟଲ ସଙ୍ଗକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଆସନ୍ତା ୧୨ରେ 'ଧୁରନ୍ଧର'ର ଟ୍ରେଲର ରିଲିଜ୍ ହେବ ବୋଲି ଏହି ଟାଇଟଲ ସଙ୍ଗ୍‌ର ଅନ୍ତିମରେ ସୂଚନା ଦିଆଯାଇଛି। ଫିଲ୍ମରେ ରଣବୀରଙ୍କୁ ଜଣେ ର' ଏଜେଣ୍ଟଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି 'ଧୁରନ୍ଧର'ରେ ରଣବୀରଙ୍କ ବ୍ୟତୀତ ଅଭିନେତା ସଞ୍ଜୟ ଦତ୍ତ, ଆର୍. ମାଧବନ, ଅକ୍ଷୟ ଖାନ୍ନା, ଅର୍ଜୁନ ରାମପାଲ, ଅଭିନେତ୍ରୀ ସାରା ଅର୍ଜୁନ ପ୍ରମୁଖଙ୍କୁ ମଧ୍ୟ ଦେଖିବାକୁ ମିଳିବ।

ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ | Bhubaneswar, Saturday, October 18/2025 | ପୃଷ୍ଠା-୧




ମହାରାଷ୍ଟ୍ର ନାଶିକ୍‌ସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ ପରିସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ଶୁକ୍ରବାର ଭାରତ ନିର୍ମିତ ପ୍ରଥମ ତେଜସ୍ ଏମ୍‌କେ୧ଏ ଫାଇଟର ଜେଟ୍‌ର ଉଦ୍‌ଘାଟନ ।

## ଫେବୃଆରୀ ୩ୟ ସପ୍ତାହରୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର,୧୭।୧୦
(ସୁଚିସ୍ମିତା ସାହୁ)

ଯୁକ୍ତ୨ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପ୍ରସ୍ତୁତି ଆରମ୍ଭ କରିଛି। ଏକ୍ସ ରେଗୁଲାର୍ ଛାତ୍ରୀଛାତ୍ରଙ୍କ ପାଇଁ ଫର୍ମ ପୂରଣ ଆରମ୍ଭ ହୋଇଥିବାବେଳେ ଆସନ୍ତା ୨୦ ତାରିଖରୁ ରେଗୁଲାର୍ ପିଲାଙ୍କ ଫର୍ମ ପୂରଣ ହେବ। ସେହିପରି ଡିସେମ୍ବର ୨୨ରୁ ଇଣ୍ଟରନାଲ୍ ପରୀକ୍ଷା କରିବା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଫେବୃଆରୀ ୧୪ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ୍ କାର୍ଡ ପ୍ରଦାନ ☞ପୃଷ୍ଠା-୪

# ବିଦ୍ୟାଳୟ ପରିସରରେ ଜଳିଗଲେ ଛାତ୍ର

- ଷ୍ଟଣ୍ଟ୍ ଦେଖାଉଥିବାବେଳେ ଅଘଟଣ ସନ୍ଦେହ
- ସାଙ୍ଗ ପେଟ୍ରୋଲ ପିଆଇ ନିଆଁ ଲଗାଇଥିବା ଚର୍ଚ୍ଚା

ବ୍ରହ୍ମଗିରି,୧୭।୧୦
(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଖଜୁରିଆସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନବମ ଶ୍ରେଣୀ ଛାତ୍ର ଜଳିଯାଇ ଗୁରୁତର ହୋଇପଡ଼ିଛନ୍ତି। ସେ ହେଲେ ଖଜୁରିଆ ଗ୍ରାମ ବାସିନ୍ଦା ବିରାଟ ସାହୁଙ୍କ ପୁଅ ଓମ୍‌ପ୍ରକାଶ ସାହୁ। ସେ ବିଦ୍ୟାଳୟ ପରିସରରେ ଷ୍ଟଣ୍ଟ ଦେଖାଉଥିବାବେଳେ ପୋଡ଼ିଯାଇଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ତାଙ୍କୁ ଜଣେ ସହପାଠୀ ଚତୁରତାର ସହ ପେଟ୍ରୋଲ ପିଆଇ ନିଆଁ ଲଗାଇଦେଇଥିବା ଚର୍ଚ୍ଚା ହେଉଛି। ଓମ୍‌ପ୍ରକାଶଙ୍କ ବେକ ଓ ମୁହଁ ସମେତ ଶରୀରର କେତେକ ଅଂଶ ପୋଡ଼ିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱରର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଛି।



ଗୁରୁତର ଛାତ୍ର ଓମ୍‌ପ୍ରକାଶ ସାହୁ

ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ କରୁଥିବାବେଳେ କେତେଜଣ ପିଲା ଖେଳପଡ଼ିଆରେ ବୁଲୁଥିଲେ। ଏହି ସମୟରେ କେତେଜଣ ଛାତ୍ର ଓମ୍‌ପ୍ରକାଶଙ୍କୁ କୋଲ୍‌ଡ୍ରିଙ୍କ୍ସ ପିଇବାକୁ କହି ଏକ ବୋତଲରେ ଆଣିଥିବା ପେଟ୍ରୋଲ ପିଇବାକୁ ଦେଇଥିଲେ। ଓମ୍‌ପ୍ରକାଶ କୋଲ୍‌ଡ୍ରିଙ୍କ୍ସ ଭାବି ତାହାକୁ ପିଇବାବେଳେ ପେଟ୍ରୋଲ ବୋଲି ଜାଣିପାରି ଥୁ ଥୁ କରି ପାଟିରୁ ଫିଙ୍ଗିଥିଲେ। ଏହି ସମୟରେ ସମ୍ପୃକ୍ତ ଛାତ୍ର ଦିଆସିଲି କାଠି ଜଳାଇ ଓମ୍‌ପ୍ରକାଶଙ୍କ ଉପରକୁ ଫିଙ୍ଗିଦେଇଥିଲେ ବୋଲି ଶୁଣିବାକୁ ମିଳୁଛି। ଫଳରେ ଓମ୍‌ପ୍ରକାଶ ପୋଡ଼ିଯାଇଥିଲେ। ଅନ୍ୟପକ୍ଷରେ ଓମ୍‌ପ୍ରକାଶ ପେଟ୍ରୋଲରେ ନିଆଁ ଲଗାଇ ଷ୍ଟଣ୍ଟ ଦେଖାଉଥିବାବେଳେ ଏଭଳି ଅଘଟଣ ଘଟିଥିବା କେତେଜଣ ଛାତ୍ରୀଛାତ୍ର ଓ ଶିକ୍ଷକ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଶିକ୍ଷକମାନେ ଜାଣିବାକୁ ପାଇବା ମାତ୍ରେ ☞ପୃଷ୍ଠା-୪








Honda Exclusive Authorized Dealerships: BHUBANESWAR: MO Honda - 0674-2964289, 7008990541; Gugnani Honda - 9778611111, 8658916111; PGL Honda - 0674-2354418, 7735012345; Khimji Honda - 7735734882, 7735734888; Shivam Honda - 7873024400, 7873024320; ATHAGARH: Sidhivinayak Honda - 9937060136, 9658080060; BALUGOAN: Khimji Honda - 8114605673, 9778045606; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, KHURDA: Gugnani Honda- 7077771900, 9937844533; UTTARA: Gugnani Honda- 7077771944, 7852930844; JANKIA: PGL Honda- 7788001030; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; MANGALPUR: SP Honda - 9861843931, 7609065533; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; BALICHANDRAPUR: Mahavir Honda - 7978393608, 9438553478; JAGATSINGHPUR: Kanchan Murali Honda - 7809568988, 9090876483; JAGATPUR: Durga Honda - 9114800118; JATNI: PGL Honda - 7788001046, 7788001033; NAYAGRAH: Pattnaik Honda - 7008812540, 6370422120, Nayagarh Honda - 06753-296355, 7437000507; CHANDPUR: Pattnaik Honda - 7978913904; NARSINGHPUR: Baba Honda - 9438057701; NIALI: Hindustan Honda - 9040091922, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; PATTAMUNDAI: Satya Honda - 9439375055; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040. NIMAPADA: Santosh Honda -8917353149; PIPLI: SR Honda-9437885004, 9437129924; KONRAK: Konrak Honda- 9777565956; BRAHAMGIRI: Om Sai Honda- 9078953555; BALIAPATNA: Swastik Honda- 9439744817; BADAMBA: Somanath Honda-9438560360/9937271125; NISCHINTAKOILI: Anant Honda- 9437271903
For Bulk/Institutional enquiries, please write us at: institutionalsales@honda2wheelersindia.com

# ଭାଇ ଭାଉଜଙ୍କୁ ଅପମାନିତ କରୁଥିବାରୁ ନେଇଥିଲେ ପ୍ରତିଶୋଧ

**ଶୈଳଶ୍ରୀବିହାରରେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା**

- ୫ ଦିନ ପରେ ରହସ୍ୟ ଉନ୍ମୋଚନ
- ଗଞ୍ଜାମରୁ ଅଭିଯୁକ୍ତ ଶ୍ରମିକ ଗିରଫ

ଭୁବନେଶ୍ୱର,୧୭।୧୦(ସତ୍ୟଜିତ ରାଉତ)


ଅଭିଯୁକ୍ତ ଶଙ୍କର

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ପାୱାର ଗ୍ରୀଡ୍ ସବ୍‌ଷ୍ଟେଶନ ପଛପାର୍ଶ୍ୱରେ ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣାର ୫ଦିନ ପରେ ରହସ୍ୟ ଉନ୍ମୋଚନ କରିଛି କମିଶନରେଟ୍ ପୋଲିସ। ମୃତ ଯୁବକ ଜଣକ କେନ୍ଦୁଝର ଜିଲା ବାଂଶପାଳ ଥାନା ଅନ୍ତର୍ଗତ କଡ଼ଖସଡ଼ା ଗ୍ରାମର ଅଜୁ ଓରଫ ଅନାଦି ଦେହୁରି ହୋଇଥିବାବେଳେ ସେ ନୀଳାଦ୍ରିବିହାର ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗଞ୍ଜାମରୁ ଗିରଫ କରିଛି। ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ଗୁଜୁରାଳି ଗ୍ରାମର ଶଙ୍କର ନାୟକ ଓରଫ ଶଙ୍କର ବେହେରା (୨୦)। ସେ ମଧ୍ୟ ଜଣେ ଶ୍ରମିକ। ତେବେ ଶଙ୍କରଙ୍କ ଭାଇ ଓ ଭାଉଜଙ୍କୁ ଅଜୁ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରୁଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ଅଜୁଙ୍କୁ ଶଙ୍କର ହତ୍ୟା କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ଶଙ୍କରଙ୍କୁ ଶୁକ୍ରବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନୀଳାଦ୍ରିବିହାର ଅଞ୍ଚଳର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ମୃତ ଅଜୁ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୁକ୍ତ ଶଙ୍କର ଓ ତାଙ୍କ ଭାଇ ପଞ୍ଚାନନ ବେହେରା ଏବଂ ଭାଉଜ ମଧ୍ୟ ସେଠାରେ କାମ କରୁଥିଲେ। ଅଜୁ ଅଧିକାଂଶ ସମୟରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ପଞ୍ଚାନନ ଓ ତାଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରି ଅପମାନିତ କରୁଥିଲେ। ଏଥିପାଇଁ ଅଜୁଙ୍କୁ ହତ୍ୟା କରିବାକୁ ଶଙ୍କର ଯୋଜନା କରିଥିଲେ। ଅକ୍ଟୋବର ୧୨ ରବିବାର ସନ୍ଧ୍ୟାରେ ମଦ ପିଇବାକୁ ଅଜୁଙ୍କୁ ଶଙ୍କର ପିତୁକୋଳି ବସ୍ତିକୁ ଡାକି ନେଇଥିଲେ। ଉଭୟ ସେଠାରେ ପ୍ରବଳ ଦେଶୀମଦ ପିଇ ରାତି ପ୍ରାୟ ୧୦ଟା ୩୦ରେ ଫେରିଥିଲେ। ବାଟରେ ଅଜୁ ନିଶାସକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ଅନ୍ଧାରର ସୁଯୋଗ ନେଇ ଶଙ୍କର ଏକ ବଡ଼ପଥର ଆଣି ଅଜୁଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଏହାପରେ ସେ ତାଙ୍କ ଭାଇ ଓ ଭାଉଜଙ୍କୁ ଘଟଣା ବିଷୟରେ କହିଥିଲେ। ସେମାନେ ସମସ୍ତେ ଭୟଭୀତ ହୋଇ ରାତ୍ରିକାଳୀନ ବସ୍‌ରେ ଗଞ୍ଜାମ ଚାଲିଯାଇଥିଲେ। ୧୩ ତାରିଖ ସୋମବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଅଜୁଙ୍କ ମୁହଁ କ୍ଷତବିକ୍ଷତ ହୋଇଯାଇଥିବାରୁ କେହି ଚିହ୍ନି ପାରି ନ ଥିଲେ। ତେବେ ସ୍ଥାନୀୟ ୭ ନମ୍ବର କର୍ପୋରେଟର ଯଶୋଧାରା ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (ନଂ.୬୩୧/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରିଚୟ ପାଇବାକୁ ପୋଲିସ ପୋଷ୍ଟର ମଧ୍ୟ ଜାରି କରିଥିଲା।

## ଅଭିଯୁକ୍ତଙ୍କୁ ଧରାଇଦେଲା ଚପଲ

ହତ୍ୟାକାଣ୍ଡ ଘଟାଇ ଶଙ୍କର ତରବରରେ ଚପଲ ଓ ରକ୍ତଲଗା ଶାର୍ଟକୁ ଛାଡି ଚାଲିଯାଇଥିଲେ। ତଦନ୍ତ ସମୟରେ ପୋଲିସ ସେଠାରୁ ଉକ୍ତ ଶାର୍ଟ ଓ ପଟେ ଚପଲ ଜବତ କରିଥିଲା। ଅଧିକ ଖୋଜାଖୋଜି କରିବା ପରେ କିଛିଦୂରରୁ ଆଉ ପଟେ ଚପଲ ମଧ୍ୟ ମିଳିଥିଲା। ତେବେ ଉକ୍ତ ଚପଲକୁ ପୋଲିସ ସ୍ଥାନୀୟ ଅଞ୍ଚଳରେ ଦେଖାଇବା ପରେ ତାହା ଶଙ୍କରଙ୍କର ବୋଲି ଶ୍ରମିକମାନେ କହିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚରୁ ଶଙ୍କର ଓ ଅଜୁଙ୍କ ଯିବାଆସିବାର ପ୍ରମାଣ ମିଳିଥିଲା। ତେବେ ଶଙ୍କର ଧରାପଡ଼ିବା ପରେ ପୋଲିସକୁ ପୂରା ଘଟଣା କହିଥିଲେ।

# ବାକି ଟଙ୍କା ପାଇବାକୁ ଅପହରଣ

**ଭଦ୍ରକରୁ ବ୍ୟବସାୟୀ ଉଦ୍ଧାର, ୩ ଗିରଫ**

ଭୁବନେଶ୍ୱର,୧୭।୧୦(ସତ୍ୟଜିତ ରାଉତ)



ଅପହରଣ ଘଟଣାରେ ୩ ଅଭିଯୁକ୍ତ।

ବାକିଟଙ୍କା ପାଇବାକୁ ଭୁବନେଶ୍ୱରରୁ ଅପହୃତ ବ୍ୟବସାୟୀଙ୍କୁ କ୍ୟାପିଟାଲ ଥାନା ପୋଲିସ ଭଦ୍ରକରୁ ଉଦ୍ଧାର କରିଛି। ଏଥିସହ ଏହି ଅପହରଣର ମାଷ୍ଟର ମାଇଣ୍ଡଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭରତପୁରରେ ରହୁଥିବା ଭଦ୍ରକ ଜିଲା ନାଇକାଣ୍ଡିହୀ ଥାନା ଅଞ୍ଚଳର ବାବୁଲା କୁମାର ମହାନ୍ତି, ନୟାପଲ୍ଲୀ ମୁଣ୍ଡାସାହିରେ ରହୁଥିବା ପୁରୀ ଜିଲା ଅସ୍ତରଙ୍ଗର ଅଭିଷେକ ସାହୁ ଓ କଳିଙ୍ଗବିହାରରେ ରହୁଥିବା କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମର ରିଙ୍କିରୋହନ ତରାଇ। ଅଭିଯୁକ୍ତମାନଙ୍କ ଠାରୁ ୪ଟି ମୋବାଇଲ ଓ ଏକ କାର୍ ଜବତ ହୋଇଛି। ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଏହି ମାମଲାର ଅଭିଯୋଗକାରିଣୀ ପ୍ରମୋଦିନୀ ରଥ ଏବଂ ତାଙ୍କ ସ୍ୱାମୀ ବିକାଶ ଚନ୍ଦ୍ର ରଥ ଭିମଟାଙ୍ଗୀ ଅଞ୍ଚଳରେ ମେଡିସିନ୍ ଦୋକାନ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ବାବୁଲା ଭରତପୁର ଅଞ୍ଚଳରେ ଥିବା ବି.ଆର ଫାର୍ମାର ମାଲିକ। ୨୦୨୩ ମସିହାରେ ରଥ ଦମ୍ପତିଙ୍କୁ ବାବୁଲା ଓଆରଏସ୍ ସାମଗ୍ରୀ ଯୋଗାଇଥିଲେ। ବିକାଶ ଲକ୍ଷାଧିକ ଟଙ୍କାର ବାକି ନେଇଥିଲେ। ବକେୟା ଟଙ୍କା ପରିଶୋଧ କରିବା ଲାଗି ବାବୁଲାଙ୍କୁ ସେ ତିନୋଟି ଚେକ୍ ଦେଇଥିଲେ। ଯାହା ମଧ୍ୟରୁ ଗୋଟିଏ ଚେକ୍ ବାଉନ୍ସ ହୋଇଯାଇଥିଲା। ଟଙ୍କା ନ ପାଇବାରୁ ବାବୁଲା ତାଙ୍କ ଦୁଇ ସହଯୋଗୀଙ୍କ ସହିତ ବିକାଶଙ୍କୁ ଅପହରଣ କରିବା ଲାଗି ଯୋଜନା କରିଥିଲେ। ଅଭିଯୁକ୍ତମାନେ ସୋମବାର ଏକ କାରରେ ବିକାଶଙ୍କୁ ଅପହରଣ କରିନେଇଥିଲେ। ପରେ ସେମାନେ ବିଭିନ୍ନ ମୋବାଇଲ୍‌ରୁ ପ୍ରମୋଦିନୀଙ୍କୁ କଲ୍ କରି ୬ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ପ୍ରମୋଦିନୀଙ୍କ ଅଭିଯୋଗକ୍ରମେ କ୍ୟାପିଟାଲ ଥାନା ପୋଲିସ ମାମଲା (ନଂ.୬୪୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଶୁକ୍ରବାର ଭଦ୍ରକ ଜିଲା ନାଇକାଣ୍ଡିହୀ ଥାନା ରାସ୍ତାରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ବିକାଶଙ୍କୁ ଉଦ୍ଧାର କରିଛି।

# ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ବଳାତ୍କାର

**ଦୋଷୀଙ୍କୁ ୨୦ବର୍ଷ ଜେଲ**

କେନ୍ଦୁଝର, ୧୭।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର କେନ୍ଦୁଝର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମୋନାଲିସା ମହାନ୍ତି ଅଭିଯୁକ୍ତ ସଚିନ ଓରାମଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ ସହ ୨ହଜାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହିତ କୋର୍ଟ ପୀଡ଼ିତା ଶିଶୁକନ୍ୟାକୁ ୧୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି।

କେନ୍ଦୁଝର ଜିଲା ରୁଗୁଡି ଥାନା ଅଞ୍ଚଳରେ ୨୦୨୨ ଅକ୍ଟୋବର ୩୧ରେ ପୀଡ଼ିତା ଶିଶୁକନ୍ୟା ଏବଂ ଅଭିଯୁକ୍ତ ସଚିନଙ୍କ ପୁଅ ଅଗଣାରେ ସାଙ୍ଗ ହୋଇ ଖେଳୁଥିଲେ। ଏହି ସମୟରେ ଶିଶୁକନ୍ୟାଙ୍କୁ ମୋବାଇଲ ଦେଖାଇବା ବାହାନାରେ ସଚିନ ଘର ଭିତରକୁ ଡାକି ନେଇ ବଳାତ୍କାର କରିଥିବା ରୁଗୁଡ଼ି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ସଚିନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**ଜମି ଦଖଲକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା**

# ୨ ଗାଁର ୧୮ ଜେଲ ଗଲେ

ଦିଗପହଣ୍ଡି/ପାଟପୁର,୧୭।୧୦
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)


ସିଙ୍ଗପୁର ଗ୍ରାମର ୧୦ ଅଭିଯୁକ୍ତ।


ରତ୍ନମଣିପୁର ଗ୍ରାମର ୮ ଅଭିଯୁକ୍ତ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସିଙ୍ଗପୁର ପଞ୍ଚାୟତ ରତ୍ନମଣିପୁର ମୌଜା ରାସ୍ତାକଡରେ ଥିବା ପଞ୍ଚାୟତର ବେବର୍ତ୍ତା ପୋଖରୀ ସଂଲଗ୍ନ ଜମି ଦଖଲକୁ ନେଇ ଗୁରୁବାର ସିଙ୍ଗପୁର ଏବଂ ରତ୍ନମଣିପୁର ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ବିବାଦୀୟ ଜମିରେ ସିମେଣ୍ଟ ପାଚେରି, ଅସ୍ଥାୟୀ ଟେଣ୍ଟ, ଯଜ୍ଞଶାଳାକୁ ସିଙ୍ଗପୁର ଗ୍ରାମର ଲୋକେ ଭଙ୍ଗାରୁଜା କରିଥିଲେ। ପରେ ଗଣ୍ଡଗୋଳ ଯୋଗୁ ଉଭୟ ଗ୍ରାମର ଏକାଧିକ ବ୍ୟକ୍ତି ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷ ପାଟପୁର ଥାନାରେ ଏତଲା ଦେଇଥିଲେ। ତହସିଲଦାର ମଧ୍ୟ ଏକ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ପୃଥକ ୩ ମାମଲା (ନଂ. ୪୬୭,୪୬୮ ଓ ୪୬୯/୨୫) ରୁଜୁ କରି ସିଙ୍ଗପୁରର ୧୦ ଏବଂ ରତ୍ନମଣିପୁର ଗ୍ରାମର ୮ ଏହିଭଳି ମୋଟ ୧୮ ଜଣଙ୍କୁ ଗିରଫ ସହ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।

ପଞ୍ଚାୟତ ଜମିକୁ ଦଖଲମୁକ୍ତ କରିବା ଦାବି ନେଇ ସିଙ୍ଗପୁର ଗ୍ରାମର ବହୁ ଲୋକ ଗୁରୁବାର ପୂର୍ବାହ୍ନରେ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉକ୍ତ ବିବାଦୀୟ ଜମିକୁ ଖୁବ୍‌ଶୀଘ୍ର ଦଖଲମୁକ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀ ଫେରିଯାଇ ଅପରାହ୍ନରେ ଉକ୍ତ ବିବାଦୀୟ ଜମିରେ ରତ୍ନମଣିପୁର ଗ୍ରାମବାସୀ କରିଥିବା ସିମେଣ୍ଟ ପାଚେରି ଇତ୍ୟାଦି ପୋଲିସ ଉପସ୍ଥିତିରେ ଭଙ୍ଗାରୁଜା କରିଥିଲେ। ରତ୍ନମଣିପୁର ଗ୍ରାମର କେତେଜଣ ଏହାର ପ୍ରତିବାଦ କରିବାରୁ ଉଭୟ ପକ୍ଷ ମଧ୍ୟରେ ଟେକାପଥର ମାଡ଼ ହୋଇଥିଲା। ପରେ ଡେଙ୍ଗାଓସ୍ତା ଗ୍ରାମ ଛକରେ ଉଭୟ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ପୋଲିସ ବୁଝାଶୁଝା କରିବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଅଧିକ ଗଣ୍ଡଗୋଳ ଆଶଙ୍କାରେ ସନ୍ଧ୍ୟାରେ ଉକ୍ତ ସ୍ଥାନରେ ବିଏନ୍‌ଏସ୍ ୧୬୩ ଲାଗୁ କରାଯାଇଛି।

## Business

# ଗହଣା ବଜାର ଚଳଚଞ୍ଚଳ

**ଆଜି ଧନ୍‌ତେରସ୍**



ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ଧନ୍‌ତେରସ୍ ଅବସରରେ ସୁନା, ରୁପା ଆଦି ଧାତୁ କିଣିବା ଶୁଭଙ୍କର ବୋଲି ଅନେକେ ବିଚାରକରନ୍ତି। ତେଣୁ ଗହଣା କିଣିବା ପାଇଁ ଧନ୍‌ତେରସ୍ ଉତ୍କୃଷ୍ଟ ସମୟ ହୋଇଥାଏ। ଅନ୍ୟପଟେ ସୁନା ଦରରେ ଅହେତୁକ ବୃଦ୍ଧି କାରଣରୁ ଗ୍ରାହକ ଅଳଙ୍କାର କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଅଳଙ୍କାର ପ୍ରତିଷ୍ଠାନ ବଢ଼ିଚାଲିଥିବାବେଳେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଓ ପୁରସ୍କାର ଘୋଷଣା କରାଯାଇଛି। ଗ୍ରାହକଙ୍କ ରୁଚିକୁ ଦୃଷ୍ଟିରେ ରଖି ଭଳିକି ଭଳି ଆକର୍ଷଣୀୟ ଡିଜାଇନର ଗହଣା ଉପଲବ୍ଧ କରାଯାଉଛି। ଧନ୍‌ତେରସ୍ ଦିନକ ପୂର୍ବରୁ ଗହଣା ଶୋ'ରୁମ୍‌ରେ ପ୍ରବଳ ଗହଳି ଦେଖିବାକୁ ମଧ୍ୟ ମିଳିଛି। ତେବେ ଅନେକ ଲୋକ ବୁକିଂ କରୁଥିବାବେଳେ କେତେକେ ବଜେଟ ଆଧାରରେ ମନଲାଖି ଗହଣା ପାଇପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ନିରାଶ ଭାବ ଦେଖିବାକୁ ମିଳୁଛି। ଗୁରୁବାର ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୨୯,୪୪୯ ଟଙ୍କା ଥିବାବେଳେ ଏଥିରେ ୩୩୩୦ଟଙ୍କା ବୃଦ୍ଧି ପାଇଁ ଶୁକ୍ରବାର ଏହା ୧,୩୨,୭୭୦ଟଙ୍କା ହୋଇଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ୧୦ଗ୍ରାମ ପ୍ରତି ଗୁରୁବାର ୧,୧୮,୬୫୦ ଟଙ୍କାରୁ ୩,୦୫୦ଟଙ୍କା ବୃଦ୍ଧି ପାଇ ୧,୨୧,୭୦୦ଟଙ୍କାରେ ପହଞ୍ଚିଛି। ୧୮ କ୍ୟାରେଟ୍ ସୁନା ଦର ୯୭,୦୮୦ଟଙ୍କାରୁ ୨୫୦୦ଟଙ୍କା ବୃଦ୍ଧି ପାଇ ୯୯,୫୮୦ଟଙ୍କାରେ ପହଞ୍ଚିଛି। ମାତ୍ର ରୁପା ଦର ସାମାନ୍ୟ ହ୍ରାସ ହୋଇଛି। ଗୁରୁବାର ରୁପା କେଜି ପ୍ରତି ୨,୦୬,୦୦୦ଟଙ୍କା ଥିବାବେଳେ ଶୁକ୍ରବାର ୩୦୦୦ ଟଙ୍କା ହ୍ରାସ ପାଇ ୨,୦୩,୦୦୦ଟଙ୍କା ହୋଇଛି। ପ୍ଲାଟିନମ୍ ଦରରେ ମଧ୍ୟ ବୃଦ୍ଧି ହୋଇଛି। ଗୁରୁବାର ପ୍ଲାଟିନମ୍ ଦର ୪୬,୮୫୦ଟଙ୍କାରୁ ୧,୩୫୦ ବୃଦ୍ଧି ପାଇ ୪୮,୨୦୦ଟଙ୍କାରେ ପହଞ୍ଚିଛି।

| ବର୍ଷ | ସୁନା ଦର (ଟଙ୍କାରେ) |
|---|---|
| ଅକ୍ଟୋବର ୧୮, ୨୦୨୪ | ୭୭,୯୦୦ |
| ଅକ୍ଟୋବର ୧୮, ୨୦୨୩ | ୬୦,୧୮୦ |
| ଅକ୍ଟୋବର ୧୮, ୨୦୨୨ | ୫୦,୫୨୦ |
| ଅକ୍ଟୋବର ୧୮, ୨୦୨୧ | ୪୮,୪୧୦ |
| ଅକ୍ଟୋବର ୧୮, ୨୦୨୦ | ୫୨,୧୦୦ |



"ଧନ୍‌ତେରସ୍‌ରେ ସୁନା କିଣିଲେ ଘରକୁ ଲକ୍ଷ୍ମୀଙ୍କ ଆଗମନ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ପ୍ରତିବର୍ଷ କିଛି ନା କିଛି ସୁନା ଅଳଙ୍କାର କିଣିଥାଏ। ମାତ୍ର ଗତ କିଛିଦିନ ଧରି ସୁନାର ଅହେତୁକ ଦର ବୃଦ୍ଧି ଚିନ୍ତା ବଢ଼ାଇଛି। ଏଥର ସୁନା କିଣିବି ନାହିଁ ବୋଲି ଭାବିଛି।

– ଅର୍ଚ୍ଚନା ବେହେରା, ଗୃହିଣୀ, ପୁରୀ



"ଆଗକୁ ବାହାଘର ଅଛି। ଯେତେ ଦାମ୍ ବଢ଼ିଲେ ବି ସେତେବେଳେ ସୁନା କିଣିବାକୁ ପଡ଼ିବ। ତେଣୁ ଆଗୁଆ ଧନ୍‌ତେରସ୍ ଅବସରରେ ସୁନା କିଣିବାକୁ ଚିନ୍ତାକରିଛି। ଅଧିକ ପରିମାଣର କିଣିବା ସମ୍ଭବ ନୁହେଁ, ତେଣୁ ଯେଉଁ ବଜେଟ ସ୍ଥିର କରିଛି ସେତିକିରେ ଯାହା କିଛି ହେଲା କିଣିନେବି।

– ଉତ୍କଳ କେଶରୀ ସାମଲ, କର୍ମଜୀବୀ, ଭଦ୍ରକ



"ଚଳିତବର୍ଷ ସୁନା ଦର ଖୁବ୍ ଅଧିକ ବୃଦ୍ଧି ପାଇଥିବାରୁ ଆମ ଭଳି ମଧ୍ୟବିତ୍ତ ପରିବାର ପାଇଁ ସୁନା କିଣିବା କଷ୍ଟକର। ଭାବିଥିଲି ଧନ୍‌ତେରସ୍‌ରେ କାନଫୁଲ ହଲେ କିଣିବି। ମାତ୍ର ଇଚ୍ଛା ଥିଲେ ବି କିଣି ହେବନି। ରୁପା ଦର ମଧ୍ୟ ବଢ଼ିଛି। ତଥାପି ବିଧି ରକ୍ଷା ପାଇଁ ରୁପାର କିଛି ଗହଣା କିଣିନେବି।

– ଆଶାଲତା ବାରିକ, ଗୃହିଣୀ, ଝାରସୁଗୁଡ଼ା

# ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଅରୁନ୍ଧତୀର ଗୁରୁତ୍ୱ



ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)

ଅରୁନ୍ଧତୀ ଜୁଏଲର୍ସ ୨୫ ବର୍ଷ ପୂର୍ତ୍ତି ନେଇ ଉତ୍ସବ ପାଳନ କରୁଥିବାବେଳେ ଏକ ନୂତନ ଟେଲିଭିଜନ ବିଜ୍ଞାପନ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଛନ୍ତି, ସର୍ବଶ୍ରେଷ୍ଠ ଗ୍ରାହକ ସେବା ସହ ନିରନ୍ତର ଭାବରେ ସେହି ଶୁଦ୍ଧତା ଓ ସ୍ୱଚ୍ଛତାଭରା ସାଲିସବିହୀନ ଯାତ୍ରା କେବଳ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ବିଶ୍ୱାସ ଭରସା ଯୋଗୁ ସମ୍ଭବ ହୋଇପାରିଛି। ପବିତ୍ର ଧନ୍‌ତେରସ୍ ଆଉ ଦୀପାବଳି ଭଳି ଆଲୋକର ପର୍ବକୁ ପ୍ରାଧାନ୍ୟ ଦିଆଯାଇ ଅରୁନ୍ଧତୀ ଜୁଏଲର୍ସ ଓଡ଼ିଶାର ସଂସ୍କୃତିର ଗରିମାକୁ ଏକ ସୁନ୍ଦର ବିଜ୍ଞାପନ ମାଧ୍ୟମରେ ସମ୍ପୂର୍ଣ୍ଣ ଓଡ଼ିଶାର କଳା, ସଂସ୍କୃତି, ପର୍ବପର୍ବାଣି ଏବଂ ଐତିହାସିକ ପରମ୍ପରାକୁ ଦର୍ଶାଇବାକୁ ଚେଷ୍ଟା କରାଯାଇଛି। ଧନ୍‌ତେରସ୍ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆକର୍ଷଣୀୟ ନୂତନ ଡିଜାଇନ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର ଅଫର ରଖାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ରହିଛି। ସୁନାଗହଣାର ଗଢ଼ା ମଜୁରିରେ ଅପ୍ ଟୁ ଫ୍ଲାଟ୍ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ହୀରା ଗହଣା କ୍ରୟରେ ୨୦ ହଜାର ଟଙ୍କା ରିହାତି ପ୍ରତି କ୍ୟାରେଟ ହୀରା ମୂଲ୍ୟ ଉପରେ ପାଇବା ସହ ମାଗଣା ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଉଛି। ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍ ବ୍ୟାକ୍ ପାଇପାରିବେ।

# ନବରତ୍ନ ଜୁଏଲର୍ସର ଲକ୍ଷପତି ଅଫର

ଭଦ୍ରକ,୧୭।୧୦ (ସନାତନ ରାଉତ)




ଭଦ୍ରକ ସହରର କଚେରି ବଜାରଠାରେ ଥିବା 'ନବରତ୍ନ ଜୁଏଲର୍ସ'ରେ ଧନ୍‌ତେରସ୍ ଓ ଦୀପାବଳି ପାଇଁ ଅଳଙ୍କାରର ବିଶେଷ ସମ୍ଭାର ରହିଛି। ଚଳିତବର୍ଷ ଧନ୍‌ତେରସ୍‌ଠାରୁ ସ୍ୱର୍ଣ୍ଣ ନିବେଶ ଯୋଜନା ଓ ଲକ୍ଷପତି ଅଫର ଆରମ୍ଭ ହେବ। ୨୫ ହଜାର ଟଙ୍କାର ଅଳଙ୍କାର କ୍ରୟ ଉପରେ ଲକ୍ଷପତି କୁପନ ଗ୍ରାହକମାନଙ୍କୁ ବର୍ଷରେ ୨ଥର ପ୍ରଦାନ କରାଯିବ। ସୁନା ଅଳଙ୍କାର କ୍ରୟ ଉପରେ ୫ ହଜାର ଟଙ୍କା ରିହାତି, ରୁପା ଅଳଙ୍କାରରେ ୫୦ ପ୍ରତିଶତ ଗଢ଼ା ମଜୁରି ରିହାତି ଓ ହୀରା ଅଳଙ୍କାର କ୍ରୟ ଉପରେ ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ ବୋଲି ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ଏଠାରେ ହଲ୍‌ମାର୍କ ସୁନା ଅଳଙ୍କାର ସହ ହୀରା, ପ୍ଲାଟିନମ୍, ରୁପା, ଜେମ୍‌ସ ଷ୍ଟୋନ ଆଦି ଉପଲବ୍ଧ। ବମ୍ବେ, ଦିଲ୍ଲୀ, ରାଜକୋଟ, କୋଲକାତା ଓ ଦକ୍ଷିଣ ଭାରତର ଗହଣା ସହ ଇଟାଲିଆନ, ତୁର୍କୀ, ସିଙ୍ଗାପୁର ଗହଣା ମଧ୍ୟ ରହିଛି। 'ନବରତ୍ନ ଜୁଏଲର୍ସ'ରେ ସବୁ ସମୟରେ ଏଚ୍‌ୟୁଆଇଡି ହଲ୍‌ମାର୍କ ସୁନାଗହଣା, ଉଚ୍ଚ ଶୁଦ୍ଧତା ପରିମାପକ କ୍ୟାରେଟ ମିଟର, ବାଏବ୍ୟାକ୍ ଗ୍ୟାରେଣ୍ଟି ରହିଛି। 'କ୍ୱାଲିଟି ଆଉ ଡିଜାଇନ, ଆମର ଗ୍ୟାରେଣ୍ଟି' ସହ ଗ୍ରାହକମାନଙ୍କ ବିଶ୍ୱାସ, ଭରସା ଆମ ପାଇଁ ବଡ଼ ସମ୍ପଦ ବୋଲି ପରିଚାଳନା ନିର୍ଦ୍ଦେଶକ ସାହୁ କହିଛନ୍ତି।

# ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଏମ୍‌ଡିଙ୍କ କିରିପସିରା ପଞ୍ଚାୟତ ଗସ୍ତ

ଭୁବନେଶ୍ୱର,୧୭।୧୦



ଆଦିତ୍ୟ ବିର୍ଲା ଗ୍ରୁପ୍, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଅଧୀନ ମୀନାକ୍ଷୀ କୋଇଲା ଖଣିକୁ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ସତୀଶ ପାଇ ପରିଦର୍ଶନ କରିଛନ୍ତି। ମୀନାକ୍ଷୀ ଖଣି ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ସୁନ୍ଦରଗଡ଼ ଜିଲା କିରିପସିରା ପଞ୍ଚାୟତକୁ ପରିଦର୍ଶନ କରିଛନ୍ତି। ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ କ୍ରମାଗତ ଭାବେ ବିଭିନ୍ନ ସାମାଜିକ ତଥା ମହିଳାଙ୍କ ଉନ୍ନତି ପାଇଁ କୌଶଳଭିତ୍ତିକ ଅର୍ଥନୈତିକ ଉନ୍ନତୀକରଣ ପାଇଁ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ତଦାରଖ ତଥା ନୂତନ ପ୍ରକଳ୍ପ ଶୁଭାରମ୍ଭ ପାଇଁ ସତୀଶ ଏହାର ଅନୁଧ୍ୟାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ସ୍ତ୍ରୀ ଭାନଭିମୋନ ପାଇ, ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଖଣି ଓ ସମ୍ବଲପୁର କ୍ଲଷ୍ଟର ବ୍ୟବସାୟ ମୁଖ୍ୟ କୈଳାସ ପାଣ୍ଡେ, ବକ୍ସାଇଟ ଓ କୋଇଲା ଅଧ୍ୟକ୍ଷ ବିଜେଶ ଝା ଓ କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କୃଷ୍ଣା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ ବେଳେ ମୀନାକ୍ଷୀ କୋଇଲା ଖଣି ସିଏସ୍‌ଆର୍ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସତୀଶ ଯୋଗଦେଇଥିଲେ। ସ୍ଥାନୀୟ ମହିଳାଙ୍କୁ ଆତ୍ମନିର୍ଭରଶୀଳ ପାଇଁ ଉଦ୍ଦିଷ୍ଟ ରେଶମ ହସ୍ତତନ୍ତ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିବା ସହ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଡେସ୍କବେଞ୍ଚ ପ୍ରଦାନ କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନରତ ଶିଶୁଙ୍କୁ ବ୍ୟାଗ୍ ପ୍ରଦାନ କରିଥିଲେ। ଏହାପରେ ଟିବି ରୋଗୀଙ୍କ ପରିବାର ବର୍ଗଙ୍କୁ ଖାଦ୍ୟପୁଡ଼ିଆ ବିତରଣ କରିଥିଲେ। ସୁନ୍ଦରଗଡ଼ ଜିଲା ପରିଷଦ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ ଓ କିରିପସିରା ସରପଞ୍ଚ ରେବତୀ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ମୀନାକ୍ଷୀ କୋଇଲା ଖଣି ସିଏସ୍‌ଆର୍ ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ୟୁନିଟ୍ ମୁଖ୍ୟ ମୁକେଶ ଝା ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଫାବ୍ ଇଣ୍ଡିଆର ଦୀପାବଳି କଲେକ୍ସନ 'ସ୍ୱର୍ଣ୍ଣିମ'

ଭୁବନେଶ୍ୱର,୧୭।୧୦(ଅନୁରାଧା ମହାରଣା)



ଫାବ୍ ଇଣ୍ଡିଆ ପକ୍ଷରୁ ଦୀପାବଳି ୨୦୨୫ କଲେକ୍ସନକୁ 'ସ୍ୱର୍ଣ୍ଣିମ'ର ଶୁଭାରମ୍ଭ କରାଯାଇଛି । ଫାବ୍ ଇଣ୍ଡିଆର ଏହି ନୂଆ କଲେକ୍ସନ ଭାରତୀୟ ହସ୍ତଶିଳ୍ପ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏଥିରେ ହସ୍ତତନ୍ତ, ଆଧୁନିକ ସୌନ୍ଦର୍ଯ୍ୟ ଉପକରଣ ଓ ଡିଜାଇନର ପୋଷାକ ଉପଲବ୍ଧ ରହିଛି। ଏହି କଲେକ୍‌ସନ ବ୍ୟକ୍ତିଗତ ବ୍ୟବହାର ଏବଂ ଉପହାର ଦେବା ପାଇଁ ଉପଯୋଗୀ ହେବ। ଗାଢ଼ ବାଇଗଣୀ ଓ ନୀଳ ରଙ୍ଗରୁ ପ୍ରେରିତ ଡିଜାଇନ ହୋଇଥିବା ଏହି ସଂଗ୍ରହରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଡିଜାଇନର ମିଶ୍ରଣ ଦେଖିବାକୁ ମିଳିବ । ଯାହା ପାର୍ବଣ ସାଜସଜ୍ଜା ଓ ଉପହାର ପାଇଁ ଖୁବ୍ ଉପଯୁକ୍ତ। ମହିଳାମାନଙ୍କ ପାଇଁ କୁର୍ତ୍ତା, ଟ୍ୟୁନିକ୍ ଓ ରେଶମି ଶାଢ଼ି ଆଦି ଥିବାବେଳେ ପୁରୁଷମାନେ କୁର୍ତ୍ତା ଓ ଜାକେଟରେ ଏବଂ ଶିଶୁମାନଙ୍କ ପାଇଁ ସ୍କର୍ଟ ସେଟ୍, ଧୋତି-କୁର୍ତ୍ତା ସେଟ୍ ଆଦି ରହିଛି। ଫାବ୍ ଇଣ୍ଡିଆର ହସ୍ତତନ୍ତ ଜୋତା, ବ୍ୟାଗ୍, ଓ ଅଳଙ୍କାର ସହିତ ଗ୍ରାହକମାନଙ୍କର ପାର୍ବଣ ଲୁକ୍ ସମ୍ପୂର୍ଣ୍ଣ ହୋଇପାରିବ, ଯାହାକି ଷ୍ଟାଇଲ, ଉପହାର ଓ ଉତ୍ସବ ପାଇଁ ପ୍ରସ୍ତୁତ କରାଯାଇଛି।

# ମହିଳା ହିଂସା | ସମାଧାନ ପାଇଁ ସାମୂହିକ ଉଦ୍ୟମ ଲୋଡ଼ା: ରାଜ୍ୟପାଳ



ରାଜଭବନର ନ୍ୟୁ-ଅଭିଷେକ ପ୍ରେକ୍ଷାଳୟରେ ଶୁକ୍ରବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ରାଜ୍ୟପାଳଙ୍କ ସଚିବ ରୂପାରୋଶନ ସାହୁ।

**ଭୁବନେଶ୍ୱର,୧୭।୧୦ (ରବିନାରାୟଣ ଜେନା)**

ରାଜ୍ୟରେ ଅନେକ ସମୟରେ ମହିଳା ହିଂସାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏସବୁର ସ୍ଥାୟୀ ସମାଧାନ ଲାଗି ସାମୂହିକ ଉଦ୍ୟମ ଲୋଡ଼ା ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ରାଜଭବନର ନ୍ୟୁ-ଅଭିଷେକ ପ୍ରେକ୍ଷାଳୟରେ ଖବରଦାତାଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ କହିଛନ୍ତି, ମହିଳା ହିଂସା କ୍ଷେତ୍ରରେ ପୋଲିସ ଅଭିଯୋଗ ପାଇବା ମାତ୍ରେ ଏତଲା ରୁଜୁ କରି ଘଟଣାର ତଦନ୍ତ କରିବା ଆବଶ୍ୟକ; ଯାହାଫଳରେ ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଯାଇପାରିବ।

ନିକଟରେ ଘଟିଥିବା କେତେକ ମହିଳା ବିରୋଧୀ ହିଂସା ଘଟଣାକୁ ନେଇ ରାଜ୍ୟପାଳ କହିଛନ୍ତି, ବାଲେଶ୍ୱରରେ ଛାତ୍ରୀ ଆତ୍ମାହୁତି ଘଟଣା ହେଉ କି ବଳଙ୍ଗା ଛାତ୍ରୀ ପୋଡ଼ି, ଗୋପାଳପୁରରେ ଗଣବଳାତ୍କାର ଘଟଣା ଏବଂ ପଶ୍ଚିମବଙ୍ଗରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏସବୁ କ୍ଷେତ୍ରରେ ସାମୂହିକ ଭାବେ ସରକାର, ପୋଲିସ ଓ ସମାଜର ଗୁରୁଦାୟିତ୍ୱ ରହିଛି। ପୋଲିସ ଏହିସବୁ ଘଟଣାରେ ଏତଲା ରୁଜୁ କରି ତା'ର ପଦକ୍ଷେପ ନେବା ଆବଶ୍ୟକ। ଏପରି କରାଗଲେ ପୀଡ଼ିତା ପୋଲିସ ପ୍ରଶାସନ ଉପରେ ଭରସା ରଖିପାରିବେ। ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ରାଜ୍ୟରେ ଅପରାଧକୁ ଦମନ କରିହେବ। ଏହାସହିତ ଲୋକେ ମଧ୍ୟ ସଚେତନ ହେବା ଜରୁରୀ। ଏନେଇ ସରକାର ଏବଂ ଗଣମାଧ୍ୟମ ବ୍ୟାପକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଛନ୍ତି, ଶିକ୍ଷାନୁଷ୍ଠାନରେ ଥିବା ଇଣ୍ଟରନାଲ କମ୍ପ୍ଲେନ କମିଟି(ଆଇସିସି)ଗୁଡ଼ିକ ଏକ୍ଷେତ୍ରରେ ତ୍ୱରିତ୍ ପଦକ୍ଷେପ ନେବା ଆବଶ୍ୟକ। ଯଦି କୌଣସି କ୍ଷେତ୍ରରେ ଆଇସିସି ଏହାର ସମାଧାନ କରିବାରେ ଅସମର୍ଥ ହେଉଛି, ତେବେ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଇଲେ ଏହାର ତ୍ୱରିତ ସମାଧାନ ଦିଗରେ ଆମେ ପଦକ୍ଷେପ ଗ୍ରହଣ କରିପାରିବୁ। ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଶାମୁକ୍ତ ହେବା ଜରୁରୀ, ଯାହାଫଳରେ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଭାବେ ଅଧ୍ୟୟନ ଓ ଗବେଷଣା କରିପାରିବେ।

ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲିଥିବା କୁଳପତି ପଦବୀ ପୂରଣ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଏସଂକ୍ରାନ୍ତରେ ସରକାରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ସରକାର ନିଷ୍ପତ୍ତି ନିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜନସାଧାରଣଙ୍କ ନିକଟରେ ଯୋଜନା ପହଞ୍ଚାଇବାର ଦାୟିତ୍ୱ ଗଣମାଧ୍ୟମ ନେଉ

**ଭୁବନେଶ୍ୱର,୧୭।୧୦ (ରବିନାରାୟଣ ଜେନା)**

ରାଜ୍ୟର ସୀମା ବିବାଦଠାରୁ ଆରମ୍ଭ କରି ମହାନଦୀର ଜଳବିବାଦ ପର୍ଯ୍ୟନ୍ତ, ପ୍ରତ୍ୟେକ ସମସ୍ୟାର ସମାଧାନ କେବଳ ଉଭୟ ପକ୍ଷର ସହମତିରେ ହିଁ ସମ୍ଭବ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ରାଜଭବନରେ ଖବରଦାତାଙ୍କ ସହିତ ଭାବବିନିମୟ ଅବସରରେ ରାଜ୍ୟପାଳ କହିଛନ୍ତି, ଜନସାଧାରଣଙ୍କ କଲ୍ୟାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ସେମାନଙ୍କ ପାଖରେ ଯୋଜନା ପହଞ୍ଚାଇବାର ଗୁରୁ ଦାୟିତ୍ୱ ଗଣମାଧ୍ୟମ ନେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ଖବରଦାତାଙ୍କ କୋରାପୁଟ ସୀମା ବିବାଦ ପ୍ରଶ୍ନକୁ ନେଇ ରାଜ୍ୟପାଳ ହରିବାବୁ କହିଛନ୍ତି, ସୀମାବର୍ତ୍ତୀ ଅଞ୍ଚଳର ଲୋକେ ଦୁଇ ରାଜ୍ୟର ସମସ୍ତ ସୁବିଧା ପାଉ ଥାଇପାରନ୍ତି। କିନ୍ତୁ ସୀମା ବିବାଦର ସମାଧାନ କେବଳ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ମଧ୍ୟରେ ହିଁ ସମ୍ଭବ ହୋଇପାରିବ। ସେହିପରି ମହାନଦୀର ଜଳବିବାଦକୁ ନେଇ ରାଜ୍ୟପାଳ କହିଛନ୍ତି, ନିକଟରେ ଏସଂକ୍ରାନ୍ତରେ ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। ଏକ୍ଷେତ୍ରରେ ମଧ୍ୟ ଉଭୟ ରାଜ୍ୟ ସରକାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ଦିଗରେ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।

ରାଜ୍ୟରେ ୨୯% ପରିବାର ନିକଟରେ ବିଦ୍ୟୁତ୍ ପହଞ୍ଚି ନ ଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହାକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସମସ୍ତ ପରିବାର ନିକଟରେ ଯେପରି ବିଦ୍ୟୁତ୍ ସେବା ପହଞ୍ଚିପାରିବ ସେନେଇ ସରକାରଙ୍କ ସହିତ ଆଲୋଚନା କରାଯିବ। ସେହିପରି ପ୍ରତ୍ୟେକ ପରିବାରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନେଇ ବିଭାଗୀୟ ସମୀକ୍ଷା କରାଯାଇଛି। ଏହି ଅବସରରେ ରାଜ୍ୟରେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାର ରୋକିବା ପ୍ରଶ୍ନର ଉତ୍ତରରେ ରାଜ୍ୟପାଳ କହିଛନ୍ତି, ବିଶେଷକରି ୧୦ମ ଶ୍ରେଣୀ ପରେ ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ନ କରି ରହିଯାଉଛନ୍ତି। ତେଣୁ ଡ୍ରପ୍‌ଆଉଟ ହାର ବଢୁଛି। ଆଗାମୀ ଦିନରେ ୧୦ମ ଶ୍ରେଣୀକୁ ଉନ୍ନୀତ କରି ଯୁକ୍ତ୨ ବିଦ୍ୟାଳୟ ଖୋଲାଗଲେ ଏହାକୁ ରୋକାଯାଇପାରିବ। ସେହିପରି ଦାଦନ ସମସ୍ୟାକୁ ନେଇ ସେ କହିଛନ୍ତି, ଦୁଇପ୍ରକାର ଦାଦନ ରହିଛନ୍ତି। କେତେଜଣ ଦାଦନ ଯେଉଁମାନେ ନିଜର ବୃତ୍ତି ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି ଏବଂ ଆଉ କେତେକ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଯାଇଥାନ୍ତି, ସେମାନଙ୍କୁ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରାଯାଉଛି।

ରାଜ୍ୟରେ ଖାଲିପଡ଼ିଥିବା ମନ୍ତ୍ରୀପଦ ଓ ବିଭିନ୍ନ ନିଗମ ଅଧ୍ୟକ୍ଷ ପଦକୁ ନେଇ ରାଜ୍ୟପାଳ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଉପରେ ନିର୍ଭର କରୁଛି। ମାତ୍ର ଏଠାରେ ଗୋଟିଏ କଥା କହିପାରିବି, ରାଜ୍ୟରେ ବିଭିନ୍ନ ନିଗମ ବୋର୍ଡ ଏବଂ କମିଶନରେ ଖାଲି ଥିବା ପଦବୀ ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ମୋର ପରାମର୍ଶ ରହିବ। ସେହିପରି ରାଜ୍ୟରେ ପେସା ଆଇନକୁ ନେଇ ରାଜ୍ୟପାଳ କହିଛନ୍ତି, ଏନେଇ ଠିଆ ପ୍ରସ୍ତାବ ପ୍ରସ୍ତୁତ ହୋଇସାରିଛି। ମାତ୍ର କାହିଁକି ବିଜ୍ଞପ୍ତି ହେଉନାହିଁ ସେନେଇ ସରକାର ଗୁରୁତ୍ୱ ଦେବାର ରହିଛି।

୨୦୩୬ ସୁଦ୍ଧା 'ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟ ହାସଲ ଉପରେ ଆଲୋକପାତ କରି ରାଜ୍ୟପାଳ କହିଛନ୍ତି, ସରକାରଙ୍କ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ଓ ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି। ରେଳ ସଂଯୋଗୀକରଣ ଓ ଗମନାଗମନକୁ ତ୍ୱରାନ୍ୱିତ ଲାଗି ୮୦ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ରହିଛି। ସରକାରଙ୍କ ପକ୍ଷରୁ ହୋଇଥିବା ଶିଳ୍ପ ମହାକୁମ୍ଭରେ ୧୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ଏହାଦ୍ୱାରା ସରକାରଙ୍କ ବିକଶିତ ଓଡ଼ିଶା ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ରାଜ୍ୟପାଳ ଆଶା ପୋଷଣ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ସଞ୍ଚାଳନା କରିଥିଲେ।

## ନଭେମ୍ବର ସୁଦ୍ଧା ସବୁ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ସାରିବାକୁ ଡିସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୭।୧୦(ରବିନାରାୟଣ ଜେନା):** ଆସନ୍ତା ନଭେମ୍ବର ସୁଦ୍ଧା ରାଜ୍ୟରେ ଅଙ୍ଗନୱାଡି ଗୃହ କାର୍ଯ୍ୟ ଶେଷ କରିବାକୁ ରାଜ୍ୟ ଉନ୍ନୟନ ଆୟୁକ୍ତ(ଡିସି) ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାଡି ସ୍ଥିତାବସ୍ଥା ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅନୁ ଗର୍ଗ ଜିଲାପାଳଙ୍କୁ କହିଛନ୍ତି, ଯେଉଁଠି ଜମିର ସମସ୍ୟା ରହିଛି ତାହାର ତୁରନ୍ତ ସମାଧାନ କର। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ରାଜ୍ୟରେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ସ୍ଥିତି ଉପସ୍ଥାପନ କରିଥିଲେ। କେତେକ ଜିଲାରେ ନୂଆ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୂପଣ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଏଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ଉନ୍ନୟନ ଆୟୁକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




# ଦୁର୍ଘଟଣାରେ ଦିନକୁ ହାରାହାରି ୧୬ ମୃତ୍ୟୁ

**ଯାଜପୁର,୧୭।୧୦ (ହର୍ଷବର୍ଦ୍ଧନ ବେହେରା)**

ପ୍ରତିବର୍ଷ ଭାରତରେ ପ୍ରାୟ ୧.୬୦ ଲକ୍ଷ ଲୋକ ସଡ଼କ ଦୁର୍ଘଟଣା ଯୋଗୁ ପ୍ରାଣ ହରାଉଛନ୍ତି। ଅନେକ ଲୋକ ଗୁରୁତର ଆହତ ହେଉଛନ୍ତି। ଏହା ପ୍ରଭାବିତ ପରିବାର ପାଇଁ ଆର୍ଥିକ କ୍ଷତି ଏବଂ ଭାବପ୍ରବଣର କାରଣ ହେଉଛି। ଗତ ୩ ବର୍ଷରେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶର ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ୨୦୨୪ରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣାରେ ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଏହିକ୍ରମରେ ଓଡ଼ିଶାରେ ଗୋଟିଏ ଦିନରେ ପ୍ରାୟ ୧୬ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଏହାକୁ ହ୍ରାସ କରିବା ଲକ୍ଷ୍ୟରେ ଆସନ୍ତା ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ପକ୍ଷ ପାଳନ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ବିଭାଗ ପକ୍ଷରୁ ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲାପାଳ, ଏସ୍‌ପି, ଡିସିପି ଏବଂ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିଲେ ହେଁ ରାଜ୍ୟରେ କାହିଁକି ତାହା ସଫଳ ହୋଇପାରୁନାହିଁ ସେ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦର୍ଶାଯାଇଛି ଯେ, ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଯୋଗୁ ୪୮ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ ପାଇଁ ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଛି। ସେଥିମଧ୍ୟରୁ ଶୂନ୍ୟ ଦୁର୍ଘଟଣାଜନିତ ସପ୍ତାହ ପାଳନ ଅନ୍ୟତମ। ରାଜ୍ୟରେ ସମସ୍ତ ଜିଲାରେ ଏହା ଦୁଇଥର କରାଯାଇଥିଲା। ଏହି ସମୟ ମଧ୍ୟରେ ଦୁର୍ଘଟଣା ଏବଂ ମୃତ୍ୟୁହାରରେ ଯଥେଷ୍ଟ ହ୍ରାସ ଘଟିଥିଲା। ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଓଡ଼ିଶା ଗସ୍ତ ସମୟରେ ଏହାକୁ ଉଚ୍ଚ ପ୍ରଶଂସା କରିଥିଲା। ଜିଲାସ୍ତରୀୟ ଅଧିକାରୀଙ୍କ ଆନ୍ତରିକ ପ୍ରୟାସ ଯୋଗୁ ଏହା ସମ୍ଭବ ହୋଇପାରିଛି। ତେଣୁ ଏହାର ସକାରାତ୍ମକ ଫଳାଫଳ ଦ୍ୱାରା ଅନୁପ୍ରାଣିତ ହୋଇ ଏଥର ନଭେମ୍ବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଏକ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ପକ୍ଷ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ ତୁରନ୍ତ କରାଯାଇ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗୀୟ ନିର୍ଦ୍ଦେଶ ହୋଇଛି।

## ଦିନକରେ ଗଲା ୭ ଜୀବନ

**କାମାକ୍ଷାନଗର (ସୁଧୀର କୁମାର ପରିଡ଼ା)/ ବରଗଡ଼ (ପ୍ରେମାନନ୍ଦ ଖମାରୀ), ୧୭।୧୦**

ରାଜ୍ୟର ଦୁଇଟି ସ୍ଥାନରେ ଶୁକ୍ରବାର ଦୁର୍ଘଟଣା ଘଟି ୭ଜଣଙ୍କ ଜୀବନ ହାନି ହୋଇଛି। ଢେଙ୍କାନାଳ ଜିଲା କାମାକ୍ଷାନଗରରେ ବାଇକ୍‌କୁ ଏକ ଗାଡ଼ି ଧକ୍କା ଦେବାରୁ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବରଗଡ଼ରେ ଏକ କାର୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହେବାରୁ ୩ ଜଣଙ୍କ ପ୍ରାଣ ଯାଇଛି। କାମାକ୍ଷାନଗରଠାରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୪ ଜଣଙ୍କ ମଧ୍ୟରୁ ଗୋଟିଏ ପରିବାରର ୩ ଜଣ ରହିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ଆନନ୍ଦପୁର ବଡ଼ଦାଣ୍ଡ ସାହିର ଭାବଗ୍ରାହୀ କାରୁଆ (୩୦) ଯାଜପୁର ଜିଲା କାଳିଆପାଣିଠାରେ ଥିବା ଏକ କମ୍ପାନୀର ଗେଷ୍ଟ ହାଉସ୍‌ରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳେ ବାଇକ୍ (ଓଡି ୦୬ ୪୭୨୫ ନମ୍ବର) ଯୋଗେ ସ୍ତ୍ରୀ ଜାନକୀ (୨୬), ଝିଅ ଗୀତାଞ୍ଜଳି (୭) ଓ ଶାଳକଙ୍କ ଝିଅ (ଝିଆରୀ) ନାଣ୍ଡି (୫)ଙ୍କୁ ଧରି କାମାକ୍ଷାନଗର ଆସୁଥିଲେ। କିନ୍ତୁ ୫୩ ନମ୍ବର ଜାତୀୟ ରାଜପଥର ମାଳପୁରା ଓଭରବ୍ରିଜ ନିକଟରେ ଏକ ଗାଡ଼ି ତାଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭାବଗ୍ରାହୀ ଓ ଝିଅ ଗୀତାଞ୍ଜଳି, ଝିଆରୀ ନାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଜାନକୀଙ୍କୁ ଗୁରୁତର ଅବସ୍ଥାରେ କାମାକ୍ଷାନଗର ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପରିବାର ଲୋକ କାମାକ୍ଷାନଗର ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଥାନା ଅଧିକାରୀ ଆଶିଷ କୁମାର ଜେନା ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ସେହିପରି ବରଗଡ଼-ଭଟଲି ଫୋର୍‌ଲେନ୍ ରାସ୍ତାର ଓଭରବ୍ରିଜ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ (ନଂ.ଓଡି୧୭ପି/୮୪୭୮) ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବରଗଡ଼ର ସୌରଭ ଅଗ୍ରୱାଲ(୨୬), ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ବଇଦୁପାଲିର ଲୁସେନେରୀ ଦିଶେରୀ(୨୬) ଏବଂ ଭୁବନେଶ୍ୱରର ଜ୍ଞାନରଞ୍ଜନ ସାହୁ(୨୭)। ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ କାରରେ ବସିଥିବା ଅନ୍ୟ ଜଣେ ଯୁବତୀ ଭୁବନେଶ୍ୱରର ରିଜିତା ସେଠୀ(୨୫) ସୌଭାଗ୍ୟବଶତଃ ରକ୍ଷା ପାଇଯାଇଛନ୍ତି। ବରଗଡ଼ ଟାଉନ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ସୌରଭଙ୍କ ବରଗଡରେ ଏକ ହାର୍ଡୱେର ଦୋକାନ ରହିଛି। ସେହିପରି ଅନ୍ୟ ମୃତକ ଏବଂ ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଯୁବତୀ ଏକ ପେଣ୍ଟ୍ସ କମ୍ପାନୀରେ କାମ କରନ୍ତି। ସେମାନେ କମ୍ପାନୀ କାମରେ ବରଗଡ଼ ଆସିଥିଲେ ଏବଂ ସ୍ଥାନୀୟ ଏକ ହୋଟେଲରେ ରହୁଥିଲେ। ଗୁରୁବାର ସେମାନେ ସୌରଭଙ୍କ ସହିତ କୌଣସି କାମରେ ସମ୍ବଲପୁର ପଟକୁ ଯାଇଥିଲେ। ବିଳମ୍ବିତ ରାତିରେ ବରଗଡ଼ ଫେରୁଥିବାବେଳେ ସ୍ଥାନୀୟ ବରଗଡ଼-ଭଟଲି ରାସ୍ତାର ଫୋରଲେନ ଓଭରବ୍ରିଜ ନିକଟ ରୋଡ୍ ଡିଭାଇଡରରେ କାର୍‌ଟି ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ କାର୍‌ର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର୍ ଭିତରୁ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ସୌରଭ, ଲୁସେନେରୀ ଏବଂ ଜ୍ଞାନରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

**Government of Odisha**
**Information and**
**Public Relations Department**
IPR-FP-GP-0003-2025/15613/IPR Dated: 16.10.2025

**1st Corrigendum**

**Tender Call Notice No.15037, Dtd:06.10.2025**

No.Z-18: In continuation of the RFP No.15037, Dated 06.10.2025 inviting eligible bidders to "Conceptualize, Design and Fabricate the Odisha Pavilion at India International Trade Fair (IITF)-2025, Bharat Mandapam, New Delhi", it is hereby informed all concerned that some modifications are made in the RFP document. Please visit the website i.e. https://inpr.odisha.gov.in & https://odisha.gov.in. for detailed information.

OIPR-15001/11/1229/2526 **Sd./- Director**

सूचना एवं प्रसारण मंत्रालय
MINISTRY OF INFORMATION AND BROADCASTING
सत्यमेव जयते

**୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୪**

**ପ୍ରବେଶିକା ଆହ୍ୱାନ**

ସିନେମା ଉପରେ ଚଳଚ୍ଚିତ୍ର ଓ ଲେଖା

**ଯୋଗ୍ୟତା**

- **ଫିଚର୍ ଓ ଅଣ-ଫିଚର୍ ଚଳଚ୍ଚିତ୍ର** ସିବିଏଫ୍‌ସି ଦ୍ୱାରା ପ୍ରମାଣିତ ତଥା ଇଂରାଜୀ ସବ୍‌ଟାଇଟଲ୍ ସହିତ
- ସିନେମା ଉପରେ ପ୍ରକାଶିତ **ପୁସ୍ତକ, ଆଲେଖ୍ୟ/ସମୀକ୍ଷା**

ତା୦୧।୦୧।୨୦୨୪ରିଖଠାରୁ ତା୩୧।୧୨।୨୦୨୪ରିଖ ପର୍ଯ୍ୟନ୍ତ (ଉଭୟ ଦିବସ ଅନ୍ତର୍ଭୁକ୍ତ)

କୌଣସି ପ୍ରଶ୍ନ ପାଇଁ କଲ୍ କରନ୍ତୁ ୦୧୧-୨୬୪୯୯୩୭୦/୭୮ (ପୂର୍ବାହ୍ନ ୦୯.୩୦ - ଅପରାହ୍ନ ୦୫.୦୦ ଘଟିକା)

ନିୟମାବଳୀ ଏବଂ ତା୩୧।୧୦।୨୦୨୫ରିଖ (ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା) ଅନ୍‌ଲାଇନ୍ ଦାଖଲ ପାଇଁ www.mib.gov.in ଏବଂ nfaindia.org ପରିଦର୍ଶନ କରନ୍ତୁ

**ସମସ୍ତ ଦସ୍ତାବିଜ ନିମ୍ନପ୍ରଦତ୍ତ ଠିକଣାରେ ପଠାଯିବା ଆବଶ୍ୟକ:**

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସେଲ୍**
ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସିରି ଫୋର୍ଟ ଅଡିଟୋରିୟମ୍ କମ୍ପ୍ଲେକ୍ସ
ଅଗଷ୍ଟ କ୍ରାନ୍ତି ମାର୍ଗ
ନୂଆଦିଲ୍ଲୀ - ୧୧୦୦୪୯

ଇମେଲ୍: nfa.mib@gov.in | 72nfa2024@gmail.com
ୱେବ୍‌ସାଇଟ୍: www.mib.gov.in | nfaindia.org

CBC 22201/11/0017/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପ୍ରିତମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ସାପ କାମୁଡ଼ାରେ ଅଜା, ନାତିଙ୍କ ମୃତ୍ୟୁ

**ଶେରଗଡ଼,୧୭।୧୦(ସୂର୍ଯ୍ୟ ନାରାୟଣ ଦାଶ):** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ୍‌ରେ ଗୁରୁବାର ରାତିରେ ବିଷଧର ସାପ କାମୁଡାରେ ଅଜାନାତିଙ୍କ ମୃତ୍ୟୁ ଘଟିବା ପରି ଅଭାବନୀୟ ଘଟଣା ଘଟିଛି । କରଡାକଣା ପଞ୍ଚାୟତ ଶବରପଲ୍ଲୀ ଗ୍ରାମର ପଞ୍ଚାନନ ନାୟକ (୫୦) ଗୁରୁବାର ରାତି ୧୧ଟାରେ ଖାଇସାରିବା ପରେ ଶୋଇବା ଘରେ ଶୋଇଥିଲେ । ତାଙ୍କ ପାଖରେ ନାତି ରୋଶନ ପାଇକ (୧୦) ଶୋଇଥିଲେ । ରାତିରେ ଏକ ବିଷଧର ସାପ ପଞ୍ଚାନନ ଓ ରୋଶନଙ୍କୁ କାମୁଡି ଦେଇଥିଲା । ଫଳରେ ଅଜାନାତି ଦୁହେଁ ଗୁରୁତର ହୋଇପଡିଥିଲେ । ସଙ୍ଗେ ସଙ୍ଗେ ପରିବାର ଲୋକେ ଉଭୟଙ୍କୁ ଶେରଗଡ଼ ଡାକ୍ତରଖାନା ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥାରେ ସୁଧାର ନ ଆସିବାର ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ମେଡ଼ିକାଲରୁ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ଆଜି ନାମାଙ୍କନ କରିବେ ଭାଜପା, କଂଗ୍ରେସ ପ୍ରାର୍ଥୀ

**ଭୁବନେଶ୍ୱର, ୧୭।୧୦(ସୁନିତ୍ ମିଶ୍ର)**

## ୧୯ରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ

ନୂଆପଡ଼ା ଉପନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ସରଗରମ । ସବୁ ଦଳର ନେତା ଏବେ ନୂଆପଡ଼ା ମୁହାଁ ହେଲେଣି । ନଭେମ୍ବର ୧୧ରେ ହେବାକୁଥିବା ଏହି ଉପନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ସଫଳତା ପାଇଁ ଏକାଧିକ ରଣନୀତି କରିବା ଆରମ୍ଭ କରିଛନ୍ତି । ଅନ୍ୟପଟେ ଆସନ୍ତା ୨୦ରେ ଉପନିର୍ବାଚନ ଲାଗି ନାମାଙ୍କନ ଦାଖଲର ଶେଷଦିନ ଥିବାବେଳେ ୩ ପ୍ରମୁଖ ଦଳର ପ୍ରାର୍ଥୀ ଏହି କାର୍ଯ୍ୟ ଏଯାଏଁ କରିନାହାନ୍ତି । ଶନିବାର ଭାଜପା ପ୍ରାର୍ଥୀ ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିବେ । ଏଥିପାଇଁ ଉଭୟ ଦଳ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି । ଅନ୍ୟପଟେ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ଆସନ୍ତା ରବିବାର ନିଜର ନାମାଙ୍କନ ପତ୍ର ଦାଖଲ କରିବେ । ସ୍ନେହାଙ୍ଗିନୀଙ୍କ ନାମାଙ୍କନ ସମୟରେ ତାଙ୍କ ସହିତ ଉପସ୍ଥିତ ରହିବା ଲାଗି ଉପନିର୍ବାଚନ ଦାୟିତ୍ୱ ବଣ୍ଟାଯାଇଥିବା ୫୨ ଜଣ ନେତାଙ୍କୁ ନୂଆପଡ଼ା ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଅନ୍ୟ ବିଧାୟକ ଏବଂ ରାଜ୍ୟ ସଭାର କେତେଜଣ ଏମ୍‌ପିଙ୍କୁ ସେଠାରେ ଉପସ୍ଥିତ ରହିବା ପାଇଁ ଦଳ ପକ୍ଷରୁ କୁହାଯାଇଛି ।

## ପ୍ରଥମ ପୃଷ୍ଠାରୁ

### ଫେବୃଆରୀ ୩ୟ...

କରାଯିବ । ୧୫ରୁ ୨୫ ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ । ତେବେ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏସ୍‌ଇ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି । ଏକ୍ସ-ରେଗୁଲାର ପିଲାଙ୍କ ଫର୍ମ ପୂରଣ ଜାରି ରହିଥିବାବେଳେ ଆସନ୍ତା ୨୨ ତାରିଖ ଯାଏ ଚାଲିବ । ସେହିପରି ରେଗୁଲାର୍ ଛାତ୍ରୀଛାତ୍ର ଆସନ୍ତା ୨୦ରୁ ନଭେମ୍ବର ୬ ମଧ୍ୟରେ ଫର୍ମ ପୂରଣ କରିବେ । ଏହି ଅବଧି ମଧ୍ୟରେ ଫର୍ମ ପୂରଣ କରିପାରି ନ ଥିବା ଉଭୟ ରେଗୁଲାର୍ ଓ ଏକ୍ସ-ରେଗୁଲାର୍ ଛାତ୍ରୀଛାତ୍ର ନଭେମ୍ବର ୧୦ରୁ ୧୪ ତାରିଖ ମଧ୍ୟରେ ୨୦୦ଟଙ୍କା ଫାଇନ୍ ଏବଂ ନଭେମ୍ବର ୧୭ରୁ ୧୯ ତାରିଖ ମଧ୍ୟରେ ୬୦୦ ଟଙ୍କା ଫାଇନ୍ ଦେଇ ଫର୍ମ ପୂରଣ କରିପାରିବେ । ଡିସେମ୍ବର ୨୨ରୁ ଯୁକ୍ତ ୨ ଇଣ୍ଟରନାଲ ପରୀକ୍ଷା ଆରମ୍ଭ ହେବ । ଦୁଇଟି ସ୍ଲଟ୍‌ରେ ଜାନୁଆରୀ ୧୫ ତାରିଖ ଯାଏ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ । ପ୍ରଥମ ସ୍ଲଟ୍‌ରେ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ ଆସେସ୍‌ମେଣ୍ଟ,ପ୍ରୋଜେକ୍ଟ ମୂଲ୍ୟାଙ୍କନ ଓ ମୌଖିକ ପରୀକ୍ଷା ସରିବ । ଏହାପରେ ୨ୟ ସ୍ଲଟରେ ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ । ଏହି ସମୟରେ ପରୀକ୍ଷା ଦେଇପାରି ନ ଥିବା ଛାତ୍ରୀଛାତ୍ରଙ୍କୁ ଜାନୁଆରୀ ୧୦ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେବାକୁ ଆଉ ଏକ ସୁଯୋଗ ମିଳିବ । ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗ ରୁମ୍ ସମେତ ପରୀକ୍ଷା ହଲ୍, ଲାବରେଟୋରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏସ୍‌ଇ ଗୁରୁତ୍ୱ ଦେଇଛି । ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି । ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ନଭେମ୍ବର ୨୯ ସୁଦ୍ଧା ସିଏସ୍‌ଇକୁ ପ୍ରଦାନ କରିବାକୁ କୁହାଯାଇଛି । କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧାପ୍ରସାରଣ ଦେଖିବା ସହ ସିଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସୂଚନା ଦିଆଯାଇଛି ।

### ବିଦ୍ୟାଳୟ ପରିସରରେ...

ଓମ୍‌ପ୍ରକାଶଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତେବେ ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ପ୍ରଧାନ ଶିକ୍ଷକ ଶିବରାମ ମହାପାତ୍ର ଏଭଳି ଅଘଟଣକୁ ସ୍ୱୀକାର କରିଛନ୍ତି । କୋଲଡ୍ରିଙ୍କ୍ସ ବୋତଲରେ ପେଟ୍ରୋଲ ପୂରାଇ କେହି ଛାତ୍ର ଓମ୍‌ପ୍ରକାଶଙ୍କୁ ଦେବା ସହ ସେଥିରେ ଦିଆସିଲି ଲଗାଇଥିବା ସେ କହିଛନ୍ତି । ସେହିପରି ସାଧନକେନ୍ଦ୍ର ସଂଯୋଜକ ଶୁକଦେବ ସାହୁ କହିଛନ୍ତି, ଛାତ୍ରଜଣକ ଷ୍ଟଣ୍ଟ ଦେଖାଇବାବେଳେ ପୋଡ଼ିଯାଇଥିବା ଶୁଣିବାକୁ ପାଉଛି । ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରକୃତ କଥା କହିପାରିବେ । ଅନ୍ୟପଟେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଘଟଣା ସମ୍ପର୍କରେ ସୂଚନା ପାଇଥିବା କହିଛନ୍ତି । ଏହି ଘଟଣାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଏହି ଘଟଣା ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ସମ୍ପୃକ୍ତ ଛାତ୍ର କାହିଁକି ଓ କିପରି ବିଦ୍ୟାଳୟକୁ ପେଟ୍ରୋଲ ନେଲେ ତାହା ଏବେ ପ୍ରଶ୍ନବାଚୀ ହୋଇଛି । ବିଦ୍ୟାଳୟର ଘାସମରା ଯନ୍ତ୍ର ପାଇଁ ରଖାଯାଇଥିବା ପେଟ୍ରୋଲକୁ ଉପରୋକ୍ତ କାର୍ଯ୍ୟରେ ବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଛି । ସେହିପରି ଅନେକ ସମୟରେ ପ୍ରଶାସନ ପକ୍ଷରୁ ବିଦ୍ୟାଳୟରେ ଅଗ୍ନି ନିରାକରଣ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ହେଉଥିଲେ ମଧ୍ୟ ଛାତ୍ରୀଛାତ୍ର କାହିଁକି ସଚେତନ ହେଉନାହାନ୍ତି, ତାହା ବୁଝାପଡୁନାହିଁ ବୋଲି କେତେଜଣ ଶିକ୍ଷାବିତ୍ କହିବା ସହ ଏ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି । ଓଡ଼ିଶାରେ ଅନେକ ସମୟରେ ଛାତ୍ରୀଛାତ୍ର ପୋଡ଼ିଯିବା ଭଳି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସୁଛି । ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଉ ନ ଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

# ଝରଣାରେ ବୁଡ଼ି ୨ ଛାତ୍ର ମୃତ

**ରାଉରକେଲା,୧୭।୧୦(ସଙ୍ଗୀତା ଜେନା)**

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା ଫାଣ୍ଡି ଅଧୀନ ବିରକେରା ପଞ୍ଚାୟତର କରବିରା ଗାଁ ନିକଟ ଗାଗ୍ରୀ ଘାଟ ଝରଣାରେ ଶୁକ୍ରବାର ଗାଧୋଉଥିବାବେଳେ ବୁଡିଯିବାରୁ ୨ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ ରାଉରକେଲା ସେକ୍ଟର-୧୫ ହାବିଲଦାର କ୍ୱାର୍ଟର୍ସର ଓମ୍ ସୁନା(୧୬) ଓ ସେକ୍ଟର-୧ ଅନୁରାଗ ଦାସ(୧୬) । ସେମାନେ ସେକ୍ଟର-୨୦ସ୍ଥିତ ଆଇଏମ୍‌ଏସ୍ ସ୍କୁଲର ୧୦ମ ଶ୍ରେଣୀ ଛାତ୍ର ବୋଲି ଜଣାପଡିଛି । ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା । ସୂଚନା ଅନୁସାରେ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସେକ୍ଟର-୨୦ ଡି ବ୍ଲକର ଅଭିଜିତ ହୋବୋ(୧୬), ସେକ୍ଟର-୬ ସି ବ୍ଲକର ସୁମିତ ସେଠ(୧୬), ସେକ୍ଟର-୨ ଜି ବ୍ଲକର ଅଭିଷେକ ସାହୁ(୧୬) ଏବଂ ସେକ୍ଟର-୩ ଏ ବ୍ଲକର ପ୍ରୀତମ ହାଁସଦା(୧୬)ଙ୍କ ସମେତ ଓମ୍ ଏବଂ ଅନୁରାଗ ପିକନିକ୍ କରିବା ପାଇଁ ୨ଟି ବାଇକ୍‌ରେ ରାଉରକେଲାରୁ ଗାଗ୍ରୀ ଘାଟକୁ ଯାଇଥିଲେ । ପିକ୍‌ନିକ୍ କରି ଫେରିବା ପୂର୍ବରୁ ସମସ୍ତେ ଝରଣାକୁ ଗାଧୋଇବାକୁ ଯାଇଥିଲେ । ଏହି ସମୟରେ ଓମ୍ ଏବଂ ଅନୁରାଗ ଜଳସ୍ରୋତରେ ଭାସି ନିଖୋଜ ହୋଇଯାଇଥିଲେ । ଖବରପାଇ ସ୍ଥାନୀୟ ଲୋକେ ଏବଂ ସ୍କୁଲର ଶିକ୍ଷକମାନେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ଅପରାହ୍ନ ୪ଟାରେ ନିଖୋଜ ଛାତ୍ରଙ୍କ ପତ୍ତା ମିଳିଥିଲା । ସେଠାରୁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆର୍‌ଜିଏଚ୍‌କୁ ପଠାଇଛି ।

# Classified Everyday

**0674-2580101, 9692975378**



## REAL ESTATE SALE

ପୁରୀ ମଙ୍ଗଳଘାଟ ଛକ ଶ୍ରୀସେତୁ ନିକଟରେ 200ଫୁଟ ରାସ୍ତାପାଖରେ ସ୍ଥିତିବାନ୍ ପ୍ଲଟ୍ ବର୍ଗଫୁଟକୁ 2700ଟଙ୍କା । Registration, Conversion and Mutation Free. Contact: 9438220432/ 8144658008. D-2306




Newly open health benefits spa by expert therapists 9658088274. D-2234

The massage felt totally professional! & comfortable at all times-7978109255. D-76500

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2310

## AFFIDAVIT

By virtue of an affidavit sworn before Executive Magistrate, Hatadihi, Keonjhar Dated- 24.09.2025, I, Sanjulata Rana, W/o- Narayan Rana, Vill.- Jalakalanga, P.O./Via- Hatadihi, P.S.- Nandipada, Dist.- kendujhar, PIN- 758083, State-Odisha, declare that I have changed my name from Sanjukata Rana to Sanjulata Rana. Henceforth, I shall be known as Sanjulata Rana for all purposes.
Sanjulata Rana
D-2314

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

By virtue of an affidavit sworn before the Executive Magistrate, Sambalpur, No.- 3013, date- 16-10-25, I, PRABHATI SETHI, W/o- Madhaba Sethi, R/o- At-Bethuar, P.O.-Bethuara, P.S.- Badagada, Dist.- Ganjam, Odisha, PIN- 761107, declare that I have changed my name from PRABHAT SETHI to PRABHATI SETHI. Henceforth, I shall be known as PRABHATI SETHI for all purposes.
Prabhati Sethi
D-2313

By virtue of an affidavit sworn before the Notary Public, Sambalpur, No.- 3900 date- 16.10.25, I, NIRANJAN MAKAR, R/o- At- 33 (2) Badrama, Kharmunda, P.O.- Badrama, P.S.- Jamankira, Dist.- Sambalpur, PIN- 768107, declare that I have changed the name of my Daughter from PADMALAYA MAKAR to BULBUL MAKAR. Henceforth, she shall be known as BULBUL MAKAR for all purposes.
Niranjan Makar
D-2312

I, Sambhu Dayal Tulsyan, S/o- Laxmi Narayan Tulshyan, R/o- At/P.O./P.S.- Khetrajpur, Dist.- Sambalpur, Odisha- 768003, declare by this affidavit S.I. No.- 4000 dated- 16.10.2025 that now onwards I shall be known as Sambhu Dayal Tulshyan for all future purposes.
Sambhu Dayal Tulshyan
D-2311

By virtue of an affidavit sworn before the Notary Public, Nuapada (Affidavit No.- 4539, Dt.- 17.10.2025), I, Narayan Majhi, At- Darlipali ORF Chuhuri, P.O.- Kodomeri, P.S.-Jonk, Dist.- Nuapada, PIN- 766104 declare that I have changed the name of my minor son from Rehaan Sahu to Aryan Majhi. Henceforth, he shall be known as Aryan Majhi for all purposes.
Narayan Majhi
D-2309

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

By affidavit No.- 4279/2025 Dated- 14.10.2025 before The Magistrate, Bari and Bari- ramachandrapur P.S., I, Ramesh Chandra Syanti S/o- Sharat, Chandra Syanti, Vill- Ratnagiri, P.S.- Bari- Ramachandrapur, Dist.- Jajpur ROR/khatiyan of mouza aliabad having Khata No.- 673 & 02, RSD No.- 10801400111, Dtd- 31.01.2014, 2. RSD No.- 10801801148, Dtd- 16.11.2018, lost somewhere while travelling through my bike. If anyone find please contact- 9777205170.
D-2307

## MISSING



ଆମ୍ଭେ ଶ୍ରୀମତୀ ଶାନ୍ତାଗୌରୀ ପରିଡ଼ା, ସ୍ୱାମୀ ସ୍ୱର୍ଗତ ଅମିର କୁମାର ପରିଡ଼ା, ଗ୍ରାମ- ଦିଗାନଗର, ପୋଷ୍ଟ- ଖୁଣ୍ଟାପୁର, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ଏତଦ୍ୱାରା ଘୋଷଣା କରୁଅଛି କି ମୋର ଦେଢଶୁର ଅଶୋକ କୁମାର ପରିଡ଼ା, ୨୦୦୮ ମସିହାରୁ ନିଖୋଜ ଅଛନ୍ତି । ସେ ମାନସିକ ବିକୃତ ଥିଲେ । ଏ ସମ୍ପର୍କରେ ମୋର ଶ୍ୱଶୁର ସ୍ୱର୍ଗତ ଗଦାଧର ପରିଡ଼ା ପୂର୍ବରୁ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମୁଁ ମଧ୍ୟ ୧୮।୦୯।୨୦୨୫ ତାରିଖରେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଅଛି । ସର୍ବସାଧାରଣଙ୍କ ଅବଗତି ଏବଂ ଭବିଷ୍ୟତରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟରେ ଏହା ପ୍ରକାଶ କରାଗଲା । ଧ-2308

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## LEGAL NOTICE

In the Court of the Additional Commissioner, Settlement & Consolidation, Bargarh
Settlement Revision Case No.- 824 of 2022 & 825 of 2022

Sripati Mahakur, S/o- Nitya Mahakur and others .... Petitioners

Vrs.

Prakash Sa, S/o- Krushna Sa and others .......O.Ps

To,
1.Prakash Sa, 2.Raghaba Sa, Both are S/o- Krushna Sa, 3. Kishori Sa, D/o- Khyieti Sa, 4. Padman Joshi, 5. Dasarath Joshi Both are S/o- Sribatsha Joshi, 6. Naryanana Joshi, 7. Damodara Joshi Both are S/o- Satrughan Joshi all are R/o- Rota, P.S.- Loisingha, Tahasil- Agalpur, Dist.- Balangir

NOTICE THROUGH PAPER PUBLICATION U/O 5RULE 20 CIVIL PROCEDURE CODE, 1908

The above petitioners have filed the above noted case against the above O.Ps for recording of the case land mentioned below on the strength of regd. Sale Deeds bearing No.- 1999 dated- 02.05.1977 and RSD No.- 2000 dated- 02.05.1977. However, the O.Ps have not appeared before the court instead of Multiple Summons. Hence this new paper publication, The case land consists Hal plot No.- 668(p) Mark-A, Area- Ac0.40 dec, hal plot No.- 668(P) Mark-B, Area- Ac.0.15 dec, Hal plot No.- 637, Area- 0.19 dec, Hal Plot No.-669(P) Mark-D, Area- Ac.0.10 dec, Hal Plot No.- 669, Area-Ac.0.31 dec, Hal plot No.- 652, Area- Ac.0.12 dec under Hal Khata No.- 256 of Mouza- Rota, P.S.- Loisingha, tah- Agalpur, Dist.- Balangir.

Hence, the O.P is directed to appear in this Court in person or through Advocate on 21.11.2025 at 11.00 AM by filing Counter in response to the said revision petition failing which the said revision case will be heard and determined Ex- Party in your absence as per law.

Given under my hand and seal of the Court on this 14th of October, 2025.

S/d.- ADDL. COMMISSIONER SETTLEMENT AND CONSOLIDATION BARGARH.
D-2317

ମାନନୀୟ ଅତିରିକ୍ତ କମିଶନର, ରିଭିଜନାଲ କୋର୍ଟ ନଂ.୩, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ହେଡ୍‌ସ ଅଫ ଡିପାର୍ଟମେଣ୍ଟ ବିଲ୍‌ଡିଂ ୪ର୍ଥ ଫ୍ଲୋର/ ମହଲା ଓ.ଏସ.ଏସ୍.କେସ୍ ନଂ.୧୧୪୦/୨୦୧୮

ସୁବାଷ ଚନ୍ଦ୍ର ମହାନ୍ତି, ଏବଂ ସଙ୍ଗିତ୍ ମହାନ୍ତି ......ବାଦୀ

ବନାମ

୧. ଜମିଦାରି ପାତ୍ର, ପିତା- ଜୟକୃଷ୍ଣ ପାତ୍ର, ସା/ପୋ- ଗାଡକଣ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ଓ ଅନ୍ୟମାନେ, ୨. ନାରାୟଣ ଚନ୍ଦ୍ର ନାୟକ, ପିତା- ବଙ୍ଗାଳିଚରଣ ନାୟକ, ସା- ପ୍ଲଟ୍ ନଂ.- ୬୮୩, ଜୟଦେବ ବିହାର, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଏମ୍.ଡି ଉମାମଣି ହୋମ୍‌କ୍ରିଏସନ ପ୍ରା.ଲିଃ ........ପ୍ରତିବାଦୀ

ନୋଟିସ ସି.ପି.ସି ଅର୍ଡର ନଂ. ୫ ରୁଲ୍ ନଂ.- ୨୦ ମୁତାବକ

ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପ୍ରତିବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଉପରଲିଖିତ ରିଭିଜନ୍ କେସ୍ ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.୩ଙ୍କ ଅଦାଲତରେ ଆସନ୍ତା ତା- ୨୭.୧୧.୨୫ ଦିବା ୩.୩୦ଘଣ୍ଟା ସମୟରେ ଶୁଣାଣି କରାଯିବା ନିମିତ୍ତ ସ୍ଥିର କରାଯାଇଅଛି । ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଗାଡକଡ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ସାବକ- ଖାତା ନଂ.- ୮୪୭, ପ୍ଲଟ୍ ନଂ.- ୭୬୩, ରକବା- ଏ୦.୨୫୦ଡି ସ୍ୱଧ, ଏ୦.୯୧.୮୨, ସ୍ୱତ୍ୱ- ସ୍ଥିତିବାନ ।
ହାଲ-ଖାତା ନଂ.- ୧୧୫୩, ପ୍ଲଟ୍ ନଂ.- ୨୯୯୦, ରକବା- ମୋଟ ଏରିଆ ଏ୦.୨୫୦ଡି ସ୍ୱଧ ଏ୦.୯୧.୮୨ଡି, ସ୍ୱତ୍ୱ- ସ୍ଥିତିବାନ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ । ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ଅତିରିକ୍ତ କମିଶନର ଅଦାଲତ ୩ଙ୍କ ଆଦେଶ କ୍ରମେ
ଲକ୍ଷ୍ମୀଧର ନାୟକ
ସ୍ୱା/ କୋର୍ଟ- ଅଧିକାରୀ
କୋର୍ଟ ନଂ.୩, ଭୁବନେଶ୍ୱର
ଧ-୨୩୦୪

## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଵକିଶୋର ଚନ୍ଦ୍ର ମିଶ୍ର**

୯୧, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୨୫
ତିରୋଧାନ: ୨୫।୧୦।୨୦୧୯
(କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ)
ଆପଣଙ୍କ ଅମର ଆତ୍ମାର ଶାସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ।
ଧ-୨୩୦୫

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଵସାନମୁଗା ପାତ୍ର**

ନବରଙ୍ଗପୁର
ଆବିର୍ଭାବ: ୩୦।୦୮।୧୯୭୩
ତିରୋଧାନ:୧୬।୧୦।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୨୩୧୬

## ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ଵଉମାକାନ୍ତ ଜଗଦେବ**

ତିରୋଧାନ: ୨୯।୧୦।୨୪
ସ୍ନେହ ଶ୍ରଦ୍ଧା ଆତ୍ମୀୟତା କର୍ମଭରା ସ୍ମୃତି ଭୁଲି ହୁଏ ନାହିଁ ତୁମ ପୂଜା ପାଠ ଭକ୍ତି। ତୁମ ଅମର ଆତ୍ମାର ସଦ୍‌ଗତି ସକାଶ ଜଗତର ନାଥ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର:- ପତ୍ନୀ- ମୀତା, ପୁତ୍ର- ମିଣ୍ଟୁ, ଲିଟୁ, ଟିକି, ପୁତ୍ର ବଧୂ- ଇଙ୍କିଲ, ଦେବୀ, ମନୀଷା, ନାତୁଣୀ- ଲିଶି, ଲାଜି, ନାତି- ଗୁଗୁ, ନନ୍ଦୁ, ଜ୍ଞାତି କୁଟୁମ୍ବ ଓ ବନ୍ଧୁବର୍ଗ
ଧ-୨୩୧୫


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646



# ଅଯୋଧ୍ୟାରେ ବିଶ୍ୱର ପ୍ରଥମ ରାମାୟଣ ୱାକ୍ସ ମ୍ୟୁଜିୟମ

ଅଯୋଧ୍ୟା,୧୭।୧୦

ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଆଲୋକର ପର୍ବ ଦୀପାବଳି ଅବସରରେ ନବମ ଦୀପୋତ୍ସବ ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। ବିଶ୍ୱର ପ୍ରଥମ ରାମାୟଣ ୱାକ୍ସ ମ୍ୟୁଜିୟମ୍ ଲୋକାର୍ପଣଠାରୁ ନେଇ ରାମମନ୍ଦିରରେ ଦର୍ଶନ ପାଇଁ ରେକର୍ଡ ସଂଖ୍ୟକ ବୁକିଂ ହୋଇଛି। ରାମ ବନବାସ ସାରି ୧୪ ବର୍ଷ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିବା ଦିନ ଦଶହରାକୁ ଆଡ଼ମ୍ବର ସହକାରେ ପାଳନ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏଥର ବିଶେଷ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଯୋଗୀ ରାମାୟଣ ଥିମ୍‌ର ଏହି ମହମ ସଂଗ୍ରହାଳୟକୁ ଉଦ୍‌ଘାଟନ କରିବେ। କାଂସିରାମ କଲୋନି ଅପରପାର୍ଶ୍ୱରେ ଥିବା ଚଉଦ କୋଶି ପରିକ୍ରମା ରୁଟ୍‌ରେ ଏହି ମ୍ୟୁଜିୟମ୍ ତ୍ରେତୟା ଯୁଗର ଆଧୁନିକ ପରିବେଶକୁ ଜୀବନ୍ତ କରିଛି। ୯,୮୫୦ ବର୍ଗ ଫୁଟ୍ ଅଞ୍ଚଳରେ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମ୍ୟୁଜିୟମ୍ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ, ଯେଉଁଠି ୫୦ ଜୀବନ୍ତ ମହମ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ ଦେଖିବା ପାଇଁ ଦେଶ ତଥା ବିଦେଶର ବହୁ ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଲାଗିବ ବୋଲି ରାମମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ୟୁକ୍ରେନ୍‌କୁ ମିଳି ନ ପାରେ 'ଟୋମାହକ୍'

ୱାଶିଂଟନ୍,୧୭।୧୦

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୁକ୍ରବାର ୱାଶିଂଟନ୍ ଗସ୍ତ କରି ହ୍ୱାଇଟ୍ ହାଉସ୍‌ରେ ଆମେରିକୀୟ ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆଲୋଚନା ହୋଇଥିବାବେଳେ ଟ୍ରମ୍ପ ବର୍ତ୍ତମାନ

**ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ଭେଟିଲେ ଜେଲେନ୍‌ସ୍କି**

ଜେଲେନ୍‌ସ୍କିଙ୍କୁ ଟୋମାହକ୍ ମିଶାଇଲ ଦେଇ ନ ପାରନ୍ତି ନାହିଁ ବୋଲି ଜଣାପଡ଼ିଛି। ସଦ୍ୟ ଇସ୍ରାଏଲ-ହମାସ ଯୁଦ୍ଧାବସାନ ଘଟାଇଥିବା ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ୟୁକ୍ରେନ୍-ରୁଷିଆ ଯୁଦ୍ଧବିରତି ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପଙ୍କୁ ସାକ୍ଷାତ୍ କରି ଗାଜା ଅସ୍ତ୍ରବିରତିର ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରମ୍ପଙ୍କ ସହଯୋଗରେ ଏହି ଯୁଦ୍ଧ ମଧ୍ୟ ବନ୍ଦ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜେଲେନ୍‌ସ୍କିଙ୍କ ମତରେ ୟୁକ୍ରେନ୍ ଆମେରିକାକୁ ଡ୍ରୋନ୍ ଦେବ ଏବଂ ଏହା ବଦଳରେ ଦୂରଗାମୀ ଟୋମାହକ୍ କ୍ଷେପଣାସ୍ତ୍ର ନେବ। ୧,୬୦୦ କି.ମି. ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରୁଥିବା ଟୋମାହକ୍ ମିଶାଇଲର ଘଣ୍ଟାପ୍ରତି ବେଗ ୫୫୦ ମାଇଲ। ଏହି ସ୍ୱତନ୍ତ୍ର କ୍ଷେପଣାସ୍ତ୍ରର ବିସ୍ଫୋରକ ଧାରଣ କ୍ଷମତା ୧,୦୦୦ ପାଉଣ୍ଡ। ଟୋମାହକ୍ ମିଶାଇଲ୍ ବଳରେ ୟୁକ୍ରେନୀୟ ସେନା ରୁଷିଆର ସାମରିକ ଓ ରଣନୈତିକ ଭିତ୍ତିଭୂମିକୁ ଟାର୍ଗେଟ କରିପାରିବ। ଟ୍ରମ୍ପ ମଧ୍ୟ ୟୁକ୍ରେନ୍‌କୁ ଟୋମାହକ୍ ମିଶାଇଲ ଦେବା ପାଇଁ ପୂର୍ବରୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ସେ ଗୁରୁବାର ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ସହ ଫୋନ୍‌ରେ ଆଲୋଚନା କରିବା ପରେ ତାଙ୍କ ମନ ବଦଳିଯାଇଛି। ଆସନ୍ତା ସପ୍ତାହରେ ଟ୍ରମ୍ପ ଓ ପୁଟିନ୍ ହଙ୍ଗେରିର ବୁଦାପେଷ୍ଟରେ ପରସ୍ପରକୁ ଭେଟିବାକୁ ସ୍ଥିର ହୋଇଥିବାବେଳେ ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ରୁଷୀୟ ପ୍ରତିପକ୍ଷ କ୍ଷୁବ୍ଧ ହୋଇପାରନ୍ତି ବୋଲି ଆମେରିକା ରାଷ୍ଟ୍ରପତି ମନେକରୁଛନ୍ତି। ଇତିମଧ୍ୟରେ ଆମେରିକା ୟୁକ୍ରେନ୍‌କୁ ଏହି ମିଶାଇଲ ଦେଲେ ଉତ୍ତେଜନା ବଢ଼ିବ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଚେତାବନୀ ଦେଇଛନ୍ତି। ତେଣୁ ଟ୍ରମ୍ପ ବର୍ତ୍ତମାନ ସ୍ଥିତିରେ ୟୁକ୍ରେନ୍‌କୁ ଟୋମାହକ୍ ମିଶାଇଲ ନ ପଠାଇବା ନେଇ ସଙ୍କେତ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଆମେ ମଧ୍ୟ ଆମେରିକା ପାଇଁ ଟୋମାହକ୍ ଚାହୁଁଛୁ। ଆମ ପାଖରେ ଏଭଳି ବହୁ ମିଶାଇଲ ଅଛି। ତେବେ ଆମେରିକାର ଆବଶ୍ୟକତା ଥିବାରୁ ବର୍ତ୍ତମାନ ଦେଇପାରିବୁ କି ନାହିଁ ତାହା କହିହେବ ନାହିଁ।



ହ୍ୱାଇଟ୍ ହାଉସ୍‌ରେ ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ସ୍ୱାଗତ କରୁଛନ୍ତି ଡୋନାଲ୍ଡ ଟ୍ରମ୍ପ।




# ଏଚ୍-୧ବି ଭିଜା ଫିକୁ ନେଇ ଟ୍ରମ୍ପ ପ୍ରଶାସନ ବିରୋଧରେ ମାମଲା

ୱାଶିଂଟନ୍,୧୭।୧୦

ସମସ୍ତ ନୂଆ ଏଚ୍-୧ବି ଭିଜା ଆବେଦନ ଉପରେ ୧ ଲକ୍ଷ ଡଲାର ଦେୟ ସଂଗ୍ରହ କରିବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ନିଷ୍ପତ୍ତି ନେଇଥିବାବେଳେ ଆମେରିକାର ଚାମ୍ବର ଅଫ୍ କମର୍ସ ଏହା ବିରୋଧରେ ମୋକଦ୍ଦମା ଦାଏର କରିଛି। ଏହା ବିଭ୍ରାନ୍ତିକର ନୀତି ଏବଂ ବେଆଇନ କାର୍ଯ୍ୟ ବୋଲି ଚାମ୍ବର ଅଫ୍ କମର୍ସ କହିଛି। ଏଭଳି କାର୍ଯ୍ୟ ଆମେରିକୀୟଙ୍କ ନବପ୍ରବର୍ତ୍ତନ ଓ ପ୍ରତିଯୋଗିତାମୂଳକ ମନୋଭାବକୁ ସଙ୍କୁଚିତ କରିଦେଇପାରେ ବୋଲି ଉକ୍ତ ବିଜ୍‌ନେସ୍ ଲବି ଦର୍ଶାଇଛି। ଟ୍ରମ୍ପ ପ୍ରଶାସନର ସେପ୍ଟେମ୍ବର ୧୯ର ଘୋଷଣାନାମାକୁ ଚ୍ୟାଲେଞ୍ଜ କରି କଲମ୍ବିଆ ଜିଲା କୋର୍ଟରେ ଗୁରୁବାର ଲ'ସୁଟ୍ ଦାଏର ହୋଇଛି।

# ଇଞ୍ଜିନିୟରିଂ ଛାତ୍ରୀଙ୍କୁ କଲେଜମେଟ୍‌ଙ୍କ ବଳାତ୍କାର

ବେଙ୍ଗାଲୁରୁ,୧୭।୧୦

ଦକ୍ଷିଣ ବେଙ୍ଗାଲୁରୁର ଏକ ଘରୋଇ ଇଞ୍ଜିନିୟରିଂ କଲେଜ କ୍ୟାମ୍ପସରେ ଜଣେ ଛାତ୍ରୀଙ୍କୁ ତାଙ୍କ କଲେଜ ସାଥୀ ବଳାତ୍କାର କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ୨୧ ବର୍ଷୀୟ ଜୀବନ ଗୌଡ଼ା ଷଷ୍ଠ ସେମିଷ୍ଟର ଛାତ୍ର। ପୋଲିସ ତାଙ୍କୁ ରିମାଣ୍ଡରେ ନେଇ ତଦନ୍ତ ଚଳାଇଛି। ପୀଡ଼ିତା ସପ୍ତମ ସେମିଷ୍ଟର ଛାତ୍ରୀଙ୍କୁ ଗତ ୧୦ ତାରିଖରେ ବଳାତ୍କାର କରାଯାଇଥିବା ନେଇ ସେ ୧୫ ତାରିଖରେ ଅଭିଯୋଗ ଦାଏର କରିଥିଲେ। ଭାରତୀୟ ନ୍ୟାୟ ସଂହିତାର ଧାରା ୬୪ରେ ମାମଲା ରୁଜୁ ହୋଇଛି। ଏତଲା ଅନୁଯାୟୀ, ପୀଡ଼ିତା ଏବଂ ଅଭିଯୁକ୍ତ ପରସ୍ପରକୁ ଜଣାଶୁଣା। ପୂର୍ବ ଶିକ୍ଷାବର୍ଷରେ ଗୌଡ଼ା ଫେଲ୍ ହେବା ପୂର୍ବରୁ ଉଭୟ ସହପାଠୀ ଥିଲେ। ଘଟଣା ଦିନ ଛାତ୍ରୀ ଜଣଙ୍କ କିଛି ସାମଗ୍ରୀ ସଂଗ୍ରହ କରିବା ପାଇଁ ଗୌଡ଼ାଙ୍କୁ ଭେଟିଥିଲେ। ମଧ୍ୟାହ୍ନଭୋଜନ ଛୁଟି ସମୟରେ ଗୌଡ଼ା ତାଙ୍କୁ ତାଗି ସପ୍ତମ ମହଲାର ଆର୍କିଟେକ୍ଚର ବ୍ଲକ୍‌ରେ ଭେଟିବାକୁ କହିଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ଗୌଡ଼ା ତାଙ୍କୁ ଜବରଦସ୍ତ ଚୁମ୍ବନ ଦେଇଥିଲେ। ଲିଫ୍ଟ ଦେଇ ଛାତ୍ରୀ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତ ତାଙ୍କୁ ଷଷ୍ଠ ମହଲାର ପୁରୁଷ ୱାଶ୍‌ରୁମ୍‌କୁ ନେଇଯାଇ ବଳାତ୍କାର କରିଥିଲେ। ଗୌଡ଼ା ୱାଶ୍‌ରୁମ୍ ଡୋର୍‌କୁ ଲକ୍ କରିଦେଇଥିଲେ। ପରେ ସେ ପୀଡ଼ିତାଙ୍କୁ ଫୋନ୍ କରି ବଟିକା ଆବଶ୍ୟକ କି ବୋଲି ପଚାରିଥିବା ଏତଲାରେ ଦର୍ଶାଯାଇଛି।


**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
Immediately Required, **Arc & Argon Welder, Fitter & Helper** with Minimum Two Year Work Experience.
Field of Experience : Structural & Pipeline (MS & SS). Also required Fresh ITI (Electrical, Mechanical, Welder)
**Contact No.: 9556393222/7077471819**
Email : elite.bbs@gmail.com

**URGENT REQUIRES**
**Experienced Driver - 2 nos., House Keeping Boy - 2 nos., Indian Cook - 2 nos.** for a Guest House at Bhubaneswar.
**Contact : 7656915989**

**WANTED**
Wanted Girls Age 18 to 25 years for
**TAKEAWAY RESTAURANT**
**Packaging Unit & Home Nursing.**
**Salary Rs.8000/- to Rs.10,000/-**
Bhubaneswar.
**Contact : 6370061224**

**REQUIRES**
**Advith Pvt. Ltd.** – Now Hiring, Positions-
**COMPUTER TRAINER-** BCA/MCA/ B.Tech (CS & Electrical),
**SPORTS COACH -** BPEd,
**DANCE TRAINER** BA in Dance (Kathak & Bharatanatyam),
**MUSIC TRAINER -** BA in Music,
**YOGA TRAINER -** MA/MSc/ Diploma in Yoga,
**ACADEMIC POSITIONS** – MA / MSc (any discipline)
Email:advithrecruitment@gmail.com,
**Contact- Deepak Dongre (HR)**
**Mob.: 9131381341**

**WANTED**
Commission Agents, both sex for Hotel Room and Cottage Booking, commission at 10 to 20 percent on booking charge. Contact - 9861129953.

**WANTED**
**ADD THE NEW WINGS TO YOUR CAREER**
India Most Trusted Company is looking prof. M/F for Team Leader and Part Time Emp in Bhubaneswar and Cuttack. (Need Ex. Bankers, Retired and VRS Emp, Professional Housewife, Real Estate Employee, Mutual fund and Insurance Advisor, Corp Employees and other Business People are Welcome).
**9866320431, 9776868008.**

See Career Appointment on every **Wednesday & Saturday**


# ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍ କୋର୍ଟର ମଞ୍ଜୁରୀ

ନୂଆଦିଲ୍ଲୀ,୧୭।୧୦

ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଭାରତ ପ୍ରତ୍ୟର୍ପଣକୁ ବେଲ୍‌ଜିଅମ୍‌ର ଏକ ଅଦାଲତ ଶୁକ୍ରବାର ଅନୁମୋଦନ କରିଛନ୍ତି। ଗତ ଏପ୍ରିଲ ୧୧ରେ ବେଲ୍‌ଜିଅମ୍ ପୋଲିସ ଚୋକ୍‌ସିଙ୍କୁ ଗିରଫ କରିବା ପରେ ସେ ୪ ମାସ ହେଲା ଜେଲରେ ରହିଛନ୍ତି। ଭାରତର ଅନୁରୋଧକ୍ରମେ ବେଲ୍‌ଜିଅମ୍ ପୋଲିସ ଦ୍ୱାରା ଚୋକ୍‌ସିଙ୍କ ଗିରଫଦାରିକୁ ଆଣ୍ଟୱେର୍ପସ୍ଥିତ ଅଦାଲତ ବୈଧ ବୋଲି କହିଛନ୍ତି। ଚୋକ୍‌ସି ଚାହିଁଲେ ଉକ୍ତ ରାୟ ବିରୋଧରେ ୧୫ ଦିନ ମଧ୍ୟରେ ବେଲ୍‌ଜିଅମ୍ ସୁପ୍ରିମକୋର୍ଟରେ ଅପିଲ କରିପାରିବେ। ଅଦାଲତ ଉଭୟ ଭାରତ ପକ୍ଷର ବେଲ୍‌ଜିଅମ୍ ଓକିଲ ଏବଂ ଚୋକ୍‌ସିଙ୍କ ଲିଗାଲ ଟିମ୍‌ର ଯୁକ୍ତି ଶୁଣିବା ପରେ ପ୍ରତ୍ୟର୍ପଣ ଆବେଦନକୁ ମଞ୍ଜୁରୀ ପ୍ରଦାନ କରିଥିଲେ।



# ଆଫଗାନିସ୍ତାନରେ ପୁଣି ପାକ୍ ଆକ୍ରମଣ

କାବୁଲ,୧୭।୧୦

ପାକିସ୍ତାନ ସେନା ଶୁକ୍ରବାର ସନ୍ଧ୍ୟାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ଆଫଗାନିସ୍ତାନର ସୀମାନ୍ତ ପ୍ରଦେଶ ଉପରେ ଆକ୍ରମଣ କରିଛି। ପାକ୍‌ଟିକା ପ୍ରଦେଶର ଅର୍ଗୁନ ଏବଂ ବାରମାଲ ଜିଲାରେ ପାକ୍ ସେନା ଏୟାରଷ୍ଟ୍ରାଇକ୍ କରି ଅସ୍ତ୍ରବିରତି ଭଙ୍ଗ କରିଥିବା ଜଣେ ବରିଷ୍ଠ ତାଲିବାନ୍ ଅଫିସର କହିଛନ୍ତି। ଆକ୍ରମଣରେ ୨ ସୀମାନ୍ତ ଜିଲାର ବହୁ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ଆଫଗାନିସ୍ତାନ ଏହାର ଜବାବ ଦେବ ବୋଲି ତାଲିବାନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ୨ ଦିନିଆ ଅସ୍ତ୍ରବିରତି ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଥିବା ପାକିସ୍ତାନର ଜଣେ ସୁରକ୍ଷା ଅଧିକାରୀ କହିଛନ୍ତି। ଅନ୍ୟ ପକ୍ଷରେ ଦୋହା ଆଲୋଚନା ଶେଷ ହେବା ପର୍ଯ୍ୟନ୍ତ ଅସ୍ତ୍ରବିରତି ବଢ଼ାଇବାକୁ ୨ ଦେଶ ରାଜି ହୋଇଥିଲେ ବୋଲି ତାଲିବାନ୍ କହିଛି। ଦୁଇ ଦେଶର ସେନା ମଧ୍ୟରେ ସପ୍ତାହେ ବ୍ୟାପୀ ରକ୍ତାକ୍ତ ସଂଘର୍ଷରେ ବହୁ ସୈନ୍ୟ ଓ ସାଧାରଣ ନାଗରିକ ମୃତାହତ ହେବା ପରେ ବୁଧବାର ସନ୍ଧ୍ୟାରୁ ଅସ୍ତ୍ରବିରତି ଆରମ୍ଭ ହୋଇଥିଲା। ଇତିମଧ୍ୟରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ସୀମାରେ କୌଣସି ଗୋଳମାଳିଆ ସ୍ଥିତି ନ ଉପୁଜାଇବା ପାଇଁ ଭାରତକୁ ଚେତାବନୀ ଦେଇଛନ୍ତି। ପାକିସ୍ତାନ ଉଭୟ ଭାରତ ଓ ଆଫଗାନିସ୍ତାନ ବିରୋଧରେ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ସେହିପରି ଆଫଗାନିସ୍ତାନରୁ ଯାଇ ପାକିସ୍ତାନରେ ରହୁଥିବା ଲୋକେ ତୁରନ୍ତ ଦେଶ ଛାଡ଼ି ପଳାନ୍ତୁ। ଆଫଗାନିସ୍ତାନରେ ସେମାନଙ୍କ ନିଜସ୍ୱ ସରକାର ଚାଲିଛି। ଆମ ମାତୃଭୂମି ୨୫ କୋଟି ପାକିସ୍ତାନୀଙ୍କ ଘର ବୋଲି ଆସିଫ କହିଛନ୍ତି।



ଗୁଆହାଟୀର ସୋନାପୁରସ୍ଥିତ ଶ୍ମଶାନରେ ଦିବଂଗତ ଗାୟକ ଜୁବିନ୍ ଗର୍ଗଙ୍କୁ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ।


**पूर्व तट रेलपथ** / **ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-CTC-505, ତା.10.10.2025ରିଖ
**କାର୍ଯ୍ୟର ନାମ :** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର SSES/କଟକ ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।
**ଟେଣ୍ଡର ମୂଲ୍ୟ :** ₹90,75,485.63, **EMD :** ₹1,81,500/-
ବିଡ୍ ଆରମ୍ଭ ହେବା ତାରିଖ : ତା.20.10.2025ରିଖ
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.11.2025ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-686/Q/25-26

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
**लापताः आवश्यक सूचना**
गुमशुदा बालिका दीक्षा कुमारी, उम्र–करीब 15 वर्ष।
सर्व साधारण को सूचित किया जाता है कि आवेदिका मनिका देवी के द्वारा अपनी पुत्री **दीक्षा कुमारी, उम्र–करीब 15 वर्ष की गुमशुदगी** के संबंध में संबंधित थाना परसुडीह में लिखित आवेदन दिया गया है। आवेदन में इनके द्वारा बताया गया कि **गुमशुदा दीक्षा कुमारी, उम्र–करीब 15 वर्ष, पिता–भगवान राय, पता–बारीगोड़ा पटेलनगर, थाना–परसुडीह, जिला–पूर्वी सिंहभूम, जमशेदपुर** जो दिनांक–04.10.2025 को शाम करीब 04:00 बजे अपने घर से बिना बताये निकली है अभी तक वापस नहीं लौटी है। आवेदिका एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। **गुमशुदा बालिका का हुलिया निम्न प्रकार है :–उम्र–करीब 15 वर्ष, कद–04 फीट 05 इंच, रंग–गोरा, पहनावा–ब्लू रंग का शूट, कथा रंग का जुता, भाषा–हिन्दी।**



अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक नगर, पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, विधि–व्यवस्था | : 9431706482 |
| थाना प्रभारी, परसुडीह | : 9431706515 |

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 364439 Police(25-26)#D
POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

**ଦ.ପୂ. ରେଳପଥ – ଟେଣ୍ଡର**
ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୩୫, ତାରିଖ: ୧୬।୧୦।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା** ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହାକୁ **୧୫.୩୦ ଘଟିକାରେ** ଖୋଲାଯିବ । **କ୍ର.ସଂ-୧; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୩-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍ (ଦକ୍ଷିଣ)/ଖଡ଼ଗପୁରଙ୍କ ଅଧୀନରେ ଥ୍ରୁ ଫିଟିଂ ନବୀକରଣ କାର୍ଯ୍ୟର ନିର୍ବାହ ଅର୍ଥାତ୍ ଖଡ଼ଗପୁର–ନୂଆଗାଁ ମୟୂରଭଞ୍ଜ ରୋଡ୍ ସେକ୍ସନରେ ୫୭.୫୦୦ ଟିଆର୍ କିମିର ଟିଏଫ୍‌ଆର୍ । **ଟେଣ୍ଡର ମୂଲ୍ୟ:** ₹୬୪,୬୩,୯୨୧.୪୧ । **ଅମାନତ ରାଶି:** ₹୧,୨୯,୩୦୦ । **କ୍ର.ସଂ-୨; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୪-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ବାଲେଶ୍ୱରଙ୍କ ଅଧୀନରେ ରୂପ୍‌ସା–ବାଙ୍ଗିରିପୋଷୀ ସେକ୍ସନରେ (i) ଅଣ–ଇଣ୍ଟରଲକ୍ଡ ଗେଟ୍ ଗୁମ୍‌ଟିର ମାନକୀକରଣ ଏବଂ (ii) ଗେଟ୍ ଗୁମ୍‌ଟିର ଉନ୍ନତୀକରଣ, ଶେଡ୍‌ର ବ୍ୟବସ୍ଥା, ୨୪ ଘଣ୍ଟିଆ ଜଳଯୋଗାଣ ଏବଂ ଶୌଚାଳୟ ସୁବିଧା । **ଟେଣ୍ଡର ମୂଲ୍ୟ:** ₹୫,୭୮,୦୦,୬୪୪.୬୫ । **ଅମାନତ ରାଶି:** ₹୪,୩୯,୦୦୦ । **କ୍ର.ସଂ-୩; ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୫୮-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ଦକ୍ଷିଣଙ୍କ ଅଧୀନରେ ହିଜ୍‌ଲି–ନାରାୟଣଗଡ଼ ସେକ୍ସନରେ ୨୪ ଘଣ୍ଟିଆ ନଳ ଯୋଗେ ଜଳଯୋଗାଣର ବ୍ୟବସ୍ଥା କରିବା ଏବଂ ଶୌଚାଳୟ ସୁବିଧାକୁ ଉନ୍ନତ କରିବା । **ଟେଣ୍ଡର ମୂଲ୍ୟ:** ₹୯୪,୧୦,୪୧୫.୦୧ । **ଅମାନତ ରାଶି:** ₹୧,୮୮,୨୦୦ । **କ୍ର.ସଂ-୪; ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୪୩-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍/ତାମଲୁକ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ (i) ପାଂସକୁରା–ହଳଦିଆ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ ଅର୍ଥାତ୍– ଟିଟିଆର୍ ୧ ଇନ୍ ୧୨, ୬୦ କିଗ୍ରା (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) – ୧୦ ସେଟ୍, (ii) ପାଂସକୁରା–ହଳଦିଆ ସେକ୍ସନରେ ଥ୍ରୁ ଟର୍ନଆଉଟ୍ ନବୀକରଣ, ଅର୍ଥାତ୍ – ଟିଟିଆର୍ ୧ ଇନ୍ ୮.୫, ୬୦ କିଗ୍ରା (ଟିଡବ୍ଲ୍ୟୁଏସ୍+ଡବ୍ଲ୍ୟୁସିଏମ୍‌ଏସ୍‌ସି) – ୧୨ ସେଟ୍, (iii) ତାମଲୁକ୍–ଦିଘା ସେକ୍ସନରେ ୬୦ ଗୋଟି ଏଲ୍‌ସି ଏବଂ କନେକ୍ଟିଂ ରୋଡ୍‌ର ଓଭରହଲିଂ ଏବଂ (iv) ତାମଲୁକ୍–ଦିଘା ସେକ୍ସନରେ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ (ଏସ୍‌ଇଜେ)ର ନବୀକରଣ । **ଟେଣ୍ଡର ମୂଲ୍ୟ:** ₹୨,୧୨,୭୨,୧୧୦.୭୨ । **ଅମାନତ ରାଶି:** ₹୨,୫୬,୪୦୦ । **କ୍ର.ସଂ-୫; ଟେଣ୍ଡର ନଂ.: ଇ-କେଜିପି-ଏଚ୍‌କ୍ୟୁ-୪୪-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଏସ୍‌ଏସ୍‌ଇଇ/ଉତ୍ତର/ଖଡ଼ଗପୁରଙ୍କ ଅଧୀନରେ ଏସ୍‌ଏସ୍ ନଂ.୬ ଓ ଏସ୍‌ଏସ୍ ନଂ.୫ ପାଇଁ ପାୱାର ସିଷ୍ଟମର ଉନ୍ନତୀକରଣ ସଂକ୍ରାନ୍ତରେ ସିଭିଲ ଇଞ୍ଜିନିୟରିଂ କାର୍ଯ୍ୟ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୭୦,୪୭,୮୬୧.୧୯ । **ଅମାନତ ରାଶି:** ₹୧,୪୧,୦୦୦ । **କ୍ର.ସଂ-୬; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୪୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ନିମପୁରା: ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ସର୍ଭିସ୍ ବିଲ୍ଡିଂଗୁଡ଼ିକର ଛାତରୁ ପାଣି ଗଳିବା, ବର୍ଷାଜଳ ନିଷ୍କାସନ ନଳ, ଜଳ ନିଷ୍କାସନ ପ୍ରଣାଳୀର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୧,୦୩,୩୮,୮୪୬.୮୮ । **ଅମାନତ ରାଶି:** ₹୨,୦୧,୭୦୦ । **କ୍ର.ସଂ-୭; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୪୭-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର–ମେଦିନୀପୁର–କଲେଇକୁଣ୍ଡା: ଏଡିଇଏନ୍/ପଶ୍ଚିମ/ଖଡ଼ଗପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ଗେଟ୍‌ଗୁଡ଼ିକରେ ଭିତ୍ତିଭୂମିର ଉନ୍ନତୀକରଣ/ପରିବର୍ଦ୍ଧନ (ପୃଷ୍ଠଭାଗ, ଫେନ୍‌ସିଂ, ଉଚ୍ଚତା ଗେଜ୍, ଶୌଚାଳୟ ଏବଂ ୧୦ ଗୋଟି ଟ୍ୟୁବ୍‌ୱେଲ୍‌ର ବ୍ୟବସ୍ଥା କରିବା) । **ଟେଣ୍ଡର ମୂଲ୍ୟ:** ₹୨,୨୨,୮୩,୬୭୩.୬୮ । **ଅମାନତ ରାଶି:** ₹୨,୬୧,୪୦୦ । **କ୍ର.ସଂ-୮; ଟେଣ୍ଡର ନଂ.: ଇ-କେଜିପି-ୱେଷ୍ଟ-୪୮-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ଖଡ଼ଗପୁର–ଟାଟାନଗର: ଏଡିଇଏନ୍/ଝାରଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ଗେଟ୍‌ଗୁଡ଼ିକରେ ଭିତ୍ତିଭୂମିର ଉନ୍ନତୀକରଣ/ପରିବର୍ଦ୍ଧନ (ପୃଷ୍ଠଭାଗ, ଫେନ୍‌ସିଂ, ଉଚ୍ଚତା ଗେଜ୍, ଶୌଚାଳୟ ଏବଂ ୧୧ ଗୋଟି ଟ୍ୟୁବ୍‌ୱେଲ୍‌ର ବ୍ୟବସ୍ଥା କରିବା) । **ଟେଣ୍ଡର ମୂଲ୍ୟ:** ₹୨,୫୪,୯୬,୫୯୨.୦୩ । **ଅମାନତ ରାଶି:** ₹୨,୭୭,୫୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର.ସଂ ୧ରୁ ୮ ପାଇଁ ପ୍ରତ୍ୟେକ) । **ଖୋଲାଯିବା ତାରିଖ:** ତା୩୦।୧୦।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ), ତା୦୬।୧୧।୨୦୨୫ରିଖ (କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ) ଏବଂ ତା୧୦।୧୧।୨୦୨୫ରିଖ (କ୍ର.ସଂ ୬ରୁ ୮ ପାଇଁ ପ୍ରତ୍ୟେକ) । **କାର୍ଯ୍ୟର ସମାପ୍ତି ଅବଧି:** ୧୨ ମାସ (କ୍ର.ସଂ. ୧ରୁ ୬ ପାଇଁ ପ୍ରତ୍ୟେକ) ଏବଂ ୧୫ ମାସ (କ୍ର.ସଂ. ୭ ଓ ୮ ପାଇଁ) । **ବିଡିଂ ଆରମ୍ଭ ତାରିଖ:** ତା୧୬।୧୦।୨୦୨୫ରିଖରୁ ତା୩୦।୧୦।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ), ତା୨୩।୧୦।୨୦୨୫ରିଖରୁ ତା୦୬।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୩ରୁ ୫ ପାଇଁ ପ୍ରତ୍ୟେକ) ଏବଂ ତା୨୭।୧୦।୨୦୨୫ରିଖରୁ ତା୧୦।୧୧।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୬ରୁ ୮ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-735)

**MINARVA ENTERPRISES**
Leading Water & Wastewater Treatment Company
**URGENT HIRING – GROW WITH US ! For Odisha**
**Sales Manager (1 Post) :** Responsible for client acquisition, business development & sales strategy.
**Experience:** 3–5 years in industrial / water treatment sales.
**Sales Executives (5 Posts) :** Support marketing, attend client meetings & generate new leads.
**Experience:** 0–3 years, freshers with technical/marketing background may apply.
**Service Engineer (1 Post) :** Installation, commissioning, operation & maintenance of water treatment plants (RO, STP, ETP). **Experience:** 2–3 years (preferred in water industry).
**Attractive salary + incentives + career growth**
**Send resume to below Mail ID:**
**Email: minarvasales@mahachemsystem.com**
**Call / WhatsApp: 7770061602**

**Fakir Mohan University**
Vyasa Vihar, Balasore, 756089
**No.Estt.(T)-II-45/2025/7610** **Date : 17.10.2025**
**WALK-IN-INTERVIEW**
A Walk-in-Interview for engagement of 19 (Nineteen) Nos. of teaching faculty on contractual basis in the P.G. Department of Education, Fakir Mohan University, Balasore for Integrated Teacher Education Programme (ITEP) to be engaged from the academic session 2026-27 under Self-Financing mode.
The Walk-in-Interview will be held in the Mini Conference Hall, Administrative Building, Fakir Mohan University, Nuapadhi Campus, Balasore on Dt-27.10.2025 and 28.10.2025. The tenure of the post is initially for one year and may be extended on year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper. For all purposes, they shall abide by Self-Financing Course Guidelines of the University.
The University reserves the right to cancel the Walk-in-Interview without assigning any reason thereof. For further details on number of posts, eligibility criteria and salary etc., please visit University website: https://fmuniversity.nic.in
**By Order of the Vice Chancellor**
**Sd./- Registrar**

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଅକ୍ଟୋବର ୧୮/୨୦୨୫ Bhubaneswar, Saturday, October 18/ 2025

**ଫିଫା ପୁରୁଷ ର‌୍ୟାଙ୍କିଙ୍ଗ**

## ସ୍ପେନ୍ ପ୍ରଥମ ସ୍ଥାନ ବଜାୟ ରଖିଲା

**ଜୁରିଚ୍, ୧୭।୧୦ (ଏପି):** ଅନ୍ତର୍ଜାତୀୟ ଫୁଟ୍‌ବଲ ପରିଚାଳନା ମହାସଂଘ ‘ଫିଫା’ ତରଫରୁ ଶୁକ୍ରବାର ପୁରୁଷ ବିଶ୍ୱ ର‌୍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ସ୍ପେନ ପ୍ରଥମ ସ୍ଥାନ ବଜାୟ ରଖିଛି। ଏଥିରେ ଜର୍ମାନୀର ପଦୋନ୍ନତି ଘଟିଛି। ଦଳ ଦୁଇ ସ୍ଥାନ ଉପରକୁ ଉଠି ୧୦ମ ସ୍ଥାନରେ ରହିଛି। ଫଳତଃ ଡିସେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନେଇ ହେବାକୁଥିବା ବିଶ୍ୱକପ୍ ଫାଇନାଲ୍ସ ଟୁର୍ନାମେଣ୍ଟର ଡ୍ର’ରେ ଜର୍ମାନୀଙ୍କୁ ଟପ୍ ସିଡ୍ ଦଳର ମାନ୍ୟତା ମିଳିବ। ଜର୍ମାନୀ ଗତ ମାସରେ ସ୍ଲୋଭାକିଆ ବିପକ୍ଷ ଓପନିଂ କ୍ୱାଲିଫାୟରରେ ସ୍ଲୋଭାକିଆଠାରୁ ହାରିଯାଇଥିଲା, କିନ୍ତୁ ବିଶ୍ୱକପ୍ କ୍ୱାଲିଫାଇଂରେ ଲକ୍ସେମବର୍ଗ ଓ ନର୍ଦ୍ଦର୍ନ ଆୟର୍ଲାଣ୍ଡ ବିପକ୍ଷ କ୍ରମାଗତ ଦୁଇଟି ବିଜୟ ଯୋଗୁ ଦଳର ପଦୋନ୍ନତି ଘଟିଥିଲା। ୨୦୧୮ ବିଶ୍ୱକପ୍ ରନରଅପ୍ ଏବଂ ୨୦୨୨ ସଂସ୍କରଣର ଏକ ସେମିଫାଇନାଲିଷ୍ଟ କ୍ରୋଏସିଆ ଗତ ସପ୍ତାହରେ ଚେକ୍‌ରିପବ୍ଲିକ ବିପକ୍ଷ ମ୍ୟାଚ ଡ୍ର’ ରଖିବାରୁ ର‌୍ୟାଙ୍କିଙ୍ଗ ତାଲିକାର ୧୧ଶତମ ସ୍ଥାନକୁ ଖସି ଆସିଛି।

# ଶିବାଳିକ, ମିତେଶଙ୍କ ଶତକ ; ବରୋଦା ଦୃଢ଼



ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ମଧ୍ୟରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)

**ରଣଜୀ ଟ୍ରଫି**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ବିପକ୍ଷରେ ବରୋଦା ନିଜର ସ୍ଥିତି ଦୃଢ଼ କରିଛି। ଶିବାଳିକ ଶର୍ମା ଓ ମିତେଶ ପଟେଲଙ୍କ ଶତକ ସହାୟତାରେ ବରୋଦା ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ବେଳକୁ ୭ ଉଇକେଟ ହରାଇ ୪୧୩ ରନ ସଂଗ୍ରହ କରିଛି। ଫଳରେ ଓଡ଼ିଶା ପ୍ରଥମ ଇନିଂସଠାରୁ ବରୋଦା ହାତରେ ୩ ଉଇକେଟ ସୁରକ୍ଷିତ ଥାଇ ୧୪୨ ରନରେ ଅଗ୍ରଣୀ ହାସଲ କରିଛି। ଶନିବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବା ସମ୍ଭାବନା ବଢ଼ିଛି।

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୨୭/୨ରୁ ଖେଳ ଆରମ୍ଭ କରିଥିଲା ବରୋଦା। ଦୁଇ ଅପରାଜିତ ବ୍ୟାଟର ଶିବାଳିକ ଓ ସୁକୀର୍ତ୍ତ ପାଣ୍ଡେ ତୃତୀୟ ଉଇକେଟରେ ୧୬୦ ରନର ଭାଗୀଦାରି ଗଢ଼ି ବରୋଦାକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ୨୪୮ ବଲ୍‌ରୁ ୧୨୪ (୧୦ ଚୌକା, ୨ ଛକା) ରନ କରିଥିବା ଶିବାଳିକଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ବାଦଲ ବିଶ୍ୱାଳ। ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବାଦଲଙ୍କର ଏହା ଥିଲା ପ୍ରଥମ ରଣଜୀ ଉଇକେଟ। ଏହାପରେ ସେଟ୍ ବ୍ୟାଟର ସୁକୀର୍ତ୍ତ (୭୧)ଙ୍କୁ ଆଉଟ କରି ଓଡ଼ିଶା ପାଇଁ ପ୍ରତ୍ୟାବର୍ତ୍ତନ ସୁଯୋଗ ସୃଷ୍ଟି କରିଥିଲେ ବାଦଲ। ମାତ୍ର ଉଇକେଟ କିପର ମିତେଶ ପଟେଲଙ୍କ ଅପରାଜିତ ଶତକ ବଳରେ ବରୋଦା ବଡ଼ ଅଗ୍ରଣୀ ନେବାରେ ସକ୍ଷମ ହୋଇଥିଲା। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ମିତେଶ ୧୩୯ ବଲ୍‌ରୁ ୧୦୦ (୧୧ ଚୌକା) ଓ ରସିଖ ସଲାମ ୪୫ (୪୬ ବଲ, ୩ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅଧିନାୟକ ଅତୀତ ସେଠ୍ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁମିତ ଶର୍ମା ୩ଟି, ବାଦଲ ବିଶ୍ୱାଳ ୨ଟି ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଉଇକେଟ ନେଇଥିଲେ। ମ୍ୟାଚ ଡ୍ର ରଖିବାକୁ ହେଲେ ଓଡ଼ିଶାକୁ ଅନ୍ତିମ ଦିବସରେ ଅତ୍ୟନ୍ତ ସତର୍କତାର ସହ ଖେଳିବାକୁ ପଡ଼ିବ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୧। ବରୋଦା ପ୍ରଥମ ଇନିଂସ: ୪୧୩/୭ (ଶିବାଳିକ ଶର୍ମା–୧୨୦, ମିତେଶ ପଟେଲ–୧୦୦*, ସୁକୀର୍ତ୍ତ ପାଣ୍ଡେ–୭୧, ରଶିଖ ସଲାମ–୪୫*, ସୁମିତ ଶର୍ମା–୩/୧୦୪, ବାଦଲ ବିଶ୍ୱାଳ–୨/୧୩୧, ଗୋବିନ୍ଦ ପୋଦ୍ଦାର–୧/୭୩)।



ଓଡ଼ିଶା ବିପକ୍ଷରେ ଶତକ ହାସଲ କରିଥିବା ବରୋଦାର ଶିବାଳିକ ଶର୍ମା।

# ତ୍ରିପୁରାକୁ ହରାଇଲା ଓଡ଼ିଶା



ମାଧୁରୀ ମେହେଟା



ସରିତା ମେହେର



ସୁଶ୍ରୀ ଦିବ୍ୟଦର୍ଶିନୀ

**ସିନିୟର ମହିଳା ଟି୨୦**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** ବିସିସିଆଇ ଆନୁକୂଲ୍ୟରେ ଗ୍ୱାଲିୟରର ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ (ଏଲିଟ ଗ୍ରୁପ୍) କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୯ ଉଇକେଟରେ ତ୍ରିପୁରାକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ତ୍ରିପୁରା ୧୯.୪ ଓଭରରେ ୯୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଇନ୍ଦ୍ରାରାଣୀ ଜାମାତିଆ ସର୍ବାଧିକ ୩୦ ଓ ଆର.ଆର. ଶାହା ୨୭ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୪ ଓଭରରେ ମାତ୍ର ୨୧ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୯୮ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ମାତ୍ର ୧ ଉଇକେଟ ହରାଇ ୧୫.୧ ଓଭରରେ ହାସଲ କରି ନେଇଥିଲା। ସରିତା ମେହେର ୪୭ ଓ ମାଧୁରୀ ମେହେଟା ୪୧ ରନରେ ଅପରାଜିତ ରହିଥିଲେ। ସରିତା ମେହେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## କ୍ୱାର୍ଟରଫାଇନାଲରୁ ଓହରିଲେ ଓସାକା

**ଓସାକା, ୧୭।୧୦ (ଏପି):** ବାମଗୋଡ଼ରେ ଆଘାତପ୍ରାପ୍ତ ଯୋଗୁ ନାଓମି ଓସାକା ଜାପାନ ଓପନ ଟେନିସ ଟୁର୍ନାମେଣ୍ଟରେ ତାଙ୍କ କ୍ୱାର୍ଟରଫାଇନାଲରୁ ଓହରି ଯାଇଛନ୍ତି। ଫଳତଃ ଜାକ୍‌ଲିନ୍ କ୍ରିଷ୍ଟିଆନ ଏକ ୱାକ୍‌ଓଭର ସହ ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଡବ୍ଲ୍ୟୁଟିଏ ଟୁର୍ କହିଛି। ଟୁର୍ନାମେଣ୍ଟର ଆୟୋଜକଗଣଙ୍କ କହିବା ଅନୁସାରେ ଟପ୍ ସିଡ୍ ଓସାକା ତାଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଶେଷଭାଗରେ ଆଘାତପ୍ରାପ୍ତ ହୋଇଥିଲେ। ବର୍ଷରେ କ୍ରିଷ୍ଟିଆନ ତାଙ୍କର ତୃତୀୟ ସେମିଫାଇନାଲ ଖେଳିବାକୁ ଯାଉଛନ୍ତି। ଅନ୍ୟ ଦୁଇଟି ଅବଶ୍ୟ କ୍ଲେ–କୋର୍ଟରେ ଥିଲା।

# ଦକ୍ଷିଣ ଆଫ୍ରିକା ‘ଏ’ ଦଳରେ ବଭୁମା

**ଜୋହାନ୍ସବର୍ଗ, ୧୭।୧୦**

ଚଳିତମାସର ପରବର୍ତ୍ତୀ ଭାଗରେ ଦକ୍ଷିଣ ଆଫ୍ରିକା ‘ଏ’ କ୍ରିକେଟ ଦଳର ଭାରତ ଟୁର୍‌ରେ ଆସିବ। ଏଥିରେ ଦେଶର ଟେଷ୍ଟ ଅଧିନାୟକ ଟେମ୍ବା ବଭୁମାଙ୍କୁ ନିଆଯାଇଛି। ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ନଭେମ୍ବର ୧୪ରୁ ଆରମ୍ଭ ହେବ। ପେଣ୍ଡାରେ ଆଘାତପ୍ରାପ୍ତ ଯୋଗୁ ବଭୁମା ଏବେ ଚିକିତ୍ସାରେ ଅଛନ୍ତି। ପରେ ଖେଳାଯିବାକୁଥିବା ଦିନିକିଆ ସିରିଜରୁ ମଧ୍ୟ ସେ ବାଦ୍ ପଡ଼ିଛନ୍ତି। ବଭୁମା ଯେପରି ସହଜରେ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ତାଙ୍କୁ ‘ଏ’ ଦଳରେ ସାମିଲ କରାଯାଇଛି। ଏହାଛଡ଼ା ଶୁଭମନ ଗିଲ୍ ଓ ତାଙ୍କ ଦଳ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଭାରତୀୟ



ଜଳବାୟୁ ସହିତ ଆଗୁଆ ଅଭ୍ୟସ୍ତ ହେବା ଲାଗି ବଭୁମାଙ୍କୁ ଏକ ସୁଯୋଗ ମିଳିବ। ଖବର ଅନୁସାରେ ବେଙ୍ଗାଲୁରୁରେ ଖେଳାଯିବାକୁଥିବା ଦୁଇଟି ପ୍ରଥମଶ୍ରେଣୀ ମ୍ୟାଚ ମଧ୍ୟରୁ ସେ ଦ୍ୱିତୀୟଟି ପାଇଁ ଉପଲବ୍ଧ ହେବେ। ଭାରତ ଏହି ପୂର୍ଣ୍ଣାଙ୍ଗ ଟୁର୍ ଅବସରରେ ଦକ୍ଷିଣ ଆଫ୍ରିକା ଦୁଇ ଟେଷ୍ଟ, ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଏହା ଡିସେମ୍ବର ୧୯ରେ ଶେଷ ହେବ। ଚାରି ଦିନିକିଆ ମ୍ୟାଚ ପାଇଁ ବ୍ୟାଟର ମାର୍କ୍ୟୁଜ ଆକରମାନ ‘ଏ’ ଦଳର ନେତୃତ୍ୱ ନେବେ। ଏଥିରେ ଜୁବେର ହାମ୍‌ଜା ଏବଂ ବ୍ୟାଟର ପ୍ରେନେଲାନ ସୁବ୍ରାୟାନଙ୍କୁ ମଧ୍ୟ ସ୍ଥାନ ମିଳିଛି। ଏହି ଖେଳାଳି ଦ୍ୱୟ ବର୍ତ୍ତମାନ ଟେଷ୍ଟ ଦଳ ସହ ପାକିସ୍ତାନରେ ଖେଳୁଛନ୍ତି। ଦୁଇଟି ୪ ଦିନିଆ ଗେମ୍ ଅକ୍ଟୋବର ୩୦ରୁ ନଭେମ୍ବର ୯ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ‘ଏ’ ଦଳ ଆହୁରି ମଧ୍ୟ ନଭେମ୍ବର ୧୩ରୁ ୧୯ ମଧ୍ୟରେ ଭାରତ ‘ଏ’ ବିପକ୍ଷ ତିନୋଟି ଦିନିକିଆ ମ୍ୟାଚ ରାଜକୋଟରେ ଖେଳିବ।

# ନକ୍‌ଆଉଟରେ ଓଡ଼ିଶା

**ଭିନୁ ମଙ୍କଡ ଟ୍ରଫି**

**ଭୁବନେଶ୍ୱର, ୧୭।୧୦ (ତପନ ସ୍ୱାଇଁ)** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୫–୨୬ ସିଜନର ୧୯ ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ନକ୍‌ଆଉଟରେ ଓଡ଼ିଶା ପ୍ରବେଶ କରିଛି। ନିଜର ପ୍ରଥମ ମ୍ୟାଚରେ ଗୁଜରାଟ ନିକଟରୁ ପରାଜିତ ହୋଇଥିବା ଓଡ଼ିଶା ପରବର୍ତ୍ତୀ ୪ଟି ମ୍ୟାଚରେ ଆନ୍ଧ୍ର ପ୍ରଦେଶ, ବିଦର୍ଭ, ଗୋଆ ଏବଂ ବରୋଦାକୁ ହରାଇ ଏହି ସଫଳତା ଲାଭ କରିଛି। ଓଡ଼ିଶା ଦଳର ଏହି କୃତୀତ୍ୱ ପାଇଁ ପ୍ରିୟାଂଶୁ ମହାନ୍ତି, ରୁଦ୍ର ମଲିକ, ପୀୟୂଷ ରଞ୍ଜନ ମନ୍ତ୍ରୀ ଓ ସୟଦ ତୁଫେଲ ଅହମ୍ମଦଙ୍କ ଅବଦାନ ଅନେକ ରହିଛି। ବ୍ୟାଟିଂରେ ମଧ୍ୟ ଓଡ଼ିଶା ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୬ ଉଇକେଟରେ ବରୋଦାକୁ ପରାସ୍ତ କରିଛି। ହରିୟାଣାର ଝାଜରସ୍ଥିତ ସେହ୍ୱାଗ ଇଣ୍ଟରନ୍ୟାଶନାଲ ସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ୨୭.୩ ଓଭରରେ ୧୦୭ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଏଚ.ଜି. ପଟେଲ ସର୍ବାଧିକ ୩୪ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ରୁଦ୍ର ପ୍ରସାଦ ମଲିକ ୩.୩ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୩ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରିୟାଂଶୁ ମହାନ୍ତିଙ୍କୁ ମଧ୍ୟ ୩ ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୮.୪ ଓଭରରେ ୪ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ନେଇଥିଲା। ପ୍ରୟାନ ପ୍ରତୀକ ସାମଲ ୩୪ ଓ ବିଶ୍ୱଜିତ ପ୍ରଧାନ ୨୭* ରନ କରିଥିଲେ। ବରୋଦା ପକ୍ଷରୁ କବିର ଦେଶାଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ନକ୍‌ଆଉଟରେ ପ୍ରବେଶ କରିଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ପ୍ରିୟାଂଶୁ ମହାନ୍ତି



ରୁଦ୍ର ପ୍ରସାଦ ମଲିକ




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ